RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ◆ISSUE-124 ◆FRIDAY ◆31 OCTOBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୨୪ ◆ଶୁକ୍ରବାର ◆୩୧ ଅକ୍ଟୋବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦



ବିନା ବ୍ରେକ୍‌ରେ 'ଜଟାଧାରା' ସୁଟିଂ
▶ପୃଷ୍ଠା ୧୧ ଦେଖନ୍ତୁ...

## ପୂରଣ ହୋଇପାରୁନାହିଁ ୬୦୦ ୱାର୍ଡର ପଦ

# ଜେଲ୍ ଜଗିବେ ଗୃହରକ୍ଷୀ

■ **ଭୁବନେଶ୍ୱର, ୩୦।୧୦ (ସମିସ):** ଏଣିକି ରାଜ୍ୟର ଜେଲ୍ ଜଗିବେ ଗୃହରକ୍ଷୀ ବା ହୋମ୍‌ଗାର୍ଡ। ଦିନକୁ ମାତ୍ର ୫୩୩ ଟଙ୍କା ପାରିଶ୍ରମିକ ପାଉଥିବା ଗୃହରକ୍ଷୀମାନେ ଜେଲ୍‌ରେ ବନ୍ଦୀ ଥିବା କୁଖ୍ୟାତ ଅପରାଧୀ ଓ ବିଚାରାଧୀନ ବନ୍ଦୀମାନଙ୍କ ସୁରକ୍ଷା ଦାୟିତ୍ୱ ସମ୍ଭାଳିବେ। ଜେଲ୍ ବିଭାଗ ପକ୍ଷରୁ ଏସଂକ୍ରାନ୍ତରେ ନିଷ୍ପତ୍ତି ନିଆଯାଇଛି ଏବଂ ସେମାନଙ୍କୁ ବର୍ଷେ ପର୍ଯ୍ୟନ୍ତ ଅସ୍ଥାୟୀ ଭାବରେ ନିୟୋଜିତ କରିବା ପାଇଁ ସବୁ ଜିଲ୍ଲାର ଏସ୍‌ପିମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଚୌଦ୍ୱାର ଜେଲ୍‌ରୁ ଦୁଇଜଣ କୁଖ୍ୟାତ ଅପରାଧୀ ଫେରାର ହେବା ପରେ ପରେ ବାଲେଶ୍ୱର ଜିଲ୍ଲାର ସୋର ଜେଲ୍‌ରୁ ଜଣେ ଅପରାଧୀ କିଛିଦିନ ତଳେ ଚମ୍ପଟ ମାରିଛନ୍ତି। ଏହାପରେ ଏକ ଉଚ୍ଚସ୍ତରୀୟ ବୈଠକରେ ଜେଲ୍‌ଗୁଡ଼ିକର ସୁରକ୍ଷା ଦାୟିତ୍ୱରେ ହୋମଗାର୍ଡ଼ ବା ଗୃହରକ୍ଷୀମାନଙ୍କୁ ନିୟୋଜିତ କରିବା ନିମନ୍ତେ ଜେଲ୍ ବିଭାଗ ନିଷ୍ପତ୍ତି ନେଇଛି। ଏହାସହିତ ପ୍ରତି ଜିଲ୍ଲାରେ ବରିଷ୍ଠ ପୁଲିସ ଅଧିକାରୀ ଓ ସମ୍ପୃକ୍ତ ଜେଲ୍ ଅଧୀକ୍ଷକ ମିଳିତ ଭାବରେ ଜେଲ୍ ସୁରକ୍ଷାର ଯାଞ୍ଚ କରିବେ। ଜେଲ୍ ପାଚେରି ଅନୁଧ୍ୟାନ ସହ, ସିସିଟିଭି ଲଗାଯିବା, ଜେଲ୍‌ର ପାଚେରି ଉପରେ ତାରଜାଲି ବିଛାଇବା ଏବଂ ସୁରକ୍ଷା ସମ୍ବନ୍ଧୀୟ ସବୁ ଭିତ୍ତିଭୂମିର ଯାଞ୍ଚ ହେବ।

ବିଡ଼ମ୍ବନା ହେଉଛି ଯେ ଯେଉଁଠି ଜେଲ୍‌ରେ ୱାର୍ଡ଼ରମାନଙ୍କ ଆଖିରେ ଧୂଳିଦେଇ ବିଚାରାଧୀନ ବନ୍ଦୀ ଓ କଏଦୀ ସହଜରେ ଫେରାର୍ ହୋଇ ଯାଉଛନ୍ତି, ସେଠାରେ ସାଧାରଣ ହୋମ୍‌ଗାର୍ଡ଼ମାନେ ସେମାନଙ୍କୁ କିପରି ଜଗିବେ ବୋଲି ସ୍ୱାଭାବିକ ପ୍ରଶ୍ନ ଉଠିଛି। ଆଜି ପର୍ଯ୍ୟନ୍ତ ରାଜ୍ୟରେ ସାଧାରଣତଃ ହୋମ୍‌ଗାର୍ଡ଼ମାନଙ୍କୁ ସହରାଞ୍ଚଳରେ ଭିଡ଼ ଓ ଟ୍ରାଫିକ୍ ନିୟନ୍ତ୍ରଣ ବା କୌଣସି ଗଣ୍ଡଗୋଳ ବେଳେ ସୁରକ୍ଷା କାର୍ଯ୍ୟରେ ନିୟୋଜିତ କରାଯାଇ ଆସୁଛି। ଦୁର୍ଘଟଣା, ହତ୍ୟା ଆଦି ଘଟଣାରେ ଗୃହରକ୍ଷୀମାନଙ୍କୁ ଜଗୁଆଳୀ ରୂପେ ବ୍ୟବହାର କରାଯାଉଛି। ଏହା ସହ ଅନେକ ସ୍ଥାନରେ ଗୃହରକ୍ଷୀମାନଙ୍କୁ ବଡ଼ ଅଧିକାରୀଙ୍କ ଘରୋଇକାର୍ଯ୍ୟରେବ୍ୟବହାରକରାଯାଉଥିବା ମଧ୍ୟଦେଖାଯାଇଛି। ମାତ୍ର ରାଜ୍ୟରେ ଜେଲ୍ ବିଭାଗ ପ୍ରଥମଥର ପାଇଁ ଗୃହରକ୍ଷୀମାନଙ୍କୁ ଜେଲ୍ ସୁରକ୍ଷା ପରି ଏକ ସାହସିକ ଓ ଦାୟିତ୍ୱସମ୍ପନ୍ନ କାର୍ଯ୍ୟରେ ନିୟୋଜିତ କରିବାକୁ ନେଇ ଉଠିଛି ପ୍ରଶ୍ନ। ଚୌଦ୍ୱାର ଜେଲ୍‌ରୁ ଦୁଇ ଦୁର୍ଦ୍ଦାନ୍ତ ଅପରାଧୀ ଚମ୍ପଟ ମାରିବା ଘଟଣାକୁ ମାସେ ▶ପୃଷ୍ଠା-୭

## ମହିଳା ଦିନିକିଆ ବିଶ୍ୱକପ୍

# ଅଷ୍ଟ୍ରେଲିଆକୁ ହରାଇ ଫାଇନାଲ୍‌ରେ ଭାରତ




■ **ନଭି ମୁମ୍ବଇ, ୩୦।୧୦ (ଏଜେନ୍ସି):** ରେକର୍ଡ ୭ଥରର ଚାମ୍ପିଅନ ଅଷ୍ଟ୍ରେଲିଆକୁ ରୋମାଞ୍ଚକ ଭାବେ ୫ ୱିକେଟ୍‌ରେ ପରାସ୍ତ କରି ଭାରତ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିଛି। ମୁମ୍ବଇର ଡିୱାଇ ପାଟିଲ ଷ୍ଟାଡିୟମରେ ଗୁରୁବାର ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲରେ ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି ୩୩୮ ରନରେ ଅଲ୍‌ଆଉଟ୍ ହୋଇଥିଲା। ଓପନର୍ ଫୋଏବି ଲିଚଫିଲ୍ଡ ୧୧୯ ରନର ଦମ୍‌ଦାର ଶତକୀୟ ପାଳି ଖେଳିଥିଲେ। ଜବାବରେ ଜେମିମା ରୋଡ୍ରିଗ୍ୱେଜଙ୍କ ମ୍ୟାଚ୍ ବିଜୟୀ ଅପରାଜିତ ଦର୍ଶନୀୟ ଶତକ ବଳରେ ଘରୋଇ ଭାରତ ୯ଟି ବଲ୍ ପୂର୍ବରୁ ୫ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଜେମିମା ୧୩୪ ବଲରେ ୧୨୭ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ମହିଳା ବିଶ୍ୱକପ୍‌ରେ ମଧ୍ୟ ଏହା ରେକର୍ଡ ରନ ଚେଜ୍ ହୋଇଛି। ଏହାପୂର୍ବରୁ କୌଣସି ଦଳ ଏତେ ବିଶାଳ ସ୍କୋରର ପିଛା କରି ବିଜୟୀ ହୋଇନାହିଁ। ଏଭଳି ବିଶାଳ ଲକ୍ଷ୍ୟ ▶ପୃଷ୍ଠା-୭

**ରବିବାର ଦକ୍ଷିଣ ଆଫ୍ରିକା ସହ ଟାଇଟଲ୍ ଲଢ଼େଇ**

# ଖଣି ପଟ୍ଟାଦାରଙ୍କ ଉପରେ ୨୭୦୦ କୋଟି ବକେୟା

## ରାଜ୍ୟ ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା



**ବକେୟା ଆଦାୟ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ**

■ **ଭୁବନେଶ୍ୱର, ୩୦।୧୦ (ସମିସ):** ଖଣି ଲିଜ୍‌ଧାରୀଙ୍କଠାରୁ କ୍ଷତିପୂରଣ ଆଦାୟରେ ଅହେତୁକ ବିଳମ୍ବ ନେଇ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି ସୁପ୍ରିମକୋର୍ଟ। ବେଆଇନ ଖଣି ଖନନ ଘଟଣାରେ ଖଣି ଲିଜଧାରୀଙ୍କଠାରୁ ପ୍ରାୟ ୨୭୦୦ କୋଟି ଟଙ୍କା ବର୍ଷବର୍ଷ ହେଲା ଅନା।ାଦେୟ ରହିଛି। ଯାହାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ସୁପ୍ରିମକୋର୍ଟ। ଅଦାଲତ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ଅବହେଳା କାରଣରୁ ଏହି ମାମଲା ବର୍ଷ ବର୍ଷ ଧରି ଲମ୍ବିଚାଲିଛି। ଯାହାଫଳରେ ଖଣି ଲିଜଧାରୀଙ୍କୁ ଜାଣିଶୁଣି ଆଶ୍ୱସ୍ତି ପ୍ରଦାନ କରୁଥିବା ନେଇ ସନ୍ଦେହ ସୃଷ୍ଟି ହେଉଛି। ବେଆଇନ ଖଣି ଖନନ ଦ୍ୱାରା ରାଜ୍ୟକୁ ହଜାର ହଜାର କୋଟି ଟଙ୍କାର ରାଜସ୍ୱ କ୍ଷତି ହୋଇଛି। ତେଣୁ ଯେକୌଣସି ପରିସ୍ଥିତିରେ ଏହି ବକେୟା ଅର୍ଥ ଆଦାୟ କରିବାକୁ ସୁନିଶ୍ଚିତ କରିବା ଲାଗି ସୁପ୍ରିମକୋର୍ଟ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଜଷ୍ଟିସ ଦୀପଙ୍କର ଦତ୍ତା ଓ ଜଷ୍ଟିସ ଏଜି ମସିହଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଏହି ମାମଲାର ଶୁଣାଣି କରାଯାଇଥିଲା।

କେନ୍ଦୁଝର, ସୁନ୍ଦରଗଡ଼ ଓ ମୟୂରଭଞ୍ଜ ଜିଲ୍ଲାରେ ଖଣି ନିୟମର ଉଲ୍ଲଂଘନ କରି ଖଣି ପଟ୍ଟାଦାରମାନେ ବିପୁଳ ଅନିୟମିତତା କରିଥିବା ଅଭିଯୋଗ ହୋଇଥିଲା। ଏ ସଂକ୍ରାନ୍ତ ମାମଲାର ବିଚାର କରି ବେଆଇନ ପଟ୍ଟାଦାରଙ୍କଠାରୁ ୧୭ ହଜାର କୋଟି ଟଙ୍କା କ୍ଷତିପୂରଣ ରାଶି ଆଦାୟ କରିବାକୁ ସୁପ୍ରିମକୋର୍ଟ ୨୦୧୭ ମସିହାରେ ନିର୍ଦ୍ଦେଶ ଦେଇଥିଲେ। ଏହାମଧ୍ୟରୁ ରାଜ୍ୟ ସରକାର ପଟ୍ଟାଦାରଙ୍କଠାରୁ ଏବେ ସୁଦ୍ଧା ୧୪୩୦୦ କୋଟି ଟଙ୍କା ଆଦାୟ କରିଛନ୍ତି। ଏ ▶ପୃଷ୍ଠା-୭

# ଜଷ୍ଟିସ ସୂର୍ଯ୍ୟକାନ୍ତ ପ୍ରଧାନବିଚାରପତି ନିଯୁକ୍ତ



■ **ନୂଆଦିଲ୍ଲୀ, ୩୦।୧୦ (ଏଜେନ୍ସି):** ଜଷ୍ଟିସ ସୂର୍ଯ୍ୟକାନ୍ତ ସୁପ୍ରିମକୋର୍ଟର ୫୩ତମ ପ୍ରଧାନ ବିଚାରପତି ଭାବେ ନିଯୁକ୍ତି ପାଇଛନ୍ତି। ନଭେମ୍ବର ୨୪ରେ ସେ ଶପଥ ଗ୍ରହଣ କରିବେ। ଏବେକାର ପ୍ରଧାନ ବିଚାରପତି ଜଷ୍ଟିସ୍ ବିଆର୍ ଗଭାଇ ନଭେମ୍ବର ୨୩ ତାରିଖରେ ଅବସର ଗ୍ରହଣ କରିବେ। କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଗୁରୁବାର 'ଏକ୍ସ'ରେ ପୋଷ୍ଟ କରି ଏହି ସୂଚନା ଦେଇଛନ୍ତି। ଜଷ୍ଟିସ ସୂର୍ଯ୍ୟକାନ୍ତ ୧୪ ମାସ ଏହି ଦାୟିତ୍ୱରେ ରହିବେ। ସେ ୨୦୨୭ ଫେବୃଆରୀ ୯ରେ ଅବସର ଗ୍ରହଣ କରିବେ। ଜଷ୍ଟିସ ଗଭାଇ ସୋମବାର ପ୍ରଧାନ ବିଚାରପତି ପଦ ପାଇଁ ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ନାମ ସୁପାରିସ କରିଥିଲେ। ▶ପୃଷ୍ଠା-୭

# ଆଣବିକ ଗବେଷଣା କେନ୍ଦ୍ରରେ ସୁରକ୍ଷା ଢିଲା

## ଭାବା ଆଟମିକ ରିସର୍ଚ୍ଚ ସେଣ୍ଟରରେ ନକଲି ବୈଜ୍ଞାନିକ

**କୁତବୁଦ୍ଦିନଙ୍କୁ ମୁମ୍ବଇରୁ ଗିରଫ କଲା କ୍ରାଇମ୍‌ବ୍ରାଞ୍ଚ**

**ପରମାଣୁ ଡାଟା, ୩ ପାସ୍‌ପୋର୍ଟ, ୧୪ ନକ୍ସା ଜବତ**

■ **ମୁମ୍ବଇ, ୩୦।୧୦ (ଏଜେନ୍ସି):** ମୁମ୍ବଇ ପୁଲିସ ଭେର୍ସୋଭାରେ ଜଣେ ନକ୍‌ଲି ବୈଜ୍ଞାନିକକୁ ଗିରଫ କରିଛି। ଜାମସେଦପୁରର ବାସିନ୍ଦା ୬୦ ବର୍ଷୀୟ ଅଖ୍‌ତାର କୁତବୁଦ୍ଦିନ ହୁସେନି ନିଜକୁ ଭାବା ଆଟମିକ୍ ରିସର୍ଚ୍ଚ ସେଣ୍ଟର (ବିଏଆରସି)ର ଜଣେ ଅଧିକାରୀ ଭାବେ ଦାବି କରୁଥିଲା ଓ କୌଶଳକ୍ରମେ ସେ ବିଏଆର୍‌ସି ପରିସରରେ ମଧ୍ୟ ପ୍ରବେଶ କରିବାକୁ ସକ୍ଷମ ହୋଇଥିଲା। ପୁଲିସ ତାଠାରୁ ଏକାଧିକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଛି। ତାଠାରୁ ୧୪ଟି ନକ୍ସା, ପରମାଣୁ ବ୍ଲୁ-ପ୍ରିଣ୍ଟ ଓ ୩ଟି ପାସ୍‌ପୋର୍ଟ ଜବତ କରାଯାଇଛି। ଏକାଧିକ ବିଦେଶ ଯାତ୍ରା ସମୟରେ ସେ ଏହାକୁ ବ୍ୟବହାର କରିଥିଲା। ସେ ଗୁପ୍ତଚର ଭାବେ ଗୋପନୀୟ ତଥ୍ୟ ଦେବା ନେବା କରିବାକୁ ଏହି ଯାତ୍ରା କରିଥିବା ସନ୍ଦେହ କରାଯାଉଛି। ଅଧିକାରୀମାନେ ତାକୁ ଗତ ଦୁଇବର୍ଷ ହେବ ପିଛା କରୁଥିଲେ। ଏନ୍‌ଆଇଏ ଓ ଆଇବି ଭଳି ଏଜେନ୍ସିର ସୂଚନାକୁ ଭିତ୍ତି କରି କ୍ରାଇମ ବ୍ରାଞ୍ଚ୍ ଅଖ୍‌ତାରକୁ ଗିରଫ କରିଛି। ତା ଘରୁ ପୁଲିସ ନିକଲି ପାସ୍‌ପୋର୍ଟ, ଆଧାର କାର୍ଡ, ପାନ କାର୍ଡ ଓ ବିଏଆରସିର ନକଲି ପରିଚୟପତ୍ର ଜବତ କରିଛି। ଗୋଟିଏ ପରିଚୟପତ୍ରରେ ତାର ନାମ ଅଲି ରାଜା ହୁସେନ ଓ ଅନ୍ୟଟିରେ ଆଲେକ୍‌ଜାଣ୍ଡର ପାମର୍ ଲେଖାଯାଇଥିଲା। ଗତ କିଛିମାସ ମଧ୍ୟରେ ଅଖତାର କେତୋଟି ଅନ୍ତର୍ଜାତୀୟ କଲ୍ କରି କଥା ହୋଇଥିବାରୁ ବିଦେଶୀ ନେଟ୍‌ୱର୍କ ସହିତ ତାର ସମ୍ପର୍କ ରହିଛି ବୋଲି ସନ୍ଦେହ କରାଯାଉଛି। ତାଠାରୁ ଜବତ ▶ପୃଷ୍ଠା-୭

# ଜେଲ୍‌ରୁ ମୁକୁଳିଲେ ୯୪ ଜଣ ଏସ୍‌ଆଇ ଚାକିରି ଆଶାୟୀ

**ଆସନ୍ତାକାଲି ବାହାରିବେ ଅନ୍ୟ ଆଶାୟୀ**

■ **ବ୍ରହ୍ମପୁର, ୩୦।୧୦ (ସମିସ):** ପୁଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ଘଟଣାରେ ଗିରଫ ହୋଇ ବ୍ରହ୍ମପୁର ଜେଲ୍‌ରେ ଥିବା ମୋଟ ୧୧୪ଜଣ ଆଶାୟୀ ପରୀକ୍ଷାର୍ଥୀଙ୍କୁ ମଙ୍ଗଳବାର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ସର୍ତ୍ତମୂଳକ ଜାମିନ ପ୍ରଦାନ କରିବା ପରେ ଗୁରୁବାର ୯୪ ଜଣ ଜେଲ୍‌ରୁ ମୁକୁଳିଛନ୍ତି। ସକାଳୁ ନିଜ ପୁଅ-ଝିଅ ଓ ସମ୍ପର୍କୀୟଙ୍କୁ ନେବାକୁ ବ୍ରହ୍ମପୁର ଜେଲ୍ ସମ୍ମୁଖରେ ଅଭିଭାବକଙ୍କ ଭିଡ଼ ଲାଗିଥିଲା। ଜାମିନ ପାଇଥିବା ୧୧୪ଜଣ ଆଶାୟୀ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମେ ୬ଜଣ ଛାତ୍ରୀଙ୍କୁ ଜେଲ୍‌ରୁ ଛଡ଼ାଯାଇଥିଲା। ପରେ ପର୍ଯ୍ୟାୟକ୍ରମେ, ରାତି ସୁଦ୍ଧା ଅବଶିଷ୍ଟ ୮୮ଜଣ ଆଶାୟୀ ପରୀକ୍ଷାର୍ଥୀଙ୍କୁ ଛଡ଼ାଯାଇଛି। ଜାମିନ ପାଇଥିବା ଅନ୍ୟ ୨୦ଜଣଙ୍କ ରିଲିଜ୍ ଅର୍ଡର୍ ଜେଲ୍ କର୍ତ୍ତୃପକ୍ଷଙ୍କ ନିକଟରେ ପହଞ୍ଚିବାରେ ବିଳମ୍ବ ଯୋଗୁଁ ସେମାନେ ମୁକୁଳି ପାରିନାହାନ୍ତି। ଆସନ୍ତାକାଲି ଶୁକ୍ରବାର ପୂର୍ବାହ୍ନରେ ସମସ୍ତେ ମୁକୁଳିବେ ବୋଲି କୁହାଯାଉଛି। ମଙ୍ଗଳବାର କ୍ରାଇମବ୍ରାଞ୍ଚର ତଦନ୍ତକାରୀ ଅଧିକାରୀ ଭିଜିଲାନ୍ସ କୋର୍ଟରେ ▶ପୃଷ୍ଠା-୭

**ନୂଆପଡ଼ା ଉପନିର୍ବାଚନ**

# ନବୀନଙ୍କ ଇଙ୍ଗିତ; ବିରୋଧୀ ଶିବିରରେ କମ୍ପନ

## ପ୍ରଭାବକୁ ନେଇ ଅଙ୍କ କଷୁଛନ୍ତି ବିରୋଧୀ

**ପ୍ରଚାର ମଇଦାନରେ ଆଗୁଆ ରହିଛି ବିଜେଡି**

**ନବୀନଙ୍କ ସମାବେଶ ଓ ରୋଡ୍ ଶୋ'କୁ ଅପେକ୍ଷା**



■ **ଭୁବନେଶ୍ୱର, ୩୦।୧୦ (ସମିସ):** ନୂଆପଡ଼ା ଉପନିର୍ବାଚନ ପାଖେଇ ଆସୁଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ପ୍ରଚାର କାର୍ଯ୍ୟ ଜୋର୍ ଧରିଛି। ନୂଆପଡ଼ା ବର୍ତ୍ତମାନ ମିନି ଭୁବନେଶ୍ୱର ପାଲଟିଥିବା ବେଳେ ୩ ଦଳର ନେତା ଓ କର୍ମୀମାନେ ଝାଳବୁହା ପରିଶ୍ରମ କରୁଛନ୍ତି। ତେବେ ନିର୍ବାଚନ ପରିଚାଳନାରେ ସବୁଠାରୁ ପାରଙ୍ଗମ ବିଜେଡିର ପ୍ରଚାର ଶୈଳୀ ଏବେ ନୂଆପଡ଼ାବାସୀଙ୍କୁ ବେଶ୍ ପ୍ରଭାବିତ କରିଥିବା କୁହାଯାଉଛି। ପଞ୍ଚାୟତୱାରୀ ଦଳୀୟ ନେତାଙ୍କୁ ଦାୟିତ୍ୱ, ସ୍ଥାନୀୟ ନେତାଙ୍କୁ ଅଗ୍ରାଧିକାର, ଛୋଟ ଛୋଟ ରାଜନୈତିକ ସଭା ମାଧ୍ୟମରେ ବିଜେଡିର ଛାମୁଆ ସଂଗଠକ ନିଜର ପ୍ରଚାର କାର୍ଯ୍ୟକୁ ଚଳାଇଛନ୍ତି। ବିଜେଡିର ଯୋଜନାଭିତ୍ତିକ ପ୍ରଚାର ଦଳକୁ ସୁବିଧାଜନକ ସ୍ଥିତିରେ ରଖିଥିବା ବେଳେ ଦୁଇ ଦିନରେ ନବୀନଙ୍କ ଦୁଇଟି ଇଙ୍ଗିତ 'ଏଥର ବି ଶଙ୍ଖ', 'ବିଜୟ ହେବ ନୂଆପଡ଼ାର' ବିରୋଧୀ ଶିବିରରେ କମ୍ପନ ସୃଷ୍ଟି କରିଛି।

ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ବିଜେଡି ସୁପ୍ରିମୋ ନବୀନ ଆଜି ଏକ ଟ୍ୱିଟ୍ କରିଥିଲେ। ଏଥିରେ ସେ ନୂଆପଡ଼ାରେ ସେବା ଓ ବିକାଶର ନୂଆଧାରା ଆରମ୍ଭ ହେବ ବୋଲି ଉଲ୍ଲେଖ କରିବା ସହ ଦଳୀୟ ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କର ପ୍ରଚାରର ଏକ ଭିଡ଼ିଓ ପୋଷ୍ଟ କରିଥିଲେ। କେଇଘଣ୍ଟା ମଧ୍ୟରେ ଏହା ଦଳୀୟ କର୍ମୀ ଓ ନେତାଙ୍କ ମଧ୍ୟରେ ଏହି ଟ୍ୱିଟ୍ ଟ୍ରେଣ୍ଡ କରିଥିଲା। ଆସନ୍ତା ୩ ତାରିଖରେ କୋମନାରେ ଏକ ସମାବେଶ ଓ ୭ ତାରିଖରେ ନୂଆପଡ଼ାରୁ ଖରିଆର ▶ପୃଷ୍ଠା-୭

# ତହସିଲରେ ହେବ ଜମି କିଣାବିକା

■ **ଭୁବନେଶ୍ୱର, ୩୦।୧୦ (ସମିସ):** ଏଣିକି ତହସିଲ୍ ଅଫିସରେ ହେବ ଜମି କିଣାବିକା। ଜମି କିଣିବିକା ପାଇଁ ଆଉ ସବ୍‌ରେଜିଷ୍ଟ୍ରାରଙ୍କ ଅଫିସକୁ ଯିବା ଆବଶ୍ୟକ ପଡ଼ିବ ନାହିଁ। ରାଜ୍ୟର ସବୁ ତହସିଲରେ ଏହି ସୁବିଧା ଉପଲବ୍ଧ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି।

ସବୁଠୁ ବଡ଼ କଥା ହେଉଛି ଯେ ଏଥିପାଇଁ କୌଣସି ତୃତୀୟ ପକ୍ଷ ଉପରେ ନୁହେଁ; ବରଂ ନିଜେ ଅନ୍‌ଲାଇନ୍‌ରେ ସମୟ ନିର୍ଦ୍ଧାରଣ କରି ଲୋକେ ଜମି କିଣାବିକା କରିପାରିବେ। ଏହି ବ୍ୟବସ୍ଥାକୁ ନଭେମ୍ବର ୧ ତାରିଖରୁ ଆରମ୍ଭ କରାଯିବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୪୪ଟି ତହସିଲରେ ଏହି ବ୍ୟବସ୍ଥା ଉପଲବ୍ଧ ହେବ। ଏହି ସେବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିବେ।

ପ୍ରଚଳିତ ବ୍ୟବସ୍ଥା ଅନୁସାରେ, ଜିଲ୍ଲା ସ୍ତରରେ ଥିବା ୨୧୭ଟି ଉପନିବନ୍ଧକ ବା ସବ୍‌ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟରେ ଜମି ପଞ୍ଜୀକରଣ ହୋଇଥାଏ। ଏହି ବ୍ୟବସ୍ଥା ଦ୍ୱାରା ଜନସାଧାରଣ ଜମି କିଣାବିକା କ୍ଷେତ୍ରରେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥା'ନ୍ତି। ଏହାକୁ ଦୃଷ୍ଟିରେ ରଖି ଏହି ସାଧାରଣ ସେବାକୁ ତହସିଲ ସ୍ତରକୁ ନେବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଏଣିକି ରାଜ୍ୟର ୩୨୦ଟି ତହସିଲରେ ଏହି ସୁବିଧା ଉପଲବ୍ଧ ହେବ ବୋଲି ମନ୍ତ୍ରୀ କହିଛନ୍ତି।

# ଗୋଟିଏ ଦେଶ, ଗୋଟିଏ ପୁଲିସ ୟୁନିଫର୍ମ

## ସାରା ଦେଶରେ ପୁଲିସ ପାଇଁ ଗୋଟିଏ ପ୍ରକାର ପୋଷାକ

**ରାଜ୍ୟମାନଙ୍କଠାରୁ ତଥ୍ୟ ଲୋଡ଼ିଲା କେନ୍ଦ୍ର**

■ **ନୂଆଦିଲ୍ଲୀ, ୩୦।୧୦ (ଏଜେନ୍ସି):** ସାରା ଦେଶରେ ସମସ୍ତ ପୁଲିସ କର୍ମଚାରୀଙ୍କ ପାଇଁ ଗୋଟିଏ ପ୍ରକାର ପୋଷାକ (ୟୁନିଫର୍ମ) ଯୋଜନା କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି କେନ୍ଦ୍ର ସରକାର। କନେଷ୍ଟବଲଙ୍କ ଠାରୁ ଆରମ୍ଭ କରି ଡିଏସ୍‌ପି ପାହ୍ୟା ଅଧିକାରୀ ପର୍ଯ୍ୟନ୍ତ ସମସ୍ତଙ୍କର ଗୋଟିଏ ପ୍ରକାର ପୋଷାକ ରହିବ। କପଡ଼ା, ଡିଜାଇନ ଏବଂ ରଙ୍ଗ ଗୋଟିଏ ପ୍ରକାର ରହିବ। କେବଳ ରାଜ୍ୟମାନେ ନିଜ ନିଜର ଚିହ୍ନ (ଏମ୍‌ବ୍ଲେମ୍) ଓ ର୍ୟାଙ୍କ୍ ବ୍ୟାଜ୍ ବଜାୟ ରଖିବେ।

କେନ୍ଦ୍ର ସ୍ୱରାଷ୍ଟ୍ର ବିଭାଗ ଓଡ଼ିଶା ସମେତ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ସରକାରଙ୍କୁ ଏହି ସୂଚନା ଦେଇଛନ୍ତି। ସେମାନେ ତିଆରି କରୁଥିବା ପୋଷାକ ପାଇଁ କେତେ ଖର୍ଚ୍ଚ ହେଉଛି ଏବଂ ପୁଲିସ କର୍ମଚାରୀ/ଅଧିକାରୀମାନଙ୍କୁ ଏବାବଦ ବର୍ଷକୁ କେତେ ଭତ୍ତା ଦିଆଯାଉଛି, ତାହାର ବିସ୍ତୃତ ବିବରଣୀ ଲୋଡ଼ିଛନ୍ତି କେନ୍ଦ୍ର ସରକାର। ଆସନ୍ତା ନଭେମ୍ବର ୪ ତାରିଖ ସୁଦ୍ଧା ଏହିସବୁ ତଥ୍ୟ ଦାଖଲ କରିବା ଲାଗି ସମସ୍ତ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ତଥ୍ୟ ମିଳିବା ପରେ କେନ୍ଦ୍ର ସରକାର ପୁଲିସ ୟୁନିଫର୍ମ ନେଇ ସମସ୍ତ ରାଜ୍ୟ ସରକାରଙ୍କ ପାଇଁ ମାର୍ଗଦର୍ଶିକା ଜାରି କରିବେ। ପର୍ଯ୍ୟାୟ କ୍ରମେ ଏହା କାର୍ଯ୍ୟକାରୀ କରାଯିବ। ଏହା ହେଲେ ଦେଶର ପୁଲିସ ଇତିହାସରେ ପ୍ରଥମ ଥର ଲାଗି ସବୁ ରାଜ୍ୟର ପୁଲିସ କର୍ମଚାରୀ ଗୋଟିଏ ପ୍ରକାର ଡିଜାଇନ୍ ଓ ରଙ୍ଗର ୟୁନିଫର୍ମ ପିନ୍ଧିବେ। ଏବେ ବିଭିନ୍ନ ରାଜ୍ୟରେ ପୁଲିସ କର୍ମଚାରୀଙ୍କର ବିଭିନ୍ନ ପ୍ରକାର ପୋଷାକ ରହିଛି। ▶ପୃଷ୍ଠା-୭

# ଜୀବନ ନେଉଛି ଜୀବନରେଖା

## ୧୫ ଦିନରେ ଗଲାଣି ୩ ଜୀବନ ■ ପୁଣି ମହାନଦୀରେ ଛାତ୍ର ନିଖୋଜ



**କାର୍ଯ୍ୟକାରୀ ହୋଇପାରିଲାନି ୬ଫୁଟ ଉଚ୍ଚତାର ତାର ଜାଲି ଯୋଜନା**

**ଲାଗି ପାରିଲାନି ସିସି କ୍ୟାମେରା**

**ଗତବର୍ଷ ୩୯ଜଣ କରିଥିଲେ ଆତ୍ମହତ୍ୟା ଉଦ୍ୟମ; ମରିଥିଲେ ୨୭**

■ **କଟକ, ୩୦।୧୦ (ସମିସ):** ଜୀବନ ନେଉଛି ଜୀବନରେଖା। ମହାନଦୀ ଓ କାଠଯୋଡ଼ିରେ ଜଳବୁଡ଼ି ଓ ଆତ୍ମହତ୍ୟା ଜନିତ ଘଟଣା ବୃଦ୍ଧି ପାଇବାରେ ଲାଗିଛି। ବିଶେଷକରି ବ୍ରିଜ୍ ଉପରୁ ଡେଇଁ ଜୀବନ ହାରିବା ଭଳି ଘଟଣା ଏହି ଦୁଇ ନଦୀରେ ବଢ଼ି ଚାଲିଛି। ଗତବର୍ଷ ଉଭୟ ମହାନଦୀ ଓ କାଠଯୋଡ଼ିରେ ୩୯ଜଣ ଆତ୍ମହତ୍ୟା ଉଦ୍ୟମ କରିଥିବା ବେଳେ ତନ୍ମଧ୍ୟରୁ ୨୭ଜଣଙ୍କ ମୃତ୍ୟୁ ଘଟିଥିଲା। ଆହୁରି ଉଦ୍‌ବେଗଜନକ କଥା ହେଲା, ମାତ୍ର ୧୫ଦିନ ଭିତରେ ମହାନଦୀକୁ ଡେଇଁ ୩ଜଣ ପ୍ରାଣ ହରାଇ ସାରିଲେଣି। ସୌଭାଗ୍ୟକୁ ଅନ୍ୟ ୨ଜଣଙ୍କୁ ଠିକ୍ ସମୟରେ ଉଦ୍ଧାର କରାଯାଇଥିବାରୁ ସେମାନଙ୍କ ଜୀବନ ବଞ୍ଚିଯାଇଛି।

ଆଜି ମହାନଦୀରେ ପୁଣି ଏକ ଦୁଃଖଦ ଘଟଣା ଘଟିଛି। ହାଡ଼ିଆପଠା ନିକଟରେ ଥୋରିଆସାହିର ୪ଜଣ ନାବାଳକ ଗାଧୋଇବାକୁ ଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣେ ନଦୀର ଗଭୀର ଜଳରାଶିରେ ଭାସି ଯାଇଛି। ସେ ହେଲା, ବାବୁ ନାୟକ (୧୬)। ଅପରାହ୍ନ ୩ଟାରେ ବାବୁ ନିଜ ସାଙ୍ଗଙ୍କ ସହିତ ନଦୀରେ ଗାଧୋଇବା ସହ ଜଳକ୍ରୀଡ଼ା କରୁଥିଲା। ହଠାତ୍ ତା'ର ପାଦ ଖସିଯିବାରୁ ସେ ଗଭୀର ଜଳରାଶିକୁ ଚାଲିଯାଇଥିଲା ଓ ନିଖୋଜ ହୋଇଯାଇଥିଲା। ସ୍ଥାନୀୟ ଲୋକଙ୍କଠାରୁ ସୂଚନା ପାଇ ବକ୍ସିବଜାର ଅଗ୍ନିଶମ କେନ୍ଦ୍ରର ଗୋଟିଏ ଟିମ୍ ନଦୀରେ ଖୋଜାଖୋଜି କରି କରିଥିଲେ। କିନ୍ତୁ ରାତି ହୋଇଯିବାରୁ ଉଦ୍ଧାର କାର୍ଯ୍ୟକୁ ବନ୍ଦ କରାଯାଇଛି। ଅଗ୍ନିଶମ ଅଧିକାରୀ ସଞ୍ଜୀବ କୁମାର ବେହେରା କହିଛନ୍ତି, ହାଡ଼ିଆପଠାରେ ନଦୀର ତୁଠ ନ ଥିଲା। ବାବୁ ଓ ତା' ସାଙ୍ଗମାନେ ସେଠାରେ ବିପଦପୂର୍ଣ୍ଣ ଭାବେ ନଦୀକୁ ପ୍ରବେଶ କରିଥିଲେ। ▶ପୃଷ୍ଠା-୭

# କାନାଡ଼ାରେ ଭାରତୀୟ ବ୍ୟବସାୟୀଙ୍କୁ ହତ୍ୟା

ମଣ୍ଟ୍ରିଲ, ୩୦ ।୧୦(ଏଜେନ୍ସି): କାନାଡ଼ାରେ ଜଣେ ଭାରତୀୟ ବ୍ୟବସାୟୀଙ୍କୁ ପିଟି ପିଟି ହତ୍ୟା କରାଯାଇଛି । ଏହି ବ୍ୟବସାୟୀ ହେଉଛନ୍ତି ୫୫ ବର୍ଷୀୟ ଅରବି ସିଂହ ସଗୁ । ୧୦୯ ଷ୍ଟ୍ରିଟ୍ ଓ ୧୦୦ ଆଭେନ୍ୟୁ ନିକଟରେ ପୁଲିସକୁ ଜଣେ ବ୍ୟକ୍ତିଙ୍କ ଉପରେ ଆକ୍ରମଣ ନେଇ ସୂଚନା ମିଳିଥିଲା । ପୁଲିସ ସେଠାରେ ପହଞ୍ଚି ସଗୁଙ୍କୁ ଚେତାଶୂନ୍ୟ ଅବସ୍ଥାରେ ଉଦ୍ଧାର କରିଥିଲା । ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ୫ ଦିନପରେ ସେ ମୃତ୍ୟୁବରଣ କରିଥିଲେ । ସଗୁ ଓ ତାଙ୍କ ବାନ୍ଧବୀ ରାତିରେ ଖାଇ ସାରି ନିଜ ଗାଡ଼ି ପାଖକୁ ଆସିଥିବାବେଳେ ଏପରି ହୋଇଥିଲା । ସେତେବେଳେ ଜଣେ ବ୍ୟକ୍ତି ତାଙ୍କ ଗାଡ଼ି ଉପରେ ପରିସ୍ରା କରୁଥିବା ସେ ଦେଖିଥିଲେ । ସଗୁ ପ୍ରଶ୍ନ କରିବା ପରେ ବ୍ୟକ୍ତି ଜଣକ ତାଙ୍କୁ ଆକ୍ରମଣ କରିଥିଲେ । ବ୍ୟକ୍ତି ଜଣକ ପ୍ରଥମେ ଗାଳିଗୁଲଜ କରିଥିଲେ ଓ ସଗୁ ତଳେ ପକାଇ ପିଟିବାରେ ଲାଗିଥିଲେ । ପୁଲିସ ଏହି ଘଟଣାରେ ୪୦ ବର୍ଷୀୟ କାଏଲ ପାପିନକୁ ଗିରଫ କରିଛି ।

# ଦାଉଦ୍ ଆତଙ୍କବାଦୀ ନୁହଁ: ମମତା କୁଲକର୍ଣ୍ଣୀ

ଗୋରଖପୁର, ୩୦ ।୧୦(ଏଜେନ୍ସି): ଅଭିନେତ୍ରୀରୁ ସାଧବୀ ହୋଇଥିବା ମମତା କୁଲକର୍ଣ୍ଣୀ ଗୋରଖପୁରରେ ଅଣ୍ଡରୱାର୍ଲ୍ଡ ଡନ୍ ଦାଉଦ୍ ଇବ୍ରାହିମ୍‌କୁ ନେଇ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି । ଦାଉଦ୍ ଆତଙ୍କବାଦୀ ନ ଥିଲା ଓ କୌଣସି ବୋମା ବିସ୍ଫୋରଣ କରାଇନାହିଁ ବୋଲି ମମତା କହିଛନ୍ତି । କେବଳ ସେତିକି ନୁହେଁ, ସେ ଦାଉଦ୍ ସହ କେବେ ସାକ୍ଷାତ କରିନାହାନ୍ତି ବୋଲି ସ୍ପଷ୍ଟ କରିଛନ୍ତି । ଏହାକୁ ନେଇ ବିବାଦ ହେବାରୁ ସେ ସଫେଇ ଦେଇଛନ୍ତି । ସେ ନିଜ ମନ୍ତବ୍ୟକୁ ବଦଳାଇଛନ୍ତି । ଦାଉଦ୍ ଭାରତର ଆତଙ୍କବାଦୀ ଥିଲା ଓ ରହିବ ବୋଲି ସେ ସଫେଇ ଦେଇ କହିଛନ୍ତି । ସ୍ୱାମୀ ଭିକି ଗୋସ୍ୱାମୀଙ୍କ ବିଷୟରେ ମନ୍ତବ୍ୟ ଦେଇଥିଲି । ବିସ୍ଫୋରଣ ସହ ଭିକିଙ୍କ କୌଣସି ସମ୍ପର୍କ ନଥିଲା । ଆଜି ମୋର ତାଙ୍କ ସହ କୌଣସି ସମ୍ପର୍କ ନାହିଁ । ମୋର ମନ୍ତବ୍ୟକୁ କଦର୍ଥ କରାଯାଇଛି ବୋଲି ସେ କହିଛନ୍ତି ।

# ପତ୍ନୀ ହିନ୍ଦୁରୁ ଖ୍ରୀଷ୍ଟିଆନ ହୁଅନ୍ତୁ ଚାହାନ୍ତି ଭାନ୍ସ

ୱାସିଂଟନ, ୩୦ ।୧୦(ଏଜେନ୍ସି): ଆମେରିକା ଉପ-ରାଷ୍ଟ୍ରପତି ଜେଡି ଭାନ୍ସ ଏକ ଅଜବ ପ୍ରକାର ଇଚ୍ଛା ଜାହିର କରିଛନ୍ତି । ତାଙ୍କ ପତ୍ନୀ ଉଷା ଭାନ୍ସ ହିନ୍ଦୁ ଧର୍ମ ତ୍ୟାଗ କରି ଖ୍ରୀଷ୍ଟିଆନ ଧର୍ମ ଆପଣାନ୍ତୁ ବୋଲି ସେ କହିଛନ୍ତି । ଉଷା କ୍ୟାଥଲିକ୍ ଚର୍ଚ୍ଚ ଦ୍ୱାରା ପ୍ରେରିତ ହୋଇ ଖ୍ରୀଷ୍ଟିଆନ ହୁଅନ୍ତୁ । ସେ ମୋ ସହିତ ରବିବାର ଚର୍ଚ୍ଚକୁ ଦିନେ ଆସିବେ ବୋଲି ଆଶା ପ୍ରକାଶ କରିଛନ୍ତି । ମୋ ଭଳି ମୋ ପତ୍ନୀ ମଧ୍ୟ ଖ୍ରୀଷ୍ଟ ଧର୍ମରେ ଦକ୍ଷୀତ ହୁଅନ୍ତୁ ବୋଲି ମିସିସିପି ବିଶ୍ୱବିଦ୍ୟାଳୟରେ ରାଜନୈତିକ ତଥା ସାମାଜିକ କର୍ମୀ ସ୍ୱର୍ଗତ ଚାର୍ଲି କିର୍କଙ୍କ ସମ୍ମାନରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇ ସେ ଏହି କଥା କହିଛନ୍ତି । ଭବିଷ୍ୟତରେ ଉଷା ମୋର ଆଶା ପୂରଣ କରିବେ । ଆମ ପିଲାମାନଙ୍କୁ ଖ୍ରୀଷ୍ଟିଆନ୍ ଭଳି ଲାଳନ ପାଳନ କରିବୁ ବୋଲି ମଧ୍ୟ ସେ କହିଛନ୍ତି ।


# ‘କ୍ଷମତା ପରିବର୍ତ୍ତନ ପାଇଁ ହୋଇଥିଲା ଦିଲ୍ଲୀ ଦଙ୍ଗା’

ନୂଆଦିଲ୍ଲୀ, ୩୦।୧୦ (ଏଜେନ୍ସି): ଅଚାନକ ଭାବେ ୨୦୨୦ରେ ଦିଲ୍ଲୀରେ ଦଙ୍ଗା ହୋଇ ନ ଥିଲା । କେନ୍ଦ୍ରରେ କ୍ଷମତା ପରିବର୍ତ୍ତନ ପାଇଁ ଷଡ଼ଯନ୍ତ୍ର କରି ଏପରି କରାଯାଇଥିଲା । ଦେଶକୁ ଦୁର୍ବଳ କରିବା ଉଦ୍ଦେଶ୍ୟରେ ଏହି ଆନ୍ଦୋଳନ ଆରମ୍ଭ ହୋଇଥିଲା । ଉମର ଖାଲିଦ ଏବଂ ସରଜିଲ ଇମାମ ଭଳି ଅଭିଯୁକ୍ତଙ୍କ ଜାମିନ ଆବେଦନ ବିରୋଧରେ ସୁପ୍ରିମକୋର୍ଟରେ ୧୭୭ ପୃଷ୍ଠାର ସତ୍ୟପାଠ ଦାଖଲ କରି ଦିଲ୍ଲୀ ପୁଲିସ ପକ୍ଷରୁ ଏହି ସୂଚନା ଦିଆଯାଇଛି । ପୁଲିସ ଅନୁଯାୟୀ, ସିଏଏକୁ ଆୟୁଧ ବନାଇ ଯୋଜନାବଦ୍ଧ ଭାବେ ଏହି ଆନ୍ଦୋଳନ କରାଯାଇଥିଲା । ଏହା ମାଧ୍ୟମରେ ସାରା ଦେଶରେ ହିଂସା କରିବାକୁ ପ୍ରୟାସ ହୋଇଥିଲା । ଉତ୍ତର ପ୍ରଦେଶ, ପଶ୍ଚିମବଙ୍ଗ, କେରଳ ଏବଂ କର୍ଣ୍ଣାଟକ ଭଳି ରାଜ୍ୟରେ ହିଂସା କରିବାକୁ ପ୍ରୟାସ ହୋଇଥିଲା । ଉମର ଏବଂ ସରଜିଲ ଏହାର ଷଡ଼ଯନ୍ତ୍ରକାରୀ ଥିଲେ । ଏମାନେ ହିଂସା ପାଇଁ ଲୋକଙ୍କୁ ଉସୁକାଇ ଥିଲେ । ଦିଲ୍ଲୀ ପୁଲିସ ପକ୍ଷରୁ ସୁପ୍ରିମକୋର୍ଟରେ କୁହାଯାଇଥିଲା ଯେ ଅଭିଯୁକ୍ତ ବାରମ୍ବାର ମିଥ୍ୟା ଦାବି କରୁଛନ୍ତି । ମାମଲାର ଶୁଣାଣିରେ ବିଳମ୍ବ ପାଇଁ ଏପରି କରାଯାଉଛି । ଏହା ନ୍ୟାୟିକ ପ୍ରକ୍ରିୟାରେ ବାଧା ଦେବା ସହ ସମାନ ।

# ଫୁଡ୍ ଡେଲିଭରୀ ବଏଙ୍କୁ କାର୍ ଚଢ଼ାଇ ମାରିଦେଲେ ଦମ୍ପତି

ବେଙ୍ଗାଲୁରୁ, ୩୦ ।୧୦(ଏଜେନ୍ସି): ବେଙ୍ଗାଲୁରୁରେ ଏକ ଅଭାବନୀୟ ଘଟଣା ଘଟିଛି । ଜଣେ ଫୁଡ୍ ଡେଲିଭରୀ ଏଜେଣ୍ଟଙ୍କୁ କାର୍ ଚଢ଼ାଇ ହତ୍ୟା କରିଛନ୍ତି ଏକ ଦମ୍ପତି । ଅକ୍ଟୋବର ୨୫ରେ ଜେପି ନଗର ଅଞ୍ଚଳରେ ଏହି ହତ୍ୟାକାଣ୍ଡ ଘଟିଥିଲା । କିନ୍ତୁ ବେଙ୍ଗାଲୁରୁ ପୁଲିସ ବୁଧବାର ଏହି ରୋଡ ରେଜ୍ ସମ୍ପର୍କରେ ସୂଚନା ଦେଇଛି । ଅଭିଯୁକ୍ତ ମନୋଜ କେରଳର ଓ ତାଙ୍କ ପତ୍ନୀ ଆରତୀ ଜମ୍ମୁ-କଶ୍ମୀରର ବୋଲି ପୁଲିସ କହିଛି । ଫୁଡ୍ ଡେଲିଭରୀ ଏଜେଣ୍ଟ ଦର୍ଶନଙ୍କ ସ୍କୁଟି ମନୋଜଙ୍କ କାର୍‌କୁ ଧକ୍କା ଦେଇଥିଲା । ଫଳରେ ମନୋଜଙ୍କ କାର୍‌ର କାଚ ଭାଙ୍ଗିଯାଇଥିଲା । ଏହାର ପ୍ରତିଶୋଧ ନେବା ପାଇଁ ମନୋଜ ପିଛା କରି ଦର୍ଶନଙ୍କୁ କାର୍‌ରେ ଧକ୍କା ଦେଇଥିଲେ । ପ୍ରଥମେ ଏହାକୁ ଏକ ହିଟ୍ ଆଣ୍ଡ ରନ୍ ମାମଲା ବୋଲି ପୁଲିସ କହୁଥିଲା । କିନ୍ତୁ ସିସିଟିଭି ଫୁଟେଜରେ ମନୋଜ ଜାଣିଶୁଣି ଦର୍ଶନଙ୍କ ସ୍କୁଟିକୁ ଧକ୍କା ଦେଉଥିବା ସ୍ପଷ୍ଟ ଭାବେ ଜଣା ପଡ଼ିଥିଲା । ଯାଞ୍ଚ ପରେ ଏହି ହିଟ୍ ଆଣ୍ଡ ରନ୍ ମାମଲା ହତ୍ୟାକାଣ୍ଡ ଭାବେ ବଦଳିଯାଇଛି ।

ପୁଲିସ କହିବା ଅନୁସାରେ ରାତି ୯ଟାରେ ଦର୍ଶନଙ୍କ ସ୍କୁଟି ମନୋଜଙ୍କ କାର୍‌କୁ ହାଲ୍‌କା ଭାବେ ଧକ୍କା ଦେଇଥିଲା । ଏଥିରେ କାର୍‌ର କାଚ ଭାଙ୍ଗିଯାଇଥିଲା । ଏଥିପାଇଁ ଦର୍ଶନ କ୍ଷମା ମାଗି ଆଗକୁ ଚାଲିଯାଇଥିଲେ । କିନ୍ତୁ ମନୋଜ ରାଗିଯାଇ ୟୁ ଟର୍ଣ୍ଣ ନେଇ ପାଖପାଖି ଦୁଇ କିମି ପିଛା କରି ଜେପି ନଗର ନିକଟରେ ସ୍କୁଟିକୁ ଜାଣିଶୁଣି ଧକ୍କା ଦେଇଥିଲେ । ଫଳରେ ଦର୍ଶନ ଓ ତାଙ୍କ ବନ୍ଧୀ ବରୁଣ ସଡ଼କ ଉପରେ ପଡ଼ିଯାଇଥିଲେ । ସ୍ଥାନୀୟ ଲୋକ ଦୁଇଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଥିଲେ । ଡାକ୍ତର ଦର୍ଶନଙ୍କୁ ମୃତ ଘୋଷିତ କରିଥିବାବେଳେ ବରୁଣ ସାମାନ୍ୟ ଆହତ ହୋଇଥିଲେ । ଘଟଣା ଘଟାଇବା ପରେ ମନୋଜ ଓ ଆରତୀ ମାସ୍କ ପିନ୍ଧି ନିଜ କାରର ଭାଙ୍ଗିଥିବା କାଚ ଉଠାଇ ପଳାଇ ଥିଲେ ବୋଲି ପୁଲିସ କହିଛି । ମନୋଜ ନିଜର ଦୋଷ ତଥା ଅପରାଧ ସ୍ୱୀକାର କରିଛି ।



ତେବେ ଘଟଣା ସମୟରେ ଆରତୀ ତାଙ୍କ ସହ ଥିଲା କି ନାହିଁ ସେ ନେଇ ଯାଞ୍ଚ ଚାଲିଛି ବୋଲି ଦକ୍ଷିଣ ବେଙ୍ଗାଲୁରୁ ଡିସିପି ଲୋକେଶ ଜଗଲାସର କହିଛନ୍ତି ।

# ମୁମ୍ବଇରେ ୩ ଘଣ୍ଟାର ଆତଙ୍କ

## ଅଡିସନ୍ ପାଇଁ ଯାଇଥିବା ୧୭ ଶିଶୁ ମୁଣ୍ଡଜାମିନ

ମୁମ୍ବଇ, ୩୦।୧୦ (ଏଜେନ୍ସି): ଭାରତର ଆର୍ଥିକ ରାଜଧାନୀରେ ୩ ଘଣ୍ଟା ପର୍ଯ୍ୟନ୍ତ ଆତଙ୍କ ଖେଳି ଯାଇଛି । ଜଣେ ବ୍ୟକ୍ତି ମୁମ୍ବଇର ପୱାଇ ଅଞ୍ଚଳର ସ୍ଥିତ ଏକ କୋଠାର ପ୍ରଥମ ମହଲାରେ ଥିବା ଆରଏ ଷ୍ଟୁଡିଓରେ ୧୭ ଶିଶୁଙ୍କ ସମେତ ଜଣେ ବରିଷ୍ଠ ନାଗରିକ ଏବଂ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ବନ୍ଦୀ କରି ରଖିଛି । ଦୀର୍ଘ ଘଣ୍ଟା ପର୍ଯ୍ୟନ୍ତ ଏହି ପିଲାଙ୍କୁ ନ ଛାଡ଼ିବାରୁ ପୁଲିସ, ଦମକଳବାହିନୀ ଏବଂ ପିଲାଙ୍କପରିବାର ସଦସ୍ୟ ସେଠାରେ ପହଞ୍ଚି ଥିଲେ । ମୁଖ୍ୟ ଅଭିଯୁକ୍ତ ରାହୁଲ ଆର୍ଯ୍ୟ ଏକ ଭିଡିଓ ଜାରି କରି ନିଜ ଦାବି ରଖିଥିଲା । ସେ କିଛି ବ୍ୟକ୍ତିଙ୍କଠାରୁ ପ୍ରଶ୍ନର ଉତ୍ତର ଚାହୁଁଥିବା କହିଥିଲା ।

- **ଉଦ୍ଧାର କଲେ ପୁଲିସ ଓ ଦମକଳବାହିନୀ**
- **ଏନ୍‌କାଉଣ୍ଟରରେ ଅଭିଯୁକ୍ତ ନିହତ**

ସେଥିପାଇଁ ଏହି ଷଡ଼ଯନ୍ତ୍ର କରିଥିବା ଉଲ୍ଲେଖ କରିଥିଲା । କିନ୍ତୁ ପରେ ପୁଲିସ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଥିଲା । ଏକ ଘଣ୍ଟାର କସରତ ପରେ ପୁଲିସ ପ୍ରଥମ ମହଲାରେ ଥିବା ଗାଧୁଆଘର ଦେଇ ଭିତରେ ପ୍ରବେଶ କରିଥିଲା । ଅଭିଯୁକ୍ତକୁ ଗୁଳି ମାଡ଼ କରି



୧୭ ଶିଶୁଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲା । ତେବେ ଏହି ଏନ୍‌କାଉଣ୍ଟରରେ ମୁଖ୍ୟ ଅଭିଯୁକ୍ତ ରାହୁଲ ଆର୍ଯ୍ୟ ପ୍ରାଣ ହରାଇଛି । ସୂଚନା ଅନୁଯାୟୀ ଆରଏ ଷ୍ଟୁଡିଓରେ ପିଲାଙ୍କୁ ଅଭିନୟ ଶିକ୍ଷା ଦିଆଯାଉଥିଲା । ଅଡିସନ ବାହାନାରେ ପ୍ରାୟ ଶହେ ଶିଶୁଙ୍କୁ ସେଠାକୁ ଡକା ଯାଇଥିଲା । ମାତ୍ର ୧୭ ଜଣ ଏଥିପାଇଁ ପହଞ୍ଚି ଥିଲେ । ସମସ୍ତଙ୍କ ବୟସ ୮ରୁ ୧୪ ବର୍ଷ ମଧ୍ୟରେ ଥିଲା । ପୁଲିସକୁ ଏହାର ସୂଚନା ଗୁରୁବାର ଅପରାହ୍ଣ ୧ଟା ୪୫ରେ ମିଳିଥିଲା । ସଙ୍ଗେ ସଙ୍ଗେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତର ଦାବି ଜାଣିବାକୁ ଚାହିଁଥିଲା । କିନ୍ତୁ ସେ ଶିଶୁଙ୍କୁ ଛାଡିବାକୁ ମନା କରି ଦେଇଥିଲା । ଷ୍ଟୁଡିଓରେ ଲାଗିଥିବା କାଚ ଦେଇ ଶିଶୁ ବାହାରକୁ ଚାହିଁ ରହିଥିବା ଦେଖିବାକୁ ମିଳିଥିଲା । ତେବେ ଶିଶୁଙ୍କ କ୍ଷତି କରିବାକୁ ଧମକାଇବା ପରେ ପୁଲିସ ଉଦ୍ଧାର ଅଭିଯାନ ଆରମ୍ଭ କରିଥିଲା । ୩ ଘଣ୍ଟା ବନ୍ଦୀ ହୋଇ ରହିବା ପରେ ସମସ୍ତଙ୍କୁ ଉଦ୍ଧାର କରାଯାଇଥିଲା । ଘଟଣାସ୍ଥଳରୁ ଏକ ଏୟାର ଗନ୍ ଏବଂ ଅନ୍ୟ ରାସାୟନିକ ସାମଗ୍ରୀ ମିଳିଛି । ଏ ପର୍ଯ୍ୟନ୍ତ ରୋହିତର ଉଦ୍ଦେଶ୍ୟ ଜଣାପଡ଼ି ନାହିଁ । ଅଭିଯୁକ୍ତ ଜଣେ ମାନସିକ ରୋଗୀ ବୋଲି ପୁଲିସ ସନ୍ଦେହ କରୁଛି ।

ଏହା ପୂର୍ବରୁ ଅଭିଯୁକ୍ତ ଏକ ଭିଡିଓ ଜାରି କରି କହିଥିଲା ଯେ ସେ ଆତ୍ମହତ୍ୟା କରିବା ପରିବର୍ତ୍ତେ ଶିଶୁଙ୍କୁ ବନ୍ଦୀ ବନାଇ ରଖିଛି । ମୁଁ ବହୁତ ସାଧାରଣ ବ୍ୟକ୍ତି । ମୋର କିଛି ନୈତିକ ଦାବି ଏବଂ ପ୍ରଶ୍ନ ରହିଛି । କିଛି ଲୋକଙ୍କ ସହ ଆଲୋଚନା କରି ପ୍ରଶ୍ନର ଉତ୍ତର ଚାହୁଁଛି । ଏହା ବ୍ୟତୀତ ମୁଁ ଆଉ କିଛି ଚାହୁଁନାହିଁ ।

# ପରମାଣୁ ଅସ୍ତ୍ର ପରୀକ୍ଷା ପାଇଁ ନିର୍ଦ୍ଦେଶ ଦେଲେ ଟ୍ରମ୍ପ



ୱାଶିଂଟନ, ୩୦ ।୧୦(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରତିରକ୍ଷା ମନ୍ତ୍ରଣାଳୟ ଅର୍ଥାତ ପେଣ୍ଟାଗନକୁ ତୁରନ୍ତ ପରମାଣୁ ଅସ୍ତ୍ର ପରୀକ୍ଷଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ପରୀକ୍ଷଣ ଚୀନ୍ ଓ ରୁଷିଆ ସହ ବରାବର ହେବା ଉଚିତ ବୋଲି ସେ କହିଛନ୍ତି । ଅନ୍ୟ ଦେଶଗୁଡିକର ପରୀକ୍ଷଣକୁ ଦେଖି ପରମାଣୁ ଅସ୍ତ୍ରର ତୁରନ୍ତ ପରୀକ୍ଷା ପାଇଁ ନିର୍ଦ୍ଦେଶ ଦେଇଛି ବୋଲି ଟ୍ରମ୍ପ କହିଛନ୍ତି । ଆମେରିକା ପାଖରେ ସବୁଠାରୁ ଅଧିକ ପରମାଣୁ ଅସ୍ତ୍ର ରହିଛି । ରୁଷିଆ ଦ୍ୱିତୀୟ ସ୍ଥାନରେ ରହିଛି । କିନ୍ତୁ ଆଗାମୀ ୫ ବର୍ଷରେ ରୁଷ ବରାବର କରିପାରେ ବୋଲି ସେ କହିଛନ୍ତି । ରୁଷ ଓ ଚୀନ୍ ଦୁଇ ଦେଶ ପରମାଣୁ ଅସ୍ତ୍ରର ପରୀକ୍ଷା କରୁଛନ୍ତି । କିନ୍ତୁ ଆମେ ପରୀକ୍ଷଣ କରୁନାହୁଁ । ଅନ୍ୟ ଦେଶମାନେ କରୁଛନ୍ତି । ଏବେ ଆମେ ମଧ୍ୟ ପରମାଣୁ ଅସ୍ତ୍ର ପରୀକ୍ଷା କରିବୁ ବୋଲି ଟ୍ରମ୍ପ ସ୍ପଷ୍ଟ କରିଛନ୍ତି ।

ଆମେରିକା ୩୩ ବର୍ଷ ତଳେ ଏଭଳି ପରମାଣୁ ଅସ୍ତ୍ର ପରୀକ୍ଷଣ କରିଥିଲା । ଆମେରିକା ୧୯୯୨ ସେପ୍ଟେମ୍ବର ୨୩ରେ ଶେଷଥର ପାଇଁ ପରମାଣୁ ଅସ୍ତ୍ର ପରୀକ୍ଷା କରିଥିଲା । ଏହା ଆମେରିକାର ୧, ୦୩୦ତମ ପରମାଣୁ ଅସ୍ତ୍ର ପରୀକ୍ଷଣ ଥିଲା । ନାଭେଡା

- **୩୩ ବର୍ଷ ତଳେ ହୋଇଥିଲା ପରୀକ୍ଷଣ**

ଟେଷ୍ଟ ସାଇଟ୍‌ର ରେନିଅର ମେସା ହିଲ୍‌ସାଇଡ୍‌ରେ ୨୩୦୦ ଫୁଟ ତଳେ ଆମେରିକା ଶେଷଥର ପାଇଁ ପରମାଣୁ ଅସ୍ତ୍ର ପରୀକ୍ଷା କରିଥିଲା । ଆଣବିକ ବିକିରଣ ବାହାରକୁ ନ ବ୍ୟାପୀବା ପାଇଁ ଏପରି କରାଯାଇଥିଲା । ସେତେବେଳେ ଏହାର କୋଡ ନାମ ଡିଭାଇଡର ଥିଲା । ମାଟି ତଳେ ଏତେଜୋରରେ ବିସ୍ଫୋରଣ ହୋଇଥିଲା ଯେ, ପଥର ମଧ୍ୟ ତରଳି ଯାଇଥିଲା । ମାଟିରସ୍ତର ଗୋଟିଏ ଫୁଟ ଉପରକୁ ଉଠି ପୁଣି ତଳକୁ ଧସିଯାଇଥିଲା । ଏବେ ସେଠାରେ ୧୫୦ମିଟର ଚଉଡ଼ା ଓ ୧୦ ମିଟର ଗାତ ଦେଖିବାକୁ ମିଳିଛି । ଏହାପରେ ୧୯୯୬ରେ କମ୍ପ୍ରିହେନସିଭ ନ୍ୟୁକ୍ଲିୟାର ଟେଷ୍ଟ ବ୍ୟାନ ଟ୍ରିଟି (ସିଟିବିଟି) ସ୍ୱାକ୍ଷରିତ ହୋଇଥିଲା । ଫଳରେ ମାଟିତଳେ ପରମାଣୁ ଅସ୍ତ୍ର ପରୀକ୍ଷଣ ଉପରେ ରୋକ ଲଗାଯାଇଥିଲା । ଚୀନ୍ ଓ ଆମେରିକା ଏହି ଚୁକ୍ତିରେ ଦସ୍ତଖତ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଏହାକୁ ଔପଚାରିକ ଭାବେ ମଞ୍ଜୁରୀ ଦେଇନାହାନ୍ତି ।

# ୬ ମାସ ପାଇଁ ଚାବାହାର ବନ୍ଦର କଟକଣାରୁ ବର୍ତ୍ତିଲା ଭାରତ

ନୂଆଦିଲ୍ଲୀ, ୩୦ ।୧୦(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତକୁ ବଡ଼ ଆଶ୍ୱସ୍ତି ପ୍ରଦାନ କରିଛନ୍ତି । ଇରାନର ଚାବାହାର ବନ୍ଦର ଉପରେ ଆମେରିକା କଟକଣା ଲାଗୁ କରିନାହିଁ । ଏହି ବନ୍ଦର ଉପରେ କଟକଣା ନେଇ ଆମେରିକା ତା’ର ରିହାତି ଅବଧିକୁ ଆଉ ୬ ମାସ ବୃଦ୍ଧି କରିଛି । ଏହି ଅବଧି ଅକ୍ଟୋବର ୨୭ରେ ଶେଷ ହେବାକୁ ଯାଉଥିଲା । ଏହାକୁ ଭାରତର ଏକ ବଡ଼ କୂଟନୈତିକ ବିଜୟ ବୋଲି କୁହାଯାଉଛି । ଏହି ବନ୍ଦରର ବ୍ୟବହାର ଏବଂ ନିର୍ମାଣ ନେଇ ୨୦୨୪ରେ ଇରାନ ସହ ଭାରତ ୧୦ ବର୍ଷ ପାଇଁ ଚୁକ୍ତି କରିଥିଲା । ଭାରତ ମଧ୍ୟ ଏଥିପାଇଁ ବହୁତ ଅର୍ଥ ନିବେଶ କରିଥିଲା । ଏହି ଚୁକ୍ତି ଅନୁସାରେ ଇଣ୍ଡିଆନ ପୋର୍ଟ୍ସ ଗ୍ଲୋବାଲ ଲିମିଟେଡ (ଆଇପିଜିଏଲ୍) ବନ୍ଦର ସହିଦ ବେହସ୍ତି ଟର୍ମିନାଲର ପରିଚାଳନା ପ୍ରକ୍ରିୟାକୁ ନିଜ ହାତକୁ ନେଇଥିଲା । ଫଳରେ ଭାରତ ପ୍ରଥମଥର ପାଇଁ କୌଣସି ବିଦେଶୀ ବନ୍ଦରର ପରିଚାଳନା ନିଜ ହାତକୁ ନେଇଥିଲା । ଏହାପୂର୍ବରୁ ୨୦୧୬ରେ ହୋଇଥିବା ଚୁକ୍ତିର ନବୀକରଣ ପ୍ରତିବର୍ଷ କରା ଯାଉଥିଲା । ଚାବାହାର ବନ୍ଦର ଭାରତ ପାଇଁ ବିଶେଷ ଭାବେ ଗୁରୁତ୍ୱ ବହନ କରୁଛି । କାରଣ ପାକିସ୍ତାନକୁ ବାଇପାସ୍ କରି ଭାରତ ଏହି ବନ୍ଦର ମାଧ୍ୟମରେ ଆଫଗାନିସ୍ତାନ ଓ ମଧ୍ୟ ଏସୀୟ ଦେଶଗୁଡିକ ସହ ସିଧାସଳଖ ବାଣିଜ୍ୟ ଓ ବ୍ୟବସାୟ କରିବାକୁ ସକ୍ଷମ ହେଉଛି । ୨୦୨୩ରେ ଭାରତ ଏହି ପ୍ରକଳ୍ପ ନେଇ ପ୍ରସ୍ତାବ ଦେଇଥିଲା । ଏହା ଦ୍ୱାରା ଅନ୍ତର୍ଜାତୀୟ ଉତ୍ତର- ଦକ୍ଷିଣ ଟ୍ରାନ୍ସପୋର୍ଟ କରିଡର ଜରିଆରେ ଆଞ୍ଚଳିକ ଯୋଗାଯୋଗ ସୁଦୃଢ଼ ହୋଇଛି ।

# ମୁଖ୍ୟମନ୍ତ୍ରୀ ପଦ | ନୀତୀଶ କୁମାରଙ୍କୁ ନେଇ ଅନିଶ୍ଚିତତା

ପାଟନା, ୩୦।୧୦ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନ ପାଇଁ ଜୋରସୋରରେ ପ୍ରଚାର ଚାଲିଛି । ଏ ପର୍ଯ୍ୟନ୍ତ କ୍ଷମତାସୀନ ମେଣ୍ଟ ଏନ୍‌ଡିଏରେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀକୁ ନେଇ କୌଣସି ଘୋଷଣା ହୋଇନାହିଁ । ତେଣୁ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଆଗାମୀ ଭବିଷ୍ୟତକୁ ନେଇ ଅନିଶ୍ଚିତତା ଲାଗି ରହିଛି । ଯଦି ଏନ୍‌ଡିଏ ପୁଣି ନିର୍ବାଚନ ଜିତେ ତେବେ ସେ ମୁଖ୍ୟମନ୍ତ୍ରୀ ହୋଇ ନ ପାରନ୍ତି । ଏହାକୁ ନେଇ ବିରୋଧୀ ଇଣ୍ଡିଆ ସଦସ୍ୟ ଶାସକ ମେଣ୍ଟକୁ ସମାଲୋଚନା କରୁଥିବାବେଳେ ନୀତୀଶଙ୍କୁ ଚିଡ଼ାଇବାକୁ ଉଦ୍ୟମ କରୁଛନ୍ତି । ପୂର୍ବରୁ ବାରମ୍ବାର ପଟ ପରିବର୍ତ୍ତନର ରେକର୍ଡ ନୀତୀଶଙ୍କ ନାମରେ ରହିଛି । ଏହାର ମଧ୍ୟରେ ବିହାର ଉପ-ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ଏକ ସାକ୍ଷାତକାରରେ ଭିନ୍ନ ମନ୍ତବ୍ୟ ଦେଇଛନ୍ତି । ନୀତୀଶ କୁମାର ଆଗକୁ ମଧ୍ୟ ମୁଖ୍ୟମନ୍ତ୍ରୀ ରହିବେ ବୋଲି କହିଛନ୍ତି । ଏବେ ରାଜ୍ୟରେ କୌଣସି ମୁଖ୍ୟମନ୍ତ୍ରୀ ପଦ ଖାଲି ନାହିଁ ଏବଂ ଆଗକୁ ମଧ୍ୟ ଖାଲି ହେବନି ବୋଲି ଉଲ୍ଲେଖ କରିଥିଲେ । ତେବେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆଜି ମୁଙ୍ଗେରରେ ପ୍ରଚାର କରି ଚୌଧୁରୀଙ୍କ ପାଇଁ ଭୋଟ ମାଗିଛନ୍ତି । ଶାହା କହିଥିଲେ ଯେ ଭୋଟ ଦେଇ ଜିତାଇଲେ ଆମେ ସମ୍ରାଟଙ୍କୁ ବଡ଼ ଲୋକ ବନାଇ ଦେବୁ । ଅନ୍ୟ ଅଞ୍ଚଳରେ ଲୋକେ ନିଜ ବିଧାୟକଙ୍କୁ ମନ୍ତ୍ରୀ କରିବାକୁ କହୁଥିବାବେଳେ ସେ ତାରାପୁରର ଜନତାଙ୍କୁ ଉପ-ମୁଖ୍ୟମନ୍ତ୍ରୀ ଦେଇଛନ୍ତି । ଅନ୍ୟପକ୍ଷରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ମହାମେଣ୍ଟ ପାଇଁ ପ୍ରଚାର ଆରମ୍ଭ କରିଛନ୍ତି । ସେ ନାଳନ୍ଦାର ନୁରସରାୟରେ କହିଥିଲେ ଯେ ପ୍ରଧାନମନ୍ତ୍ରୀ ମୋଦୀ ଜଣେ ଭୟାଳୁ ବ୍ୟକ୍ତି । ମୋଦୀଙ୍କଠାରୁ ଇନ୍ଦିରା ଅଧିକ ସାହସୀ ଥିଲେ । ଆମେରିକା ରାଷ୍ଟ୍ରପତିଙ୍କୁ ମୋଦୀ ଭୟ କରୁଛନ୍ତି । ମୋଦୀଙ୍କୁ ଧମକାଇ ‘ଅପରେସନ ସିନ୍ଦୂର’ ବନ୍ଦ କଲି ବୋଲି ଟ୍ରମ୍ପ ୫୦ ଥର ଟ୍ରମ୍ପ ଦାବି କଲେଣି । ସେହିପରି ପ୍ରଧାନମନ୍ତ୍ରୀ ମୋଦୀ ମୁଜଫରପୁରରେ କହିଥିଲେ ଯେ ଆରଜେଡିର ବିନାଶ ପାଇଁ କଂଗ୍ରେସ କାମ କରୁଛି । ନରେନ୍ଦ୍ର ଓ ନୀତୀଶ ଲୋକଙ୍କ ସ୍ୱପ୍ନ ପୂରଣ କରୁଥିବାବେଳେ କଂଗ୍ରେସ ଏବଂ ଆରଜେଡି ବିହାର ଓ ବିହାରୀଙ୍କୁ ଅପମାନିତ କରୁଛନ୍ତି । ତାମିଲନାଡୁରେ ଯେଉଁ ଡିଏମକେ ନେତା ବିହାରୀଙ୍କୁ ଉତ୍ପୀଡ଼ନ ଦେଉଛନ୍ତି ତାଙ୍କୁ କଂଗ୍ରେସ ପ୍ରଚାର ପାଇଁ ଡାକୁଛି ।

# ଝିଅ ମୃତ୍ୟୁ ଦୁଃଖଠୁ ବଳିଗଲା ଲାଞ୍ଚ ଯନ୍ତ୍ରଣା

ବେଙ୍ଗାଲୁରୁ, ୩୦।୧୦ (ଏଜେନ୍ସି): ଯନ୍ତ୍ରଣା ଜୀବନଠୁ ବଳି ଯାଇଛି । ଅଲିଅଳୀ ଝିଅକୁ ଯୁବାବସ୍ଥାରେ ହରାଇବା ଦୁଃଖରେ ଭାଙ୍ଗି ପଡ଼ିଥିବା ପରିବାରକୁ ବ୍ୟବସ୍ଥା ଦାରୁଣ କଷ୍ଟ ଦେଇଛି । ଝିଅର ମୃତ୍ୟୁରେ ଶୋକାତୁର ପରିବାରକୁ ସହାନୁଭୂତି ଦେବା ପରିବର୍ତ୍ତେ ଲୁଟିବାକ ଛାଡ଼ି ନାହାନ୍ତି ଦୁର୍ନୀତିଗ୍ରସ୍ତ ତଥା ଭ୍ରଷ୍ଟ ଅଧିକାରୀ । ମୃତଦେହ ପାଇଁ ବି ଲାଞ୍ଚ ନେବାକୁ ପଛାଇ ନାହାନ୍ତି । ମୃତଦେହକୁ ହସ୍ପିଟାଲରୁ ଘରକୁ ନେବାଠାରୁ ମୃତ୍ୟୁ ପ୍ରମାଣପତ୍ର ପାଇବା ପର୍ଯ୍ୟନ୍ତ ସବୁଠି ଲାଞ୍ଚ ଦେବାକୁ ପଡିଛି । ଆମ୍ବୁଲାନ୍ସ ଡ୍ରାଇଭର, ପୌରପାଳିକା ଏମିତିକି ପୁଲିସ ଅଧିକାରୀ ବି ଦୁଃଖରେ ମ୍ରିୟମାଣ ବାପାଠାରୁ ଲାଞ୍ଚ ନେବାକୁ ପଛଘୁଞ୍ଚା ଦେଇ ନ ଥିଲେ । ମାନବିକତାକୁ ମାରି ମୃତଦେହ ସହ ମୂଲଚାଲ କରୁଥିଲେ । ଏଭଳି ହୃଦୟ ବିଦାରକ ଘଟଣା ବେଙ୍ଗାଲୁରୁରୁ ସାମ୍ନାକୁ ଆସିଛି । କୌଣସି ସାଧାରଣ ନାଗରିକ ନୁହେଁ, ବରଂ ଭାରତ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ (ବିପିସିଏଲ)ର ପୂର୍ବତନ ମୁଖ୍ୟ ଆର୍ଥିକ ଅଧିକାରୀ (ସିଏଫଓ)ଙ୍କ ସହ ଏଭଳି ଘଟିଛି । ବେଙ୍ଗାଲୁରରେ ରହୁଥିବା ଏହି ଅଧିକାରୀଙ୍କ ଝିଅର ମୃତ୍ୟୁ ପରେ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ପାଇଁ ତାଙ୍କୁ ଲାଞ୍ଚ ଦେବାକୁ ବାଧ କରାଯାଇଥିଲା । ସେ ଏକ ପୋଷ୍ଟ ମାଧ୍ୟମରେ ଏହି ହୃଦୟ ବିଦାରକ ଘଟଣା ବିଷୟରେ ସାମାଜିକ ଗଣମାଧ୍ୟମରେ ସୂଚନା ଦେଇଛନ୍ତି । ଯାହା ଖୁବ ଭାଇରାଲ ହେବାରେ ଲାଗିଛି । ସ୍ୱାଧୀନତାର ଏତେ ବର୍ଷ ପରେ ବି ସ୍ଥିତି ନ ବଦଳିବା ଏବଂ ସରକାର ଦେଉଥିବା ଦୁର୍ନୀତି ବିରୋଧୀ ସ୍ଲୋଗାନର ଅସଲ ଚିତ୍ରକୁ ଏହା ପଦାରେ ପକାଇ ଦେଇଛି ।

ଗତ ୧୮ ତାରିଖରେ ବ୍ରେନ ଷ୍ଟ୍ରୋକ୍‌ରେ ଶିବକୁମାରଙ୍କ ଝିଅ ଅକ୍ଷୟା (୩୪)ଙ୍କ ମୃତ୍ୟୁ ହୋଇଥିଲା । ଆଇଆଇଏମ ଅହମଦାବାଦରୁ କମ୍ପ୍ୟୁଟର ସାଇନ୍ସରେ ବିଟେକ ଏବଂ ଏମବିଏ କରିଥିବା ଅକ୍ଷୟା ୧୧ ବର୍ଷ ହେଲା ଗୋଲ୍ଡମ୍ୟାନ ସ୍ୟାଚରେ କାମ କରୁଥିଲେ । ମୃତ୍ୟୁ ପରେ ଝିଅର ମୃତଦେହ ନେବା ପାଇଁ ଆମ୍ବୁଲାନ୍ସ ଡ୍ରାଇଭର, ଏତଲାର ନକଲ ଏବଂ ବ୍ୟବଚ୍ଛେଦ ରିପୋର୍ଟ ଦେବାକୁ ପୁଲିସ, ମୃତ୍ୟୁ ପ୍ରମାଣପତ୍ର ପାଇଁ ବୃହତ ବେଙ୍ଗାଲୁରୁ ମହାଗନର ପାଳିକା (ବିବିଏମପି)ର ଅଧିକାରୀ ମାନେ ପୀଡ଼ିତାଙ୍କ ବାପାକୁ ଖୋଲାଖୋଲି ଭାବେ ଲାଞ୍ଚ ମାଗିଥିଲେ । କେଉଁ ଭଳି ଭାବେ ଥାନାରେ ତାଙ୍କୁ ନଗଦ ଟଙ୍କା ଦେବାକୁ ବାଧ କରାଯାଇଥିଲା ତାହା ମଧ୍ୟ ଶିବକୁମାର ବର୍ଣ୍ଣନା କରିଛନ୍ତି । ଲାଞ୍ଚ ନ ଦେବାରୁ ବ୍ୟବଚ୍ଛେଦ ରିପୋର୍ଟ ଦେବା ପାଇଁ ଚାରି ଦିନ ଲଗାଇ ଦିଆଯାଇଥିଲା । ଝିଅକୁ ହରାଇବାର ଦୁଃଖରେ ମ୍ରିୟମାଣ ଥିବା ବାପା ପ୍ରତି ଏମାନେ ସହାନୁଭୂତି

## କରୁଣ କାହାଣୀ ବର୍ଣ୍ଣନା କଲେ ସିଏଫ୍‌ଓ

## ମୃତଦେହ ପାଇଁ ବି ଦେବାକୁ ପଡ଼ିଲା ଲାଞ୍ଚ

ବି ଦେଖାଇ ନ ଥିଲେ । ପାଖରେ ଟଙ୍କା ଥିବାରୁ ମୁଁ ତ ଦେଇ ଦେଲି ହେଲେ ଗରିବଙ୍କ ସହ ଏମାନେ କ’ଣ କରୁଥିବେ ବୋଲି ଶିବକୁମାର ପ୍ରଶ୍ନ ଉଠାଇଛନ୍ତି ।

ଶିବକୁମାର ଲେଖିଥିଲେ ଯେ କୋରାମଙ୍ଗଳାର ସେଣ୍ଟ ଜନ୍ସ ହସ୍ପିଟାଲରୁ କସଭାନାହାଲି ନେବା ପାଇଁ ଆମ୍ବୁଲାନ୍ସ ଡ୍ରାଇଭର ତାଙ୍କୁ ୩ ହଜାର ଟଙ୍କା ମାଗିଥିଲା । ବେଲାନ୍ଦୁର ଥାନାର ପୁଲିସ ଅଧିକାରୀ ମଧ୍ୟ କୌଣସି କାମରେ ସହାୟତା କରି ନ ଥିଲେ । ପୂର୍ବରୁ ବଡ଼ ଆଘାତ ପାଇଥିବା ବ୍ୟକ୍ତି ପ୍ରତି କୌଣସି ସହାନୁଭୂତି ନ ଦେଖାଇ ପୁଲିସ ଅଧିକାରୀ ରୁକ୍ଷ ବ୍ୟବହାର କରିଥିଲେ । ଖାଲି ଟଙ୍କା ମାଗି ଚାଲିଥିଲେ । ଏହାକୁ ନେଇ ପୁଲିସ ଅଧିକାରୀଙ୍କର ପରିବାର ଅଛି କି ନାହିଁ ବୋଲି ଶିବକୁମାର ପ୍ରଶ୍ନ ପଚାରିଛନ୍ତି । ଏତିକିରେ ତାଙ୍କ ଯନ୍ତ୍ରଣା ଶେଷ ହୋଇ ନ ଥିଲା । ମୃତ୍ୟୁ ପ୍ରମାଣପତ୍ର ପାଇବା ପାଇଁ ବି ତାଙ୍କୁ ନାକେଦମ ହେବାକୁ ପଡ଼ିଥିଲା । ଏଥିପାଇଁ ୫ ଦିନ ପର୍ଯ୍ୟନ୍ତ ବିବିଏମପି ଅଫିସକୁ ତାଙ୍କୁ ଦୌଡିବାକୁ ପଡ଼ିଥିଲା । ଉପରିସ୍ଥ ଅଧିକାରୀଙ୍କୁ ଯୋଗାଯୋଗ ପରେଧାର୍ଯ୍ୟ ମୂଲ୍ୟ ଠାରୁ ଢେର ଅଧିକ ଦେବାରୁ ପ୍ରମାଣପତ୍ର ମିଳିଥିଲା । ଏହି ଘଟଣାକୁ ନେଇ ବଡ଼ ବଡ଼ ବ୍ୟବସାୟୀଙ୍କୁ ଶିବକୁମାର ଆକୁଳ ନିବେଦନ କରିଛନ୍ତି । ନାରାୟଣ ମୂର୍ତ୍ତି, ଅଜିମ ପ୍ରେମଜୀ ଏବଂ ମଜୁମଦାରଙ୍କ ଭଳି ବଡ଼ ବଡ଼ ବ୍ୟବସାୟୀ କୋଟି କୋଟି ଟଙ୍କା ଦେଇ ସହରକୁ ବଞ୍ଚାଇ ପାରିବେ କି ବୋଲି ସେ ପ୍ରଶ୍ନ କରିଛନ୍ତି ।

## ବିଦ୍ୟୁତ୍ ତାର ଲାଗି ଚାଷୀ ମୃତ

ପାଇକମାଳ, ୩୦।୧୦ (ସମିସ): ବିଦ୍ୟୁତ୍ ତାର ଲାଗି ଚାଷୀ ମୃତ। ବରଗଡ଼ ଜିଲ୍ଲା ପାଇକମାଳ ବ୍ଲକ୍ ବୁକୁରାମୁଣ୍ଡା ଗାଁରେ ଗୁରୁବାର ଏପରି ଏକ ଘଟଣା ଘଟିଛି। ମୃତ ଚାଷୀଜଣଙ୍କ ହେଲେ, ରବି ସାହୁ। ଆଜି ବିଲରେ ସେ କୀଟନାଶକ ସିଞ୍ଚନ କରୁଥିବା ବେଳେ ଏହି ଅଘଟଣ ଘଟିଥିଲା। ସାମୁଦ୍ରିକ ବାତ୍ୟା ମୋନ୍ଥାର ପ୍ରଭାବରେ ବିଲରେ ବିଦ୍ୟୁତ୍ ତାର ଛିଣ୍ଡି ପଡ଼ିଥିଲା।



### ପବନରେ ଛିଣ୍ଡି ପଡ଼ିଥିଲା ତାର

ଅଜାଣତରେ ଏହି ତାର ସଂସ୍ପର୍ଶରେ ଆସିବାରୁ ଘଟଣାସ୍ଥଳରେ ରବିଙ୍କର ମୃତ୍ୟୁ ଘଟିଥିଲା। ଅଭାବ ଅନଟନ ମଧ୍ୟରେ ଚଳୁଥିବା ଅଭାବୀ ଚାଷୀ ପରିବାରର ସେ ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ତାଙ୍କର ଅକାଳ ମୃତ୍ୟୁ ତାଙ୍କ ପରିବାରକୁ ଅନିଶ୍ଚିତତା ମଧ୍ୟକୁ ଠେଲି ଦେଇଛି। ରବିଙ୍କ ପରେ ପିଲାଙ୍କ ପ୍ରତିପୋଷଣ କିଏ କରିବ, କିପରି ତେଲ ଲୁଣର ସଂସାର ଚାଲିବ, ସେଇ ଚିନ୍ତାରେ ତାଙ୍କ ସ୍ତ୍ରୀ ଏବେ ଭାଙ୍ଗି ପଡ଼ିଛନ୍ତି। ବୁକୁରାମୁଣ୍ଡା ପଞ୍ଚାୟତ ସରପଞ୍ଚ ଅନିତା ଭୋଇ ତାଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହ ତୁରନ୍ତ ମୃତକଙ୍କ ପରିବାରକୁ ବିଦ୍ୟୁତ୍ ବିଭାଗ ଓ ରାଜ୍ୟ ସରକାର ଆର୍ଥିକ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି କରିଛନ୍ତି।

## ପଞ୍ଚୁକ ସହ ଆସିବ ଶୀତ

ଭୁବନେଶ୍ୱର, ୩୦।୧୦ (ସମିସ): ବର୍ଷା ପରେ ପରେ ରାଜ୍ୟକୁ ଆସୁଛି ଶୀତ। ଦିନକ ପରେ ପଞ୍ଚୁକ ଆରମ୍ଭ ହେଉଛି। ପଞ୍ଚୁକ ସାଙ୍ଗକୁ ରାଜ୍ୟକୁ ପହିଲି ଶୀତ ଆସିବାକୁ ଯାଉଛି। ବର୍ତ୍ତମାନ ଉତ୍ତର-ପଶ୍ଚିମ ଦିଗରୁ ଶୁଷ୍କବାୟୁ ପ୍ରବାହ ଆରମ୍ଭ ହୋଇଥିବା ବେଳେ ଆଗକୁ ଏକ ଗୁରୁଚାପବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ଥଣ୍ଡା ବାୟୁର ପ୍ରବାହ ବୃଦ୍ଧି ପାଇବା ସହ ଶୀତ ବଢ଼ିବା ନେଇ ଆକଳନ କରାଯାଇଛି। ପାଣିପାଗ ବିଶେଷଜ୍ଞ ପ୍ରଫେସର୍ ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ରାଜ୍ୟକୁ ବର୍ତ୍ତମାନ ଉତ୍ତରା ପବନ ବହିବା ଆରମ୍ଭ ହୋଇଛି। ମେଘୁଆ ପାଗ ମଧ୍ୟ କ୍ରମଶଃ ପଳାଇଯିବ। ଫଳରେ ରାଜ୍ୟରେ ପହିଲି ଶୀତ ହେବ। ୩୧ ତାରିଖ ରାତିରୁ କନ୍ଧମାଳ (ବାଲିଗୁଡ଼ା, ଫୁଲବାଣୀ) ଓ ଗଜପତି (ଗଜାପୁର, ମୋହନା) ସର୍ବନିମ୍ନ ତାପମାତ୍ରା ୨୦ ଡିଗ୍ରୀରୁ କମିପାରେ। ନଭେମ୍ବର ୨ ତାରିଖ ରାତିରୁ ସାରା ରାଜ୍ୟରେ ତାପମାତ୍ରା ୫ ମଧ୍ୟରେ ୩-୪ ଡିଗ୍ରୀ କମିବ। ଝାରସୁଗୁଡ଼ା, ରାଉରକେଲା, ପାଲଲହଡ଼ା, ବାଦାମପାହାଡ଼, ବହଳଦାରେ ସର୍ବନିମ୍ନ ତାପମାତ୍ରା ୧୫ରୁ ୧୭ ଡିଗ୍ରିକୁ ଖସିବ। ସେହିପରି ବାଲିଗୁଡ଼ା, ଦାରିଙ୍ଗବାଡ଼ି, ଗଜାପୁର, ମୋହନାରେ ୧୭-୧୮ ଡିଗ୍ରି ରହିପାରେ। ଏହା ଉତ୍ତର ଭାରତର ଦିଲ୍ଲୀ-ଚଣ୍ଡିଗଡ଼-ଲୁଧିଆନାର ତାପମାତ୍ରା ସହିତ ସମାନ ହୋଇପାରେ। ଭୁବନେଶ୍ୱରରେ ତାପମାତ୍ରା ୫ ସୁଦ୍ଧା ୨୦ ଡିଗ୍ରୀ ତଳକୁ ଖସିବାର ସମ୍ଭାବନା ରହିଛି ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

## କାନ୍ଥ ଭୁଶୁଡ଼ି ମହିଳାଙ୍କ ମୃତ୍ୟୁ

କପ୍ତିପଦା, ୩୦।୧୦(ସମିସ): ଲଗାଣ ବର୍ଷାରେ କାନ୍ଥ ଭୁଶୁଡ଼ି ବୃଦ୍ଧା ମୃତ। ଏଭଳି ଏକ ଘଟଣା ଘଟିଛି କପ୍ତିପଦା ଥାନା ରେକର୍ଡଡୁଆ ଗ୍ରାମରେ। ମୃତ ବୃଦ୍ଧଜଣଙ୍କ ହେଲେ, ଗ୍ରାମର ବାସନ୍ତୀ କିସ୍କୁ। ବୁଧବାର ସେ ଘରେ ଏକୁଟିଆ ଥିଲେ। ଅପରାହ୍ଣରେ ସେ ଘର ବାରଣ୍ଡାରେ ଶୋଇଥିଲେ। ଏହି ସମୟରେ ଜୋରରେ ପବନ ସହ ପ୍ରବଳ ବର୍ଷା ହୋଇଥିଲା। ଫଳରେ ଘରର ଆଜବେଷ୍ଟସ ଏବଂ କାନ୍ଥ ଦବି ଯାଇଥିଲା। ଶବ୍ଦ ଶୁଣି ବାସନ୍ତୀ ଉଠି ବାହାରିବାକୁ ଯିବାକୁ ଚେଷ୍ଟା କରୁଥିବା ବେଳେ ତାଙ୍କ ଉପରେ କାନ୍ଥ ପଡ଼ି ଯାଇଥିଲା ଏବଂ ସେ ଚାପି ହୋଇ ରହିଯାଇଥିଲେ। କିଛି ସମୟ ପରେ ପରିବାରଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଉଦଳା ମେଡିକାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ସବୁ ନୂଆ ରାସ୍ତାକଡ଼ରେ ବୃକ୍ଷରୋପଣ

■ ବ୍ୟୟ ହେବ ନିର୍ମାଣ ଖର୍ଚ୍ଚର ୧ ପ୍ରତିଶତ ଅର୍ଥ

ଭୁବନେଶ୍ୱର,୩୦।୧୦(ସମିସ): ଦ୍ରୁତ ସହରୀକରଣ ଓ ଜଙ୍ଗଲ ହ୍ରାସ ଯୋଗୁଁ ଏହାର କୁପ୍ରଭାବ ଜୀବଜଗତ ଉପରେ ପରିଲକ୍ଷିତ ହେଉଛି। ତେଣୁ ଏହି ସମସ୍ୟାର ମୁକାବିଲା କରିବା ଏବଂ ଓଡ଼ିଶାକୁ ପରିବେଶ ଅନୁକୂଳ ରାଜ୍ୟ ଭାବେ ଗଢ଼ିତୋଳିବାକୁ ରାଜ୍ୟ ସରକାର ଏଣିକି ସବୁ ନୂତନ ରାସ୍ତାର ଉଭୟ ପାର୍ଶ୍ୱରେ ବୃକ୍ଷରୋପଣ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି କ୍ରମରେ ସାରା ରାଜ୍ୟରେ ପୂର୍ତ୍ତ ବିଭାଗ ଅଧୀନରେ ନୂଆକରି ନିର୍ମାଣ ହେବାକୁ ଥିବା ପ୍ରତ୍ୟେକ ରାଜପଥ, ଜିଲ୍ଲା ମୁଖ୍ୟ ସଡ଼କ, ଅନ୍ୟାନ୍ୟ ସମସ୍ତ ସଡ଼କ ନିର୍ମାଣ ସମୟରେ ବୃକ୍ଷରୋପଣକୁ ବାଧ୍ୟତାମୂଳକ କରାଯିବା ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ଏଥିନେଇ ବିଭାଗ ପକ୍ଷରୁ ନିର୍ମାଣ ହେବାକୁ ଥିବା ରାସ୍ତାର ଉଭୟ ପାର୍ଶ୍ୱ ଏବଂ ଡିଭାଇଡର ମଝିରେ ଥିବା ଖାଲିସ୍ଥାନରେ ବ୍ୟାପକ ବୃକ୍ଷରୋପଣ କରାଯିବା ନେଇ ଇଆଇସି (ସିଭିଲ୍ ତଥା ରୋଡସ୍), ଇଆଇସି (ଏନ୍‌ଏଚ୍), ଏମ୍ଡି, ଓବିସିସିଙ୍କୁ ଚିଠି ଜରିଆରେ ଅବଗତ କରାଯାଇଛି। ଗ୍ରୀନ୍ କରିଡର ବିକାଶ ଓ ପରିଚାଳନା ଲକ୍ଷ୍ୟ ନେଇ ସବୁ ରାସ୍ତାକଡ଼ରେ ବୃକ୍ଷ ରୋପଣ କରାଯିବ। ଏହି କ୍ରମରେ ରାସ୍ତା ନିର୍ମାଣ ସମୟରେ ନିର୍ମାଣ ବ୍ୟୟର ଅତିରିକ୍ତ ୧ ପ୍ରତିଶତ ଅର୍ଥରାଶି ବୃକ୍ଷରୋପଣ ଏବଂ ରକ୍ଷଣାବେକ୍ଷଣ ବାବଦରେ ଖର୍ଚ୍ଚ କରିବା ନେଇ ମାର୍ଗଦର୍ଶିକା ଜାରି କରାଯାଇଛି। ଏହାଦ୍ୱାରା ଅଙ୍ଗାରକାମ୍ଳ ଅବଶୋଷଣ ଓ ଅମ୍ଳଜାନ ସ୍ତର ବୃଦ୍ଧି ସହ ବାୟୁ ପ୍ରଦୂଷଣକୁ କମ୍ କରିହେବ। ଏହି ବୃକ୍ଷରୋପଣ ଶବ୍ଦ ପ୍ରଦୂଷଣକୁ କମ୍ କରିବା ସହ ମୃତ୍ତିକା କ୍ଷୟକୁ ରୋକିବା ଏବଂ ବାୟୁର ମାନକ ବୃଦ୍ଧି କରିବା ସହ ଖରାଦିନେ ଆଖପାଖ ଅଞ୍ଚଳରେ ଶୀତଳତା ସୃଷ୍ଟି କରିବାରେ ସହାୟକ ହେବ ବୋଲି ସରକାର ବିଚାର କରିଛନ୍ତି।

# ବଞ୍ଚି ଉଠିଲେ ହତ୍ୟାକାଣ୍ଡର ମୃତ ମହିଳା!

ବୌଦ୍ଧ, ୩୦।୧୦ (ସମିସ): ନାଡ଼ି ପରଖିବା ଦୂରେ ଥାଉ, ପାଖକୁ ବି ଗଲାନି ପୁଲିସ। ମହିଳାଙ୍କ ମୃତ୍ୟୁ ହୋଇଯାଇଥିବା ଭାବି କନଷ୍ଟେବଲଙ୍କୁ ରାତିସାରା ଜଗାଇ ସେଠାରୁ ପଳାଇଲା। ଫଳରେ କାଠଗଦା ଭିତରେ ସେମିତି ରାତିସାରା (୧୨ଘଣ୍ଟାରୁ ଊର୍ଦ୍ଧ୍ୱ) ନିଶ୍ଚଳ ଅବସ୍ଥାରେ ପଡ଼ି ରହିଲେ ମହିଳା। କିନ୍ତୁ ଆଜି ସାଇଣ୍ଟିଫିକ୍ ଟିମ୍ ଆସି ଯାଞ୍ଚ କରି ମହିଳାଜଣଙ୍କ ଜୀବିତ ଥିବା କହିବା ପରେ ସମସ୍ତଙ୍କ ଅକଲଗୁଡ୍ଡୁମ୍ ହୋଇଯାଇଥିଲା। ବୌଦ୍ଧ ଥାନା ଗିରାସିଙ୍ଗା ଗ୍ରାମରେ ଘଟିଥିବା ଏଭଳି ଏକ ଅଜବ ଘଟଣା ଆଜି ଜିଲ୍ଲାବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଥିବା ବେଳେ ପୁଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଉକ୍ତ ମହିଳାଜଣଙ୍କ ହେଲେ, ଗ୍ରାମର ଶ୍ରୀକାନ୍ତ ନାଏକଙ୍କ ପତ୍ନୀ ଲକ୍ଷ୍ମୀପ୍ରିୟା ନାଏକ। ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଖବର ଲେଖା ହେବା ବେଳକୁ ସେ ବିପଦମୁକ୍ତ ଥିବା ଡାକ୍ତର କହିଛନ୍ତି।

ସୂଚନାନୁଯାୟୀ, ଲକ୍ଷ୍ମୀପ୍ରିୟା ନିଖୋଜ ଥିବା ନେଇ ବୁଧବାର ସନ୍ଧ୍ୟାରେ ତାଙ୍କ ସ୍ୱାମୀ ଶ୍ରୀକାନ୍ତ ବୌଦ୍ଧ ଥାନାରେ ଅଭିଯୋଗ କରିଥିଲେ। ତେବେ ଏହାକୁ ନେଇ ଲକ୍ଷ୍ମୀପ୍ରିୟାଙ୍କ ବାପଘରଲୋକଙ୍କ ସନ୍ଦେହ ହୋଇଥିଲା। ଶ୍ରୀକାନ୍ତ ତାଙ୍କ ଝିଅକୁ ହତ୍ୟା କରି ନିଖୋଜ ନାଟକ ରଚୁଥିବା ନେଇ ଥାନାରେ ଆଉ ଏକ ଅଭିଯୋଗ ଦେଇଥିଲେ। ଅଭିଯୋଗ ଆଧାରରେ ପୁଲିସ ଶ୍ରୀକାନ୍ତଙ୍କ ଅଟକ ରଖି ରାତି ପ୍ରାୟ ୮ଟରେ ଗିରାସିଙ୍ଗା ଗ୍ରାମକୁ ତଦନ୍ତ କରିବାକୁ ଯାଇଥିଲା। ସେଠାରେ ଏକ କାଠଗଦା ମଧ୍ୟରେ ଲକ୍ଷ୍ମୀପ୍ରିୟାଙ୍କ ନିଶ୍ଚଳ ଅବସ୍ଥାରେ ପଡ଼ିଥିବା ଦେଖି ତାଙ୍କୁ ମୃତ ବୋଲି ଭାବି ନେଇଥିଲା। ଶ୍ରୀକାନ୍ତ ତାଙ୍କୁ ହତ୍ୟା କରିବା



ପରେ ଏଠାରେ ଲୁଚାଇ ରଖିଥିବା ସନ୍ଦେହ କରିଥିଲା। ତେଣୁ, ସେଠାରେ କିଛି ପୁଲିସ କର୍ମଚାରୀଙ୍କୁ ମୁତୟନ କରି ଚାଲିଆସିଥିଲା। ଗୁରୁବାର ସକାଳେ ସାଇଣ୍ଟିଫିକ ଟିମ ତଦନ୍ତ ପାଇଁ ପହଞ୍ଚି ମହିଳାଙ୍କ ଦେହ ଉପରେ ଲଦାଯାଇଥିବା କାଠ ଓ ଡାଳ ବାହାର କରିବା ପରେ ମହିଳାଜଣଙ୍କ ବଞ୍ଚିଥିବା ଜାଣିବାକୁ ପାଇଥିଲା। ପରେ ପୁଲିସ ତୁରନ୍ତ ମହିଳାଙ୍କୁ ଡାକ୍ତରଖାନା ଆଣିଥିଲା। ମହିଳାଜଣଙ୍କ ଏବେ ବିପଦମୁକ୍ତ ଥିବା ଜଣାଯାଇଛି।

ଅପରପକ୍ଷେ, ଏହି ଘଟଣାକୁ ନେଇ କାର୍ଯ୍ୟଦକ୍ଷତା ଉପରେ ଅଞ୍ଚଳବାସୀ ପ୍ରଶ୍ନ ଉଠାଇଛନ୍ତି। ବିଳମ୍ବିତ ରାତି ପର୍ଯ୍ୟନ୍ତ ବିଭିନ୍ନ ପୁଲିସ ଅଧିକାରୀ ଘଟଣାସ୍ଥଳ ପରିଦର୍ଶନ କରିଥିଲେ ହେଁ ଲକ୍ଷ୍ମୀପ୍ରିୟା ଜୀବିତ ଥିବା ନେଇ କିପରି ଜାଣିପାରିଲେ

■ ୧୨ଘଣ୍ଟା କାଠଗଦା ଭିତରେ ଚାପି ହୋଇ ରହିଲେ
■ ମୃତ ଭାବି ରାତିରେ ଉଦ୍ଧାର କଲାନି ପୁଲିସ
■ ପୁଲିସର ତଦନ୍ତ ପ୍ରକ୍ରିୟା ଉପରେ ଉଠିଲା ପ୍ରଶ୍ନ

ନାହିଁ। କେଉଁ ଆଧାରରେ ମୃତ ବୋଲି ଭାବି ତାଙ୍କୁ କାଠଗଦାରୁ ଉଦ୍ଧାର କଲେ ନାହିଁ? ଯଦି ଏପରି ଅବସ୍ଥାରେ ମହିଳାଙ୍କ ମୃତ୍ୟୁ ହୋଇଥା'ନ୍ତା, ତେବେ କିଏ ଦାୟୀ ହୋଇଥା'ନ୍ତା, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

**ଦଳୀୟ କାର୍ଯ୍ୟାଳୟରେ ପୁଲିସ ପଶିବାକୁ ନେଇ ବର୍ଷିଲା କଂଗ୍ରେସ**

## ଭୋଟରଙ୍କୁ ଡରାଇବାକୁ ଅପଚେଷ୍ଟା କରୁଛି ବିଜେପି

ଭୁବନେଶ୍ୱର,୩୦।୧୦(ସମିସ): ନୂଆପଡ଼ା ଉପନିର୍ବାଚନ ପରିପେକ୍ଷୀରେ ସମସ୍ତ ରାଜନୈତିକ ଦଳ ସମସ୍ତ ଶକ୍ତି ବିନିଯୋଗ କରି ପ୍ରଚାର ପ୍ରସାର କରୁଛନ୍ତି ଏବଂ ନିଜ ବିଜୟକୁ ନେଇ ଆଶାବାଦୀ ଅଛନ୍ତି। ଘାସିରାମ ମାଝୀ ମାଟିର ପୁଅ ତାଙ୍କ ପ୍ରତି ଜନତାଙ୍କ ସମ୍ପୂର୍ଣ୍ଣ ସମର୍ଥନ ଦେଖି ବିଜେପି ପାଇଁ ମୁଣ୍ଡବ୍ୟଥା ବଢ଼ିଯାଇଛି। ଏଥିପାଇଁ ବିଜେପି ସରକାର କଂଗ୍ରେସ କାର୍ଯ୍ୟାଳୟରେ ପୁଲିସ ଦ୍ୱାରା ରେଡ୍ କରି ଲୋକଙ୍କୁ ଭୟଭୀତ କରାଇବାକୁ ଅପଚେଷ୍ଟା କରୁଛି ବୋଲି କଂଗ୍ରେସ ଅଭିଯୋଗ କରିଛି। ଦଳ ପକ୍ଷରୁ ଗୁରୁବାର କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ବିଧାୟକ ତଥା ପିସିସିର ବରିଷ୍ଠ ଉପସଭାପତି ଡଃ ଲଲାଟେନ୍ଦୁ ମହାପାତ୍ର କହିଛନ୍ତି ଯେ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି କନୱର ବିଶାଳ ସିଂହଙ୍କୁ ଛୁଟିରେ ପଠାଯାଇ ତାଙ୍କ ସ୍ଥାନରେ ଆଇଜି ହିମାଂଶୁ ଲାଲଙ୍କୁ ଦାୟିତ୍ୱରେ ରଖାଯାଇଛି। ଯାହାକି ନିର୍ବାଚନ ଆଚରଣ ବିଧିକୁ ଉଲଂଘନ କରିଛି। ଏହା ପୁଣି ଭୋଟ ଗ୍ରହଣ ଶେଷଦିନ ପର୍ଯ୍ୟନ୍ତ ହୋଇଥିବାରୁ କଂଗ୍ରେସ ଏହି ଘଟଣାକୁ ନେଇ ପ୍ରଶ୍ନ ଉଠାଇଛି। କଂଗ୍ରେସ ଅଫିସରେ ପୁଲିସ ପଶିବା ଘଟଣାକୁ ନିନ୍ଦା କରିବା ସହ ଗତ ଅକ୍ଟୋବର ୧୬/୧୭ ତାରିଖରେ ପୁଲିସ ୯୦ ଲକ୍ଷ ଟଙ୍କା ଜବତ କରିବା ପରେ ମଧ୍ୟ କାହିଁକି ଏବଂ ଏହା କାହାର ଟଙ୍କା ଆଜି ଯାଏ ପୁଲିସ କିମ୍ବା ଇଡି ପ୍ରକାଶ କରି ପାରିନାହିଁ ତାକୁ ନେଇ ପ୍ରଶ୍ନ କରିଛି। ଏହି ଟଙ୍କା ଜଣେ ବିଜେପି ସାଂସଦଙ୍କ ଘନିଷ୍ଠ ସହଯୋଗୀଙ୍କର ବୋଲି କଂଗ୍ରେସ କହିବା ସହ ସେଥିପାଇଁ ପୁଲିସ ଚୁପ୍ ବସିଥିବା



କହିଛି। କଂଗ୍ରେସ ଲୋକପ୍ରିୟତାରେ ଆଗେଇ ଯାଇଛି, କଂଗ୍ରେସ ପ୍ରାର୍ଥୀଙ୍କୁ ଅକୁଣ୍ଠ ଜନସମର୍ଥନ ମିଳୁଛି। ଏହା ଦେଖି ବିଜେପି ଛାନିଆ ହୋଇ ପୁଲିସ ବାହିନୀ ଏବଂ ପ୍ରଶାସନକୁ ଉପଯୋଗ କରି ନିର୍ବାଚନ ଲଢ଼ିବାକୁ ଯୋଜନା କରୁଛି ବୋଲି କଂଗ୍ରେସ କହିଛି।

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଏହି ନିର୍ବାଚନକୁ କିଭଳି ଅବାଧ, ନିରପେକ୍ଷ ଏବଂ ସୁଚାରୁରୂପେ ସମ୍ପାଦନ କରିବେ ଏହା ତାଙ୍କ ଦାୟିତ୍ୱ। ଭୟଭୀତ ହୋଇ ଉପନିର୍ବାଚନ ପାଇଁ ବିଜେପି ଗଣ୍ଡା ଗଣ୍ଡା ମନ୍ତ୍ରୀ ବିଧାୟକ ଏପରିକି ପରାଜିତ ପ୍ରାର୍ଥୀ ଆଦିଙ୍କୁ ନିର୍ବାଚନ ପ୍ରଚାରରେ ନିୟୋଜିତ କରିଛି। ନିର୍ବାଚନ ସମୟରେ ବିଜେପିର ନେତା ମନ୍ତ୍ରୀ ମୁଖ୍ୟମନ୍ତ୍ରୀ ଆସି ୧୧୦୦ କୋଟି ଟଙ୍କାର ପ୍ୟାକେଜ ଘୋଷଣା କରିଛନ୍ତି। ତେବେ ଗତ ୧୬ ମାସ ଧରି ନୂଆପଡାକୁ ଅଣଦେଖା କାହିଁକି କରୁଥିଲେ ବୋଲି କଂଗ୍ରେସ ପ୍ରଶ୍ନ କରିଛି। ମୁଖ୍ୟମନ୍ତ୍ରୀ 'ନୂଆପଡାର ଦାୟିତ୍ୱ ମୁଁ ନେବି' ବୋଲି ଅବାନ୍ତର କଥା କହୁଛନ୍ତି' ଏହାର ଅର୍ଥ କଣ ଓଡ଼ିଶାର ବାକି ଜିଲ୍ଲା ପ୍ରତି ମୁଖ୍ୟମନ୍ତ୍ରୀଙ୍କର ଦାୟିତ୍ୱ ନାହିଁ ବୋଲି କଂଗ୍ରେସ ପ୍ରଶ୍ନ କରିଛି।

## ଓଡ଼ିଶାରେ ନିର୍ମାଣ ହେବ ୯୨ଟି ରେଳ ଓଭରବ୍ରିଜ୍

ଭୁବନେଶ୍ୱର,୩୦।୧୦(ସମିସ): ଓଡ଼ିଶାରେ ୯୨ଟି ରେଳ ଓଭରବ୍ରିଜ୍‌ର ନିର୍ମାଣ ପାଇଁ ସମ୍ପୂର୍ଣ୍ଣ ଖର୍ଚ୍ଚ କେନ୍ଦ୍ର ସରକାର ବହନ କରିବେ। ଏଥିପାଇଁ କେନ୍ଦ୍ର ରେଳ ମନ୍ତ୍ରାଳୟ ଆବଶ୍ୟକ ଅନୁମୋଦନ କରିଛନ୍ତି।

ସୂଚନାଯୋଗ୍ୟ ଯେ ପୂର୍ବରୁ ଉଭୟ ରେଳ ମନ୍ତ୍ରାଳୟ ଓ ରାଜ୍ୟ ସରକାର ଏହି ରେଳ ଓଭରବ୍ରିଜ୍ ଗୁଡ଼ିକୁ ୫୦-୫୦ ଅନୁପାତରେ ଏଥିପାଇଁ ଖର୍ଚ୍ଚ କରିବେ ବୋଲି ସ୍ଥିର ହୋଇଥିଲା। ତେବେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ଖର୍ଚ୍ଚ ସମ୍ପୂର୍ଣ୍ଣ ଭାବେ ରେଳ ମନ୍ତ୍ରାଳୟ ବହନ କରିବାକୁ ଅନୁରୋଧ

■ ସମ୍ପୂର୍ଣ୍ଣ ଖର୍ଚ୍ଚ ବହନ କରିବ ରେଳ ବିଭାଗ
■ ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ରେଳମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ମୁଖ୍ୟମନ୍ତ୍ରୀ

କରାଯାଇଥିଲା। ରାଜ୍ୟ ସରକାରଙ୍କ ଅନୁରୋଧ ରକ୍ଷା କରି କେନ୍ଦ୍ର ରେଳ ମନ୍ତ୍ରାଳୟ ରାଜ୍ୟର ବିଭିନ୍ନ ସ୍ଥାନରେ ନିର୍ମାଣ ହେବାକୁ ଥିବା ୯୨ଟି ରେଳ ଓଭର ବ୍ରିଜ୍‌ର ସମ୍ପୂର୍ଣ୍ଣ ନିର୍ମାଣ ଖର୍ଚ୍ଚ ବହନ କରିବେ ବୋଲି ପତ୍ର ମାଧ୍ୟମରେ ଜଣାଇଛନ୍ତି। ଓଡ଼ିଶାର ଭିତ୍ତିଭୂମି ବିକାଶ ପ୍ରତି କେନ୍ଦ୍ର ସରକାରଙ୍କ ଏହି ସହୃଦୟତାପୂର୍ଣ୍ଣ ପଦକ୍ଷେପ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଓଡ଼ିଶାବାସୀଙ୍କ ପକ୍ଷରୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ସବୁ ସମୟରେ ଓଡ଼ିଶାର ବିକାଶ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେଇ ଆସିଛନ୍ତି। ରେଳପଥ, ସଡକ ପଥ, ବନ୍ଦର ଓ ବିମାନ ଭିତ୍ତିଭୂମି ସହିତ ଓଡ଼ିଶାରେ ଶିଳ୍ପର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ଓ?ଶାକୁ ସର୍ବାଧିକ ଗୁରୁତ୍ୱ ଦେଇ ଆସିଛନ୍ତି। ଓଡ଼ିଶାବାସୀଙ୍କ ପ୍ରତି ପ୍ରଧାନମନ୍ତ୍ରୀଙ୍କ ଏହି ଶ୍ରଦ୍ଧା ଓଡ଼ିଶାର ବିକାଶକୁ ତ୍ୱରାନ୍ୱିତ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଦିବ୍ୟାଙ୍ଗ କଲେଜ ଛାତ୍ରଛାତ୍ରୀଙ୍କ ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନିଅ: ହାଇକୋର୍ଟ

କଟକ, ୩୦।୧୦(ସମିସ): କଟକସ୍ଥିତ ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟରେ ୭୭ଜଣ ଦିବ୍ୟାଙ୍ଗ ଛାତ୍ରୀଙ୍କ ପାଇଁ ଆବଶ୍ୟକ ସୁବିଧା ନଥିବା ପ୍ରସଙ୍ଗକୁ ଅଦାଲତ ଗୁରୁତ୍ୱର ସହ ଗ୍ରହଣ କରି ଶୁଣାଣି କରୁଛନ୍ତି। ତେବେ ଶୈଳବାଳା ଭଳି ରାଜ୍ୟର ସମସ୍ତ ମହାବିଦ୍ୟାଳୟରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ରହିଥିବା ସମସ୍ୟାକୁ ସମାଧାନ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ରାଜ୍ୟ ଉଚ୍ଚଶିକ୍ଷା ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ହାଇକୋର୍ଟ। କଟକ ସହର ସମସ୍ୟା ମାମଲାର ଶୁଣାଣି କରିବା ଅବସରରେ ଜଷ୍ଟିସ ସଂଗମ କୁମାର ସାହୁ ଓ ଜଷ୍ଟିସ ଭି.ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ବିଶେଷକରି, ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ଯେପରି ସେମାନଙ୍କ ଅଧିକାରରୁ ବଞ୍ଚିତ କରାନଯିବ, ସେ ନେଇ ଖଣ୍ଡପୀଠ ଗୁରୁତ୍ୱାରୋପ କରିଛନ୍ତି। ସେହିଭଳି କେଉଁ ମହାବିଦ୍ୟାଳୟରେ କେତେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି, ସେ ସଂକ୍ରାନ୍ତରେ ପରବର୍ତ୍ତୀ ଶୁଣାଣି ସମୟରେ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ଅଦାଲତଙ୍କୁ ଅବଗତ କରିବେ।


ଶୈଳବାଳା ମହିଳା ମହାବିଦ୍ୟାଳୟରେ ବାଧାମୁକ୍ତ ଚଳାଚଳ ପାଇଁ ରାମ୍ପ ସହ ଶୌଚାଳୟ ସୁବିଧା, ଲିଫ୍ଟ, ବ୍ରେଲି ପୁସ୍ତକ ଆଦି ନଥିବା ନେଇ ପୂର୍ବରୁ ଆଡଭୋକେଟ କମିଟି ପକ୍ଷରୁ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। କଟକ ଅତିରିକ୍ତ ଜିଲ୍ଲାପାଳଙ୍କ ସହ ଆଡଭୋକେଟ କମିଟି ଶୈଳବାଳା କଲେଜ ପରିଦର୍ଶନ କରି ଆବଶ୍ୟକ ସୁବିଧା ନଥିବା ନେଇ ରିପୋର୍ଟ ଦାଖଲ କରିଥିଲେ। ଆଜି ଉଚ୍ଚ ଶିକ୍ଷା ନିର୍ଦ୍ଦେଶକ କାଳୀପ୍ରସନ୍ନ ମହାପାତ୍ର ଭର୍ଚୁଆଲ ଶୁଣାଣିରେ ଉପସ୍ଥିତ ରହି ଜବାବ ରଖିଥିଲେ। ଉକ୍ତ ରିପୋର୍ଟ ଆଧାରରେ ଉଚ୍ଚଶିକ୍ଷା ନିର୍ଦ୍ଦେଶକ, ଏସଏସଇପିଡି ବିଭାଗ ସଚିବ, ଜିଲ୍ଲା ପ୍ରଶାସନ, କଲେଜ ଅଧ୍ୟକ୍ଷ ଓ ବିଭାଗୀୟ ଯନ୍ତ୍ରୀ ମିଳିତ ବୈଠକ କରିଥିଲେ। ଶୈଳବାଳାରେ ଦିବ୍ୟାଙ୍ଗଙ୍କ ଅନୁକୂଳ ରାମ୍ପ ବ୍ୟବସ୍ଥା, ଲିଫ୍ଟ , ସ୍ୱତନ୍ତ୍ର ଶୌଚାଳୟ ,ଅଧ୍ୟୟନ ପାଇଁ ବ୍ରେଲି ପୁସ୍ତକ ଆଦି ଉପଲବ୍ଧ କରାଯିବା ପାଇଁ ଆବଶ୍ୟକ କାର୍ଯ୍ୟପନ୍ଥା ଗ୍ରହଣ କରାଯାଇଥିବା କୁହାଯାଇଛି। ଆଡଭୋକେଟ କମିଟି ଆସନ୍ତା ଏହି ମହାବିଦ୍ୟାଳୟ ପରିଦର୍ଶନ କରିବା ସହ ଅନ୍ୟ ଶିକ୍ଷାନୁଷ୍ଠାନ ମଧ୍ୟ ପରିଦର୍ଶନ କରି ରିପୋର୍ଟ ଦାଖଲ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି । ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ନଭେମ୍ବର୨୭କୁ ଧାର୍ଯ୍ୟ କରାଯାଇଛି।

**ଦୁଷ୍କର୍ମ ପରେ ମହିଳାଙ୍କୁ ପୋଡ଼ି ମାରିଦେବା ଘଟଣା**

## ଦ୍ୱନ୍ଦ୍ୱ ବଢ଼ାଇଲା ଏସ୍‌ପିଙ୍କ ବିବୃତି

ବଲାଙ୍ଗିର, ୩୦।୧୦(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ଦୁଷ୍କର୍ମ ପରେ ଜାଳି ମାରିଦେବା ଘଟଣା ନୂଆମୋଡ଼ ନେଇଛି। ଦୁଷ୍କର୍ମ ଓ ହତ୍ୟା ଅଭିଯୋଗକୁ ଆଜି ବଲାଙ୍ଗିର ଏସ୍‌ପି ଅଭିଲାଷ ଜି. ଖଣ୍ଡନ କରିବା ପରେ ଏହି ମାମଲାକୁ ନେଇ ସାଧାରଣରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି କହିଛନ୍ତି ଯେ ମହିଳାଙ୍କ ସହ ଦୁଷ୍କର୍ମ କରାଯାଇନାହିଁ କିମ୍ବା କେହି ତାଙ୍କୁ ହତ୍ୟା ମଧ୍ୟ କରିନାହାନ୍ତି। କୌଣସି ସ୍ୱାସ୍ଥ୍ୟଗତ କାରଣରୁ ମୃତ୍ୟୁ ହୋଇଛି ବୋଲି ସେ କହିଛନ୍ତି। ତେବେ ବିଲ ଭିତରକୁ ମହିଳାଙ୍କ ଅର୍ଦ୍ଧନଗ୍ନ ଶବ ଆସିଲା କେମିତି, କିଏ ତାଙ୍କ ଶାଢ଼ି ଖୋଲିଲା, ତାଙ୍କ ମୁହଁ କଳା ପଡ଼ିଲା କେମିତି, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିପରି, ୬ ଦିନ ଧରି ମହିଳାଙ୍କ ଶବ ପଡ଼ି ରହିଥିଲେ ହେଁ କାହାର ନଜରକୁ କିପରି ଆସିଲା ନାହିଁ, ସେ ନେଇ ମଧ୍ୟ ସନ୍ଦେହ ସୃଷ୍ଟି ହୋଇଛି। ଅପରପକ୍ଷେ, ପୁଲିସକୁ ଆଜି ମୃତ ମହିଳାଙ୍କ ପରିଚୟ ମିଳିଛି। ସେ ହେଲେ, ପାଟଣାଗଡ଼ ଅଞ୍ଚଳର କୁନ୍ତୀ ଧରୁଆ (୨୯)।

ପୁଲିସ କହିବା ଅନୁସାରେ, କୁନ୍ତୀ ୨୦୨୦ ମସିହାରୁ ମାନସିକ ରୋଗରେ ପୀଡ଼ିତ ଥିଲେ। ସେ ପୂର୍ବରୁ ମଧ୍ୟ ଘରୁ ଏକାଧିକବାର କୁଆଡ଼େ ଚାଲିଯିବାର ନଜିର ରହିଛି। ଏହି କାରଣରୁ ତାଙ୍କ ସ୍ୱାମୀ ଭଗବାନ ଧରୁଆ ତାଙ୍କୁ ବାପଘରେ ଛାଡ଼ି



ଦେଇଥିଲେ। ଗତ ୫ବର୍ଷ ହେବ ସେ ବାପା ସୁକରାମ ଧରୁଆଙ୍କ ଘରେ ରହୁଥିଲେ। ଗତ ୨୩ ତାରିଖରେ ହଠାତ୍ ସେ କୁଆଡ଼େ ନିଖୋଜ ହୋଇଯାଇଥିଲେ। ତେବେ ଯେଉଁ ଜମିରୁ କୁନ୍ତୀଙ୍କ ମୃତଦେହ ଉଦ୍ଧାର ହୋଇଛି, ତାହା ତାଙ୍କ ବାପଘରଠାରୁ ୬ କିମି ଦୂର ହୋଇଥିବା ଶାଶୂଘରଠାରୁ ୮ କିମି ବୋଲି ଜଣାପଡ଼ିଛି। ଏମିତିରେ କୁନ୍ତୀ କେଉଁ ପରିସ୍ଥିତିରେ ଜମି କିଆରିକୁ ଆସିଲେ ଓ କେମିତି ତାଙ୍କର ମୃତ୍ୟୁ ହେଲା, ତାହା ପୁଲିସ ସ୍ପଷ୍ଟ କରିନି।

ବଲାଙ୍ଗିର ଏସ୍‌ପିଙ୍କ କହିବା ଅନୁସାରେ ସେ ନିଖୋଜ ହେବାର ଦିନକ ଭିତରେ ହିଁ ତାଙ୍କର ମୃତ୍ୟୁ ହୋଇଛି ଏବଂ ତାଙ୍କ ମୃତ୍ୟୁ ସ୍ୱାସ୍ଥ୍ୟଗତ କାରଣରୁ ବୋଲି ସ୍ପଷ୍ଟ କରିଛନ୍ତି। ବ୍ୟବଚ୍ଛେଦ ସମୟରେ ପ୍ରାଥମିକ ପର୍ଯ୍ୟାୟରେ ଡାକ୍ତରଙ୍କ କହିବା ଅନୁସାରେ

■ ଦୁଷ୍କର୍ମ ଓ ହତ୍ୟା ଅଭିଯୋଗକୁ ଖଣ୍ଡନ
■ ମୃତା ମହିଳା ମାନସିକ ରୋଗୀ


ଶରୀର କିମ୍ବା ତାଙ୍କ ଯୌନାଙ୍ଗରେ କୌଣସି କ୍ଷତ ଚିହ୍ନ ନାହିଁ। ଫଳରେ ତାଙ୍କୁ ହତ୍ୟା ଓ ଦୁଷ୍କର୍ମ କରାଯାଇନଥିବା ସେ କହିଛନ୍ତି। ଭିସେରା ପାଇଁ ପଠାଯାଇଛି ଉକ୍ତ ରିପୋର୍ଟ ଆସିବା ପରେ ମୃତ୍ୟୁ କାରଣ ଆହୁରି ସ୍ପଷ୍ଟ ହେବ ଏସ୍‌ପି ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ବୁଧବାର ଦେଓଗାଁ ଥାନା ବନ୍ଧପଡ଼ା ଫାଣ୍ଡି ଅଧୀନ ଗୋଏଲପିଟା ଗାଁ ନିକଟରେ ଥିବା ଏକ ଜମିରୁ ଅଜଣା ମହିଳାଙ୍କ ମୃତଦେହ ଉଦ୍ଧାର ହୋଇଥିଲା।

**ମା' ପ୍ରେମ ଏମିତି...**

## ନବଜାତ ହାତୀ ଶବକୁ ଜଗି ରହିଲା ମା'

ବାରିପଦା, ୩୦।୧୦(ସମିସ): ବାରିପଦା ବନଖଣ୍ଡ ଅନ୍ତର୍ଗତ ବାଙ୍ଗିରିପୋଷି ବନାଞ୍ଚଳରେ ଏକ ନବଜାତ ହାତୀ ଶାବକର ମୃତ୍ୟୁ ଘଟିଛି। ବ୍ରାହ୍ମଣଗାଁ ନିକଟ ସାତଭାୟା ଜଙ୍ଗଲରେ ଶାବକଟି ଜନ୍ମ ହେବାର ଦିନେ ନ ହେଉଣୁ ମୃତ୍ୟୁ ହୋଇଥିବା ଖବର ମିଳିଛି। ତେବେ ଶାବକର ମୃତ୍ୟୁ ପରେ ମା' ହାତୀଟି ମୃତଦେହ ପାଖରେ ଜଗି ରହିଥିଲା।

କିଛି ଦିନ ଧରି ବ୍ରାହ୍ମଣଗାଁ ପଞ୍ଚାୟତର ବିଭିନ୍ନ ସ୍ଥାନରେ ୧୨ ଟିକିଆ ହାତୀପଲ ଚଳପ୍ରଚଳ କରୁଛନ୍ତି। ଶିମିଳିପାଳ ପାଦଦେଶର ସାତଭାୟା ଜଙ୍ଗଲରେ ମାଈହାତୀଟି ବିଲ ମଝିରେ ଏକ ହାତୀ ଶାବକକୁ ଜନ୍ମ ଦେଇଥିଲା। ତେବେ ହାତୀ ଶାବକଟି ଦୁର୍ବଳ ଥିବାରୁ ମା' ହାତୀ ଓ ଅନ୍ୟ ହାତୀ ତା'ର ସୁରକ୍ଷା ପାଇଁ ଜଗି ରହିଥିଲେ। ହେଲେ ଶାବକଟି କିଛି ଘଣ୍ଟା ପରେ ବୁଧବାର ସନ୍ଧ୍ୟାରେ ମୃତ୍ୟୁବରଣ କରିଥିଲା। କିନ୍ତୁ, କାଳେ ଛୁଆ ପୁଣି ଜୀବିତ ହେବ, ସେହି ଆଶା ନେଇ ମା'





ହାତୀ ଦୀର୍ଘ ସମୟ ଧରି ଜଗି ରହିଥିଲା। ଖବର ପାଇ ବନ ବିଭାଗର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। କିନ୍ତୁ ହାତୀ ନିକଟକୁ ଯାଇ ପାରିନଥିଲେ। ଗୁରୁବାର ସକାଳୁ ବନ ବିଭାଗ ମା' ହାତୀକୁ ଦୂରେଇବା ପରେ ଶବ ବ୍ୟବଚ୍ଛେଦ କରାଯାଇଛି। ମୃତଦେହରୁ ନମୁନା ସଂଗ୍ରହ କରାଯାଇ ଯାଞ୍ଚ ନିମନ୍ତେ ଓୟୁଏଟିକୁ ପଠାଯାଇଛି। ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି କର୍ତ୍ତୃପକ୍ଷ କହିଛନ୍ତି। ଶବ ବ୍ୟବଚ୍ଛେଦ କରିବା ପରେ ମୃତଦେହକୁ ପୋତି ଦିଆଯିବ ବୋଲି ବନଖଣ୍ଡ ଅଧିକାରୀଙ୍କ ସୂତ୍ରରୁ ସୂଚନା ମିଳିଛି।

■ ଦାମ୍ପତ୍ୟ ବିବାଦ ମାମଲାରେ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

## ପିଲାଙ୍କୁ ଭେଟିବା ପାଇଁ ପିତାମାତାଙ୍କ ଭଳି ଜେଜେ-ଜେଜେମା'ଙ୍କ ଅଧିକାର ରହିଛି

କଟକ, ୩୦।୧୦ (ସମିସ): ଶିଶୁର କଲ୍ୟାଣ ପାଇଁ ପିତାମାତାଙ୍କ ଭଳି ଜେଜେ ଏବଂ ଜେଜେ-ମା'ଙ୍କ ଉପସ୍ଥିତି ମଧ୍ୟ ସମାନ ଗୁରୁତ୍ୱପୂର୍ଣ୍ଣ। ଯେଉଁଠି ପତି ଓ ପତ୍ନୀ ପରସ୍ପର ବିରୋଧରେ ବିଭିନ୍ନ ପ୍ରକାରର ମାମଲା ଲଢୁଛନ୍ତି, ସେତେବେଳ ପର୍ଯ୍ୟନ୍ତ ସେମାନଙ୍କ ନିଜ ପିଲାକୁ ଭେଟିବା ପାଇଁ ପିତାମାତା, ଜେଜେ ଓ ଜେଜେମା'ଙ୍କୁ ବଞ୍ଚିତ କରାଯାଇପାରିବ ନାହିଁ। ଦାମ୍ପତ୍ୟ ବିବାଦକୁ ନେଇ ନିମ୍ନ ଅଦାଲତରେ ମାମଲା ଚାଲୁଥିବା ବେଳେ ନିଜ ପିଲାଙ୍କୁ ଭେଟିବା ପାଇଁ ଅଭିଭାବକଙ୍କ ରହିଥିବା ଅଧିକାର ପ୍ରସଙ୍ଗରେ ହାଇକୋର୍ଟ ଆଜି ଏପରି ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଏସ୍. ରାୟଗୁରୁଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ୍ ସଂଜୟକୁମାର ମିଶ୍ର ଏପରି ରାୟ ଦେଇଛନ୍ତି। ପତ୍ନୀଙ୍କ ଜିମାରେ ଥିବା ପ୍ରାୟ ଦେଢ଼ବର୍ଷ ବୟସର ପୁଅକୁ ଭେଟିବା ଅନୁମତି ପ୍ରଦାନ ପାଇଁ ସ୍ୱାମୀ କରିଥିବା ଆବେଦନକୁ ଖାରଜ କରି ଗତ ମାର୍ଚ୍ଚ ୨୦ରେ କଟକ ପରିବାର ଅଦାଲତ ପ୍ରଦାନ କରିଥିବା ଆଦେଶକୁ ହାଇକୋର୍ଟ ରଦ୍ଦ କରିଦେଇଛନ୍ତି। ଆବେଦନକାରୀ ଓ ତାଙ୍କ ପିତାମାତା ତଥା ପିଲାର ଜେଜେ ବାପା ଜେଜେ-ମା'ଙ୍କ ସହ ମାସକୁ ଦୁଇଥର ହାଇକୋର୍ଟ ମଧ୍ୟସ୍ଥତା କେନ୍ଦ୍ରରେ ଜଣେ ମହିଳା ମଧ୍ୟସ୍ଥତାଙ୍କ ଉପସ୍ଥିତିରେ ପିଲାକୁ ସାକ୍ଷାତ କରିବାର ଅଧିକାର ପ୍ରଦାନ କରିଛନ୍ତି\ ମଧ୍ୟସ୍ଥତା କେନ୍ଦ୍ରରେ ସାକ୍ଷାତ ସମୟରେ ପିତା ଏବଂ ଜେଜେ ବାପା ଜେଜେ ମା ସେମାନଙ୍କ ପୁଅ/ନାତିଙ୍କୁ ଉପହାର ଦେଇପାରିବେ। ସେହିଭଳି ମାସର ଚତୁର୍ଥ ଶନିବାର ଏବଂ ରବିବାର ସନ୍ଧ୍ୟାରେ ହ୍ୱାଟ୍ସଆପ୍ କଲ୍ ମାଧ୍ୟମରେ ଭିଡିଓ କନଫରେନ୍ସ କରିପାରିବେ। ଏଥିପାଇଁ ପତ୍ନୀଙ୍କୁ ଆବେଦନକାରୀ ଏକ ଆଣ୍ଡ୍ରଏଡ ମୋବାଇଲ ଫୋନ ଓ ସିମ ପ୍ରଦାନ କରିବେ ବୋଲି ହାଇକୋର୍ଟ କହିଛନ୍ତି। ଆବେଦନକାରୀଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ଗୌତମ କୁମାର ଆଚାର୍ଯ୍ୟ ମାମଲା ପରିଚାଳନା କରୁଥିବା ବେଳେ ଅର୍ପିତା ମହାପାତ୍ର ସହଯୋଗ କରିଥିଲେ।

# ଭିନ୍ନକ୍ଷମଙ୍କୁ ମିଳୁନି ଟ୍ରାଇ ସାଇକଲ

● ଜିଲ୍ଲାପାଳଙ୍କୁ ଅଭିଯୋଗ

ବଇଣ୍ଡା,୩୦ ।୧୦(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ତିତିରାକଟା ଗ୍ରାମର ଭିନ୍ନକ୍ଷମ ମହିଳା ନୀଳାବତୀ ସାହୁଙ୍କୁ ପ୍ରଶାସନ ପକ୍ଷରୁ ଟ୍ରାଇ ସାଇକଲ ମିଳୁନାହିଁ । ଦୀର୍ଘବର୍ଷ ହେବ ସେ ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ତାଙ୍କୁ ଟ୍ରାଇ ସାଇକଲ ଯୋଗାଇ ଦିଆଯାଉ ନାହିଁ । ବୁଧବାର ନୀଳାବତୀ ଏ ନେଇ ଅନୁଗୋଳ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି ଯେ ସେ ୭୦ ପ୍ରତିଶତ ଭିନ୍ନକ୍ଷମ ଥିବାବେଳେ ଚାଲିପାରୁ ନାହାନ୍ତି । ସାଇକଲ ପାଇଁ ବହୁବାର ପଞ୍ଚାୟତଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । ସାଇକଲ ନ ଥିବାରୁ ସେ କୌଣସି ସ୍ଥାନକୁ ଯାଇପାରୁ ନାହାନ୍ତି । ସବୁବେଳେ ଗୋଟିଏ ଚଉକିରେ ବସି ରହୁଛନ୍ତି । ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ସେ ନିବେଦନ କରିଛନ୍ତି । ଏଥିପ୍ରତି ବ୍ଲକ ପ୍ରଶାସନ ପକ୍ଷରୁ ଦୃଷ୍ଟି ଦିଆଯିବ ବୋଲି ଆଠମଲ୍ଲିକ ବିଡିଓ ଟିଟସ ମହାନନ୍ଦିଆ କହିଛନ୍ତି ।

● ରେଳ କର୍ମଚାରୀଙ୍କ ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

# ତାଲାଭାଙ୍ଗି ଲକ୍ଷାଧିକ ଟଙ୍କା ଲୁଟିନେଲେ

ତାଳଚେର,୩୦ ।୧୦(ସମିସ): ତାଳଚେର ରେଳଷ୍ଟେସନ୍ ନିକଟରେ ଭଡ଼ାଘରେ ରହୁଥିବା ରେଲୱେ କର୍ମଚାରୀ ବିହାର ଅଞ୍ଚଳର ଶିବଶଙ୍କର କୁମାରଙ୍କ ଘରେ ରବିବାର ରାତିରେ ଦୁର୍ବୃତ୍ତମାନେ କଳାକନା ବୁଲାଇଛନ୍ତି । ସୋମାବାର ସକାଳେ ଶିବଶଙ୍କର ଡ୍ୟୁଟି ସାରି ଆସି ଦେଖିଲା ବେଳକୁ ଘର ଆଲମିରା ଭଙ୍ଗାଯିବା ସହ ସମସ୍ତ ଜିନିଷପତ୍ର ବିଛାଡ଼ି ହୋଇ ପଡ଼ିଥିଲା । ଆଲମିରାରେ ଥିବା ପ୍ରାୟ ୧୫ ଗ୍ରାମ ଓଜନର ସୁନାଚେନ୍, ରୁପା ଅଳଙ୍କାର ଓ ଅନ୍ୟାନ୍ୟ ଆସବାବପତ୍ର ଲୁଟ୍ ହୋଇଥିଲା । ଏ ସମ୍ପର୍କରେ ସେ କୋଲିୟରୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ ଆରମ୍ଭ କରିଛି । ସେହି ଅଞ୍ଚଳ ଶୂନଶାନ ହୋଇଥିବାରୁ ଦୁର୍ବୃତ୍ତଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇବାରେ ଲାଗିଛି । ନିକଟରେ ଜଣେ ମହିଳା ଷ୍ଟେସନରେ ଟ୍ରେନରୁ ଓହ୍ଲାଉଥିବା ସମୟରେ ଦୁଇ ଦୁର୍ବୃତ୍ତ ତାଙ୍କ ବେକରୁ ସୁନାଚେନ୍ ଝାମ୍ପିନେଇ ଚମ୍ପଟ ମାରିଥିଲେ । ପାଖରେ ଥିବା ଯୁବକମାନେ ମହିଳାଙ୍କ ଚିତ୍କାର ଶୁଣି ଦୁର୍ବୃତ୍ତ ଦ୍ୱୟଙ୍କୁ କାବୁ କରି ଜିଆରପି ପୁଲିସ ଜିମା ଦେଇଥିଲେ । ଜିଆରପି ପୁଲିସ ଓ ସ୍ଥାନୀୟ ପୁଲିସ ମିଳିତ ଭାବେ ପାଟ୍ରୋଲିଂ କଡ଼ାକଡ଼ି କରିବା ସହ ଲୋକଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦେବାକୁ ସାଧାରଣରେ ଦାବି ହେଉଛି ।

# ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

● ଆତ୍ମହତ୍ୟା ଅଭିଯୋଗ

ପାଲଲହଡ଼ା,୩୦ ।୧୦(ସମିସ): ପାଲଲହଡ଼ା ଥାନା ଡିମିରିଆ ଗାଁରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି । ଘରୋଇ କଳିକୁ କେନ୍ଦ୍ରକରି ସେ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି । ମୃତକ ହେଲେ ଡିମିରିଆ ମହାନ୍ତ ସାହିର ମିତ୍ରଭାନୁ ମହାନ୍ତଙ୍କ ପୁଅ ଜୟକୃଷ୍ଣ ମହାନ୍ତ (୨୮) । ଜୟକୃଷ୍ଣ ୫ ବର୍ଷ ପୂର୍ବରୁ ବିବାହ କରିଥିଲେ । ତେବେ ବିଭିନ୍ନ ସମୟରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ଲାଗି ରହୁଥିଲା । ତିନିଦିନ ତଳେ ପୁଣି ଝଗଡ଼ା ହେବାରୁ ଜୟକୃଷ୍ଣଙ୍କ ସ୍ତ୍ରୀ ଥାନାରେ ଅଭିଯୋଗ କରିଥିଲେ । ପରେ ଆପୋସ ସମାଧାନ ହୋଇ ଜୟକୃଷ୍ଣ ନିଜ ଘରକୁ ଫେରିଥିବା ବେଳେ ସ୍ତ୍ରୀ ବାପଘରକୁ ଯାଇଥିଲେ । ୮ ଦିନ ମଧ୍ୟରେ ଜୟକୃଷ୍ଣ ସ୍ତ୍ରୀଙ୍କୁ ଡାକି ଆଣିବାର ଥିଲା । ଗ୍ରାମବାସୀଙ୍କ କହିବା ଅନୁସାରେ ଗୁରୁବାର ମଧ୍ୟାହ୍ନରେ ଜୟକୃଷ୍ଣ ସ୍ତ୍ରୀଙ୍କ ସହ ଭିଡିଓ କଲ୍ରେ ଦୀର୍ଘ ସମୟ କଥା ହୋଇଥିଲେ । କଥା ଚାଲିଥିବା ସମୟରେ ପୁନର୍ବାର ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା । ଏଥିରେ ଜୟକୃଷ୍ଣ ମାନସିକ ଭାରସାମ୍ୟ ହରାଇ ଘରେ କେହି ନ ଥିବା ସମୟରେ ଗାମୁଛା ସାହାଯ୍ୟରେ ଝୁଲିପଡ଼ିଥିଲେ । ଅପରାହ୍ନ ୨ଟା ପରେ ପରିବାର ଲୋକେ ଘରକୁ ଆସି ଜୟକୃଷ୍ଣ ଝୁଲୁଥିବା ଦେଖି ପୁଲିସକୁ ଜଣାଇଥିଲେ । ପୁଲିସ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି । ମୃତଦେହ ବ୍ୟବଚ୍ଛେଦ ପାଇଁ ପାଲଲହଡ଼ା ଡାକ୍ତରଖାନା ପଠାଯାଇଛି ।

ସାତକୋଶିଆ ଅଭୟାରଣ୍ୟରୁ ବିସ୍ଥାପନ ପ୍ରସଙ୍ଗ

# ‘ସବୁ ସୁବିଧା ଯୋଗାଇଦେଲେ ଭିଟାମାଟି ଛାଡ଼ିବୁ’

ଅନୁଗୋଳ,୩୦ ।୧୦(ସମିସ)




ସରକାରଙ୍କ ବୃହତ ଯୋଜନାକୁ ସଫଳ କରିବାରେ ଲୋକଙ୍କ ସହଭାଗିତା ଆବଶ୍ୟକ । ଏହି ମର୍ମରେ ଅନୁଗୋଳ ଜିଲ୍ଲା ସାତକୋଶିଆ ଅଭୟାରଣ୍ୟ ବ୍ୟାଘ୍ର ପ୍ରକଳ୍ପ ନିମନ୍ତେ ଜଙ୍ଗଲ ଅଧ୍ୟୁଷିତ ଗ୍ରାମବାସୀ ସ୍ୱେଚ୍ଛାକୃତ ଭାବେ ବିସ୍ଥାପନ ପାଇଁ ଆବଶ୍ୟକତା ରହିଛି । ସରକାରୀ ସହାୟତା ତଥା କ୍ଷତିପୂରଣ ମିଳିବା ପରେ ଲୋକେ ସୁରକ୍ଷିତ ସ୍ଥାନକୁ ଚାଲିଯିବାକୁ ଚାହୁଁଛନ୍ତି । ଜଙ୍ଗଲ ଅଧ୍ୟୁଷିତ ପୁରୁଣାକୋଟ ଗ୍ରାମବାସୀ ପରିବାର ସହ ବିସ୍ଥାପନ ନିମନ୍ତେ ଇଚ୍ଛୁକ ଅଛନ୍ତି । ଅଭୟାରଣ୍ୟର ବିଭିନ୍ନ ସରକାରୀ ଆଇନ ଓ କଟକଣା ଯୋଗୁଁ ଗ୍ରାମରେ ଥିବା ଲୋକମାନେ ଜୀବିକା ହରାଇଛନ୍ତି । ଜଙ୍ଗଲର ବାଉଁଶ କଟାଳି କାମ, କେନ୍ଦୁପତ୍ର ତୋଳା, ଶାଳ ମଞ୍ଜି, ଶାଗୁଆନ ମଞ୍ଜି, ମହୁ, ଝୁଣା ଆଦି ସଂଗ୍ରହ କରି ଜୀବନ ଜୀବିକା ନିର୍ବାହ କରନ୍ତି । ଅଳ୍ପ କିଛି ଚାଷଜମିରେ ଚାଷକାର୍ଯ୍ୟ କରି ରୋଜଗାର କରିଥାନ୍ତି । ବର୍ତ୍ତମାନ ବନ୍ୟଜନ୍ତୁଙ୍କ ପ୍ରାଦୁର୍ଭାବରେ ଚାଷକାର୍ଯ୍ୟ କାଳକ୍ରମେ ବନ୍ଦ ହୋଇଯାଉଛି । ଅଭୟାରଣ୍ୟ ଅଞ୍ଚଳରେ ଥିବା ସ୍କୁଲଗୁଡ଼ିକରେ ଶିକ୍ଷକ ରହୁ ନ ଥିବାରୁ ପିଲାଙ୍କ ଶିକ୍ଷା ବାଧାପ୍ରାପ୍ତ ହେଉଛି । ଏଠାରେ ଏକମାତ୍ର ଚିକିତ୍ସାଳୟରେ ଏମ୍ବିବିଏସ୍ ଡାକ୍ତରଙ୍କ ପଦବୀ ଖାଲି ପଡ଼ିବା ସହ ଅନ୍ୟ ସ୍ୱାସ୍ଥ୍ୟକର୍ମୀମାନଙ୍କ ଅନୁପସ୍ଥିତି ଯୋଗୁଁ ଚିକିତ୍ସା ସେବା ମିଳୁନାହିଁ । ଘଞ୍ଚ ଜଙ୍ଗଲ ଯୋଗୁଁ ଆଜିପର୍ଯ୍ୟନ୍ତ ଟେଲିଫୋନ୍ (ନେଟୱର୍କ) ପାଇବାରୁ ବଞ୍ଚିତ ରହିଛନ୍ତି । ଅନେକ ସମୟରେ ହାତୀ ତଥା ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ବିଜୁଳି ଆଲୁଅକୁ ସନ୍ଧ୍ୟାରୁ ସକାଳ ପର୍ଯ୍ୟନ୍ତ କାଟି ଦିଆଯାଏ । ଫଳରେ ପିଲାଙ୍କ ପାଠପଢ଼ା ବାଧାପ୍ରାପ୍ତ ହେବା ସହ ଅନ୍ଧାର ଯୋଗୁଁ ବନ୍ୟଜନ୍ତୁ ଆକ୍ରମଣ ଆଶଙ୍କା ରହିଥାଏ । ହଠାତ୍ ଯଦି ଜରୁରୀକାଳୀନ ମେଡିକାଲ ସେବା ରାତିରେ ଦରକାର ହୁଏ ତେବେ ହାତୀ ଭୟରେ ସରକାରୀ ଆମ୍ବୁଲାନ୍ସ ଆସିବାକୁ ନାରାଜ ହେଉଛନ୍ତି । ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ନ ଥିବାରୁ ଲୋକଙ୍କ ପିଇବା ପାଣି ଯୋଗାଣ ସମ୍ଭବ ହୁଏ ନାହିଁ । ଅନେକ ସମୟରେ ମଣିଷ ଓ ବନ୍ୟଜନ୍ତୁଙ୍କ ମଧ୍ୟରେ ସଂଘର୍ଷ ହେଉଛି । ଧନଜୀବନ ହାନିର ଦୁଃଖ ସହିବା କଷ୍ଟକର ହୋଇପଡୁଛି । ସମସ୍ତ ଅସୁବିଧା ଯୋଗୁଁ ଗ୍ରାମବାସୀ ସରକାରଙ୍କଠାରୁ କ୍ଷତିପୂରଣ ନେଇ ସାତକୋଶିଆରୁ ବିସ୍ଥାପିତ ହେବାକୁ ଇଚ୍ଛୁକ ଅଛନ୍ତି । ବିସ୍ଥାପନ ନିମନ୍ତେ ସମସ୍ତ ସୁବିଧା ଯୋଗାଇ ଦେବାକୁ ଗ୍ରାମବାସୀ ରାଜ୍ୟ ମାନବାଧିକାର କମିଶନଙ୍କ ନିକଟରେ ଗୁରୁବାର ହାଜର ହୋଇ ନିବେଦନ କରିଛନ୍ତି ।

# କୂଅରେ ପଡ଼ିଥିବା ଶାବକକୁ ଉଦ୍ଧାର କଲା ମା' ହାତୀ



ବଣ୍ଟଁରପାଳ,୩୦ ।୧୦(ସମିସ): ପଶୁ ହେଉ କି ମଣିଷ, ମା'ର ମମତା ଆଗରେ ସବୁକିଛି ହାର୍ ମାନେ । ଛୁଆ ପାଇଁ ମା' କିଛି ବି କରିପାରେ । ଏପରି ଏକ ଉଦାହରଣ ଦେଖିବାକୁ ମିଳିଛି ମୋଟଙ୍ଗା ଥାନା କୁରୁଣ୍ଟି ଗ୍ରାମ ନିକଟରେ । ଗୁରୁବାର ସକାଳ ୬ଟା ବେଳେ ଏକ ୪୦ ଟିକିଆ ହାତୀପଲ କୁରୁଣ୍ଟି ଗ୍ରାମରୁ ଖଡ଼କପ୍ରସାଦ ଦେଇ ଯାଉଥିବା ବେଳେ ହଠାତ୍ ଏକ ହାତୀ ଶାବକ ନିକଟରେ ଥିବା ଖୋଲା କୂଅରେ ପଡ଼ିଯାଇଥିଲା । ଅନ୍ୟ ହାତୀମାନେ ଚାଲିଯାଇଥିବା ବେଳେ ମା' ହାତୀ ନିଜ ଛୁଆକୁ ନ ଦେଖି ପୁଣି ଫେରିଥିଲା । ଛୁଆଟି କୂଅରେ ପଡ଼ିଥିବା ଦେଖି ନିଜ ଶୁଣ୍ଢରେ ଛୁଆକୁ ଉଦ୍ଧାର କରିବା ପାଇଁ ଉଦ୍ୟମ କରିଥିଲା । ତେବେ କୂଅକୁ ଶୁଣ୍ଢ ପାଇଲା ନାହିଁ । ଏପରି ବାରମ୍ବାର କରି ବିଫଳ ହୋଇଥିଲେ ମଧ୍ୟ ମା' ହାତୀ ନିରାଶ ହୋଇ ନ ଥିଲା । ପରେ ଏକ କୌଶଳ କରି ପ୍ରଥମେ କୂଅରୁ ଶୁଣ୍ଢ ଦ୍ୱାରା ପାଣି ଆଣି କୂଅ ପାଚେରିରେ ପକାଇ ଗୋଡ଼ରେ ଦଳିଥିଲା । ଏପରି ବାରମ୍ବାର କରିବାରୁ କୂଅ ପାଚେରି ଭାଙ୍ଗିବା ସହ ମାଟି ମଧ୍ୟ ଦବି ଯାଇଥିଲା । ପରେ ମା' ହାତୀ ଶୁଣ୍ଢରେ ଛୁଆକୁ ଉଦ୍ଧାର କରିବାରେ ସଫଳ ହୋଇଥିଲା । ନିକଟରେ ବନ କର୍ମଚାରୀ ଓ ହାତୀ ଉଦ୍ଧାରକାରୀ ଦଳ ଥିଲେ ମଧ୍ୟ ସେମାନେ ନିରବରେ ହାତୀ ଛୁଆର ଉଦ୍ଧାର କାର୍ଯ୍ୟ ଦେଖୁଥିଲେ । ପରେ ମା' ହାତୀ ଶାବକକୁ ନେଇ ଜଙ୍ଗଲ ଆଡ଼କୁ ପଳାଇଥିଲା ।

● ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ଉପଖଣ୍ଡ ଚିକିତ୍ସାଳୟ

# ବିଶେଷଜ୍ଞ ଡାକ୍ତରଙ୍କୁ ଏମ୍ଆର୍ଆଇ ପରୀକ୍ଷା ପରାମର୍ଶ ନିମନ୍ତେ ଅଧିକାର ଦେବାକୁ ଦାବି

ଅନୁଗୋଳ,୩୦ ।୧୦(ସମିସ): ଅନୁଗୋଳ ଜିଲ୍ଲା ଓଡ଼ିଶାର ମଧ୍ୟସ୍ଥଳରେ ରହିଥିବାରୁ ଏହା ମଧ୍ୟଦେଇ ରାଜ୍ୟ ତଥା ରାଜ୍ୟ ବାହାରର ସର୍ବାଧିକ ଯାନବାହାନ ଚଳାଚଳ କରିଥାଏ । ଏପରିକି ଶିଳ୍ପ ରାଜଧାନୀ ଭାବେ ବିଭିନ୍ନ ଶିଳ୍ପାନୁଷ୍ଠାନରେ କାମ କରି ରୋଜଗାର କରିବା ନିମନ୍ତେ ଦେଶର କୋଣ ଅନୁକୋଣରୁ ଲୋକ ଏଠାକୁ ଆସନ୍ତି । ତେଣୁ ଏଠାରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ହେଉଛି ସ୍ୱାସ୍ଥ୍ୟସେବା । ପାର୍ଶ୍ୱବର୍ତ୍ତୀ ଜିଲ୍ଲା ଭାବେ ଢେଙ୍କାନାଳ, କଟକ, ଦେବଗଡ଼, ବୌଦ୍ଧ, କେନ୍ଦୁଝର ଓ ସମ୍ବଲପୁର ସୀମାନ୍ତ ଅଞ୍ଚଳର ଲୋକେ ଶିକ୍ଷା, ସ୍ୱାସ୍ଥ୍ୟ ଭଳି ଅନେକ ମୌଳିକ ଆବଶ୍ୟକତା ପାଇଁ ଅନୁଗୋଳ ଉପରେ ନିର୍ଭରଶୀଳ । ପୂର୍ବରୁ ଏଠି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରହିଥିବା ବେଳେ ଚଳିତ ବର୍ଷ ମେଡିକାଲ କଲେଜ କାର୍ଯ୍ୟକ୍ଷମ ହୋଇଛି । ଏଣୁ ଉତ୍ତମ ସେବା ପାଇବା ନିମନ୍ତେ ଏଠାକୁ ଦୈନିକ ୧୦୦୦ରୁ ଊର୍ଦ୍ଧ୍ୱ ରୋଗୀ ଆସିଥାନ୍ତି । ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା ନିମନ୍ତେ ଆଧୁନିକୀକରଣ ଓ ଉନ୍ନତ ମାନର ଯନ୍ତ୍ରପାତି ସରକାର ଯୋଗାଇଥିଲେ ମଧ୍ୟ ଅନେକ ରୋଗୀ ଏହି ପରୀକ୍ଷା କରିପାରିବାରୁ ବଞ୍ଚିତ ରହୁଛନ୍ତି । ଏଣୁ ଏହାର ସମାଧାନ ନିମନ୍ତେ ବୁଧବାର ଜିଲ୍ଲାର ସ୍ୱେଚ୍ଛାସେବୀମାନଙ୍କ ତରଫରୁ ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ବିଶେଷ କରି ଅନୁଗୋଳ ଦୁର୍ଘଟଣା ପ୍ରବଣ ଓ ଶିଳ୍ପ ବହୁଳ ଅଞ୍ଚଳ ହୋଇଥିବାରୁ ରୋଗୀମାନଙ୍କ ଏମ୍ଆର୍ଆଇ ପରୀକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏଣୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସମସ୍ତ ବିଶେଷଜ୍ଞ ଚିକିତ୍ସକମାନଙ୍କୁ ଏହି ପରୀକ୍ଷା ନିମନ୍ତେ ପରାମର୍ଶ ଅଧିକାର ଦିଆଯିବା ସହ ତାଳଚେର, ପାଲଲହଡ଼ା ଓ ଆଠମଲ୍ଲିକ ଉପଖଣ୍ଡରେ ଥିବା ସରକାରୀ ଉପଖଣ୍ଡ ଚିକିତ୍ସାଳୟ ବିଶେଷଜ୍ଞ ଡାକ୍ତରମାନଙ୍କୁ ମଧ୍ୟ ପରୀକ୍ଷା ନିମନ୍ତେ ପରାମର୍ଶ କରିବାର ଅଧିକାର ଦେବାକୁ ଦାବି କରାଯାଇଛି । ଏହି ପ୍ରତିନିଧି ମଣ୍ଡଳୀରେ ସ୍ୱେଚ୍ଛାସେବୀ ପ୍ରତାପ ମହାପାତ୍ର ଓ ପର୍ଶୁରାମ ଦାଶ ଉପସ୍ଥିତ ଥିଲେ ।

# ଜାତୀୟ ଏକତା ଦିବସ ଉପଲକ୍ଷେ ପ୍ରତିଯୋଗିତା

କିଶୋରନଗର,୩୦ ।୧୦(ସମିସ): ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ତଥା ଜାତୀୟ ଏକତା ଦିବସ ପାଳନ ଉପଲକ୍ଷେ କିଶୋର ନଗର ସ୍ନାତକ ମହାବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ପ୍ରଶାସନ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଅକ୍ଷୟ କୁମାର ଦାଶ ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ଥାନାଧିକାରୀ ବିଭୂତି ଭୂଷଣ ପ୍ରଧାନ, ମୁଖ୍ୟବକ୍ତା ରୂପେ ଅଧ୍ୟାପକ ଜୟକୃଷ୍ଣ ପ୍ରଧାନ ଯୋଗଦେଇ ସର୍ଦ୍ଦାର ପଟେଲଙ୍କ ଜୀବନାଦର୍ଶ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଶୁଭଶ୍ରୀ ବିଶ୍ୱାଳ ଓ ରୋଜାଲିନ ପ୍ରଧାନ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ । ରାଖୀ ପ୍ରଧାନ ପ୍ରଥମ, ଦେବେନ୍ଦ୍ର ପାଣ୍ଡେ ଦ୍ୱିତୀୟ ଓ ଶକ୍ତିସ୍ୱରୂପ ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଅଧ୍ୟାପକ ତରଣୀସେନ ସାହୁ ସଭା ସଂଯୋଜନା କରିଥିବା ବେଳେ ଅଧ୍ୟାପିକା ବୀଣାପାଣି ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ ।



**କଣିହାଁ:** କଣିହାଁ ବ୍ଲକ ରେଙ୍ଗାଳି ଡ୍ୟାମ ସାଇଟ ପୁଲିସ ପକ୍ଷରୁ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ଏଥିରେ ରେଙ୍ଗାଳି ଥାନା ଅଧିକାରୀ ଜୟନ୍ତ ମହାନ୍ତି, ଏଏସଆଇ ତ୍ରିନାଥ ଦେହୁରୀ, ରେବତୀ ସାହୁ, କନଷ୍ଟେବଲ ଦ୍ୱିତୀୟା କିସାନ, ଡଲିରାଣୀ ସାମଲ, ଜୟପାଲ ଶୁଣ୍ଢୀ, ପ୍ରଧାନଶିକ୍ଷକ ଗିରିଧାରୀ ବାରିକ, ତିଳୋତ୍ତମା ଦାସ ପ୍ରମୁଖ ଯୋଗଦେଇଥିଲେ ।

# ପୁଲିସ ପକ୍ଷରୁ ସାଇବର ସଚେତନତା

ପାଲଲହଡ଼ା,୩୦ ।୧୦(ସମିସ): ପାଲଲହଡ଼ା ଥାନା ପୁଲିସ ପକ୍ଷରୁ ବୁଧବାର ସାଇବର ସଚେତନତା କାର୍ଯ୍ୟକ୍ରମ ସ୍ଥାନୀୟ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି । ଥାନା ଅଧିକାରୀ ପ୍ରଦୀପ କୁମାର ମହାନ୍ତଙ୍କ ନେତୃତ୍ୱରେ ଏସ୍ଆଇ ସ୍ୱରୂପ ରଞ୍ଜନ ପତ୍ରୀ ଓ ବିଦ୍ୟାଳୟର ପ୍ରଧାନଶିକ୍ଷକ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ସାଇବର ଠକ ପ୍ରତିଦିନ ନୂଆ ନୂଆ ଉପାୟରେ ଲୋକଙ୍କୁ ଠକୁଛନ୍ତି । ଏଥିରୁ ବଞ୍ଚିବାର ଉପାୟ ସମ୍ପର୍କରେ ପୁଲିସ ଅଧିକାରୀ ଦ୍ୱୟ ସଚେତନ କରାଇଥିଲେ । ସଜାଗ ରହିଲେ ସାଇବର ଲୁଟେରାଙ୍କଠାରୁ ନିଜକୁ ଏବଂ ପରିବାର ଜନଙ୍କୁ ରକ୍ଷା କରିପାରିବେ ବୋଲି କହିଥିଲେ । ପୁଲିସ ନାମରେ ଡିଜିଟାଲ ଆରେଷ୍ଟ, ଇନଭେଷ୍ଟମେଣ୍ଟ, ମିଛ ପରିଚୟ ଦେଇ ଟଙ୍କା ଲୁଟ୍ ଓ ଧମକ, ନିଜ ପାସୱାର୍ଡ ଓ ଆଧାରକାର୍ଡ ଅଜଣା ଲୋକଙ୍କୁ ନ ଦେବା, ବ୍ୟାଙ୍କ ସମ୍ବନ୍ଧୀୟ ସୂଚନା କାହାକୁ ନ ଦେବା, ଇନଷ୍ଟାଗ୍ରାମରୁ ଦୂରେଇ ରହିବାକୁ ଛାତ୍ରଛାତ୍ରୀଙ୍କୁ ଥାନା ଅଧିକାରୀ ମହାନ୍ତ ପରାମର୍ଶ ଦେଇଥିଲେ । ଅନଲାଇନ ଠକେଇ ନେଇ କୌଣସି ବି ଅଘଟଣ ଘଟିଲେ ତୁରନ୍ତ ସ୍ଥାନୀୟ ପୁଲିସକୁ ଅବଗତ କରିବା ପାଇଁ ପରାମର୍ଶ ଦେଇଥିଲେ ।

# ପୁଲିସର ସାଇବର ସୁରକ୍ଷା ସଚେତନତା



କିଶୋରନଗର,୩୦ ।୧୦(ସମିସ): ଠାକୁରଗଡ଼ ଥାନା ପୁଲିସ ପକ୍ଷରୁ ଠାକୁରଗଡ଼ ସ୍ନାତକ ମହାବିଦ୍ୟାଳୟରେ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଥାନା ଆଇଆଇସି ଶଶିଭୂଷଣ ବେହେରା ଯୋଗଦେଇ ଅଜଣା ବ୍ୟକ୍ତିଙ୍କୁ ଓଟିପି ନ ଦେବା ସହ ସାଇବର ଠକେଇରୁ ନିଜକୁ କିପରି ସୁରକ୍ଷିତ ରଖିହେବ ସେ ଉପରେ ଛାତ୍ରଛାତ୍ରୀଙ୍କୁ ସଚେତନ କରିଥିଲେ । କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପକ ସରୋଜ ଦାଶ, ସରୋଜ ପ୍ରଧାନ, କଲ୍ୟାଣୀରୂପା ମିଶ୍ର, ଅନ୍ନପୂର୍ଣ୍ଣା ପ୍ରଧାନ, ଟୁକୁନା ପ୍ରଧାନ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଗ୍ରନ୍ଥାଗାରିକ ପ୍ରଜ୍ଞା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ସୀତାରାମ ମଠର ବାର୍ଷିକ ଉତ୍ସବ

କିଶୋରନଗର,୩୦ ।୧୦(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଉପଖଣ୍ଡ ଜାମୁଝରି ସୀତାରାମ ମଠର ୧୨ତମ ବାର୍ଷିକ ଉତ୍ସବ ଗୁରୁବାର ପାଳିତ ହୋଇଛି । ସକାଳେ ଗ୍ରାମବାସୀ ନାମସଂକୀର୍ତ୍ତନ କରି ଗାଁ ପୋଖରୀରୁ ପବିତ୍ର ଜଳ ଉଠାଇ କଳସ ଯାତ୍ରାରେ ମଠକୁ ଆସିଥିଲେ । କଳସ ସ୍ଥାପନ ପରେ ପୂର୍ବାହ୍ନ ୧୧ଟାରେ ପୂଜା ଆରମ୍ଭ ହୋଇଥିଲା । ଅପରାହ୍ନ ୫ଟାରେ ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା । ପୂଜାରେ କର୍ତ୍ତା ଭାବେ ବ୍ରଜବନ୍ଧୁ ମାଝୀ ଓ ତାଙ୍କ ଧର୍ମପତ୍ନୀ ଛବିରାଣୀ ମାଝୀ ଦାୟିତ୍ୱ ନିର୍ବାହ କରିଥିଲେ । ଉତ୍ସବରେ ବାବା ପ୍ରଜ୍ଞାନନ୍ଦ ପୁରୀଜୀ ମହାନନ୍ଦ, ଅକ୍ରୁର ଦାସ, ନରହରି ଦାସ ମହାରାଜଙ୍କ ସମେତ ବହୁ ସାଧୁସନ୍ଥ ଯୋଗଦେଇଥିଲେ । ସୀତାରାମ ପୂଜା କମିଟି କର୍ମକର୍ତ୍ତା ସୁପ୍ରିୟ କୁମାର ସାହୁ, ପ୍ରଦୀପ ଦେହୁରୀ, ପଞ୍ଚାନନ ବେହେରାଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ ।



# ବାର୍ଦ୍ଧକ୍ୟରେ ଅସ୍ଥିର ସୁରକ୍ଷା ସମ୍ପର୍କିତ କର୍ମଶାଳା



ଅନୁଗୋଳ,୩୦ ।୧୦(ସମିସ): ମାରୱାଡ଼ି ଯୁବ ଭବନରେ ସ୍ୱେଚ୍ଛାସେବୀ ସଂଗଠନ ଚେତନା ଏ ମିଶନ ପକ୍ଷରୁ ବାର୍ଦ୍ଧକ୍ୟରେ ଅସ୍ଥିର ସୁରକ୍ଷା ସମ୍ପର୍କିତ କର୍ମଶାଳା ଆୟୋଜିତ ହୋଇଛି । ଅନୁଗୋଳ ସିଡିଏମଓ ଡା. ମଦନ ମୋହନ ପ୍ରଧାନ କର୍ମଶାଳାକୁ ଉଦଘାଟନ କରି ବାର୍ଦ୍ଧକ୍ୟରେ ଅସ୍ଥି ସୁରକ୍ଷାର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ । ମୁଖ୍ୟବକ୍ତା ରୂପେ ରାଜ୍ୟ ଅସ୍ଥିଶଲ୍ୟ ଡାକ୍ତର ସଂଘ ସମ୍ପାଦକ ପ୍ରଫେସର ସତ୍ୟରଞ୍ଜନ ପାତ୍ର ଯୋଗଦେଇ ବାର୍ଦ୍ଧକ୍ୟରେ ଲୋକମାନେ କିପରି ଅସ୍ଥିର ସୁରକ୍ଷା କରିପାରିବେ ସେ ସମ୍ପର୍କରେ ମତ ରଖିଥିଲେ । ଅସ୍ଥିର ଘନତ୍ୱ ମାପିବା, କ୍ୟାଲସିୟମ କମ୍ ଥିଲେ ଔଷଧ ସେବନ କରିବା, ଘର ଚଟାଣକୁ ଅଧିକ ମସୃଣ ନ କରିବା, ଘର, ବାହାର, ଶିଢ଼ିଘର ଆଦିକୁ ଆଲୋକିତ ରଖିବା, ଗାଧୁଆ ଘର ଚଟାଣରେ ନନ୍ ସ୍ଲିପ ମ୍ୟାଟ ପକାଇବା ସହ ଉପଯୁକ୍ତ ଚପଲ ବ୍ୟବହାର କରିବା, ନିଦ ଭାଙ୍ଗିଲେ ହଠାତ୍ ନ ଉଠିବାକୁ ପରାମର୍ଶ ଦେଇଥିଲେ । କର୍ମଶାଳାରେ ପିଏମପି ମେଡିକାଲ କଲେଜ୍ର ସୁପରିନଟେଣ୍ଡେଣ୍ଟ ଡା. ତରଙ୍ଗିଣୀ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଚେତନା ସଂସ୍ଥାର ମୁଖ୍ୟ ବାଣୀ ଦେବ ଅନୁଷ୍ଠାନର ବିଭିନ୍ନ କାର୍ଯ୍ୟାବଳୀ ସମ୍ପର୍କରେ ଉଲ୍ଲେଖ କରିଥିଲେ ।

# ଶୋଭାଯାତ୍ରାରେ ଦୁର୍ନୀତି ନିବାରଣ ସଚେତନତା



ଅନୁଗୋଳ,୩୦ ।୧୦(ସମିସ): ଅକ୍ଟୋବର ୨୭ରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ହେଉଛି । ଏହି ଉପଲକ୍ଷେ ଗୁରୁବାର ପୂର୍ବାହ୍ନରେ ଅନୁଗୋଳ ମିଶନ ଶକ୍ତି ଦ୍ୱାରା ଦୁର୍ନୀତି ନିବାରଣ ସଚେତନତା ଶୋଭାଯାତ୍ରା ଆୟୋଜନ କରାଯାଇଥିଲା । ଶୋଭାଯାତ୍ରାରେ ମିଶନ ଶକ୍ତି ସଦସ୍ୟାମାନେ ସାମିଲ ହୋଇ ଦୁର୍ନୀତି ନିବାରଣ ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ । ଶୋଭାଯାତ୍ରା ଜିଲ୍ଲା କାର୍ଯ୍ୟାଳୟଠାରୁ ବାହାରି ରାଜା ଛକ, ଡିଆଇସି ଛକ, ହେମସୁରପଡ଼ା ଦୁର୍ଗାମଣ୍ଡପ ଛକ, ଦୁର୍ନୀତି ନିବାରଣ କାର୍ଯ୍ୟାଳୟ ଦେଇ ପୁଣି ଜିଲ୍ଲା କାର୍ଯ୍ୟାଳୟଠାରେ ପହଞ୍ଚିଥିଲା । କାର୍ଯ୍ୟକ୍ରମରେ ଭିଜିଲାନ୍ସ ଡିଏସ୍ପି ପ୍ରଦୀପ କୁମାର ସାମଲ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିରୁପମା ପାଣି, ଓଡ଼ିଶା ଜୀବିକା ମିଶନ ଜିଲ୍ଲା ପ୍ରକଳ୍ପ ସଂଯୋଜକ ଫ୍ରାନ୍ସିସ୍ ବାର୍ଲା, ମିଶନ ଶକ୍ତିର ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ଲମ୍ବୋଦର ବାସ୍କେ, ଭିଜିଲାନ୍ସ ଇନ୍ସପେକ୍ଟର ଉର୍ମିଳା ଲାକ୍ରା, ଭିଜିଲାନ୍ସ ଏଏସ୍ଆଇ ରୁଦ୍ର ନାରାୟଣ ବିଶ୍ୱାଳ ଓ ଅନୁଗୋଳ ଏବଂ ବଣ୍ଟଁରପାଳ ବ୍ଲକର ୨୫୦ରୁ ଊର୍ଦ୍ଧ୍ୱ ଏସ୍ଏଚ୍ଜି ସଦସ୍ୟା ଯୋଗଦେଇଥିଲେ ।

# ଦୁଇ ଜୁଡୋ ପଦକ ବିଜେତାଙ୍କୁ ସମ୍ବର୍ଦ୍ଧନା



ଅନୁଗୋଳ,୩୦ ।୧୦(ସମିସ): ଖୋର୍ଦ୍ଧା ଜିଲ୍ଲା କେଟି ଗ୍ଲୋବାଲ୍ ସ୍କୁଲରେ ରାଜ୍ୟସ୍ତରୀୟ ଜୁଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ଅନୁଗୋଳ ଜିଲ୍ଲାର ଆୟୁଷ ପ୍ରଧାନ ସ୍ୱର୍ଣ୍ଣ ଓ ସତ୍ୟଜିତ ପ୍ରଧାନ କାଂସ୍ୟ ପଦକ ହାସଲ କରିଛନ୍ତି । ଏହି ଦୁଇ ପଦକ ବିଜେତାଙ୍କୁ ଜିଲ୍ଲା କ୍ରୀଡ଼ା ଅଧିକାରୀ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି । ଜୁଡୋ ଜିଲ୍ଲା ସମ୍ପାଦନ ସୁଧାଂଶୁ ପଣ୍ଡା, ଉପସଭାପତି ଦୁଷ୍ୟନ୍ତ କୁମାର ନାଥ, ସହ ସମ୍ପାଦକ ଜସ୍ମିନ ସାହୁ ଦୁଇ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

ରାଜ୍ୟସ୍ତରୀୟ ସ୍କୋଏ ମାର୍ଶଲ ଆର୍ଟ ପ୍ରତିଯୋଗିତା

# ଅନୁଗୋଳ ଜିଲ୍ଲାକୁ ୨ ସ୍ୱର୍ଣ୍ଣ ସହ ୮ ପଦକ



ଅନୁଗୋଳ,୩୦ ।୧୦(ସମିସ): ଅକ୍ଟୋବର ୨୪ରୁ ୨୬ ତାରିଖ ପର୍ଯ୍ୟନ୍ତ ୨୦ତମ ରାଜ୍ୟସ୍ତରୀୟ ସ୍କୋଏ ମାର୍ଶଲ ଆର୍ଟ ପ୍ରତିଯୋଗିତା ଝାରସୁଗୁଡ଼ାଠାରେ ଅନୁଷ୍ଠିତ ହୋଇଥଲା । ଏଥିରେ ଅନୁଗୋଳ ଜିଲ୍ଲାରୁ ବାଳକ ଓ ବାଳିକା ଉଭୟ ବିଭାଗରେ ୮ ଖେଳାଳି ଅଂଶଗ୍ରହଣ କରି ୨ ଟି ସ୍ୱର୍ଣ୍ଣ ସହତ ୮ ପଦକ ହାସଲ କରିଛନ୍ତି ।ଏହି ଖେଳାଳି ମାନଙ୍କୁ ଜିଲ୍ଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଠ ଅଭିନନ୍ଦନ ଜ୍ଞାପନ କରିବା ସହ ଜାତୀୟ ସ୍ତରରେ କିଭଳି ପଦକ ହାସଲ କରିବେ ସେ ନେଇ ପରାମର୍ଶ ଦେଇଛନ୍ତି । ଉକ୍ତ ଖେଳାଳିମାନଙ୍କ ସହ ବାଳିକା ବିଭାଗର କୋଚ୍ ଜସ୍ମିନ୍ ସାହୁ, ବାଳକ ବିଭାଗର କୋଚ୍ ଦୁଷ୍ୟନ୍ତ କୁମାର ନାଥ ଝାରସୁଗୁଡ଼ା ଅଭିମୁଖେ ଯାତ୍ରା କରିଥିଲେ । ଏହି ଦୁଇ କୋଚ୍ଙ୍କ ନିକଟରୁ ଛାତ୍ରଛାତ୍ରୀମାନେ ଶିକ୍ଷା ଗ୍ରହଣ କରୁଛନ୍ତି ।

## ଦିହୁଡ଼ିପୁର ଷଣ୍ଢ ଛକ-ବଡ଼ପଡ଼ା ହାଟ ରାସ୍ତା ଶୋଚନୀୟ

# ଜମି ରହିଛି ପାଣି, ଯାତାୟାତରେ ସମସ୍ୟା

ପଟ୍ଟାମୁଣ୍ଡାଇ,୩୦।୧୦(ସମିସ):

ପଟ୍ଟାମୁଣ୍ଡାଇ ବ୍ଲକ୍ ଅଧୀନ ଦିହୁଡ଼ିପୁର ପଞ୍ଚାୟତର ଷଣ୍ଢ ଛକଠାରୁ ବଡ଼ପଡା ହାଟ ପର୍ଯ୍ୟନ୍ତ ଯାଇଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତାରେ ଦୀର୍ଘବର୍ଷ ଧରି ପାଣି ଜମି ରହିବା ଫଳରେ ଯାତାୟାତରେ ବାଧା ସୃଷ୍ଟି ହେଉଛି। ବିଶେଷକରି ବର୍ଷାଦିନରେ ରବୀନ୍ଦ୍ର ମହାନ୍ତିଙ୍କ ଘରଠାରୁ ବିଚିତ୍ର ନାୟକଙ୍କ ଘର ପର୍ଯ୍ୟନ୍ତ ୨୫୦ ଫୁଟରୁ ଉର୍ଦ୍ଧ୍ୱ ରାସ୍ତା ଉପରେ ୧.୫ ଫୁଟ ଉଚ୍ଚତାର ବର୍ଷାପାଣି ଜମି ରହୁଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଏହି ରାସ୍ତାରେ ଦୈନିକ ଶହ ଶହ ଯାନବାହନ ଯାତାୟାତ କରୁଥିବାବେଳେ ବିଭିନ୍ନ ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛି।

ଉକ୍ତ ରାସ୍ତା ଉପରେ ପଟ୍ଟାମୁଣ୍ଡାଇ ବ୍ଲକ୍‌ର ବଡ଼ପଡ଼ା, ବଡ଼ମୋହନପୁର, ସାନଜରିଆ, ଦିହୁଡ଼ିପୁର, ଦୋଷିଆ, ବିଲିକଣା ଓ ମହାକାଳପଡ଼ା ବ୍ଲକର ଗଗୁଆ ଓ ସୁନୀତି ପଞ୍ଚାୟତର ହଜାର ହଜାର ଲୋକ ଯାତାୟାତ ପାଇଁ ନିର୍ଭର କରନ୍ତି। ବର୍ଷର ପ୍ରାୟ ସମୟ ରାସ୍ତାରେ ପାଣି ଜମି ରହୁଥିବାରୁ ଲୋକେ ଯାତାୟାତ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତା ଦିହୁଡ଼ିପୁର, ମାଟିଆପଡା, ଖଦାଳସାହି, ସୁଜନପୁର ଗ୍ରାମର ଜନସାଧାରଣଙ୍କ ସବୁଦିନିଆ ପାଦଚଲା ରାସ୍ତା ହୋଇଥିବାରୁ ଜନସାଧାରଣ ଓ ଛାତ୍ରଛାତ୍ରୀ ବାଧ୍ୟ ହୋଇ ଦୂଷିତ ପାଣିରେ ପଶି ଯିବାଆସିବା କରୁଛନ୍ତି। ଫଳରେ ଅଧିକାଂଶ ଲୋକ ଓ ଛାତ୍ରଛାତ୍ରୀ ଚର୍ମ ରୋଗର ଶିକାର ହେବା ଦେଖାଯାଉଛି। ଏତଦ୍‌ବ୍ୟତୀତ ରାସ୍ତାରେ ବର୍ଷାପାଣି ଜମି ରହିବା ଫଳରେ ରାସ୍ତାପାର୍ଶ୍ୱରେ ଘର କରିଥିବା ଦୋଳଗୋବିନ୍ଦ ନାଥ, କାଳନ୍ଦୀ ନାଥ, ଚୈତନ୍ୟ ନାଥ, ସୁବାସ ନାଥ, ରବୀନ୍ଦ୍ର ମହାନ୍ତି, କାଳନ୍ଦୀ ମହାନ୍ତି, କାର୍ତ୍ତିକ ତ୍ରିପାଠୀ, ବିଚିତ୍ର ନାୟକ ଓ ଚନ୍ଦ୍ରଭାନୁ ଦାସଙ୍କ ପରିବାର ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଗୁରୁତର ସମସ୍ୟାକୁ ଉପଲବ୍‌ଧି କରି ସମାଧାନ ପାଇଁ ଦିହୁଡିପୁର ସରପଞ୍ଚ ନରେଶ ମଲିକ ପଞ୍ଚାୟତ ଏସଏଫସି ପାଣ୍ଠିରୁ ୨ ଲକ୍ଷ ଟଙ୍କା ଖର୍ଚ୍ଚ କରିବା ପାଇଁ ଫାଇଲ ପ୍ରସ୍ତୁତ କରିଥିଲେ‌ମାତ୍ର ଦିହୁଡ଼ିପୁର ପଞ୍ଚାୟତ ଦାୟିତ୍ୱରେ ଥିବା ବ୍ଲକ୍ ସହକାରୀ ଯନ୍ତ୍ରୀ ଏହି ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗର ହୋଇଥିବାରୁ ପଞ୍ଚାୟତ ଫଣ୍ଡରୁ ଅର୍ଥ ଖର୍ଚ୍ଚ ହୋଇପାରିବନାହିଁ ବୋଲି କହିଥିଲେ। ଫଳରେ ପଞ୍ଚାୟତ ସ୍ତରରେ ଏହି ସମସ୍ୟାର ସମାଧାନ ହୋଇପାରିଲାନାହିଁ। ଏଥିପୂର୍ବରୁ ସ୍ଥାନୀୟ ସରପଞ୍ଚଙ୍କ ନେତୃତ୍ୱରେ ଅଞ୍ଚଳବାସୀ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କୁ ଗୁରୁତର ସମସ୍ୟାର ସମାଧାନ ପାଇଁ ଲିଖିତ ଅଭିଯୋଗ କରିଥିଲେ। ବର୍ଷର ଅଧିକାଂଶ ସମୟ ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତାରେ ବର୍ଷା ପାଣି ଜମି ରହିବା ଫଳରେ ଯାତାୟାତ କ୍ଷେତ୍ରରେ ଜନସାଧାରଣ ଓ ସ୍କୁଲ କଲେଜ ଛାତ୍ରଛାତ୍ରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପଟ୍ଟାମୁଣ୍ଡାଇ ଗ୍ରାମ୍ୟ ଉନ୍ନୟନ ବିଭାଗ ନିକଟରେ ବାରମ୍ବାର ଅଭିଯୋଗ ପରେ ମଧ୍ୟ ସମସ୍ୟାର ସମାଧାନ ହେଉ ନ ଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ ସେ କହିଲେ, ଏ ସମସ୍ୟା ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ଖୁବ୍‌ଶୀଘ୍ର ଏହାର ସମାଧାନ ଦିଗରେ ପଦକ୍ଷେପ ନିଆଯିବ। ରାଜ୍ୟ ସରକାର, କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।

## ଗୋଷ୍ଠାଷ୍ଟମୀରେ ବଳଦେବଜୀଉଙ୍କ 'କାଳିଆ ଦଳନ' ବେଶ

କେନ୍ଦ୍ରାପଡ଼ା, ୩୦।୧୦ (ସମିସ):ପବିତ୍ର ଗୋଷ୍ଠା ଅଷ୍ଟମୀ ତିଥିରେ ଆଜି ପ୍ରଭୁ ବଳଦେବଜୀଉ ମନ୍ଦିରରେ ଅନୁଷ୍ଠିତ ହୋଇଛି "କାଳିଆ ଦଳନ' ବେଶ। ସନ୍ଧ୍ୟା ନୀତି ସମାପ୍ତ ପରେ ପୂଜା



ପଣ୍ଡାଙ୍କ ଦ୍ୱାରା ବେଶ ଆରମ୍ଭ ହୋଇଥିଲା। ଏହି ସମୟରେ ମହାପ୍ରଭୁଙ୍କ ମଉଳି ମଣ୍ଡଳ ବନ୍ଧାଯାଇ, ଜଗନ୍ନାଥଙ୍କ ମଣ୍ଡଳ, ଛନ୍ଦା, ଚରଣ ଓ ଆଙ୍ଗୁଠି ପୟର ଲଗାଯାଇଥିଲା। ପ୍ରତୀକାତ୍ମକ ଭାବରେ କାଳୀୟ ନାଗ ମହାପ୍ରଭୁଙ୍କ ଚରଣ ତଳେ ରହିଥିଲେ। ଯେଉଁଠାରେ ଦୁଇ ପାର୍ଶ୍ୱରେ ନାଗକନ୍ୟାଙ୍କୁ ରଖାଯାଇ ସିଂହାସନରେ ମହାପ୍ରଭୁ ଅପୂର୍ବ ଶୋଭା ପାଉଥିଲେ। ପରେ ସନ୍ଧ୍ୟା ଆଳତି ଅନୁଷ୍ଠିତ ହୋଇଥିଲା। ଏହି ବେଶ ଦର୍ଶନ ପାଇଁ ମନ୍ଦିର ପରିସରରେ ବହୁ ଭକ୍ତଙ୍କ ଭିଡ଼ ଜମିଥିଲା।

## ଗୁଣିଗାରେଡ଼ି ସନ୍ଦେହରେ ଯୁବକଙ୍କୁ ଗଛରେ ବାନ୍ଧି ମାଡ଼

- ୨୪ ଘଣ୍ଟା ବିତିଯାଇଥିଲେ ମଧ୍ୟ ପୁଲିସ୍ ଚୁପ୍
- ନ୍ୟାୟ ପାଇଁ ଏସ୍‌ପିଙ୍କୁ ଭେଟିଲେ ପୀଡ଼ିତଙ୍କ ପରିବାର



ଡେରାବିଶ,୩୦।୧୦(ସମିସ): ଚାଟରାଚକଡ଼ା ପଞ୍ଚାୟତର ଓଲଡ଼ି ଗ୍ରାମରେ ଗତକାଲି ଏକ ଅଭାବନୀୟ ଘଟଣା ଘଟିଛି। ଓଲଡ଼ି ଗ୍ରାମରେ ଭଡ଼ାରେ ରହୁଥିବା ଜଣେ ଯୁବକଙ୍କୁ ଗ୍ରାମର କିଛି ଲୋକ ଗୁଣିଗାରେଡ଼ି ସନ୍ଦେହରେ ଗଛରେ ବାନ୍ଧି ତାଙ୍କୁ ଓ ତାଙ୍କ ପରିବାରକୁ ନିର୍ଦ୍ଧୁମ ମାଡ଼ ମାରିଥିବା ଭିଡ଼ିଓ ମୋବାଇଲରୁ ମୋବାଇଲ୍ ଭାଇରାଲ ହେବାରେ ଲାଗିଛି। ଏହି ଭିଡ଼ିଓରେ ଜଣେ ଯୁବକଙ୍କୁ କିଛି ଲୋକ ଏକ ଗଛରେ ବାନ୍ଧି ବାଡ଼େଇବା ସହିତ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଥିବା ଦେଖିବାକୁ ମିଳିଛି। ପୀଡ଼ିତଙ୍କ ପରିବାର ପକ୍ଷରୁ ଡେରାବିଶ ଥାନାରେ ଅଭିଯୋଗ କରାଯାଇଥିଲା। ଅଭିଯୋଗ କରାଯିବାର ୨୪ ଘଣ୍ଟା ବିତିଯାଇଥିଲେ ମଧ୍ୟ ଡେରାବିଶ ଥାନା ପକ୍ଷରୁ ଅଭିଯୋଗକୁ ଅଣଦେଖା କରାଯାଇଛି। ଫଳରେ ପୀଡ଼ିତଙ୍କ ପରିବାର ଆଜି ନ୍ୟାୟ ପାଇଁ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରସ୍ଥ ହୋଇଥିବା ଜଣାଯାଇଛି। ପଳେଇ ପଞ୍ଚାୟତର ଗଗନ ବିହାରୀ ବାରିକଙ୍କ ପୁଅ ଅମରେନ୍ଦ୍ର ବାରିକ ଚାଟରାଚକଡ଼ା ପଞ୍ଚାୟତ ଅନ୍ତର୍ଗତ ଓଲଡ଼ି ଗ୍ରାମର ହୃଷିକେଶ ମହଲାଙ୍କ ଘରେ ଭଡ଼ାରେ ପରିବାର ସହିତ ରହୁଥିଲେ। ଗତକାଲି ସ୍ଥାନୀୟ ଅଞ୍ଚଳର କିଛି ଯୁବକ ଅମରେନ୍ଦ୍ର ଗ୍ରାମରେ ଗୁଡ଼ି ଗାରେଡ଼ି କରୁଥିବା ସନ୍ଦେହରେ ତାଙ୍କୁ ଏକ ଗଛରେ ବାନ୍ଧି ମାଡ଼ କରିଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ଏଥିସହିତ ତାଙ୍କ ପତ୍ନୀ ଓ ତାଙ୍କ ପୁଅକୁ ମାଡ଼ ମରାଯାଇଥିବା ନେଇ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଗ୍ରାମବାସୀଙ୍କ ପକ୍ଷରୁ ଅମରେନ୍ଦ୍ରଙ୍କ ବିରୋଧରେ ପାଲଟା ଅଭିଯୋଗ ଥାନାରେ କରାଯାଇଛି।

## ● କଟପା ଆଇନ-୨୦୦୩ ଉଲ୍ଲଙ୍ଘନ

## ୧୩ ଦୋକାନୀଙ୍କୁ ୨୪ ଶହ ଟଙ୍କା ଜରିମାନା

କେନ୍ଦ୍ରାପଡ଼ା,୩୦।୧୦(ସମିସ):କଟପା ଆଇନ-୨୦୦୩ ଅନୁଯାୟୀ ଶିକ୍ଷାନୁଷ୍ଠାନ, ଡାକ୍ତରଖାନା ଓ ସର୍ବସାଧାରଣ ସ୍ଥାନର ୧୦୦ ମିଟର ପରିସର ମଧ୍ୟରେ ତମାକୁ ପଦାର୍ଥ ବିକ୍ରୟ ନିଷିଦ୍ଧ



ରହିଛି। ଏହି ନିୟମ ଉଲ୍ଲଙ୍ଘନ କରୁଥିବା ଦୋକାନୀଙ୍କ ବିରୋଧରେ ଆଜି ପ୍ରଶାସନ ପକ୍ଷରୁ ଗଠିତ ମିଳିତ ଟିମ ଅଭିଯାନ ଆରମ୍ଭ କରିଛି। ତିନିମୁହାଣି ଛକ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଞ୍ଚଳରେ ହୋଇଥିବା ଚଢ଼ଉ ସମୟରେ ୧୩ଟି ଦୋକାନରୁ ମିଳିତ ଟିମ ୨୪ ଶହ ଟଙ୍କା ଜରିମାନା ଆଦାୟ କରିଛି। ଏହି ଟିମରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଗୌରାଙ୍ଗ ଗିରି, ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରୀତିଶ ଦାସ, ଡ୍ରଗ ଇନସ୍ପେକ୍ଟର ସୁକାନ୍ତ ସାହୁ, ଏନସିଡି ଆସିଷ୍ଟାଣ୍ଟ ମ୍ୟାନେଜର ଶ୍ୟାମସୁନ୍ଦର ବିଶ୍ୱାଳ ସହ ପୁଲିସ ଓ ଅବକାରୀ ବିଭାଗ କର୍ମଚାରୀ ଅଂଶଗ୍ରହଣ କରିଥିଲେ।

## ଓଳାଭର କାଳୀ ପଡ଼ିଆରେ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ଚଢ଼ଉ

ରାଜକନିକା,୩୦।୧୦(ସମିସ): ଓଳାଭର କାଳୀ ପଡ଼ିଆରେ ଆଜି ଅପରାହ୍ନରେ କେନ୍ଦ୍ରାପଡ଼ା ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ଖାଦ୍ୟ ମାନ ପରଖି ସଠିକ୍ ଢଙ୍ଗରେ ସ୍ୱାସ୍ଥ୍ୟ ଉପଯୋଗୀ ଖାଦ୍ୟ ବିକ୍ରି କରିବାକୁ ପରାମର୍ଶ ଦେଇଛନ୍ତି। କାଳୀପୂଜା ପାଇଁ ପଡ଼ିଆରେ ବହୁ ମାତ୍ରାରେ ଜଳଖିଆ ଦୋକାନ, ଫାଷ୍ଟଫୁଡ୍ ଦୋକାନ ସହିତ ଅନ୍ୟାନ୍ୟ ଖାଦ୍ୟ ପଦାର୍ଥ ବିକ୍ରି ହେଉଛି। କିଛି ଅସାଧୁ ବ୍ୟବସାୟୀ ଏସବୁ ଦୋକାନରେ ଅଖାଦ୍ୟ, ଭେଜାଲ ଖାଦ୍ୟ, ବାସିଖାଦ୍ୟ ସହିତ ରାସାୟନିକ ରଙ୍ଗ ବ୍ୟବହାର, ନିମ୍ନମାନର ସସ୍ ବିକ୍ରି କରିବାର ଆଶଙ୍କା ଥିବାରୁ ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଥିଲା।

## ■ ବେଲାରପୁର ଗ୍ରାମ ଆମ ବ୍ୟାଙ୍କ୍

## କର୍ମଚାରୀଙ୍କୁ ଦରମା ମିଳି ନ ଥିବାରୁ ବ୍ୟାଙ୍କ ବନ୍ଦ

ପଞ୍ଚୁପାଣ୍ଡବ,୩୦।୧୦(ସମିସ): ଡେରାବିଶ ବ୍ଲକ୍ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ବେଲାରପୁର ଗ୍ରାମରେ ଥିବା ଆମ ବ୍ୟାଙ୍କ୍ ଦୀର୍ଘଦିନ ଧରି ଖୋଲାଯାଉନି। ଏହି ବ୍ୟାଙ୍କରେ ଥିବା କର୍ମଚାରୀ (ବିଶି) ପ୍ରାୟ ୮ ମାସ ହେଲା ଦରମା ପାଇ ନ ଥିବାରୁ ବ୍ୟାଙ୍କ ଖୋଲୁ ନ ଥିବା ଅଭିଯୋଗ ହେଉଛି। ବ୍ୟାଙ୍କ୍ ଘର ନିର୍ମାଣ ପାଇଁ ପୂର୍ବ ସରକାରଙ୍କ ପକ୍ଷରୁ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ କାମ ସରିଥିବାବେଳେ ଏବେ ନୂଆ ସରକାରଙ୍କ ଖାମଖିଆଲି ମନୋଭାବ ଯୋଗୁଁ ବ୍ୟାଙ୍କ୍ ଘର ଅଦରକାରୀ ହୋଇପଡ଼ିରହିଥିବାବେଳେ ଲୋକଙ୍କ କାମରେ ଲାଗୁ ନ ଥିବା ଦେଖିବାକୁ ମିଳୁଛି।

ପୂର୍ବ ସରକାରଙ୍କ ଦ୍ୱାରା ଆଖପାଖ ଅଞ୍ଚଳରେ ଥିବା ଲୋକଙ୍କ ସୁବିଧା ପାଇଁ ଏହି ବ୍ୟାଙ୍କ୍ କରାଯାଇଥିଲା। ଏବେ ମୋ' ବ୍ୟାଙ୍କ ବନ୍ଦ ଥିବାରୁ ପାଖ ଅଞ୍ଚଳରୁ ଶତାଧିକ ଲୋକ ବହୁ ଦୂରଦୂରାନ୍ତକୁ ଅର୍ଥ କାରବାର କରିବାକୁ ଯାଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବ୍ୟାଙ୍କ୍ ବିଶି ଅଭିଜିତ ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, ଆମର ୮ ମାସ ହେଲା ଦରମା ମିଳିନାହିଁ ଓ ଅସରାଏ ବର୍ଷା ହେଲେ ବ୍ୟାଙ୍କ୍ ଅଫିସ ସମ୍ମୁଖରେ ଆଣ୍ଠୁଏ ପାଣି ଜମି ରହୁଛି। ବିଭିନ୍ନ ପ୍ରକାର ସମସ୍ୟା ଥିବାରୁ ବ୍ୟାଙ୍କ୍ ଏକ ପ୍ରକାର ବନ୍ଦ ହେବାକୁ ଲାଗିଲାଣି। ଏ ବିଷୟରେ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ସୁଦ୍ଧା କେହି ସମସ୍ୟାକୁ ସମାଧାନ କରୁ ନ ଥିବା ସରପଞ୍ଚ ଭକ୍ତିଲତା ନାୟକ କହିଛନ୍ତି।


## ଜିଲ୍ଲା ପୁଲିସ ପକ୍ଷରୁ ସାଇବର ସୁରକ୍ଷା ସଚେତନତା




କେନ୍ଦ୍ରାପଡ଼ା,୩୦।୧୦(ସମିସ): ଜିଲ୍ଲା ପୁଲିସ ପକ୍ଷରୁ ସାଇବର ସୁରକ୍ଷା ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପୌର ଟାଉନ ହଲ୍‌ରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ ଯୋଗଦେଇ ସାଇବର ଅପରାଧ ସମ୍ପର୍କରେ ସଚେତନତାର ସନ୍ଦେଶ ଦେଇଛନ୍ତି। ସଚେତନ ହେବା ହିଁ ସୁରକ୍ଷା ବୋଲି ଶ୍ରୀ କଟାରିଆ କହିଛନ୍ତି। ସାଇବର ଅପରାଧୀ ଅଜଣା ଲିଙ୍କ, ଆପ୍ ଓ ଓଟିପି ମାଧ୍ୟମରେ ଲୋକଙ୍କୁ ଠକୁଛନ୍ତି। ଆପଣଙ୍କ ବ୍ୟାଙ୍କ ପିନ, ପାସୱାର୍ଡ କିମ୍ବା ଓଟିପି କେବେ ମଧ୍ୟ ଅନ୍ୟକୁ ଦେବେ ନାହିଁ ବୋଲି ସେ କହିଛନ୍ତି। ଖୁବଶୀଘ୍ର ଏକ ସାଇବର ଥାନା ଖୋଲିବାକୁ ଯାଉଛି। ରାଜ୍ୟରେ ଏବେ ୧୪ଟି ସାଇବର ଥାନା ଚାଲୁଥିବାବେଳେ ଆଉ ୨୦ଟି ନୂତନ ସାଇବର ଥାନା ଖୋଲିବା ପାଇଁ ପ୍ରସ୍ତୁତି ଚାଲିଛି। ଏହି ଅବସରରେ ଶ୍ରୀ କଟାରିଆ ସାଇବର ସୁରକ୍ଷା ସଚେତନତା ରଥକୁ ଉଦଘାଟନ କରିଛନ୍ତି। ଏହି ରଥ ଜିଲ୍ଲାର ପ୍ରତ୍ୟେକ ଥାନା ଅଞ୍ଚଳରେ ବୁଲି ଲୋକଙ୍କୁ ସାଇବର ସୁରକ୍ଷା ସମ୍ପର୍କରେ ଜଣାଇବ। ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର ମଲ୍ଲିକ କହିଲେ, ସାଇବର ଅପରାଧ ଆଜି ଆମ ସମାଜ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ। ଯେପରି ରୋଗ ପୂର୍ବରୁ ପ୍ରତିଷେଧକ ଜରୁରୀ, ସେପରି ସାଇବର ଠକ ଠକିବା ପୂର୍ବରୁ ସଚେତନତା ଆବଶ୍ୟକ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ସାଇବର କୁଇଜ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଅତିରିକ୍ତ ଏସ୍‌ପି ପ୍ରଭାତ ବିଶ୍ୱାଳ, କେନ୍ଦ୍ରାପଡ଼ା ଏସଡିପିଓ ଜ୍ୟୋତିରଞ୍ଜନ ଗୌଡ, ପଟ୍ଟାମୁଣ୍ଡାଇ ଏସଡିପିଓ କ୍ଷମାସାଗର ପଣ୍ଡା, ଡିଏସପି (ଡିଆଇବି) ଲକ୍ଷ୍ମୀନାରାୟଣ ତିୱାରୀ, ଡିଏସପି ସରୋଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## କେରଳରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

ରାଜନଗର,୩୦।୧୦(ସମିସ): ତାଳଚୁଆ ସାମୁଦ୍ରିକ ଥାନା ଖମାରସାହି ଅନ୍ତର୍ଗତ ନଳିତାପାଟିଆ ଗ୍ରାମର ପ୍ରଫୁଲ୍ଲ ମଲିକଙ୍କ ପୁଅ ସୁକାନ୍ତ ମଲିକ(୩୩) କେରଳର



ଏର୍ଣ୍ଣାକୁଲମଠାରେ ଥିବା ଲାମିନାର ଲାମିନେସନ ପ୍ରାଇଭେଟ ଲିମିଟେଡ ପ୍ଲାଏଉଡ କମ୍ପାନୀରେ ଶ୍ରମିକ ଭାବେ କାମ କରୁଥିଲେ। ଗୁରୁବାର ସକାଳେ କାମ କରୁଥିବାବେଳେ ପ୍ଲାଏ ତାଙ୍କ ଉପରେ ଖସିପଡିଥିଲା। ପ୍ଲାଏ ତଳେ ଚାପି ହୋଇ ସୁକାନ୍ତ ମୃତ୍ୟୁବରଣ କରିଥିଲେ। ଘରେ ତାଙ୍କର ସ୍ତ୍ରୀ, ଦୁଇ ନାଲିକା ଝିଅ(୭ ଓ ୯ବର୍ଷ) ଓ ଅଢେଇ ବର୍ଷର ପୁଅ ଅଛନ୍ତି। ଏହି ଅଭାବୀ ପରିବାରର ଶବ କିପରି ଗାଁକୁ ଫେରିବ ସେହି ଚିନ୍ତାରେ ପଡିଛନ୍ତି। ଶବ ଫେରାଇ ଆଣିବାକୁ ପରିବାର ଲୋକଙ୍କ ସହ ଗାଁ ଲୋକେ ନିବେଦନ କରିଛନ୍ତି।

## ବତୀଘର ମାର୍କେଟରେ ମହିଳାଙ୍କୁ ଆକ୍ରମଣ


ମହାକାଳପଡ଼ା, ୩୦।୧୦(ସମିସ): ଜମ୍ବୁ ସାମୁଦ୍ରିକ ଥାନା ଅଧୀନ ତଥା ମହାକାଳପଡ଼ା ବ୍ଲକ ବତୀଘର ପଞ୍ଚାୟତ ବରକୋଳିଖଳା ମାର୍କେଟରେ ଜଣେ ମହିଳାଙ୍କୁ କେତେକ ମହିଳା ଆକ୍ରମଣ କରୁଥିବା ଭିଡିଓ ଭାଇରାଲ ହେଉଛି। ଆକ୍ରମଣର ଶିକାର ହୋଇଥିବା ମହିଳାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ମହିଳାଙ୍କ ମଧ୍ୟରେ ଗଣ୍ଡଗୋଳ ହେଉଥିବା ସମୟରେ କେତେକ ଲୋକ ଦେଖଣାହାରୀ ସାଜିଥିଲେ ତ କେତେକ ମୋବାଇଲରେ ଭିଡିଓ ରେକର୍ଡିଂ କରିଥିଲେ। କେହି ରୋକିବାକୁ ପ୍ରୟାସ କରି ନ ଥିଲେ। ବରକୋଳିଖଳା ବଜାରରେ ଏକ ଦୋକାନ ଘରକୁ ନେଇ ଉଭୟ ପକ୍ଷ ମଧ୍ୟରେ କିଛିବର୍ଷ ହେବ ବିବାଦ ଲାଗି ରହିଥିଲା। ଆକ୍ରମଣର ଶିକାର ହୋଇଥିବା ମହିଳା ପାରୁଲ ମଣ୍ଡଳଙ୍କ ସହିତ ସେହି ବରକୋଳିଖଳା ଗ୍ରାମର ସୁବାସ ମଣ୍ଡଳଙ୍କ ସହିତ ଏକ ଦୋକାନ ଘରକୁ ନେଇ ବିବାଦ ଲାଗି ରହିଥିବାବେଳେ କେନ୍ଦ୍ରାପଡ଼ା ଉପଜିଲ୍ଲାପାଳଙ୍କ କୋର୍ଟରେ ମାମଲା ଚାଲିଛି। ମହାକାଳପଡ଼ା ତହସିଲଦାରଙ୍କ ନିର୍ଦ୍ଦେଶରେ ଗତ ମଇ ମାସରେ ସ୍ଥାନୀୟ ରାମଚଣ୍ଡୀ ଆରଆଇ ତଦନ୍ତ ରିପୋର୍ଟ ମଧ୍ୟ ପ୍ରଦାନ କରିସାରିଛନ୍ତି। ତିନଦିନ ପୂର୍ବେ କିଛି ଗୁଣ୍ଡାଙ୍କୁ ଆଣି ସୁବାସ ମଣ୍ଡଳ ତାଙ୍କ ଦୋକାନ ଘର ଭଙ୍ଗାରୁଜା କରିଥିବା ପାରୁଲ ଥାନାରେ ଅଭିଯୋଗ କରିଥିଲେ। ତଦନ୍ତ କରିବାକୁ ପୁଲିସ ଯାଇଥିବାବେଳେ ସେମାନଙ୍କ ଉପସ୍ଥିତିରେ ମହିଳାଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ତଦନ୍ତ ଜାରି ରହିଥିବା ସାମୁଦ୍ରିକ ଥାନା ଆଇଆଇସି ସୌମ୍ୟରଞ୍ଜନ ବିଶ୍ୱାଳ କହିଛନ୍ତି।

## ସାକ୍ଷ୍ୟ ପ୍ରମାଣ ଅଭାବରୁ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ସନ୍ତୋଷ ମଲିକ ମୃତ୍ୟୁ ମାମଲା**

କେନ୍ଦ୍ରାପଡ଼ା,୩୦।୧୦(ସମିସ): ନିକିରାଇ ଥାନା ଅଞ୍ଚଳର ଜଣେ ଯୁବକଙ୍କୁ ଆକ୍ରମଣ କରାଯିବା ପରେ ତାଙ୍କର ମୃତ୍ୟୁ ଘଟିବା ମାମଲାର ବିଚାର କରି କେନ୍ଦ୍ରାପଡ଼ା ଅତିରିକ୍ତ ଜିଲ୍ଲାଜଜ୍ ଅଭିଯୁକ୍ତ ସୁନାକର ମଲିକଙ୍କୁ ସାକ୍ଷ୍ୟ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଧୂମାତ ମଠସାହି ଗ୍ରାମର ସନ୍ତୋଷ ମଲିକ ୨୦୧୮ ଅଗଷ୍ଟ ୨୭ ତାରିଖରେ ସୁନାକରଙ୍କ ଘରେ ଚାଲିଥିବା ଏକ ଜନ୍ମଦିନ ଭୋଜିକୁ ଯାଇଥିଲେ। କୌଣସି କାରଣକୁ କେନ୍ଦ୍ର କରି ସୁନାକରଙ୍କ ସହ ସନ୍ତୋଷଙ୍କ ଯୁକ୍ତିତର୍କ ହୋଇଥିଲା। ଏହି ଯୁକ୍ତିତର୍କ କ୍ରମେ ଉଗ୍ରରୂପ ନେବାରୁ ସୁନାକର ଏକ ବାଉଁଶ କୀଳାରେ ସନ୍ତୋଷଙ୍କ ପେଟକୁ ଭୁସି ଦେଇଥିଲେ। ଏହାଦ୍ୱାରା ସନ୍ତୋଷ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ପ୍ରଥମେ ଇନ୍ଦୁପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଯାଇଥିଲା। ସେଠାରେ ତାଙ୍କ ସ୍ୱାସ୍ଥ୍ୟବସ୍ଥାରେ ସୁଧାର ନ ଆସିବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସନ୍ତୋଷଙ୍କ ୨୦୧୮ ଅଗଷ୍ଟ ୨୯ ତାରିଖରେ ମୃତ୍ୟୁ ହୋଇଯାଇଥିଲା। ନିକିରାଇ ଥାନା ପୁଲିସ ସୁନାକର ମଲିକ ବିରୋଧରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ୨୦୨୧ ଜାନୁଆରୀ ୧୫ ତାରିଖରେ ପୁଲିସ କୋର୍ଟରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲା। ତେବେ ସାକ୍ଷ୍ୟ ପ୍ରମାଣ ଅଭାବରୁ କେନ୍ଦ୍ରାପଡ଼ା ଅତିରିକ୍ତ ଜିଲ୍ଲାଜଜ୍ ବିଷ୍ଣୁଦେବ ଜେନା ଅଭିଯୁକ୍ତ ସୁନାକର ମଲିକଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଆଶୁତୋଷ ମହାନ୍ତି ଓ ସହଯୋଗୀ ଆଇନଜୀବୀ ଏ.ସି. ଖଟୁଆ ମକଦ୍ଦମା ପରିଚାଳନା କରୁଥିଲେ।

## ବ୍ରାହ୍ମଣୀ ନଦୀରେ କୁମ୍ଭୀର, ଲୋକେ ଆତଙ୍କିତ



ଆଳି, ୩୦।୧୦(ସମିସ): ବଡାମ୍ବିଳା ପଞ୍ଚାୟତର ସାହୁପଡ଼ା ଓ ଦଶିପୁର ଗ୍ରାମ ସହ ରାଜନଗର ପଞ୍ଚାୟତର ନଦୀ ପାର ଆଳି ପାଶ୍ୱର୍ ଗ୍ରାମ ନଳଦିଆ ଓ କଟକଣା ଗ୍ରାମ ଦେଇ ବ୍ରାହ୍ମଣୀ ନଦୀ ବହିଯାଇଥିବାବେଳେ ଏହି ନଦୀରେ ଏକ ୧୨ରୁ ୧୪ ଫୁଟର ବଉଳା କୁମ୍ଭୀର ଚଳପ୍ରଚଳ କରୁଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ଅଞ୍ଚଳବାସୀ ଆତଙ୍କିତ ହୋଇପଡିଛନ୍ତି। ବନ ବିଭାଗ ପକ୍ଷରୁ ବାରମ୍ବାର ସଚେତନତା କରାଯିବା ସହ ସଚେତନତା ଫଳକ ଲଗାଯାଇଥିଲେ ମଧ୍ୟ ତାର ବାଡ଼ ଯୋଗାଇ ନ ଦିଆଯିବାକୁ ନେଇ ଅଞ୍ଚଳବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏ ନେଇ ଆଳି ବନବିଭାଗ ଅଧିକାରିଣୀ ଲକ୍ଷ୍ମୀପ୍ରିୟା ଖଟୁଆଙ୍କୁ ପଚାରିବାରୁ ସେ କହିଛନ୍ତି, ଏ ନେଇ ଆମେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବା ସହ ସାଧାରଣ ଲୋକଙ୍କୁ ସଚେତନ କରାଯାଉଛି।

## ରାଜକନିକାରେ କ୍ରୀଡ଼ା ପ୍ରତିଯୋଗିତା କରାଇ ନ ଦେବାକୁ ଚକ୍ରାନ୍ତ ଅଭିଯୋଗ

ରାଜକନିକା,୩୦।୧୦(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାସ୍ତରୀୟ ବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା ମହାକାଳପଡା, ପଟ୍ଟାମୁଣ୍ଡାଇ ଓ ରାଜକନିକା ବ୍ଲକ୍‌ରେ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ରାଜକନିକାରେ କ୍ରିକେଟ ଓ ଆଥଲେଟିକ ପ୍ରତିଯୋଗିତା ପାଇଁ ତିନିମାସ ପୂର୍ବରୁ ନିଷ୍ପତ୍ତି ନିଆଯିବା ପରେ ଆଜି ଶେଷ ଦିନ ସୁଦ୍ଧା କୌଣସି ଚିଠି କରା ନ ଯିବାରୁ ଛାତ୍ରଛାତ୍ରୀ ନିରାଶ ହୋଇଛନ୍ତି। ରାଜକନିକାରେ କ୍ରୀଡ଼ା ପ୍ରତିଯୋଗିତା କରାଇ ନ ଦେବାକୁ ଏହା ଏକ ଚକ୍ରାନ୍ତ ବୋଲି ସାଧାରଣରେ ଅଭିଯୋଗ କରାଯାଇଛି।

ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ପାଇଁ ଗଠିତ ବୈଠକ ବସି କେଉଁ ବ୍ଲକରେ କେଉଁ କ୍ରୀଡ଼ା ପ୍ରତିଯୋଗିତା କରାଯିବ ସେ ନେଇ ସମୟ ଓ କାର୍ଯ୍ୟକ୍ରମ ସ୍ଥିର ହୋଇଥିଲା। ରାଜକନିକା ବ୍ଲକ୍‌ରେ ଚଳିତ ମାସ ୨୨ ଓ ୨୩ ଦୁଇଦିନ ଧରି ପ୍ରତିଯୋଗିତା ପାଇଁ ସ୍ଥିର ହୋଇଥିବାବେଳେ ପାଣିପାଗ ପରିବର୍ତ୍ତନ ପାଇଁ ଏହାକୁ ଘୁଞ୍ଚାଇ ଦେଇ ଆଜି ଓ ଆସନ୍ତାକାଲି କରାଯିବାକୁ ସ୍ଥିର ହୋଇଥିଲା। ମାତ୍ର ଏହି ପ୍ରତିଯୋଗିତା ପାଇଁ ଅବଶ୍ୟକୀୟ ଚିଠି କରା ନ ଯିବା ଦ୍ୱାରା ଏହା ସମ୍ଭବ ହୋଇନାହିଁ। ଫଳରେ ଜିଲ୍ଲାର କ୍ରିକେଟ ଓ ଆଥଲେଟିକରେ ବହୁ ଯୋଗ୍ୟତା ରଖିଥିବା କ୍ରୀଡ଼ାବିତ ନିରାଶ ହୋଇଛନ୍ତି।ରାଜକନିକା ବ୍ଲକରେ ଉନ୍ନତମାନର କ୍ରୀଡ଼ା ଭିତ୍ତିଭୂମି ଥାଇ ଏଠାରୁ ପ୍ରତିବର୍ଷ ବହୁ କ୍ରୀଡ଼ାବିତ ସୃଷ୍ଟି ହୋଇ ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ ନିଜ କ୍ରୀଡା ଦକ୍ଷତା ପ୍ରତିପାଦନ କରି ଗୌରବ ଆଣୁଥିବା ବେଳେ ଚଳିତ ଥର ଏହାକୁ କରାଇ ନ ଦେବା ପାଇଁ ଚକ୍ରାନ୍ତ ହୋଇଥିବା ରାଜେଶ ବିଶ୍ୱାଳ, ସୁବାସ ରାଉତ, ଚକ୍ରଧର ପଣ୍ଡା ପ୍ରମୁଖ ଅସନ୍ତୋଷ ପ୍ରକାଶ କରି କହିଛନ୍ତି। ଜିଲ୍ଲାସ୍ତରୀୟ କମିଟିର ଘୋଷଣା ପରେ କେଉଁ କାରଣରୁ ରାଜକନିକାରେ ଏହି କ୍ରୀଡା ପ୍ରତଯୋଗିତା କରାଗଲାନାହିଁ, ସେ ସମ୍ପର୍କରେ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ବହୁ କ୍ରୀଡା ଅନୁଷ୍ଠାନ ଦାବି କରିଛି।

## ବିପର୍ଯ୍ୟୟ କ୍ଷୟକ୍ଷତି ହ୍ରାସ ତାଲିମ ଶିବିର

ପଟ୍ଟାମୁଣ୍ଡାଇ, ୩୦।୧୦(ସମିସ): ପ୍ରାକୃତିକ ବିପର୍ଯ୍ୟୟପ୍ରବଣ ରାଜ୍ୟ ଭାବେ ପରିଚିତ ଓଡ଼ିଶାରେ ବିପର୍ଯ୍ୟୟ ମୁକାବିଲା, ଜିରୋ କାଜୁଆଲିଟି ଓ କ୍ଷୟକ୍ଷତି ହ୍ରାସ ଉପରେ ରାଜ୍ୟ ସରକାର ଗୁରୁତ୍ୱାରୋପ କରି ଏ ଦିଗରେ ପଦକ୍ଷେପ ଗ୍ରହଣ କରିଛନ୍ତି। ଏ ପରିପ୍ରେକ୍ଷୀରେ ପଟ୍ଟାମୁଣ୍ଡାଇ ବ୍ଲକ ସମ୍ମିଳନୀ କକ୍ଷରେ ପଟ୍ଟାମୁଣ୍ଡାଇ ଓ ରାଜନଗରକୁ ବିପର୍ଯ୍ୟୟ କ୍ଷୟକ୍ଷତି ହ୍ରାସ ବ୍ଲକ୍ କରିବାକୁ ୨ଦିନିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗ ଦେଇ ବିପର୍ଯ୍ୟୟର ଚିର ସହଚର ଓଡ଼ିଶା ଅତୀତରେ ବହୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ସଫଳ ମୁକାବିଲା କରି ସାରା ବିଶ୍ୱରେ ଉଦାହରଣ ସୃଷ୍ଟି କରିଛି। ଆଗାମୀ ଦିନରେ ଆମେ ବିପର୍ଯ୍ୟୟର ସଫଳ ମୁକାବିଲା କରି ବିପର୍ଯ୍ୟୟ କ୍ଷୟକ୍ଷତି ହ୍ରାସ କରିପାରିଲେ ସରକାରଙ୍କ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ପୂରଣ ହୋଇପାରିବା ସହିତ ଆମ୍ଭେମାନେ ସୁରକ୍ଷିତ ଜୀବନ ବିତାଇ ପାରିବା ବୋଲି ମତ ପ୍ରକାଶ କରିଥିଲେ। ପଟ୍ଟାମୁଣ୍ଡାଇ ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ବିଡିଓ ଶୀତଲ ଅଗ୍ରୱାଲ, ଅତିରିକ୍ତ ବିଡିଓ ନନ୍ଦିନୀ ଶତପଥୀ ଜିଲ୍ଲା ଆପଦକାଳୀନ ଅଧିକାରୀ ଅଜୟ ଜେନା ଯୋଗ ଦେଇ ବିପର୍ଯ୍ୟୟ ମୁକାବିଲା, କ୍ଷୟକ୍ଷତି ହ୍ରାସ ଉପରେ ତତ୍ତ୍ୱଭିତ୍ତିକ ବିଶ୍ଳେଷଣ କରିଥିଲେ। ଓସଡମା ତାଲିମଦାତା ଅନନ୍ତ କର, ବାବୁଲାଲ କର, ନିରଞ୍ଜନ ସ୍ୱାଇଁ ପ୍ରମୁଖ ବିପର୍ଯ୍ୟୟ ଆଇନ ୨୦୦୫, ବିପର୍ଯ୍ୟୟ ସମୟରେ ପଞ୍ଚାୟତ, ଗୋଷ୍ଠୀର ଭୂମିକା, ବାତ୍ୟା ଆଶ୍ରୟସ୍ଥଳୀ ପରିଚାଳନା ଓ ରକ୍ଷଣାବେକ୍ଷଣ, ବିପର୍ଯ୍ୟୟ କ୍ଷୟକ୍ଷତି ସହାୟତା ଓ କ୍ଷୟକ୍ଷତି ହ୍ରାସ ଉପରେ ତାଲିମ ପ୍ରଦାନ କରିଥିଲେ। ତାଲିମ ଶିବିରରେ ପଟ୍ଟାମୁଣ୍ଡାଇ ଓ ରାଜନଗର ବ୍ଲକରେ କାର୍ଯ୍ୟରତ ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଏକ ମାର୍ଗଦର୍ଶିକା ପ୍ରଦାନ କରାଯାଇଥିବାବେଳେ ରଞ୍ଜିତ ପରିଡା ଧନ୍ୟବାଦ ଦେଇଥିଲେ।

## ● ବ୍ଲକ୍ ପରିସରରେ ଉନ୍ନୟନମୂଳକ କାର୍ଯ୍ୟ ବୈଠକ

## ବିଜେପି ଓ ବିଜେଡି କର୍ମୀଙ୍କ ମଧ୍ୟରେ ଗଣ୍ଡଗୋଳ

ପଟ୍ଟାମୁଣ୍ଡାଇ, ୩୦।୧୦ (ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍ ପରିସରରେ ଉନ୍ନୟନ କାର୍ଯ୍ୟକୁ ନେଇ ୩ଟି ପଞ୍ଚାୟତର ବିଜେପି ଓ ବିଜେଡି କର୍ମୀ, ସମର୍ଥକଙ୍କ ମଧ୍ୟରେ କଥା କଟାକଟି ଓ ଗଣ୍ଡଗୋଳ ହୋଇ ଉତ୍ତେଜନା ସୃଷ୍ଟି ହୋଇଥିଲା। ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୁଲିସକୁ ହସ୍ତକ୍ଷେପ କରିବାକୁ ପଡ଼ିଥିଲା। ଆଇଆଇସି ବନ୍ଦନା ପାତ୍ର ବ୍ଲକ ପରିସରରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ଆହାରକେନ୍ଦ୍ର ସମ୍ମୁଖ ତାତନା କେନାଲ ପାଶ୍ୱର୍ ଡାକ୍ତର କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ଘର ସମ୍ମୁଖ ରାସ୍ତାରେ ଉଭୟ ପକ୍ଷ ସମର୍ଥକଙ୍କ ମଧ୍ୟରେ ପୁନର୍ବାର ଗଣ୍ଡଗୋଳ ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ଉଭୟ ଗୋଷ୍ଠୀଙ୍କ ପକ୍ଷରୁ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ପୃଥକ୍ ଭାବେ ୨ଟି ଏତଲା ଦାୟର କରାଯାଇଥିବା ବେଳେ ଥାନା କେସ ନମ୍ବର ୩୪୯/୨୫ ଓ ୩୫୦/୨୫ରେ ଦୁଇଟି ମାମଲା ରୁଜୁ ହୋଇଛି। ଏହି ଘଟଣା କେଉଁ ପରିସ୍ଥିତିରେ ଘଟିଲା ତାକୁ ନେଇ ସ୍ଥାନୀୟ ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ଲାଗି ରହିଛି।

## କୁଆର ମାଡ଼ରେ କ୍ଷତିଗ୍ରସ୍ତ ପଥର ବନ୍ଧ

# ସ୍ଥିତି ଅନୁଧ୍ୟାନ କଲେ ଜିଲ୍ଲାପାଳ, ଅଧୀକ୍ଷଣ ଯନ୍ତ୍ରୀ


ରାଜନଗର, ୩୦।୧୦(ସମିସ):

ବାତ୍ୟା ମୋନ୍ଥା ଯୋଗୁଁ ଅଶାନ୍ତ ବଙ୍ଗୋପସାଗରର ପ୍ରଭାବ ଦେଖିବାକୁ ମିଳିଥିଲା କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ୍‌ର ପେଣ୍ଠ ନିକଟରେ। ସମୁଦ୍ରରେ ଉଚ୍ଚ କୁଆର ଉଠି ଜିଓ ସିନ୍ଥେଟିକ ୱାଲ ଉପରେ ମାଡ଼ ହୋଇଥିଲା। କୁଆର ମାଡ଼ ଯୋଗୁଁ ସିନ୍ଥେଟିକ ୱାଲକୁ ସୁରକ୍ଷା ଦେବାକୁ ବାମ ଓ ଦକ୍ଷିଣ ପାଶ୍ୱର୍ରେ ନିର୍ମାଣ ହୋଇଥିବା ପଥର ବନ୍ଧ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଥିଲା। ସମୁଦ୍ରର ଉଚ୍ଚ ଉଚ୍ଚ କୁଆର ମାଡ଼ ହେବା ଫଳରେ ସମୁଦ୍ର କୂଳରେ ନିର୍ମାଣ ହୋଇଥିବା ପଥର ବନ୍ଧ ଧସିବା ସହିତ ତାର ଜାଲି ଭିତରୁ ପଥର ବାହାରିଯାଇଥିଲା ଓ ବନ୍ଧ ମଧ୍ୟ ଧୋଇ ହୋଇଯାଇଥିବା ଦେଖିବାକୁ ମିଳିଥିଲା।



ଜିଓ ସିନ୍ଥେଟିକ ୱାଲର ବାମ ପାଶ୍ୱର୍ରେ ପ୍ରାୟ ୧୦୦ ଫୁଟ ପଥର ବନ୍ଧ କ୍ଷତିଗ୍ରସ୍ତ ହୋଇଥିବାବେଳେ ଦକ୍ଷିଣ ପାଶ୍ୱର୍ରେ ପାଖାପାଖି ୫ ଫୁଟ ସମୁଦ୍ର ମଧ୍ୟକୁ ଏହି ପଥର ବନ୍ଧ ଧସିପଡ଼ିଛି। ସମୁଦ୍ରର ଏହି ଉଗ୍ର ଦୃଶ୍ୟ ଦେଖି କେବଳ ପେଣ୍ଠ ଗ୍ରାମର ଅଧିବାସୀ ନୁହଁନ୍ତି, ସମଗ୍ର ରାଜନଗରବାସୀ ଭୟଭୀତ ହୋଇପଡ଼ିଛନ୍ତି। ଆଜି କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ ଆର ଆୟାର, ଡିଏଫ୍‌ଓ ଭରଦରାଜ ଗାଓଁକର, ଉପଜିଲ୍ଲାପାଳ ଅରୁଣ ନାୟକ, ତହସିଲଦାର ଯୀଶୁକୃଷ୍ଣ ଦାସ, ଆଳି ତଟବନ୍ଧ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ସମ୍ବିତ କୁମାର ସାହୁ , ସହକାରୀ ଯନ୍ତ୍ରୀ ନିତ୍ୟାନନ୍ଦ ମଲ୍ଲ ପ୍ରମୁଖ ପେଣ୍ଠ ସମୁଦ୍ର କୂଳରେ ପହଞ୍ଚି ଜିଓ ସିନ୍ଥେଟିକ ୱାଲ ଓ ପଥର ବନ୍ଧର ସ୍ଥିତି ଅନୁଧ୍ୟାନ କରିଥିଲେ। କୁଆର ମାଡ଼ରେ ପଥରବନ୍ଧ କ୍ଷତିଗ୍ରସ୍ତ ହୋଇଥିବା ଦେଖିବା ପରେ ଜିଲ୍ଲାପାଳ ଏହାର ସ୍ଥାୟୀ ପ୍ରତିକାର କରିବାକୁ ଅଧୀକ୍ଷଣ ଯନ୍ତ୍ରୀଙ୍କ ସହିତ ଆଲୋଚନା କରିଥିଲେ। ଆସନ୍ତା ସପ୍ତାହରେ ମୁଖ୍ୟଯନ୍ତ୍ରୀ ପେଣ୍ଠରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ପରେ ଏହାର ମରାମତି କରାଯିବ ଓ ସ୍ଥାୟୀ ପ୍ରତିକାର ପାଇଁ ପଦକ୍ଷେପ ନିଆଯିବ ବୋଲି ଅଧିକ୍ଷଣ ଯନ୍ତ୍ରୀ ଶ୍ରୀ ସାହୁ ସୂଚନା ଦେଇଛନ୍ତି।

# ସମ୍ପାଦକୀୟ



ବିଶ୍ୱାସ ହେଉଛି ସେଭଳି ଏକ ପକ୍ଷୀ, ଯିଏ ଅରୁଣୋଦୟ ପୂର୍ବରୁ ଆଲୋକ ଦେଖିପାରେ।
-ରବୀନ୍ଦ୍ରନାଥ ଟାଗୋର।

ସକାଳ THE SAKALA

## ଦୁର୍ନୀତି ଦାନବର ଦୌରାତ୍ମ୍ୟ

ଏକ ରାଷ୍ଟ୍ରାୟତ୍ତର ଉଦ୍ୟୋଗର ପୂର୍ବତନ ବିତ୍ତ ଅଧିକାରୀ ସାମାଜିକ ଗଣମାଧ୍ୟମରେ ବର୍ଣ୍ଣନା କରିଥିବା ଅଙ୍ଗେନିଭା ଘଟଣାର ହୃଦୟବିଦାରକ କାହାଣୀ ଜାତୀୟସ୍ତରରେ ଆଲୋଡ଼ନ ସୃଷ୍ଟି କରିଛି। ବେଙ୍ଗାଲୁରୁ ନିବାସୀ କେ ଶିବକୁମାରଙ୍କ ସହିତ ଘଟିଥିବା ଘଟଣା ଯେତିକି ହୃଦୟବିଦାରକ ତାଙ୍କ ଟିପ୍ପଣୀ ତା'ଠାରୁ ଅଧିକ ଚିନ୍ତାଜନକ। ୩୪ବର୍ଷୀୟା ଝିଅର ମୃତ୍ୟୁ ପରେ ଡାକ୍ତରଖାନାରୁ ପୋଷ୍ଟମର୍ଟମ ଏପରିକି ଶ୍ମଶାନ ପର୍ଯ୍ୟନ୍ତ ପ୍ରତିଟି ସ୍ତରରେ କିଭଳି ଲାଞ୍ଚ ଦେବାକୁ ପଡ଼ିଛି, ତାହା ଶିବକୁମାର ଉଲ୍ଲେଖ କରିବା ପରେ ଦୁଇ ପୁଲିସ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଛି। ଚିରାଚରିତ ଭାବେ ଏହାକୁ ନେଇ ରାଜନୀତି ଆରମ୍ଭ ହୋଇସାରିଛି। ଶେଷରେ ଶିବକୁମାର ଲେଖିଛନ୍ତି 'ଆର୍ଥିକ ସ୍ୱଚ୍ଛଳ ଥିବାରୁ ମୁଁ ସେମାନଙ୍କ ଦାବି ପୂରଣ କରିପାରିଲି; କିନ୍ତୁ ଗରିବଟିଏ କ'ଣ କରିବ?' ସମାଜିକ ଗଣମାଧ୍ୟରେ ଶିବକୁମାରଙ୍କ ଏହି ମର୍ମଭେଦୀ ବର୍ଣ୍ଣନା ଓ ବେଦନା ଏଭଳି ସମୟରେ ଆସିଛି ଯେତେବେଳେ ସାରା ଦେଶ ଦୁର୍ନୀତି ନିବାରଣ ସପ୍ତାହ ପାଳନ କରୁଛି।

ଆମ ଦେଶରେ ଦୁର୍ନୀତିର ଚେର କେତେ ଗଭୀରକୁ ଯାଇସାରିଛି ଏବଂ ଏହାର ସ୍ୱରୂପ କେତେ କୁତ୍ସିତ ଓ ବୀଭତ୍ସ ହୋଇସାରିଛି, ଉପରୋକ୍ତ ଘଟଣା ତାହାର କେବଳ ଏକ ଉଦାହରଣ ମାତ୍ର। ଆମ ଶାସନ ବ୍ୟବସ୍ଥାର ଏକ ବିଡ଼ମ୍ବନା ହେଉଛି ସରକାର ବଦଳିଲେ ଅଧୁଆ ମୂଳା ଧୂଆ ମୂଳା ହୋଇଯାଏ ଏବଂ ଦୁର୍ନୀତିଗୁଡ଼ିକ ନୀତି ପାଲଟି ଯାଏ। ଏଭଳି କାଦୁଅ ପିଙ୍ଗା ରାଜନୀତିର ପରିବେଶରେ ପରିପୁଷ୍ଟ ହୋଇ ଦୁର୍ନୀତି ତା'ର କାୟା ବିସ୍ତାର କରିଚାଲେ। ଗରିବର ଜାତି ନାହିଁ କି ଦୁର୍ନୀତି ରାଜନୀତି ମାନେ ନାହିଁ। ଯେତେବେଳ ପର୍ଯ୍ୟନ୍ତ ମାନବ ଦୁର୍ନୀତି-ଦାନବ କୋଳରେ ବସିବାକୁ ସୁଖ ମଣୁଥିବ, କୌଣସି ଶାସନ, ପ୍ରଶାସନ ଯେତେ ସାଧ ସାଧନା କଲେ ମଧ୍ୟ ବ୍ୟବସ୍ଥାରୁ ଦୁର୍ନୀତି ହଟିବ ନାହିଁ। ତେଣୁ ଦୁର୍ନୀତିରେ ଅତିଷ୍ଠ ହୋଇ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ମାଡ଼ ତତ୍ତ୍ୱ ଆପଣେଇବା ପାଇଁ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ।

କେବଳ ବଜାରରେ କିଣାବିକାକୁ ଛାଡ଼ିଦେଲେ ଆଜି ଏଭଳି କୌଣସି କ୍ଷେତ୍ର ଦୁର୍ନୀତି-ଦାନବର କବଳରୁ ବର୍ତ୍ତି ନାହିଁ। ସରକାରୀ ଫାଇଲ୍ ଦୂରର କଥା ହାତଗୁଞ୍ଜା ନ ଦେଲେ ଅନେକ ସ୍ଥାନରେ ଡାକ୍ତର ରୋଗୀ ଦେଖୁନାହିଁ କି ପୁଲିସ୍ ଅଭିଯୋଗ ରଖୁନାହିଁ। ଶିକ୍ଷା ଅଧିକାର ଏବଂ ଖାଦ୍ୟ ସୁରକ୍ଷା ଆଇନ୍ ପରି ମହତାକାଂକ୍ଷା ଯୋଜନା ମଧ୍ୟ ଲାଞ୍ଚ ବିନା ଆଗକୁ ବଢ଼ିପାରୁନାହିଁ। ଏପରିକି ବିନା ହାତଗୁଞ୍ଜାରେ ବିଚାରପତିଙ୍କ ରାୟ ମଧ୍ୟ କାର୍ଯ୍ୟକାରୀ ହୋଇପାରୁନାହିଁ। ଅପରପକ୍ଷରେ ଏହି ହାତଗୁଞ୍ଜାରେ ଶିଳ୍ପପତିମାନେ ସାମ୍ରାଜ୍ୟ ତୋଳିପାରୁଛନ୍ତି।

ଦୁର୍ନୀତି ଦାନବ ଟଙ୍କା, ସୁନା, ରୁପା, ସୌଖୀନ ଓ ମୂଲ୍ୟବାନ ସାମଗ୍ରୀ, ଆସବାବପତ୍ର, ପାନ, ଚକୋଲେଟ୍, ମିଠାଇ ପ୍ୟାକେଟ୍ ଆଦି ରୂପରେ ସର୍ବସାଧାରଣଙ୍କ ଆଖିଆଗରେ ନିର୍ଭୟରେ ଗୋଟିଏ ହାତରୁ ଅନ୍ୟ ହାତକୁ ଡେଇଁ ଚାଲିଛି। ଜନସାଧାରଣ କେବଳ ନିରବ ଦ୍ରଷ୍ଟା ହୋଇ ସାଲିସ୍ କରିବା କିମ୍ବା ଦୁର୍ନୀତି ଦାନବର ତାଡ଼ନାରେ ଅତିଷ୍ଠ ହେବା ବ୍ୟତୀତ ବିକଳ୍ପ ନାହିଁ। ଯେଉଁ କେତେକ ଧରପଗଡ଼ ହେଉଛି ତାହା ସମୁଦ୍ର ବାଲିରୁ ଚିମୁଟାଏ ମାତ୍ର। ପରିସ୍ଥିତି ଏପରି ହେଲାଣି ଯେ ହାତଗୁଞ୍ଜା ସଂସ୍କୃତି ଶାସନ ପ୍ରଶାସନ ଓ ବ୍ୟବସ୍ଥାର ସୀମା ଡେଇଁ ପରିବାରକୁ ଧସେଇ ପଶିଲାଣି। ଦୁର୍ନୀତି ନିବାରଣ ସପ୍ତାହ ପାଳନ ଓ ସଂକଳ୍ପ ଗ୍ରହଣ କେବଳ ଔପଚାରିକରେ ସୀମିତ ରହିଥିବା ପର୍ଯ୍ୟନ୍ତ ଦୁର୍ନୀତି-ଦାନବର ଦୌରାତ୍ମ୍ୟରୁ ତ୍ରାହି ପାଇବାର ସମ୍ଭାବନା ନାହିଁ।

## ମେରୁ ମିଳନ

ସାମ୍ପ୍ରତିକ ବିଶ୍ୱ ଭୂରାଜନୈତିକ ପରିସ୍ଥିତିରେ ବିଶ୍ୱର ଦୁଇ ମହାଶକ୍ତି ଓ ଦୁଇ ମେରୁ(ଉତ୍ତର ବିଶ୍ୱ ଓ ଦକ୍ଷିଣ ବିଶ୍ୱ)ର ଅଧିପତି ବୋଲାଉଥିବା ଆମେରିକା ଓ ଚୀନ୍ ରାଷ୍ଟ୍ରମୁଖ୍ୟ ପରସ୍ପରକୁ ଭେଟିବା ନିଶ୍ଚୟ ବିଶ୍ୱ ଶାନ୍ତି ଓ ସମୃଦ୍ଧି ପାଇଁ ଅନେକ ଗୁରୁତ୍ୱ ବହନ କରେ। ଏହି ସାକ୍ଷାତ ଆଲୋଚନାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ 'ଜି-୨' ଆଖ୍ୟା ଏବଂ ମୋଟ ୧୦ ନମ୍ବରରୁ ୧୨ ନମ୍ବର ଦେବା ପରେ 'ଦ୍ୱିଧ୍ରୁବୀୟ ବିଶ୍ୱ ସମୀକରଣ' ଆହୁରି ସ୍ପଷ୍ଟ ହୋଇଛି। 'ଆମେରିକା ଫାଷ୍ଟ' ନୀତିକୁ ପ୍ରାଧାନ୍ୟ ଦେଇ ଆସୁଥିବା ଟ୍ରମ୍ପ ଏବେ 'ଚୀନ୍ ଫାଷ୍ଟ' ନୀତି ଘୋଷଣା କରି ଆମେରିକା ସହଯୋଗୀ ରାଷ୍ଟ୍ରଙ୍କୁ ହରଡ଼ ଘଣାରେ ପକାଇଛନ୍ତି। ବିଶେଷକରି ଭାରତର ଭବିଷ୍ୟ କୂଟନୈତିକ ରଣନୀତି ଆହୁରି ଜଟିଳ ହେବାକୁ ଯାଉଛି।

ଚୀନ୍‌କୁ ରଣନୈତିକ ପ୍ରତିଯୋଗୀ ଦୃଷ୍ଟିରେ ଦେଖି ଆସୁଥିବା ଟ୍ରମ୍ପ ନିଜ ଦ୍ୱିତୀୟ ପାଳିରେ ସେହି ଦେଶ ବିରୋଧରେ ଯେଉଁ ବିଶାଳ ଶୁଳ୍କ ଯୁଦ୍ଧ ଆରମ୍ଭ କରିଥିଲେ ସେଥିରେ ସମଗ୍ର ବିଶ୍ୱର ଆର୍ଥିକ, ବାଣିଜ୍ୟିକ ଓ ସାମାଜିକ ନିରାପତ୍ତା ଅସ୍ଥିର ଓ ଜଟିଳ ହୋଇପଡ଼ିଥିଲା। କିନ୍ତୁ ଟ୍ରମ୍ପଙ୍କ ଆଭିମୁଖ୍ୟରେ ହଠାତ୍ ଏହି ପରିବର୍ତ୍ତନ ଆଶାର ନୂଆ କିରଣଟିଏ ସୃଷ୍ଟି କରିଛି। ସାମ୍ପ୍ରତିକ ସେମିକଣ୍ଡକ୍ଟର ପରିଚାଳିତ ବିଶ୍ୱରେ ବିରଳ ମୃତ୍ତିକା ନିର୍ଣ୍ଣାୟକ ଭୂମିକାରେ ଅବତୀର୍ଣ୍ଣ ହୋଇଛି। ତେଣୁ ଟ୍ରମ୍ପଙ୍କ ଯେସାକୁ ତେସା ନୀତିର ଜବାବ୍ ଦେଇ ଚୀନ୍ ମଧ୍ୟ ଆମେରିକାକୁ ବିରଳ ମୃତ୍ତିକା ରପ୍ତାନୀ କାଣ୍ଟଛାଣ୍ଟ କରିବା ପରେ ହଠାତ୍ ଟ୍ରମ୍ପଙ୍କ ଦମ୍ଭ ଭାଙ୍ଗିଛି ଏବଂ ସେ ଚୀନ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗଙ୍କ ସହିତ ସାଲିସ୍ ମୁଦ୍ରାରେ ଅବତୀର୍ଣ୍ଣ ହୋଇଛନ୍ତି। ଅପରପକ୍ଷରେ ଆମେରିକାର ଏହି ପରିବର୍ତ୍ତିତ ଆଭିମୁଖ୍ୟରେ ଜାପାନ୍, ଦକ୍ଷିଣ କୋରିଆ ଆଦି ପୁରୁଣା ବନ୍ଧୁ ରାଷ୍ଟ୍ରଗୁଡ଼ିକ ସେମାନଙ୍କ ନିବେଶର ଭବିଷ୍ୟତ ନେଇ ସନ୍ଦୀହାନ ହୋଇପଡ଼ିଛନ୍ତି।

ଏହି ପୃଷ୍ଠଭୂମିରେ ବିଶ୍ୱର ଦୁଇ କଡ଼ା ପ୍ରତିଦ୍ୱନ୍ଦ୍ୱୀ-ସହଯୋଗୀ ଶକ୍ତି ସହିତ ଭାରତ କିଭଳି ସମନ୍ୱୟ ରକ୍ଷା କରିବ ତାହା ଉପରେ ଭାରତର ଅର୍ଥନୈତିକ ଅଭିବୃଦ୍ଧି ଓ ସାର୍ବଭୌମର ଗରିମା ରକ୍ଷା ନିର୍ଭର କରୁଛି। ଚୀନ୍ ବହୁପୂର୍ବରୁ ପାକିସ୍ତାନକୁ ଆଶ୍ରୟ ଦେଇ ଭାରତ ବିରୋଧରେ ପ୍ରୟୋଗ କରିଚାଲିଛି। 'ଅପରେସନ୍ ସିନ୍ଦୂର' ପରେ ଆମେରିକା ମଧ୍ୟ ପାକିସ୍ତାନ ପଟକୁ ଢଳିଛି। ବାଂଲାଦେଶ ଉଭୟ ଚୀନ୍ ଓ ପାକିସ୍ତାନ ପାଇଁ ନିଜ ଘରର କବାଟ ଖୋଲିସାରିଛି। ଏବେ ଟ୍ରମ୍ପଙ୍କ ଜିନ୍‌ପିଙ୍ଗ ସୁହାଗ ଭାରତକୁ ଅନେକ ଦିଗରେ ଦୋଛକିରେ ଠିଆ କରିଛି। ଦକ୍ଷିଣ ସାଗରରେ ଚୀନର ଆଧିପତ୍ୟ ହ୍ରାସ ପାଇଁ ଭାରତକୁ ସଦସ୍ୟ ରୂପେ ନେଇ ଆମେରିକା ଚତୁଃରାଷ୍ଟ୍ରୀୟ ସଂଗଠନ(କ୍ୱାଡ୍) ଗଠନ କରିଥିବା ବେଳେ ନୂଆ ଜି-୨ ସମୀକରଣରେ 'କ୍ୱାଡ୍'ର ଭବିଷ୍ୟତ ଓ ତହିଁରେ ଭାରତର ଭୂମିକା ଉପରେ ପ୍ରଶ୍ନ ଚିହ୍ନ ଲାଗିଛି।

ଏସବୁର ଊର୍ଦ୍ଧ୍ୱରେ ତର୍ଜମା କଲେ ଉଭୟ ଆମେରିକା ଓ ଚୀନ୍ ଭରସାଯୋଗ୍ୟ ରାଷ୍ଟ୍ର ନୁହନ୍ତି। ସ୍ୱାର୍ଥପର ଭାବରେ ଦୁହିଁଙ୍କ ସ୍ୱଭାବ ସମାନ। ପଦାର୍ଥ ବିଜ୍ଞାନର ମୌଳିକ ତତ୍ତ୍ୱ ଅନୁଯାୟୀ ସମମେରୁ ପରସ୍ପରକୁ ବିକର୍ଷଣ ଏବଂ ବିଷମ ମେରୁ ଆକର୍ଷଣ କରେ। ତେଣୁ ଏବେ 'ବ୍ୟବସାୟ ପ୍ରଥମ' ନୀତିରେ ଆକର୍ଷିତ ହୋଇଥିବା ସମଭାବାପନ୍ନ ଦୁଇମେରୁର ବିକର୍ଷଣ ମଧ୍ୟ ବିଶ୍ୱ ଖୁବ୍‌ଶୀଘ୍ର ଦେଖିବ। ସେ ପର୍ଯ୍ୟନ୍ତ ଭାରତ ଧୈର୍ଯ୍ୟର ସହ ଅପେକ୍ଷା କରିବାକୁ ପଡ଼ିବ।

## ଆମ ଉତ୍ତରପିଢ଼ିର କଥା ଓ ବ୍ୟଥା

ସଲିଳା ତ୍ରିପାଠୀ




ଏଇ ବୋଧେ ପ୍ରଥମ ପିଢ଼ି, ଯେଉଁମାନେ ରାଗ-ଅନୁରାଗ, ମାନ-ଅଭିମାନ ଆଉ ଅନୁଶାସନ ଠାରୁ ବହୁ ଦୂରରେ। ସେମାନଙ୍କର ବୁଝାମଣାଟି ଖୁବ୍ ସରଳ ଆଉ ସିଧା। ଜନ୍ମ ହେବାଟା ସେମାନଙ୍କର ହାତରେ ନଥିଲା। ମାତ୍ର ଜୀବନଟା କେବଳ ତାଙ୍କର ତାକୁ ଉପଭୋଗ କରିବା ପାଇଁ ମନ ମଧ୍ୟରେ ଅନେକ ଲାଳସା। ଯୁବକ ହେବା ପୂର୍ବରୁ ଯୌବନର ଉଦ୍ଦାମତା ସେମାନଙ୍କ ପାଖରେ ଭରିଯାଇଛି। ବୌଦ୍ଧିକ, ନୈତିକ ଓ ସର୍ବୋପରି ଆତ୍ମିକ ଜ୍ଞାନର ଧାର ଧାରିବାକୁ ସେମାନେ ଅନିଚ୍ଛୁକ। ଯଦି କେତେଜଣ ହାତଗଣତି ବାହାରିବେ ସେଇମାନେ ଆକାଶରେ ଚନ୍ଦ୍ର, ସୂର୍ଯ୍ୟ ହୋଇ ଆଲୋକିତ କରିବେ। ମାତ୍ର ସେପ୍ରକାର ଇଚ୍ଛାଶକ୍ତି ସେମାନଙ୍କର ହେବ ବା କାହିଁକି? ପିତାମାତାଗଣ ଏବେ ନାଚାର। ନିଜ ଜୀବନର ସଂଘର୍ଷ, ସଂସ୍କାର ଏବେ ପ୍ରହେଳିକା ଭଳି ଲାଗୁଛି। ପିଲାମାନେ ଉପଦେଶକୁ ଅଯଥା ହସ୍ତକ୍ଷେପ ବୋଲି ଭାବୁଛନ୍ତି।

ସ୍କୁଲ ଯିବା ପାଇଁ ପାଞ୍ଚଟଙ୍କିଆ ଅଖା ବ୍ୟାଗ୍ ଏବେ ଆମେରିକାନ୍ ଟୁରିଷ୍ଟର୍‌ରେ ପରିଣତ ହୋଇଛି। ପରଟା ଆଳୁଭଜାର ଟିଫିନ୍‌ରେ ଏବେ ବାସି ପିଜା, ବର୍ଗର ପଶୁଛି। ସୁଜି, ସିମେଇକୁ ପଚାରେ କିଏ? ଚିନି ପରଟାର ଆନନ୍ଦକୁ ଏମାନେ ଆଡ଼ଆଖିରେ ଅନେଇବେନି। ଦଉଡ଼ିଆ ଖଟ ଆଉ କନ୍ଥାର ନିଦକୁ ଏମାନେ ଝୁରିବେନି। ଜେଜେଙ୍କର ଗୋଡ଼ ଘଷି ଦେଇ ୨୦ ପଇସି, ଚାରଣା ପାଇବାକୁ ମନ କରିବେନି। ବରଂ ପକେଟ୍ ମନି ପାଇବାର ଅଧିକାରପଣରେ ପିତାମାତାଙ୍କୁ ବିପର୍ଯ୍ୟସ୍ତ କରି ଚାଲିଥିବେ। ଷ୍ଟ୍ରିଟ୍ ଲାଇଟ୍‌ର ଆଲୁଅରେ ପାଠପଢ଼ି ବଡ଼ ମଣିଷ ହେବାର ଆବଶ୍ୟକତା ଏମାନଙ୍କୁ ନାହିଁ। ଏମାନେ ସଞ୍ଜ ହେଲେ ଲଣ୍ଠନ, ଡିବିର ଧୂଆଁକୁ ଖୋଜି ପାଇବେନି। ଇନ୍‌ଭର୍ଟର ଆଉ ଏୟାର କଣ୍ଡିସନ୍ ଯୁଗରେ ଏ.ସି. ରୁମ୍‌ରୁ ବାହାରି ମା'ର ରନ୍ଧାଘରେ ପଶି କାମରେ ସାହାଯ୍ୟ କରିବାକୁ ଚାହିଁବେ ନାହିଁ। ବାପାଙ୍କର ଫେରିବା ବାଟକୁ ଆତୁର ହୋଇ ଚାହିଁ ଛୋଟ ମୋଟ ଦରବଟିଏ ପାଇଁ ଅଳି କରିବେ ନାହିଁ, ବରଂ ମାସ ଶେଷକୁ ହଜାର ହଜାର ଖର୍ଚ୍ଚ କରି ସାରିଲା ପରେ ପିତାମାତା ଅଯୋଗ୍ୟ ପ୍ରମାଣିତ ହେବାଟା ଦେହସୁହା ହେବା ସାର ହେବ। ମା' ବାପାଙ୍କର ଆଖିର ଲୁହ ଏମାନଙ୍କୁ ଛଳନା ପରି ଲାଗିବ।

ବର୍ଷା ଛାଡ଼ିଗଲା ପରେ ମାଟି ରାସ୍ତାର ପାଣି ସୁଅରେ କାଗଜ ଡଙ୍ଗା ଭସାଇବାର ଆନନ୍ଦକୁ ଅନୁଭବ କରିବେ ନାହିଁ; ବରଂ ବର୍ଷାରେ ଓଦା ହେଲେ ଥଣ୍ଡା ଧରିବ ଓ ଇନ୍‌ଫେକ୍ସନ୍ ହେବା ଭୟରେ ଟ୍ୟାବ୍ ଓ ମୋବାଇଲ ନହେଲେ ଲାପ୍‌ଟପ୍ ଧରି ଘରେ ପଥର ମୂର୍ତ୍ତି ପରି ବସି ରହିବେ। ଭାଇ ଭଉଣୀମାନେ ଏକାଠି ହେଲେ ତାସ୍, ଲୁଡୁ କିମ୍ବା ଗପସପ ନକରି ସମସ୍ତେ ଗୋଟେଗୋଟେ ସ୍ମାର୍ଟଫୋନ୍ ଧରି ସେଇ ଅନ୍‌ଲାଇନ୍ ଗେମ୍ ବାବଦରେ କଥା ହେବେ। ଘରକୁ କୁଣିଆ ଆସିଲେ ପାଦ ତଳେ ଲାଗୁ ନଥିବାର ଖୁସିକୁ ନ ବୁଝି ଉପହାର ଆଶାରେ ଅନାଇ ରହିବେ। ଅର୍ଥର ସାଗରରେ ବୁଡ଼ିରହି ଜୀବନର ଲକ୍ଷ୍ୟକୁ ଉପଭୋଗ ଛଡ଼ା ଆଉକିଛି ଭାବିବା ପାଇଁ ସମୟ ପାଇବେ ନାହିଁ। ଛୁଟିମାନଙ୍କରେ ପିଉସୀ, ମାଉସୀ ଆଉ ମାମୁଁ ଘରକୁ ଯାଇ ବିଭିନ୍ନ ପରିବେଶରେ ଖାପଖୁଆଇ ଚଳିବାର ଆଦବ କାଇଦାକୁ ଶିଖିବାକୁ ଚାହିଁବେ ନାହିଁ। ବରଂ ହଲିଡେ ଟୁର୍‌ରେ ଦେଶ ବିଦେଶକୁ ଯିବା ପାଇଁ ଏମାନେ ବ୍ୟାକୁଳ। ଉଡ଼ାଜାହାଜର ଶବ୍ଦକୁ ଶୁଣି ତା'କୁ ଦେଖିବା ପାଇଁ ବିକଳ ମନ ଏବେ ସେଥିରେ ବସିବା ପାଇଁ ଝଗଡ଼ା କରିବାକୁ ପଛଘୁଞ୍ଚା ଦିଅନ୍ତି ନାହିଁ।

କୋଉ ବରଷ ବରଷରେ ଷ୍ଟୁଡିଓକୁ ଯାଇ କିମ୍ବା ସ୍କୁଲର ଶେଷବର୍ଷଗୁଡ଼ିକରେ ଫଟୋ ଉଠା ହେବାର ସୁଖକୁ ଏମାନେ ପ୍ରତି ମୁହୂର୍ତ୍ତରେ ସ୍ମାର୍ଟଫୋନ୍‌ରେ ଫଟୋ ଉଠାଇ ପୁଣି ସେଲ୍‌ଫି ନେଇ ନିଜ ସୌନ୍ଦର୍ଯ୍ୟର ରୂପରେଖକୁ ହାତରେ ତୋଳି ଧରିବାର ଖୁସିରେ ବିଭୋର ହେବେ। ଜୀବନର ସମସ୍ତ ସୁଖକୁ କ୍ଷଣିକରେ ପାଇନେବାର ଆକାଂକ୍ଷାରେ ଏମାନେ ପାଗଳ ହୋଇ ଘୂରିବୁଲିବେ। ଶିକ୍ଷାକୁ ନୈତିକ ମୂଲ୍ୟବୋଧର ଆଧାର ବୋଲି ମନେ ନକରି ମୁଠାମୁଠା ଟଙ୍କାର ସ୍ୱପ୍ନ ଦେଖିବେ। ରଙ୍ଗର ନାମ ଜାଣିବାକୁ ଇନ୍ଦ୍ରଧନୁକୁ ଦେଖିବା ପାଇଁ ଚାତକ ପରି ଅନାଇ ବସିବେ ନାହିଁ; ବରଂ ଭିନ୍ନଭିନ୍ନ ପ୍ରକାର ରଙ୍ଗ ପେନ୍‌ସିଲ୍ ସେମାନଙ୍କ ହାତମୁଠାରେ। ସେମାନେ ଯେମିତି ଚାହିଁବେ ସେମିତି ରଙ୍ଗ କରିପାରିବେ। ତେଣିକି ଚିତ୍ର ଆଙ୍କିବାର କ୍ଷମତା ଥାଉ ବା ନଥାଉ। ଆକାଶର ରଙ୍ଗକୁ ନୀଳ ବଦଳରେ ଗୋଲାପୀ ଦେଲେ ସେଇଟା ହେବ ସେମାନଙ୍କର ସୃଜନଶୀଳତା।

ସରକାରୀ ହେଉ ଅବା ବେସରକାରୀ ସମସ୍ତେ ସ୍କୁଲ ଯିବେ ଆଉ ସମାନ ସୁବିଧା ଲାଭ କରିବେ। ସବୁରି କଣ୍ଠ ଗୀତ ଗାଇବ, ସମସ୍ତେ ତୂଳୀ ଧରିବେ, ସମସ୍ତେ ମଧ୍ୟ ପାଦରେ ତାଳ ଦେଇ ନୃତ୍ୟ କରିବେ। ସବୁଠାରୁ ଭଲ ଖୋଜିବା ପାଇଁ ବିଚାରକମାନେ ବ୍ୟତିବ୍ୟସ୍ତ ହୋଇପଡ଼ିବେ। ପ୍ରତ୍ୟେକ ନିଜ ପିଲାକୁ ପ୍ରଥମ ସ୍ଥାନରେ ଦେଖିବା ପାଇଁ ଆଉ ସୋସିଆଲ୍ ମିଡିଆରେ ବିଜ୍ଞାପିତ କରିବା ପାଇଁ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସାଥିରେ ରୀତିମତ ଝଗଡ଼ା କରିବେ। ମୋହଗ୍ରସ୍ତ ପିତାମାତା ଧୃତରାଷ୍ଟ୍ର-ଗାନ୍ଧାରୀଙ୍କ ପରି ଆଖିରେ ପଟି ବାନ୍ଧି ପିଲାମାନଙ୍କୁ ନିଜର ସର୍ବଶ୍ରେଷ୍ଠ ଅହଂକାର ରୂପେ ବ୍ୟବହାର କରିବେ। ଅବଶ୍ୟ ଏହା ଯୁଗ ଯୁଗ ଧରି ଚାଲିଆସିଛି 'ମୋ ପିଲା ଭଲ' ବାକ୍ୟଟି ପିତାମାତାଙ୍କର ପ୍ରମୁଖ ଅସ୍ତ୍ର।

ଏଇ ପିଢ଼ି ରିଅଲ୍ ଲାଇଫ୍‌କୁ ରିଲ୍‌ସ ବନାଇବାରେ ଆନନ୍ଦିତ ହେବେ। ମାତ୍ର ବାସ୍ତବ ଜୀବନର ମର୍ମକୁ ବୁଝିବା ପାଇଁ ଅବହେଳା କରିବେ। ଏମାନଙ୍କ ପାଖରେ ଅନେକ ଭାବର ଅଭାବ ରହିଯିବ। ମାତ୍ର ସେମାନେ ଜୀବନକୁ ପଶାପାଲିର ଗୋଟିରେ ଖେଳେଇ ଚାଲିଥିବେ। ମୁହୂର୍ତ୍ତକୁ ନେଇ ବଞ୍ଚିବାରେ ଥିବା ଆନନ୍ଦକୁ ବୁଝିନେବା ଏମାନଙ୍କ ପାଇଁ ସହଜ ହୋଇଯିବ। ହେଲେ ଆନ୍ତରିକତା ଆଉ ଭାବପ୍ରବଣତାକୁ ଏମାନେ ହେୟଜ୍ଞାନ କରିବେ। ପ୍ରତ୍ୟେକଟି କଳାକୌଶଳ ଶିଖିବା ପାଇଁ ଅର୍ଥ ବିନିଯୋଗ କରିବାକୁ ପଡୁଥିବା ଏଇ ସମୟରେ ବଞ୍ଚିବାର କଳାଟିକୁ ଏମାନଙ୍କୁ କିଏ ଶିଖାଇବ? ଅଭାବ ଅନଟନ ଭିତରୁ ମୁଣ୍ଡ ଟେକିଥିବା ଏମାନଙ୍କର ପିତାମାତା ସେମାନଙ୍କୁ ସମସ୍ତ ସ୍ୱାଚ୍ଛନ୍ଦ୍ୟ ଦେଉଦେଉ ନିଜେ ଦିନେ ଅପଚରା ହୋଇ ରହିବେ ସେକଥା ଜାଣି ମଧ୍ୟ ପୂର୍ବ ଓ ପର ପିଢ଼ି ମଧ୍ୟରେ ନିଜର ଅସ୍ତିତ୍ୱକୁ ହରାଇ ବସିବେ।

ସେମାନଙ୍କର ପିତାମାତା କ'ଣ ସେମାନଙ୍କର ଦୁଃଖକୁ ବୁଝି ପାରିବେ? ସେମାନେ ତ କହିବେ ତୁମେମାନେ ଅଯୋଗ୍ୟ, ଅପାରଗ ଆମ ଭଳି ପିଲାମାନଙ୍କୁ ଅନୁଶାସନରେ ବାନ୍ଧିପାରିଲ ନାହିଁ। ଭୁଲ୍‌ଟିଏ କଲେ ଅପରାଧୀ ଭଳି ଦଣ୍ଡ ଭୋଗୁଥିବା ପିଲାଦିନ ଏବେ ପରିବର୍ତ୍ତିତ। ଏବେ ସେଇ ପିଲାମାନଙ୍କ ହାତରେ ଜିଭ ଭଳି ଅପରାଧୀର ଛୁରୀ, ଯାହା ଏପରି ତୀକ୍ଷଣ ଯେ ସବୁକିଛି କାଟି ଦେଇ ହେବ। ପୁଣି କଥା କଥାକେ ମୃତ୍ୟୁକୁ ଆପଣେଇବାର ମିଠା ଧମକ। ସେମାନଙ୍କୁ ସମ୍ଭାଳିବା ପାଇଁ ଆମ୍ଭେମାନେ ଅସମର୍ଥ ଆଉ ଦୁର୍ବଳ। ଆଉ ଆମ ପିଲାମାନେ ସୁଖ, ସ୍ୱାଚ୍ଛନ୍ଦ୍ୟ, ବିଳାସ ଏବଂ ସର୍ବୋପରି ଯାନ୍ତ୍ରିକ ଦ୍ରବ୍ୟ ପାଖରେ ପଣବନ୍ଦୀ।

ଏବେ ବି କ'ଣ ସେମାନଙ୍କୁ ବନ୍ଦୀ ଜୀବନରୁ ମୁକୁଳାଇ ଆତ୍ମସମୀକ୍ଷା ଏବଂ ଖୋଲା ଆକାଶକୁ ଟାଣି ଆଣିବାର ସମୟ ଆସିନାହିଁ? କାରଣ ମୂଲ୍ୟବୋଧ ବିନା ଜୀବନ ବୃଥା। ଯେମିତି ସ୍ପନ୍ଦନ ବିନା ହୃଦୟ। ସମସାମୟିକ ପିତାମାତାଗଣ ଏବେ ତ୍ରିଶଙ୍କୁ ସମ। ପୋଥିଗତ ଆଦର୍ଶ ଆଉ ଯୁଗୋପଯୋଗୀ ହେବାର ମଝିଦରିଆରେ ବୁଡି ମରିବା ହିଁ ସେମାନଙ୍କର ଭାଗ୍ୟ। ହୁଏତ ଏକ ଦୃଢ଼ ଆହ୍ୱାନ; ନଚେତ୍ ଆନ୍ଦୋଳନକୁ ଅପେକ୍ଷା, ଯାହା ସେମାନଙ୍କୁ ଭବିଷ୍ୟତ ବଂଶଧରକୁ ସଜାଡ଼ିବା ପାଇଁ ଶକ୍ତି ଯୋଗାଇବ। କାହିଁକି ନା ସେମାନେ ତ ସମସ୍ତଙ୍କୁ ନେଇ ବାଟ ଚାଲିବାର ଶପଥ ନେଇଛନ୍ତି। ସେମାନଙ୍କ ପାଇଁ ଅତୀତ ଓ ଭବିଷ୍ୟତ ଉଭୟ ପ୍ରିୟ। ନୁହେଁ କି?

ବୋଲଗଡ଼, ମୋ: ୮୭୬୩୭୮୮୬୧୪

## ଭବିଷ୍ୟବାଣୀ ଓ ବାସ୍ତବତା

ମନୋରଞ୍ଜନ ମହାନ୍ତି

ଏବେ ଅଧିକ ସଂଖ୍ୟକ ଲୋକ ନିଜ ଭବିଷ୍ୟତ ସମ୍ପର୍କରେ ଜାଣିବା ପାଇଁ ଭବିଷ୍ୟତବକ୍ତାମାନଙ୍କ ନିକଟକୁ ଯାଉଛନ୍ତି। ପୁଅଝିଅମାନେ କେଉଁ ପାଠ ପଢ଼ିଲେ କୃତିତ୍ୱ ଅର୍ଜନ କରିବେ, କିପରି ଚାକିରି ପାଇବେ, ପ୍ରଚୁର ଅର୍ଥ ଉପାର୍ଜନ କରିବେ, ସମାନ ସ୍ତରରେ ବିବାହ କରିବେ ଇତ୍ୟାଦି ଜାଣିବା ପାଇଁ ଭବିଷ୍ୟତବକ୍ତାମାନଙ୍କ ପରାମର୍ଶ ଗ୍ରହଣ କରାଯାଉଛି। ଏପରିକି ଘର ଖଣ୍ଡେ ତିଆରି କରିବା ସମୟରେ କେଉଁଠି ଠାକୁର ଘର, ରୋଷେଇ ଘର, ଶୋଇବା ଘର, ଶୌଚାଳୟ, ଜଳାଶୟ ଇତ୍ୟାଦି ରହିବ ଜାଣିବା ପାଇଁ ସଂପୃକ୍ତ ବିଜ୍ଞାନୀମାନଙ୍କ ସହିତ ଯୋଗାଯୋଗ ରକ୍ଷା କରାଯାଉଛି। ଘରପ୍ରତିଷ୍ଠାର ଶୁଭଦିନ ସ୍ଥିର କରି ହୋମକ୍ରିୟା ପାଇଁ ପୁରୋହିତଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଏ। ଗଭୀର ଭାବରେ ଚିନ୍ତା କରି କେହି କେହି କହନ୍ତି, ମଣିଷ ତା'ର ଆତ୍ମସନ୍ତୋଷ ପାଇଁ ଏସବୁ କରିଥାଏ।

ଭବିଷ୍ୟତବକ୍ତାମାନଙ୍କ କଥା ବେଳେବେଳେ ସତ୍ୟ ହୁଏ, ବେଳେବେଳେ ହୁଏ ନାହିଁ। ବିଜ୍ଞାନୀମାନଙ୍କ ସହିତ ପରାମର୍ଶ କରି ଘର ତିଆରି କଲେ ବି ଅନେକ ସମୟରେ ଘରେ ଅଭାବ, ଅଶାନ୍ତି ସୃଷ୍ଟି ହୁଏ। ବିଧିବିଧାନ ଅନୁଯାୟୀ ଯେତେ ହୋମଯଜ୍ଞ ଆୟୋଜନ କଲେ ବି ମଣିଷ ଯାବତୀୟ ଅଶୁଭ ଅମଙ୍ଗଳର ସମ୍ମୁଖୀନ ହୁଏ। ଯା'ର ଅର୍ଥ ନୁହେଁ ଯେ ଭବିଷ୍ୟତବକ୍ତା, ଗୃହନିର୍ମାଣ-ବିଜ୍ଞାନୀ, ପୁରୋହିତଙ୍କ ପରାମର୍ଶ ଲୋଡ଼ିବା ଉଚିତ ନୁହେଁ। କିନ୍ତୁ ସେମାନଙ୍କ ଉପରେ ସମ୍ପୂର୍ଣ୍ଣ ନିର୍ଭର କରିବା, ସେମାନଙ୍କ କଥାକୁ ଶେଷକଥା ବୋଲି ଗ୍ରହଣ କରିବା ବିଜ୍ଞତା, ବିଚାରବୋଧର ସୂଚନା ନୁହେଁ।

ତେନ୍‌ଜିଂଙ୍କ ଆତ୍ମଚରିତ 'ଦି ଟାଇଗର୍ ଅଫ୍ ଦି ସ୍ନୋଜ୍'ରେ ଏକ ଭାବୋଦ୍ଦୀପକ, ପ୍ରଭାବଶାଳୀ ବର୍ଣ୍ଣନା ରହିଛି। ଏଭରେଷ୍ଟ୍ ଆରୋହଣ କରିବା ପୂର୍ବରୁ ତେନ୍‌ଜିଂ ଓ ନିଉଜିଲାଣ୍ଡର ଏଡ୍‌ମଣ୍ଡ ହିଲାରି କାଠମାଣ୍ଡୁସ୍ଥିତ ପଶୁପତିନାଥ ମନ୍ଦିରର ମୁଖ୍ୟ ପୁରୋହିତ (ଯିଏ ଜଣେ ଭବିଷ୍ୟତବକ୍ତା ମଧ୍ୟ)ଙ୍କୁ ସାକ୍ଷାତ କଲେ। ପୁରୋହିତ ସେମାନଙ୍କ ହସ୍ତରେଖାକୁ ଅନୁଧ୍ୟାନ କରି କହିଲେ ସେମାନଙ୍କ ମଧ୍ୟରୁ କେହି ହେଲେ ସାଗରମଥା (ନେପାଳି ଭାଷାରେ ଏଭରେଷ୍ଟ୍‌କୁ ସାଗରମଥା ବୋଲି କୁହାଯାଏ)ରେ ପହଞ୍ଚି ପାରିବେ ନାହିଁ ଏବଂ ଆରୋହଣ କରିବା ସମୟରେ ଦୁଇଜଣଙ୍କ ମଧ୍ୟରୁ ଜଣେ ମୃତ୍ୟୁବରଣ କରିବେ। କିନ୍ତୁ ଦୁଇଜଣଯାକ ପୁରୋହିତଙ୍କ କଥାରେ ଗୁରୁତ୍ୱ ନଦେଇ ଏଭରେଷ୍ଟ୍ ଆରୋହଣ କଲେ ଏବଂ ୧୯୫୩ ମସିହା ମେ ୨୯ ତାରିଖରେ ପୃଥିବୀର ସର୍ବୋଚ୍ଚ ପର୍ବତ-ଶୃଙ୍ଗରେ ପହଞ୍ଚିପାରିଲେ।

ଯୁବକ ଜହିରୁଦ୍ଦିନ୍ ବାବର ୧୫୨୬ ଖ୍ରୀଷ୍ଟାବ୍ଦରେ ପ୍ରଥମ ପାନିପଥ ଯୁଦ୍ଧ ପାଇଁ ପ୍ରସ୍ତୁତ ହେଲାବେଳେ ଜଣେ ନୁଜୁମୀ (ଆରବୀ ଭାଷାରେ ନୁଜୁମୀର ଅର୍ଥ ଭବିଷ୍ୟତବକ୍ତା) କହିଲେ ସେ ଯୁଦ୍ଧରେ ପରାସ୍ତ ହେବେ, ଏପରିକି ମୃତ୍ୟୁବରଣ କରିପାରନ୍ତି। ବାବର ଏକଥାକୁ ଆଦୌ ଭୂକ୍ଷେପ କଲେ ନାହିଁ, ଯୁଦ୍ଧରେ ଅବତୀର୍ଣ୍ଣ ହେଲେ ଏବଂ ଜୟ ଲାଭ କରି ଭାରତରେ ମୋଗଲ ସାମ୍ରାଜ୍ୟ ପ୍ରତିଷ୍ଠା କଲେ, ଯେଉଁ ସାମ୍ରାଜ୍ୟ ୧୮୫୭ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଦୃଢ଼ମୂଳ ହୋଇ ରହିଲା। ବାର୍ବାଦୋସ୍ ନିକଟରେ ଏକ ଦରିଦ୍ର ପରିବାରରେ ଗୋଟିଏ ଶିଶୁ ଜନ୍ମ ହେଲା। ଜନ୍ମ ସମୟରୁ ତା'ର ଥିଲା ଛଅଟି ଆଙ୍ଗୁଳି ଓ ଦୁଇଟି ଦାନ୍ତ। ଗାଁର ଜଣେ ଭବିଷ୍ୟତବକ୍ତା ତା'ର ମୁହଁକୁ ଦେଖି କହିଲେ 'ସେ ଗୋଟେ ପିଶାଚର ସନ୍ତାନ, ଦଶବର୍ଷ ବୟସ ହେବା ପୂର୍ବରୁ ମୃତ୍ୟୁବରଣ କରିବ।' ଆଶ୍ଚର୍ଯ୍ୟର କଥା, ସେହି ଶିଶୁ ଏବେ ୮୯ବର୍ଷର ବୃଦ୍ଧ, କ୍ରୀଡ଼ଜଗତର ଜଣେ କିମ୍ବଦନ୍ତୀ ପୁରୁଷ, ପଶ୍ଚିମ ଭାରତୀୟ କ୍ରିକେଟ ଖେଳାଳି ଗାର୍‌ଫିଲ୍ଡ୍ ସୋବର୍ସ୍।

ପାଣିନିଙ୍କ ବାପା ମା'ଙ୍କୁ ଜଣେ ଭବିଷ୍ୟତବକ୍ତା କହିଲେ, 'ପାଣିନିଙ୍କ କପାଳରେ ପାଠ ନାହିଁ। ସେ ଆଦୌ ପଢ଼ାପଢ଼ି କରିବେ ନାହିଁ।' ସମସ୍ତଙ୍କ ମନରେ ଦୁଃଖ ହେଲା। ପାଣିନି ଚିନ୍ତିତ ହୋଇ ଗୋଟିଏ ପୋଖରୀ କୂଳରେ ବସିଥିବା ବେଳେ ଦେଖିଲେ କୂଳରେ ଗୋଟିଏ ସ୍ଥାନରେ ମାଟି ଦବିଯାଇ ଗୋଲ ଆକାର ଧାରଣ କରିଛି। ପୋଖରୀକୁ ପାଣିନେବା ପାଇଁ ଆସୁଥିବା ପ୍ରତ୍ୟେକ ଲୋକ ମାଠିଆରେ ପାଣି ଭରି ପ୍ରଥମେ ସେହି ସ୍ଥାନରେ ରଖୁଛନ୍ତି; ତା'ପରେ କାଖକୁ ବା କାନ୍ଧକୁ ଉଠାଇ ଘରକୁ ଫେରୁଛନ୍ତି। ପାଣିନି ଜଣଙ୍କୁ ପଚାରିଲେ, 'ଏହି ସ୍ଥାନରେ ମାଟି ଦବିଲା କିପରି ଏବଂ ଏହା ଗୋଲ ଆକାର ଧାରଣ କଲା କିପରି?' ଉତ୍ତର ମିଳିଲା, 'ସ୍ଥାନଟି ପ୍ରଥମେ ସମତଳ ଥିଲା। ସବୁଲୋକ ଏଠି ମାଠିଆ ରଖିରଖି କ୍ରମାଗତ ଚାପ ହେତୁ ମାଟି ଦବିଯାଇ ଗୋଲାକାର ହୋଇଗଲା।' ପାଣିନି ଚିନ୍ତା କଲେ, 'କ୍ରମାଗତ ଚାପ ହେତୁ ଯଦି ସମତଳ ଭୂମିଟି ପରିବର୍ତ୍ତିତ ହେଉଛି, ଅର୍ଥାତ୍ ଦବିଯାଇ ଗୋଲ ଆକାର ଧାରଣ କରିପାରୁଛି, କ୍ରମାଗତ ଉଦ୍ୟମ କଲେ ମୋର ମଧ୍ୟ ପରିବର୍ତ୍ତନ ହେବ। ଅର୍ଥାତ୍ ମୁଁ ପାଠ ପଢ଼ିପାରିବି, ଭଲ ପଢ଼ିପାରିବି।' ଘରକୁ ଫେରିଗଲେ ଓ ପାଠପଢ଼ାରେ ମନୋନିବେଶ କରି ଶ୍ରେଷ୍ଠ ବୈୟାକରଣିକ ଭାବରେ ଖ୍ୟାତି ଅର୍ଜନ କଲେ।

ସୁତରାଂ ଆମର ଭବିଷ୍ୟତ ସମ୍ପର୍କରେ ଭବିଷ୍ୟତବକ୍ତାମାନଙ୍କ କଥା ଗୁରୁତ୍ୱପୂର୍ଣ୍ଣ ହେଉ ବା ନହେଉ, ସବୁଠାରୁ ବେଶି ଗୁରୁତ୍ୱପୂର୍ଣ୍ଣ ହେଉଛି ଆମର ଜୀବନ-ଗଠନର ସଂକଳ୍ପ ଓ ସାଧନା। ତେନ୍‌ଜିଂ, ହିଲାରି, ବାବର, ଗାର୍‌ଫିଲ୍ଡ୍ ସୋବସ୍‌ର୍, ପାଣିନି ଓ ଆହୁରି ଅନେକ ବ୍ୟକ୍ତି ଭବିଷ୍ୟତବକ୍ତାମାନଙ୍କ କଥାକୁ ଆଦୌ ଗୁରୁତ୍ୱ ନଦେଇ ନିଜ ନିଜ ଜୀବନର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ସେହି ଲକ୍ଷ୍ୟସ୍ଥଳରେ ପହଂଚିବା ପାଇଁ ଆବଶ୍ୟକ ସାଧନା ନିରତ ହୋଇଛନ୍ତି ଓ ପହଞ୍ଚି ପାରିଛନ୍ତି। ଠିକ୍ ସେହିପରି ଆମେ ବାସଗୃହ ନିର୍ମାଣ କଲା ବେଳେ ଠାକୁର ଘର, ଜଳାଶୟ, ଶୋଇବା ଘର, ରୋଷେଇ ଘର, ଶୌଚାଳୟ ଇତ୍ୟାଦିର ଦିଗ ନିର୍ଣ୍ଣୟ ସମ୍ପର୍କରେ ବିଜ୍ଞାନୀମାନଙ୍କ କଥା ଗୁରୁତ୍ୱପୂର୍ଣ୍ଣ ହେଉ ବା ନହେଉ; ସବୁଠାରୁ ବେଶି ଗୁରୁତ୍ୱପୂର୍ଣ୍ଣ ହେଉଛି ଆମେ ସତ୍‌ପନ୍ଥାରେ ଆୟ କରି ସତ୍‌ପନ୍ଥାରେ ବ୍ୟୟ କରିବା ଏବଂ ପରିବାରରେ ସମସ୍ତଙ୍କ ମଧ୍ୟରେ ସଦ୍‌ଭାବର ପରିବେଶ ରଚନା କରିବା।

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
ଧର୍ମଶାଳା(ଯାଜପୁର), ମୋ: ୯୮୫୩୨୮୨୯୬୨

## ଦୁର୍ଯ୍ୟୋଧନଙ୍କ ନାମରେ ପୈଠ ହୁଏ ଖଜଣା

### ବିଚିତ୍ର ବିଶ୍ୱାସ

ଓଜସ୍ୱିନୀ

ହସ୍ତିନାପୁରର ରାଜା ଧୃତରାଷ୍ଟ୍ର ଓ ଗାନ୍ଧାରୀଙ୍କ ୧୦୦ ପୁତ୍ର ମଧ୍ୟରେ ଜ୍ୟେଷ୍ଠ ଦୁର୍ଯ୍ୟୋଧନ ହେଉଛନ୍ତି ଅହଂକାର ଓ କ୍ରୋଧର ପ୍ରତୀକ। କିନ୍ତୁ ଆସୁରିକ ପ୍ରବୃତ୍ତି ଯୁକ୍ତ ଦୁର୍ଯ୍ୟୋଧନଙ୍କୁ କେରଳର ଗୋଟିଏ ସ୍ଥାନରେ ଜଣେ ଦୟାଳୁ ଓ ରକ୍ଷକ ଦେବତା ଭାବେ ପୂଜା କରାଯାଉଛି। ସ୍ଥାନୀୟ ଗ୍ରାମବାସୀମାନେ ଦୁର୍ଯ୍ୟୋଧନଙ୍କୁ 'ଅପୁପା' ବୋଲି କହିଥା'ନ୍ତି। 'ଅପୁପା'ର ଅର୍ଥ ହେଉଛି ଜେଜେ। ଏହାବ୍ୟତୀତ ଦେବଭୂମି ଉତ୍ତରାଖଣ୍ଡର ଜଖୋଲ ଗାଁରେ ମଧ୍ୟ ଦୁର୍ଯ୍ୟୋଧନଙ୍କ ଏକ ମନ୍ଦିର ଅଛି।

କେରଳର କୋଲମ୍‌ଠାରେ ଶକୁନି ମନ୍ଦିର ନିକଟରେ ଅଛି ଦୁର୍ଯ୍ୟୋଧନଙ୍କ ବିଶାଳ ଓ ଭବ୍ୟ ମନ୍ଦିର। 'ପୋରୁବାଝି ପେରୁଭିରୁଥି ମଲନାଡ଼ା' ନାମକ ଏହି ମନ୍ଦିରର ବିଶେଷତ୍ୱ ହେଉଛି, ଏଠାରେ ଦୁର୍ଯ୍ୟୋଧନଙ୍କର କୌଣସି ମୂର୍ତ୍ତି ନାହିଁ, ବରଂ ତାଙ୍କର ପ୍ରିୟ ଅସ୍ତ୍ର ଗଦାକୁ ପୂଜାର୍ଚ୍ଚନା କରି ନିଜର ମଙ୍ଗଳକାମନା କରିବା ସହିତ ମନସ୍କାମନା ପୂର୍ଣ୍ଣ ହେବା ପାଇଁ ଆଶିଷ ମାଗିଥା'ନ୍ତି। ଜାତିଧର୍ମବର୍ଣ୍ଣ ନିର୍ବିଶେଷରେ ଏଠାକୁ ଆସୁଥବା ଶ୍ରଦ୍ଧାଳୁଙ୍କର ସମସ୍ତ ମନସ୍କାମନା ଦୁର୍ଯ୍ୟୋଧନ ପୂରଣ କରିଥା'ନ୍ତି ବୋଲି ଜନଶ୍ରୁତି ରହିଛି। ଏଠାରେ ଭୋଗ ସ୍ୱରୂପ ତାଡ଼ି (ତାଳରସରେ ପ୍ରସ୍ତୁତ ଏକପ୍ରକାର ମାଦକଦ୍ରବ୍ୟ) ପୂଜା କରାଯାଏ ଏବଂ ଏହି ପ୍ରସାଦକୁ ତୀର୍ଥ ପ୍ରସାଦ ଭାବେ ଶ୍ରଦ୍ଧାଳୁଙ୍କୁ ମଧ୍ୟ ଦିଆଯାଏ। 'ମଲନାଡ଼ା' ଦୁଇଟି ଶବ୍ଦର ସମଷ୍ଟି। 'ମଲା' ହେଉଛି ପାହାଡ଼ ଏବଂ 'ନାଡ଼ା' ଅର୍ଥ ମନ୍ଦିର। ତେଣୁ କୌରବ ୧୦୦ ଭାଇଙ୍କ ମନ୍ଦିରଗୁଡ଼ିକ ଛୋଟ ଛୋଟ ପାହାଡ଼ ବା ମୁଣ୍ଡିଆ ଉପରେ ନିର୍ମାଣ କରାଯାଇଥିବାରୁ ଏହାର ନାମ 'ମଲନାଡ଼ା' ହୋଇଛି।

ଲୋକକଥା ଅନୁସାରେ, ଏକଦା ଦୁର୍ଯ୍ୟୋଧନ ତାଙ୍କର ୯୯ ଭାଇଙ୍କ ସହିତ ପାଣ୍ଡବମାନଙ୍କ (ଅଜ୍ଞାତବାସରେ ଥିବା ସମୟରେ) ସନ୍ଧାନ କରି କୋଲମ୍‌ଠାରେ ପହଞ୍ଚିଲେ। ତାଙ୍କୁ ବହୁତ ଶୋଷ ଲାଗୁଥିଲା। ତେଣୁ ସେ ନିକଟସ୍ଥ ଏକ ଗାଁକୁ ପାଣି ମାଗିବାକୁ ଯାଇଥିଲେ। ସେଠାରେ ଜଣେ ବୃଦ୍ଧା ତାଙ୍କୁ ପାଣି ପରିବର୍ତ୍ତେ ତାଡ଼ି ଦେଇଥିଲେ। ଏଥିରେ ଦୁର୍ଯ୍ୟୋଧନଙ୍କ ଶୋଷ ମେଣ୍ଟିବା ସହ ଏହା ତାଙ୍କୁ ଖୁବ୍ ସ୍ୱାଦିଷ୍ଟ ଲାଗିଥିଲା। ତେଣୁ ସେ ଖୁସି ହୋଇ ଗାଁବାସୀଙ୍କ ଉଦ୍ଦେଶ୍ୟରେ ଚାଷଜମି ଦାନ କରିବା ସହ ଜମିଗୁଡ଼ିକ ସବୁବେଳେ ଫସଲରେ ଶସ୍ୟଶାମଳା ହେଉ ବୋଲି ଆଶୀର୍ବାଦ ଦେଇଥିଲେ। ଆଶ୍ଚର୍ଯ୍ୟର କଥା ଯେ, ବର୍ତ୍ତମାନ ସମୟରେ ମଧ୍ୟ ଏହି ଜମିର କର (ଟ୍ୟାକ୍ସ) ଦୁର୍ଯ୍ୟୋଧନଙ୍କ ନାମରେ ପଇଠ କରାଯାଉଛି। ଦୁର୍ଯ୍ୟୋଧନ ସେହି ଗାଁକୁ ଶୁକ୍ରବାର ଦିନ ଆସିଥିଲେ ଏବଂ ଆସନ୍ତା ଶୁକ୍ରବାରକୁ ସେ ଗାଁ ଫେରିବେ ବୋଲି ପ୍ରତିଶ୍ରୁତି ଦେବା ସହ କହିଥିଲେ ଯେ, ସେ ଯଦି ନଫେରନ୍ତି, ତେବେ ଗ୍ରାମବାସୀ ତାଙ୍କର ଅନ୍ତିମ ସଂସ୍କାର କରିଦେବେ। ଗୋଟିଏ ସପ୍ତାହ ଅପେକ୍ଷା କରିବା ପରେ ଦୁର୍ଯ୍ୟୋଧନ ଫେରି ନଥିବା ଦେଖି ଗାଁର ଲୋକମାନେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କଲେ ଏବଂ ତାଙ୍କର ଆତ୍ମା ଫେରିଆସିଥିବାର ବିଶ୍ୱାସ କରି ମନ୍ଦିର ନିର୍ମାଣ କରାଇ ଥିଲେ। ତେଣୁ ଏବେ ମଧ୍ୟ ଦୁର୍ଯ୍ୟୋଧନଙ୍କ ଆତ୍ମାର ଅସ୍ତିତ୍ୱକୁ ବିଶ୍ୱାସ କରି ପ୍ରତ୍ୟେକ ଶୁକ୍ରବାରଦିନ ସେଠାରେ ବିଶେଷ ପୂଜାର୍ଚ୍ଚନା କରାଯିବା ସହ ତାଡ଼ି ଭୋଗ ଅର୍ପଣ କରାଯାଉଛି। ପ୍ରତିବର୍ଷ ଏକ ନିର୍ଦ୍ଦିଷ୍ଟ ସମୟରେ ଦୁର୍ଯ୍ୟୋଧନଙ୍କ ଉଦ୍ଦେଶ୍ୟରେ 'ମଲନାଡ଼ା ମହୋତ୍ସବ'ର ଆୟୋଜନ ହୋଇଥାଏ, ଯେଉଁଥିରେ ପ୍ରକୃତିର ସୁରକ୍ଷା ଓ ଭଲ ଫସଲ ଉତ୍ପାଦନ ପାଇଁ ଆଶିଷ ଭିକ୍ଷା କରାଯାଏ। ୮ ଦିନ ଧରି ଚାଲୁଥିବା ଏହି ଉତ୍ସବରେ ଲକ୍ଷାଧିକ ଭକ୍ତ ଯୋଗ ଦିଅନ୍ତି।

ଦୁର୍ଯ୍ୟୋଧନଙ୍କ ସହିତ ଅନ୍ୟ କୌରବ ଭାଇ ଓ ଭଗ୍ନୀ ଦୁଶାଳାଙ୍କର ମନ୍ଦିର ମଧ୍ୟ କୋଲମଠାରେ ଅଛି। ମହାଭାରତ ଯୁଦ୍ଧ ପରେ ଦୁଶାଳା ଭୋକଶୋଷରେ ଅତିଷ୍ଠ ହୋଇ ରାଜ୍ୟ ଛାଡ଼ି ପଳାଇ ଆସିଥିଲେ। କୋଲମଠାରେ ପହଞ୍ଚିବା ପରେ ସେ ଗୋଟିଏ ଜମିରେ କାଠି ଦ୍ୱାରା ଭୂମିରୁ ପାଣିର ଉତ୍ସ ସୃଷ୍ଟି କରିଥିଲେ ଏବଂ ସେହି କାଠିକୁ ଉକ୍ତ ଜମିରେ ପୋତି ଦେଇଥିଲେ ବୋଲି ଲୋକକଥା ଅଛି। ତେଣୁ ଉକ୍ତ ଜମିରେ ଦୁଶାଳାଙ୍କର ଗୋଟିଏ ମନ୍ଦିର ନିର୍ମାଣ କରାଯାଇ ପୂଜାର୍ଚ୍ଚନା କରାଯାଉଛି। ଏହି ମନ୍ଦିର ଦୁର୍ଯ୍ୟୋଧନ ମନ୍ଦିରଠାରୁ ମାତ୍ର ୬ କି.ମି. ଦୂର ଏବଂ ଏହି ଜମିରୁ ହେଉଥିବା ଫସଲ କେବଳ ଠାକୁରଙ୍କ ଭୋଗ ପାଇଁ ପାଇଁ ଉଦ୍ଦିଷ୍ଟ।

ଉତ୍ତରାଖଣ୍ଡରେ ଥିବା ଦୁର୍ଯ୍ୟୋଧନଙ୍କ ମନ୍ଦିର ସ୍ଥାନୀୟ ଲୋକକଥା ଅନୁସାରେ ନିର୍ମାଣ କରାଯାଇଛି। ଏକଦା ଦୁର୍ଯ୍ୟୋଧନ ଉତ୍ତରାଖଣ୍ଡର ଜୋନ୍‌ସୋର୍-ବାବର କ୍ଷେତ୍ରର ହନୋଲ୍ ଯାତ୍ରାରେ ଆସିଥିଲେ। ଏଠାକାର ପ୍ରାକୃତିକ ସୁନ୍ଦରତାରେ ସେ ବିମୋହିତ ହୋଇ ସ୍ଥାନୀୟ ଦେବତା ମହାସୁଙ୍କୁ ହିମାଳୟ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଗୋଟିଏ ଘାଟି ମାଗିଲେ। ମହାସୁ ଦୁର୍ଯ୍ୟୋଧନଙ୍କୁ ଘାଟି ଦେବା ପାଇଁ ଗୋଟିଏ ସର୍ତ୍ତ ରଖିଲେ ଯେ, ସବୁବେଳେ ସେ ସ୍ଥାନୀୟ ଲୋକଙ୍କୁ ସୁରକ୍ଷା ଦେବା ସହିତ ତାଙ୍କର ଦୁଃଖକଷ୍ଟ ହରଣ କରିବେ। ଏଥିରେ ଦୁର୍ଯ୍ୟୋଧନ ରାଜି ହୋଇଗଲେ। ସେବେଠାରୁ ଆଜି ପର୍ଯ୍ୟନ୍ତ ଦୁର୍ଯ୍ୟୋଧନ ଉତ୍ତରକାଶୀ ଜିଲ୍ଲା ଅନ୍ତର୍ଗତ ଜଖୋଲ୍ ଗାଁର ରକ୍ଷକ ଦେବତା ଭାବେ ପୂଜା ପାଇ ଆସୁଛନ୍ତି। କୁହାଯାଏ ଯେ, ଦୁର୍ଯ୍ୟୋଧନଙ୍କ ମୃତ୍ୟୁରେ ଲୋକମାନେ ଏତେମାତ୍ରାରେ କାନ୍ଦିଥିଲେ ଯେ, ସେମାନଙ୍କ ଲୁହରୁ ତମସ ନାମକ ନଦୀର ଉତ୍ପତ୍ତି ହୋଇଥିଲା, ଯାହାକୁ ଏବେ ଟୋସ୍ ନଦୀ କୁହାଯାଉଛି। ଏହା ବ୍ୟତୀତ ଦୁର୍ଯ୍ୟୋଧନଙ୍କ ମନ୍ଦିର ନିର୍ମାଣକୁ ନେଇ ଏକାଧିକ ଲୋକକଥା ଅଛି। ଏହି ମନ୍ଦିରକୁ ବର୍ତ୍ତମାନ ସମୟରେ ଗୋଟିଏ ଶୈବପୀଠ ବୋଲି କୁହାଯାଉଛି।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩


ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342




ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ସବୁ ସ୍କୁଲରେ ତୃତୀୟ ଶ୍ରେଣୀରୁ ଏଆଇ ପାଠ୍ୟକ୍ରମ

**ନୂଆଦିଲ୍ଲୀ,୩୦।୧୦(ଏଜେନ୍ସି):** ଦେଶର ସବୁ ବିଦ୍ୟାଳୟରେ ତୃତୀୟ ଶ୍ରେଣୀରୁ ଏଆଇ ଶିକ୍ଷା ପାଠ୍ୟକ୍ରମର ଶୁଭାରମ୍ଭ କରାଯିବ। ତୃତୀୟ ଶ୍ରେଣୀରୁ ଏହି ବୈଷୟିକ ଶିକ୍ଷା ଆରମ୍ଭ ହେବା ଫଳରେ ମୌଳିକ ସ୍ତରରେ ଏହାକୁ ସାମିଲ କରାଯାଇପାରିବ। ନିଷ୍ପତ୍ତି ଅନୁଯାୟୀ ୨୦୨୬-୨୭ ଶିକ୍ଷା ବର୍ଷ ଠାରୁ ଜାତୀୟ ଶିକ୍ଷା ନୀତି ୨୦୨୦ ଅନୁରୂପ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଏବଂ କମ୍ପ୍ୟୁଟେସନାଲ୍ ଥିଙ୍କିଙ୍ଗ ପାଠ୍ୟକ୍ରମର ଶୁଭାରମ୍ଭ କରାଯିବ। ଏଥିପାଇଁ ଚଳିତ ବର୍ଷ ଡିସେମ୍ବର ସୁଦ୍ଧା ସମ୍ବଳ ସାମଗ୍ରୀ, ହ୍ୟାଣ୍ଡବୁକ, ଡିଜିଟାଲ ସମ୍ବଳ ବିକଶିତ କରାଯିବ। ଏଥିପାଇଁ ଅନୁଷ୍ଠିତ

**୨୦୨୬-୨୭ ଶିକ୍ଷା ବର୍ଷରୁ ଲାଗୁ**

ଏକ ବୈଠକରେ ସିବିଏସଇ, ଏନ୍‌ସିଇଆରଟି, କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ଏବଂ ନବୋଦୟ ବିଦ୍ୟାଳୟ ସଂଗଠନ ସମେତ ବିଶେଷଜ୍ଞ ଏବଂ ଅନ୍ୟ ଅଂଶୀଦାରମାନେ ଯୋଗଦେଇଥିଲେ। ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଏବଂ କମ୍ପ୍ୟୁଟେସନାଲ୍ ଥିଙ୍କିଙ୍ଗ ପାଠ୍ୟକ୍ରମ ବିକଶିତ କରିବା ଲାଗି ଆଇଆଇଟି ମାଡ୍ରାସର ପ୍ରଫେସର କାର୍ତ୍ତିକ ରମଣଙ୍କ ଅଧ୍ୟକ୍ଷତାରେ ଏକ ବିଶେଷଜ୍ଞ କମିଟି ଗଠନ କରାଯାଇଛି। ବିଦ୍ୟାଳୟ ଶିକ୍ଷା ସଚିବ ସଞ୍ଜୟ କୁମାର କହିଛନ୍ତି, କୃତ୍ରିମ ବୁଦ୍ଧିମତ୍ତା ଶିକ୍ଷାକୁ ଆମ ଚାରିପାଖର ଦୁନିଆ ସହ ଜଡିତ ଏକ ମୌଳିକ ସାର୍ବଜନୀନ ଦକ୍ଷତା ଭାବରେ ବିବେଚନା କରାଯିବା ଉଚିତ । ନିଷ୍ଠାର ଶିକ୍ଷକ ତାଲିମ ମଡ୍ୟୁଲ୍ ଏବଂ ଭିଡିଓ-ଆଧାରିତ ଶିକ୍ଷା ସମ୍ବଳ ସମେତ ଶିକ୍ଷକ ତାଲିମ ଏବଂ ଶିକ୍ଷା-ଶିକ୍ଷଣ ସାମଗ୍ରୀ ପାଠ୍ୟକ୍ରମ କାର୍ଯ୍ୟକାରିତାର ଆଧାର ହେବ। ସୂଚନା ଏବଂ ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟର ଯୁଗ୍ମ ସଚିବ ପ୍ରାଚୀ ପାଣ୍ଡେ ପାଠ୍ୟକ୍ରମର ବିକାଶ ଏବଂ କାର୍ଯ୍ୟକାରିତା ଲାଗି ନିର୍ଦ୍ଧାରିତ ସମୟସୀମା ଅନୁସରଣ କରିବାକୁ ପରାମର୍ଶ ଦେଇଥିଲେ।

# ନୀରବିଗଲେ କବି ତଥା ରାଜନେତା ଶଙ୍କର ପରିଡ଼ା



**ପୁରୀ,୩୦।୧୦(ସମିସ):** ବିଶିଷ୍ଟ କବି ତଥା ପ୍ରବୀଣ ରାଜନେତା ଶଙ୍କର୍ଷଣ (ଶଙ୍କର) ପରିଡ଼ାଙ୍କ ୬୬ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ଫୁସ୍‌ଫୁସ୍ ଜନିତ କ୍ୟାନ୍ସରରେ ପୀଡ଼ିତ ହୋଇ ଦୀର୍ଘଦିନ ଧରି ଚିକିତ୍ସିତ ହେଉଥିଲେ। ବମ୍ବେରେ ଚିକିତ୍ସିତ ହୋଇ ଭୁବନେଶ୍ୱର ଘରକୁ ଫେରିଥିଲେ। ମାତ୍ର ସ୍ୱାସ୍ଥ୍ୟାବସ୍ଥା ପୁଣି ବିଗିଡ଼ିବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ଏବଂ ପରେ ମଙ୍ଗଳବାର ରାତିରେ ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ଭେଣ୍ଟିଲେଟର୍‌ରେ ଚିକିତ୍ସାଧୀନ ଥିବାବେଳେ ଗୁରୁବାର ତାଙ୍କର ପରଲୋକ ଘଟିଛି। ଭୁବନେଶ୍ୱରରୁ ତାଙ୍କ ମରଶରୀରକୁ ଏକ ବିରାଟ ଶୋଭାଯାତ୍ରାରେ ପ୍ରଥମେ ତାଙ୍କ ଜନ୍ମମାଟି ପୁରୀ ସଦର ବ୍ଲକ୍ ବାଲିପୁଟ ପଞ୍ଚାୟତ ମାର୍କଣ୍ଡପୁର ଗାଁକୁ ନିଆଯାଇଥିଲା। ସେଠାରୁ ପୁରୀ ବାସଭବନ 'ଇନ୍ଦ୍ରପ୍ରସ୍ଥ'କୁ ଅଣାଯାଇଥିଲା। ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିବା ପରେ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଛି। ସାନଭାଇ ଗୋଲକ ପରିଡ଼ା ମୁଖାଗ୍ନି ଦେଇଥିବା ବେଳେ ପାଖରେ ୨ କନ୍ୟା ଉପସ୍ଥିତ ଥିଲେ। ଏହି ଅବସରରେ ବହୁ ବିଶିଷ୍ଟ ବ୍ୟକ୍ତି, ଶୁଭେଚ୍ଛୁ, ସମ୍ପର୍କୀୟ, ସାହିତ୍ୟିକ, କବି ସ୍ୱର୍ଗଦ୍ୱାରରେ ଉପସ୍ଥିତ ରହି ଶେଷ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

ପୁରୀ ସଦର ବ୍ଲକ୍ ବାଲିପୁଟ ପଞ୍ଚାୟତ ମାର୍କଣ୍ଡପୁର ଗାଁରେ ୧୯୬୧ ମସିହାରେ ଜନ୍ମିତ ଶଙ୍କର ପୁରୀ ଏସ୍‌ସିଏସ୍ କଲେଜରୁ ବିଏ ପାସ୍ କରିଥିଲେ। ଏଜୁକେସନରେ ଏମ୍‌ଏ କରିଥିବା ଶଙ୍କର ଓଡ଼ିଶାର ଜଣେ ତରୁଣ କବି ଭାବେ ପରିଚୟ ସାଉଁଟିଥିଲେ। ସେ ଥିଲେ ଶବ୍ଦର କବି। ତାଙ୍କର ପ୍ରକାଶିତ କବିତା ପୁସ୍ତକ ମଧ୍ୟରେ 'ମାୟାମଞ୍ଚ', 'ଶବ୍ଦ ଦର୍ପଣ', 'ନିଜ ପାଇଁ ନାନାବାୟା ଗୀତ', 'ସମୟର ସ୍ୱରବର୍ଣ୍ଣ', 'ଚିତ୍ରାକ୍ଷର' ଏବଂ 'କବିତା କଣିକା' ଥିଲା ଅନ୍ୟତମ। କେବଳ କବିତାରେ ନୁହେଁ, ଜଣେ ରାଜନେତା ଭାବେ ସେ ବେଶ୍ ପରିଚୟ ସୃଷ୍ଟି କରିପାରିଥିଲେ। ବାଲିପୁଟ ପଞ୍ଚାୟତରୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ଜନପ୍ରତିନିଧି, ପୁରୀ ସଦର ବ୍ଲକ୍‌ର ପୂର୍ବତନ ଅଧ୍ୟକ୍ଷ, ପୁରୀ ଜିଲ୍ଲା ପରିଷଦର ପୂର୍ବତନ ଅଧ୍ୟକ୍ଷ, ରାଜ୍ୟ କତା ଶିଳ୍ପ ନିଗମର ପୂର୍ବତନ ଅଧ୍ୟକ୍ଷ, ଓଡ଼ିଶା ରାଜ୍ୟ ପଞ୍ଚାୟତ ପରିଷଦର ସଭାପତି ରହିଥିଲେ। ପଞ୍ଚାୟତିରାଜ ଉପରେ ଜାତୀୟସ୍ତରରେ ଏକଦା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିବା ବିରାଟ ବ୍ୟକ୍ତିତ୍ୱ, ପ୍ରଚଣ୍ଡ ବାଗ୍ମୀ ପୁରୁଷ, ବିଶିଷ୍ଟ ସମାଲୋଚକ, ରାଜନୈତିକ ସମୀକ୍ଷକ ସ୍ୱର୍ଗତ ପରିଡ଼ା ସାମାଜିକ ଗଣମାଧ୍ୟମ ଜରିଆରେ ବ୍ୟାପକ ଜନସଚେତନତା ସୃଷ୍ଟି କରୁଥିଲେ। ୮ ବର୍ଷ ଧରି ରାଷ୍ଟ୍ରମନ୍ତ୍ରୀ ପାହ୍ୟାରେ ଅବସ୍ଥାପିତ ହୋଇ ସେବା ଦେଇଛନ୍ତି। ଓଡ଼ିଆ ଯୁବ ଲେଖକ ସମ୍ମିଳନୀର ସଭାପତି, ଅଭିନନ୍ଦନିକାର ଉପଦେଷ୍ଟା ଓ ଶ୍ରୀକ୍ଷେତ୍ର ପୁସ୍ତକ ମେଳାର ଉପଦେଷ୍ଟା ଭାର ତୁଲାଇଛନ୍ତି। ସେ ହିଁ ଏକମାତ୍ର ରାଜନେତା ଯାହାଙ୍କ ବିଜୟରେ ଖୁସି ହୋଇ ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ତାଙ୍କୁ ୧ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରିଥିଲେ। ଅକ୍ଟୋବର ୧୭ରେ ଶେଷ ଜନ୍ମଦିନ ହସ୍ପିଟାଲ ବେଡ୍‌ରେ ପାଳନ ବେଳେ ଲେଖିଥିଲେ ଶେଷ କବିତା 'ଆଜି ହାସ୍‌ପାତାଳରେ ଜନ୍ମଦିନ'।

ମରଶରୀର ନିକଟରେ ପତ୍ନୀ ଶୁଭ୍ରା ନାୟକ ପରିଡ଼ା, ଝିଅ ଶକ୍ତି ସ୍ୱରୂପା, ଶକ୍ତି ସମ୍ପନ୍ନାଙ୍କ ସମେତ ଅନ୍ୟ ପରିବାରବର୍ଗ ଉପସ୍ଥିତ ଥିଲେ। ରକ୍ଷକ ନାୟକ, ବଦ୍ରି ମିଶ୍ର, ଶ୍ୟାମପ୍ରକାଶ ସେନାପତି, ପବିତ୍ର ମୋହନ ଦାଶ, ଚିନ୍ମୟ ବିବେକ, ମଧୁସୂଦନ ମିଶ୍ର, ବୀରେନ୍ଦ୍ର ଭୂଷଣ ହୋତା, ଅଜୟ ପ୍ରଧାନ, ବ୍ରଜକିଶୋର ସାହୁ, ମାନମୟୀ ରଥ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

# ଲକ୍ଷ୍ମୀପୁରରେ ବାଘ ଆତଙ୍କ



**ଛତ୍ରପୁର,୩୦।୧୦(ସମିସ):** ଜଙ୍ଗଲ ଛାଡ଼ି ଜନବସତିମୁହାଁ ହୋଇଛି ବାଘ। ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀପୁର ଗ୍ରାମର ଚାଷ ଜମିରେ ବାଘ ବୁଲୁଥିବା ଅଭିଯୋଗ ହୋଇଛି। ଗୁରୁବାର ସକାଳୁ ଗ୍ରାମର କିଛି ଲୋକ ମନ୍ଦିରରୁ ଫେରିବା ସମୟରେ ଚାଷ ଜମିରେ ବାଘ ବୁଲୁଥିବା ଦେଖି ପ୍ରଥମେ ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ପରେ ଛତ୍ରପୁର ବନବିଭାଗକୁ ଖବର ଦିଆଯାଇଥିଲା। ଛତ୍ରପୁର ଫରେଷ୍ଟ ଅଫିସର୍ ବାବୁ ସେଠୀଙ୍କ ସମେତ ବନ ବିଭାଗ କର୍ମଚାରୀ ପହଞ୍ଚି ତଦନ୍ତ କରିବା ସହିତ ପାଦ ଚିହ୍ନ ଏବଂ ଲୋମ ଆଦି ସଂଗ୍ରହ କରିଛନ୍ତି। ଏହା ସହ ପାଦ ଚିହ୍ନକୁ ମଧ୍ୟ ଏକ ସ୍କେଲ ଯୋଗେ ମପାଯାଇଛି। ତେବେ ପ୍ରକୃତରେ ବାଘ ନା ଆଉ କେଉଁ ବନ୍ୟଜନ୍ତୁ, ତାକୁ ନେଇ ତଦନ୍ତ ଜାରି ରଖାଯାଇଥିବା ଫରେଷ୍ଟ ଅଫିସର ଶ୍ରୀ ସେଠୀ କହିଛନ୍ତି। ଅନ୍ୟପଟେ ଗ୍ରାମରେ ଦୁଇ ଦିନ ଧରି ବାଘ ଆତଙ୍କ ଲାଗି ରହିଥିବା ବେଳେ ଗ୍ରାମର ଛେଳି, କୁକୁଡ଼ା ଆଦିକୁ ଖାଇ ଦେଉଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଉକ୍ତ ରାସ୍ତାଟି ମୁଖ୍ୟ ରାସ୍ତା ହୋଇଥିବାରୁ ଲୋକେ ରୀତିମତ ସେହି ରାସ୍ତା ଦେଇ ଯିବା ଆସିବା କରୁଛନ୍ତି। ଏଣୁ ଏହାର ତଦନ୍ତ କରି ବାଘକୁ ଘଉଡ଼ାଇବା ପାଇଁ ଦାବି ହୋଇଛି।

# ପୋଲରୁ ଖସି ଗାର୍ଡ଼ୱାଲରେ ଲାଖିଲା ବସ୍



**କୋଣାର୍କ, ୩୦।୧୦ (ସମିସ):** ଗୁରୁବାର କୋଣାର୍କ ଥାନା ଅନ୍ତର୍ଗତ କାଦୁଆ ପଞ୍ଚାୟତ ସନ୍ତରସମା ବ୍ରିଜ୍‌ପାର୍ଶ୍ୱରେ ଏକ 'ମୁଖ୍ୟମନ୍ତ୍ରୀ ବସ୍' ଭାରସାମ୍ୟ ହରାଇ ଖସି ପଡ଼ିଥିଲା। ତେବେ ସୌଭାଗ୍ୟକୁ ନଦୀର ଗାର୍ଡ଼ୱାଲ୍‌ରେ ବସ୍‌ଟି ଅଟକିଯିବାରୁ ୧୪ ଜଣ ଯାତ୍ରୀ ଅଳ୍ପକେ ବର୍ତ୍ତିଯାଇଛନ୍ତି।

କାକଟପୁରରୁ କୋଣାର୍କ ଅଭିମୁଖେ ୧୪ଜଣ ଯାତ୍ରୀଙ୍କୁ ନେଇ 'ମୁଖ୍ୟମନ୍ତ୍ରୀ ବସ୍' ବାହାରିଥିଲା। ବ୍ରିଜ୍ ପାର୍ଶ୍ୱରେ ବସ୍‌ଟି ଭାରସାମ୍ୟ ହରାଇ ଖସି ପଡ଼ିଥିଲା। କିନ୍ତୁ ନଦୀର ଗାର୍ଡ଼ୱାଲ୍‌ରେ ବସ୍‌ଟି ଅଟକିଯାଇଥିଲା। ଫଳରେ ୫ ମହିଳାଙ୍କ ସମେତ ୧୪ଜଣ ଯାତ୍ରୀ ଅଳ୍ପକେ ବର୍ତ୍ତିଯାଇଛନ୍ତି। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରିଥିଲେ। ବସ୍‌ର ଷ୍ଟିୟରିଂ କଟିଯିବାରୁ ଏହି ଅଘଟଣ ଘଟିଥିବା କୁହାଯାଉଛି। ଅନ୍ୟପକ୍ଷରେ ଅଣଓସାରିଆ ରାସ୍ତାରେ ଦ୍ରୁତଗତିରେ ଗାଡ଼ି ଚାଳନା ଯୋଗୁଁ ଏଭଳି ଦୁର୍ଘଟଣା ଘଟିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ରାସ୍ତାର ଉଭୟ ପାର୍ଶ୍ୱରେ ଅନାବନା ଗଛ ରାସ୍ତା ଉପରକୁ ମାଡ଼ି ଆସିଥିବାରୁ ବାରମ୍ବାର ଛୋଟବଡ଼ ଦୁର୍ଘଟଣା ଘଟୁଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଜେଲ୍ ଜଗିବେ...

ପୂରିବାକୁ ଯାଉଛି। ଦୁଇ କୁଖ୍ୟାତ ବିହାରୀ ଅପରାଧୀ ରାଜା ସାହାଣୀ ଓ ମଧୁକାନ୍ତ କୁମାରଙ୍କର ପତ୍ତା ପୁଲିସ ପାଇନାହିଁ। ଏପରିକି ଏହି ଫେରାର୍ ଘଟଣା ପଛରେ କୁଖ୍ୟାତ ଅପରାଧୀ ସୁବ୍ରତ ସିଂହ ସହ ରାଜ୍ୟର କିଛି ଜେଲ୍ କର୍ମଚାରୀଙ୍କ ବୁଝାମଣା ଅଭିଯୋଗର ତଦନ୍ତ ହୋଇନାହିଁ। ସେହିପରି କିଛି ଦିନ ତଳେ ସୋର ଜେଲରୁ ଜଣେ ଚକମା ଦେଇ ଖସି ଯାଇଥିବାବେଳେ ଚୌଦ୍ୱାର ଜେଲରେ ଗୋଷ୍ଠୀ ସଂଘର୍ଷ, ନୟାଗଡ଼ ଜେଲରେ ବନ୍ଦୀମାନଙ୍କ ମଧ୍ୟରେ ମୁହାଁମୁହିଁ ଘଟଣା ଜେଲସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେଣୁ ନିଜ ଛବି ସୁଧାରିବାକୁ ଜେଲ୍ ବିଭାଗ ହୋମ୍‌ଗାର୍ଡ଼ମାନଙ୍କୁ ଜେଲରେ ନିଯୁକ୍ତି ଦେବାକୁ ଯୋଜନା କରିଛି। ମାତ୍ର ଏହାପରେ ଯଦି କୌଣସି ଜେଲରୁ କଏଦୀ ବା ଅପରାଧୀ ଫେରାର ହୁଅନ୍ତି; ସେଥିପାଇଁ ଉତ୍ତରଦାୟୀ କିଏ ହେବ ? ଜେଲ୍‌ରେ ନିଯୁକ୍ତ ହୋମ୍‌ଗାର୍ଡ଼ ନା ଜେଲ୍ ବିଭାଗ ଅଧିକାରୀ ? ଏ ସମ୍ପର୍କରେ ଜେଲ୍ ବିଭାଗ ପକ୍ଷରୁ କୌଣସି ନିର୍ଦ୍ଦେଶନାମା ପ୍ରକାଶ ପାଇନାହିଁ।

### ଖଣି ପଟ୍ଟାଦାରଙ୍କ...

ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ କ୍ଷତିପୂରଣ ରାଶି ଆଦାୟ ହୋଇପାରି ନ ଥିବାରୁ ଏ ସଂକ୍ରାନ୍ତରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ଯାହାକୁ ନେଇ ସୁପ୍ରିମକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅପରପକ୍ଷେ ଓଡ଼ିଶା ପକ୍ଷରୁ ମାମଲା ପରିଚାଳନା କରୁଥିବା ଏଜି ପୀତାମ୍ବର ଆଚାର୍ଯ୍ୟ ତୁରନ୍ତ ସୁଧାରମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସର୍ବୋଚ୍ଚ ଅଦାଲତଙ୍କୁ ଜଣାଇଥିଲେ। ସେ ବ୍ୟକ୍ତିଗତ ଭାବରେ ଏନେଇ ମୁଖ୍ୟ ଶାସନ ସଚିବଙ୍କ ସହ ଆଲୋଚନା କରିବେ ଏବଂ ଯେଉଁ ଆଇନଗତ ପଦକ୍ଷେପ ଆବଶ୍ୟକ, ତାହା ଗ୍ରହଣ କରାଯିବ ବୋଲି ଶ୍ରୀ ଆଚାର୍ଯ୍ୟ ଖଣ୍ଡପୀଠଙ୍କୁ ଅବଗତ କରିବା ପରେ ସୁପ୍ରିମକୋର୍ଟ ପରବର୍ତ୍ତୀ ଶୁଣାଣି ପାଇଁ ୮ ସପ୍ତାହ ସମୟ ଦେଇଛନ୍ତି। ଆସନ୍ତା ଡିସେମ୍ବର ୩ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବାକୁ ନେଇ ତାରିଖ ଧାର୍ଯ୍ୟ ହୋଇଛି।

### ଜଷ୍ଟିସ୍ ସୂର୍ଯ୍ୟକାନ୍ତ...

୨୦ ବର୍ଷର କାର୍ଯ୍ୟକାଳରେ ଜଷ୍ଟିସ ସୂର୍ଯ୍ୟକାନ୍ତ ଏକାଧିକ ମାମଲାରେ ଐତିହାସିକ ରାୟ ଶୁଣାଇଛନ୍ତି। ପେଗାସସ୍ ଗୁପ୍ତଚର ମାମଲାର ବିଚାର କରିଥିବା ଖଣ୍ଡପୀଠରେ ସେ ସଭ୍ୟ ଥିଲେ। ସେ ସାଇବର ବିଶେଷଜ୍ଞଙ୍କ କମିଟି ଗଠନ କରି ଏହି ମାମଲାର ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେ ହରିୟାଣାର ପ୍ରଥମ ବ୍ୟକ୍ତି ଭାବେ ପ୍ରଧାନ ବିଚାରପତି ଭାବେ ନିଯୁକ୍ତି ପାଇଛନ୍ତି। ସେ ବିହାର ଏସ୍‌ଆଇଆର୍ ମାମଲରେ ମଧ୍ୟ ଶୁଣାଣି କରିଥିଲେ। ସୂଚନାଯୋଗ୍ୟ ଯେ ମାଟ୍ରିକ ପରୀକ୍ଷା ଦେବାକୁ ଯିବା ବେଳେ ସେ ପ୍ରଥମଥର ପାଇଁ ସହର ଦେଖିଥିଲେ।

### ଆଣବିକ ଗବେଷଣା...

ହୋଇଥିବା ପରମାଣୁ ତଥ୍ୟ ଓ ସମ୍ବେଦନଶୀଳ କାଗଜପତ୍ର ଏହି ନେଟ୍‌ୱର୍କକୁ ସେ ବିକ୍ରି କରିବାକୁ ଚେଷ୍ଟା କରୁଥିବା ସନ୍ଦେହ କରାଯାଉଛି। ଅଖତାର କୁତ୍‌ବୁଦ୍ଦିନ ଗତ କିଛିବର୍ଷ ହେବ ଭିନ୍ନ ଭିନ୍ନ ନାମରେ ନିଜର ପରିଚୟ ସୃଷ୍ଟି କରୁଥିଲା।।

### ନବୀନଙ୍କ ଇଙ୍ଗିତ...

ରୋଡ୍ ପର୍ଯ୍ୟନ୍ତ ନବୀନଙ୍କ ଶୋଭାଯାତ୍ରା ପୂର୍ବରୁ ତାଙ୍କର ଟ୍ୱିଟ୍ ଦଳୀୟ କର୍ମୀ ଓ କର୍ମକର୍ତ୍ତାଙ୍କୁ ପୂରା ଉତ୍ସାହିତ କରିଛି। ନବୀନଙ୍କ ଏହି ଗସ୍ତ ସବୁ ରାଜନୈତିକ ସମୀକରଣକୁ ବଦଳାଇଦେବ ବୋଲି ରାଜନୈତିକ ସମୀକ୍ଷକମାନେ ମତବ୍ୟକ୍ତ କରିଛନ୍ତି। ଦଳୀୟ ପ୍ରାର୍ଥୀ ରୂପେ ସ୍ନେହାଙ୍ଗିନୀଙ୍କୁ ମନୋନୀତ କରି ନବୀନଙ୍କ ନିଷ୍ପତ୍ତି ବିରୋଧୀଙ୍କୁ ଚକିତ କରିଥିଲା। ସେହିପରି ଦଳର ରଣନୀତିକୁ କାର୍ଯ୍ୟକାରୀ କରିବାକୁ ପଶ୍ଚିମ ଓଡ଼ିଶାର ଦମଦାର ନେତାମାନଙ୍କୁ ପ୍ରଚାର ଏବଂ ନିର୍ବାଚନ ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ବିଶେଷକରି ପଞ୍ଚାୟତଠାରୁ ଆରମ୍ଭ କରି ବ୍ଲକ, ଏନ୍‌ଏସିଯାଏଁ ନିର୍ଦ୍ଦିଷ୍ଟ ନେତାଙ୍କୁ ନିର୍ଦ୍ଦିଷ୍ଟ ଦାୟିତ୍ୱ ପ୍ରଦାନ କରାଯାଇଛି। ନୂଆପଡ଼ା ରାଜନୀତି ପାଣିପାଗକୁ ମାପି ନବୀନ ପ୍ରଥମେ ଷ୍ଟିୟରିଂ କମିଟି, ଜୋନାଲ କମିଟି ଏବଂ ଲୋକାଲ ଆକ୍ସନ କମିଟି କରିଥିଲେ। ଏହାପରେ ପରେ ଦଳର ଆଗଧାଡ଼ିର ନେତାଙ୍କୁ ବିଭିନ୍ନ ଦାୟିତ୍ୱ ନ୍ୟସ୍ତ କରିଥିବା ବେଳେ ଦଳ ସୁଚିନ୍ତିତ ଢଙ୍ଗରେ ନିଜର ପ୍ରଚାର କାର୍ଯ୍ୟକ୍ରମକୁ ଜାରି ରଖିଛି। ବଡ଼ ବଡ଼ ସଭା ବଦଳରେ ଦଳୀୟ ନେତାମାନେ ଗୋଟିଏ ଦିନରେ ପ୍ରାୟ ୨୦ରୁ ଅଧିକ ସଭା କରୁଛନ୍ତି। ଏପରିକି ବିଜେଡିର ଜଣେ ନେତାଙ୍କୁ ଜଗିବା ପାଇଁ ଶାସକ ବିଜେପି ୩ ଜଣଙ୍କୁ ଲଗାଇଥବା ନେଇ ସ୍ଥାନୀୟ ଅଞ୍ଚଳର ରାଜନୈତିକ ବିଶେଷଜ୍ଞ ମତପ୍ରକାଶ କରିଛନ୍ତି। ସେହିପରି ନିଜେ ପ୍ରାର୍ଥୀ ସ୍ନେହାଙ୍ଗିନୀ ଏକାଧିକ ସ୍ଥାନରେ ପଦଯାତ୍ରା କରି ନିଜ ପାଇଁ ଭୋଟ ମାଗୁଛନ୍ତି। ଏପଟେ ନବୀନ ଦଳରୁ ଦୂରେଇ ରହିଥିବା ଟାଣୁଆ ନେତାଙ୍କୁ ପୁଣିଥରେ ଦଳକୁ ଫେରାଇ ଦଳର ଶକ୍ତି ବୃଦ୍ଧି କରିଛନ୍ତି।

ସ୍ଥାନୀୟ ଅଞ୍ଚଳରେ ଦଳର ଟାଣୁଆ ନେତା ଭାନୁପ୍ରତାପ ସିଂହ ପ୍ରତ୍ୟକ୍ଷ ଭାବରେ ପ୍ରଚାରରେ ନିଜକୁ ସାମିଲ କରିଛନ୍ତି ଓ ସ୍ନେହାଙ୍ଗିନୀଙ୍କୁ ନୂଆପଡ଼ା ରାଜନୀତିର ସବୁ ଦାଓପେଞ୍ଚ ସମ୍ପର୍କରେ ଅବଗତ କରିଛନ୍ତି। ରାଜନୈତିକ ପର୍ଯ୍ୟବେକ୍ଷକଙ୍କ ମତରେ କ୍ଷମତାରେ ନ ଥିଲେ ବି ନୂଆପଡ଼ାରେ ନବୀନଙ୍କର ସ୍ୱତନ୍ତ୍ର କ୍ରେଜ ରହିଛି। ନୂଆପଡ଼ା ଜିଲ୍ଲାରେ ଯାହା କିଛି ବିକାଶ ହୋଇଛି, ତାହା ନବୀନଙ୍କ ସମୟରେ ହିଁ ହୋଇଛି। ନବୀନ ନିଜେ ପ୍ରଚାର ମଙ୍ଗ ଧରିଲେ ଏହାର ପ୍ରଭାବ ନିଶ୍ଚୟ ଅନୁଭୂତ ହେବ ବୋଲି ବିରୋଧୀ ଦଳର ସମର୍ଥକମାନେ ମଧ୍ୟ ମତ ଦେଉଛନ୍ତି। ନବୀନ ପ୍ରଚାର ମଇଦାନକୁ ଓହ୍ଲାଇବା ପରେ ନୂଆପଡ଼ା ପ୍ରଚାର ରାଜନୀତି ଆହୁରି ଉଷ୍ମତା ଧରିବ ବୋଲି ଏବେ ସାଧାରଣରେ ମତପ୍ରକାଶ ପାଉଛି।

### ଅଷ୍ଟ୍ରେଲିଆକୁ ହରାଇ...

ହାସଲ କରି ଭାରତ ବିଶ୍ୱ ରେକର୍ଡର ଅଧିକାରୀ ହୋଇଛି। ଚଳିତ ବିଶ୍ୱକପର ଲିଗ୍ ପର୍ଯ୍ୟାୟରେ ଭାରତ ବିପକ୍ଷରେ ଅଷ୍ଟ୍ରେଲିଆ ୩୩୧ ରନର ଲକ୍ଷ୍ୟକୁ ହାସଲ କରିଥିଲା। ଏଥିସହ ଭାରତ ତୃତୀୟଥର ଲାଗି ବିଶ୍ୱକପ୍ ଫାଇନାଲରେ ପହଞ୍ଚିଛି।

### ଜେଲ୍‌ରୁ ମୁକୁଳିଲେ...

କେସ୍ ଡାଏରୀ ଦାଖଲ କରିଥିଲେ। କିନ୍ତୁ ଜାମିନ ଆବେଦନର ଶୁଣାଣି ବେଳେ କ୍ରାଇମବ୍ରାଞ୍ଚ ଗିରଫ ୧୧୪ଜଣ ଆଶାୟୀ ଛାତ୍ରଛାତ୍ରୀଙ୍କ ବିରୋଧରେ ଆବଶ୍ୟକ ତଥ୍ୟ ପ୍ରମାଣ କୋର୍ଟରେ ଉପସ୍ଥାପନ କରିବାରେ ବିଫଳ ହୋଇଥିଲା। ଫଳରେ କୋର୍ଟ ସମସ୍ତ ୧୧୪ଜଣ ଆଶାୟୀ ଛାତ୍ରଛାତ୍ରୀଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଥିଲେ। ଅନ୍ୟପକ୍ଷରେ କୌଣସି ଭୁଲ୍ ନକରି ପିଲାଙ୍କୁ ଜେଲ୍ ଯିବାକୁ ପଡ଼ିଛି। ସେମାନେ ସାର୍ଟିଫିକେଟ୍ କିମ୍ବା ଟଙ୍କା ମଧ୍ୟ ଦେଇନାହାନ୍ତି। ରାକେଟ ଚଳାଉଥିବା ଦଲାଲ୍‌ଙ୍କୁ ଛାଡ଼ି ପୁଲିସ ଆଶାୟୀ ପରୀକ୍ଷାର୍ଥୀଙ୍କୁ ଗିରଫ କରିଥିବା ବେଳେ ସେମାନଙ୍କ ବିରୁଦ୍ଧରେ କୌଣସି ଠୋସ୍ ପ୍ରମାଣ ମଧ୍ୟ ଯୋଗାଡ଼ କରିପାରିନାହିଁ। ତେଣୁ କୋର୍ଟରେ କ୍ରାଇମବ୍ରାଞ୍ଚ ପ୍ରମାଣ ଦାଖଲ କରିପାରିଲା ନାହିଁ। ନିରୀହ ଛାତ୍ରଛାତ୍ରୀଙ୍କ ଅପେକ୍ଷା ପ୍ରକୃତ ଦଲାଲଙ୍କୁ ପୁଲିସ ଗିରଫ କରୁ ବୋଲି ଅଭିଭାବକମାନେ ଦାବି କରିଛନ୍ତି। ପୁଲିସ ଏସ୍‌ଆଇ କେଳେଙ୍କାରୀ ମାମଲାର ତଦନ୍ତ ପ୍ରଥମେ ପୁଲିସ ଓ ପରେ କ୍ରାଇମବ୍ରାଞ୍ଚ କରୁଥିବା ବେଳେ ଘଟଣାର ତଦନ୍ତଭାର ବର୍ତ୍ତମାନ ସିବିଆଇକୁ ଦିଆଯାଇଛି। ଖୁବଶୀଘ୍ର ସିବିଆଇ ପରୀକ୍ଷାର୍ଥୀଙ୍କୁ ପଚରାଉଚରା କରିବ। ଏହି ଚାକିରି ବିକ୍ରି ଘଟଣାରେ ୧୨୩ ଜଣଙ୍କ ମଧ୍ୟରେ ୯ଜଣ ଦଲାଲ ସାମିଲ ଅଛନ୍ତି। ଜାମିନ ଆବେଦନ କରିଥିବା ୧୨୧ଜଣଙ୍କ ମଧ୍ୟରୁ ୧୧୪ଜଣ ଚାକିରି ଆଶାୟୀ ଥିବାବେଳେ ଅବଶିଷ୍ଟ ୭ଜଣ ଦଲାଲ୍ ଥିଲେ। ଜାମିନ ଆବେଦନ କରିଥିବା ୭ଜଣ ଦଲାଲଙ୍କ ଆବେଦନ ଖାରଜ ହୋଇଯାଇଛି। ଗିରଫ ଦୁଇ ଦଲାଲ ବିଶ୍ୱଜିତ ହରିଚନ୍ଦନ ଓ ତଫିନ୍ ଅହମ୍ମଦ ଖାନ୍ କୌଣସି କାରଣରୁ ଜାମିନ ଆବେଦନ କରି ନ ଥିବା ସରକାରୀ ଓକିଲ ରଜତ କୁମାର ଦାଶ ସୂଚନା ଦେଇଛନ୍ତି।

### ଗୋଟିଏ ଦେଶ...

ସୂଚନାଯୋଗ୍ୟ ଯେ ୨୦୨୨ ଅକଟୋବରରେ ରାଜ୍ୟ ଗୃହ ବିଭାଗ ସଚିବମାନଙ୍କର ଚିନ୍ତନ ଶିବିରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଥମେ ଏହି ପ୍ରସ୍ତାବ ଦେଇଥିଲେ। ଏହାପରେ ୨୦୨୩ରେ କେନ୍ଦ୍ର ସ୍ୱରାଷ୍ଟ୍ର ବିଭାଗ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ସରକାରଙ୍କୁ ଚିଠି ଲେଖି ମତାମତ ଲୋଡ଼ିଥିଲା। ଦେଶବ୍ୟାପୀ ପୁଲିସ କର୍ମଚାରୀଙ୍କ ପରିଚୟ, ଦାୟିତ୍ୱବୋଧ ଓ ଦକ୍ଷତା ବୃଦ୍ଧି ଉଦ୍ଦେଶ୍ୟରେ ଏହା ଜରୁରୀ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

### ଜୀବନ ନେଉଛି...

ଫଳରେ ଏଭଳି ଅଘଟଣ ଘଟିଛି। ଅଗ୍ନିଶମ ବିଭାଗ ସୂଚନା ଅନୁସାରେ, ଗତ ୧୬ ତାରିଖରେ ଭୁବନେଶ୍ୱରରେ ରହୁଥିବା କେନ୍ଦୁପାଟଣା ଅଞ୍ଚଳର ଶିଶିକାନ୍ତ ସାହୁ(୩୭) ନିଜ କାର୍ ଆସି ମୁଣ୍ଡଳୀବ୍ରିଜ୍ ଉପରେ ମହାନଦୀକୁ ଡେଇଁ ପଡ଼ିଥିଲେ। ୩ଦିନ ପରେ ତାଙ୍କ ମୃତ ଉଦ୍ଧାର କରାଯାଇଥିଲା। ଗତ ୧୭ତାରିଖ ରାତିରେ ଗୋପାଳପୁର ନିକଟ କାଠଯୋଡ଼ି ବ୍ରିଜ୍ ଉପରେ ଅଶୁରେଶ୍ୱର ଅଞ୍ଚଳର ଅବିନାଶ ମହାପାତ୍ର(୩୩) ନଦୀକୁ ଡେଇଁ ପଡ଼ିଥିଲେ। ନଦୀରେ ପାଣି କମ୍ ଥିବାରୁ ତାଙ୍କୁ ଅଗ୍ନିଶମ କର୍ମଚାରୀ ଉଦ୍ଧାର କରିବାରେ ସଫଳ ହୋଇଥିଲେ। ଗତ ୨୩ ତାରିଖରେ ଜଗତପୁର ଥାନା ଅଞ୍ଚଳରେ ଶିବାନୀ ମଲ୍ଲିକ(୨୫) ଯୋବ୍ରା ବ୍ରିଜ୍ ଉପରୁ ଡେଇଁ ଆତ୍ମହତ୍ୟା କରିଥିଲେ। ତାଙ୍କ ମୃତଦେହକୁ ୨୪ ତାରିଖ ପୂର୍ବାହ୍ଣରେ ଚିତ୍ରୋତ୍ପଳା ନଦୀରୁ ଉଦ୍ଧାର କରାଯାଇଥିଲା। ଗତ ୨୭ତାରିଖରେ ବକ୍ସିବଜାର ଅଞ୍ଚଳର ମହେଶ୍ୱରୀ ପାଣ୍ଡେ(୩୬) ଯୋବ୍ରା ବ୍ୟାରେଜ୍ ଉପରେ ସ୍କୁଟି ରଖି ନଦୀକୁ ଡେଇଁଥିଲେ। ତାଙ୍କୁ ଜୀବିତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଆଜି ନଦୀରେ ଜଣେ ନାବାଳକ ଗାଧୋଇବା ଅବସ୍ଥାରେ ବୁଡ଼ି ଯାଇଛି। ମୋଟ୍ ୧୫ଦିନ ମଧ୍ୟରେ ୫ଜଣ ନଦୀରେ ବୁଡ଼ି ଯାଇଥିବା ବେଳେ ୨ଜଣଙ୍କୁ ଉଦ୍ଧାର କରାଯାଇଛି। ସେହିପରି ଗତବର୍ଷ ୩୯ ଜଣ ମହାନଦୀ ଓ କାଠଯୋଡ଼ିରେ ବୁଡ଼ି ଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨୭ଜଣଙ୍କ ମୃତ୍ୟୁ ଘଟିଥିଲା।

ଗତବର୍ଷ ନଦୀକୁ ଡେଇଁ ଆତ୍ମହତ୍ୟା କରିବା ଓ ନଦୀରେ ବୁଡ଼ିଯିବା ଘଟଣାକୁ ଲକ୍ଷ୍ୟ ରଖି ବ୍ରିଜ୍ ବାଡ଼ରେ ୬ଫୁଟ୍ ଉଚ୍ଚତାର ତାରଜାଲି ଲଗାଯିବା ଯୋଜନା କରାଯାଇଥିଲା। ବ୍ରିଜ୍ ମଧ୍ୟରେ ସିସି କ୍ୟାମେରା ଲଗାଯିବା ସହିତ ପୁଲିସ ପାଟ୍ରୋଲିଂକୁ କଡ଼ାକଡ଼ି କରାଯିବ ବୋଲି ବି କୁହାଯାଇଥିଲା। କଟକ ସହରରେ ଥିବା ସମସ୍ତ ବ୍ରିଜ୍‌ରେ ଆତ୍ମହତ୍ୟାନିରୋଧ ବିକଳ୍ପ ବ୍ୟବସ୍ଥା କରାଯିବାକୁ ଉଭୟ ଜିଲ୍ଲା ପ୍ରଶାସନ, ମହାନଗର ନିଗମ, ଜଳସମ୍ପଦ ବିଭାଗ ମିଳିତ ଭାବେ ପ୍ରକ୍ରିୟା ଆରମ୍ଭ କରିଥିଲା। ମୁଣ୍ଡଳୀ, ନରାଜ, ସୁଭାଷ ସେତୁ, ମଧୁ ସେତୁ ଓ ଜାତୀୟ ରାଜପଥରେ ମହାନଦୀ ଓ କାଠଯୋଡ଼ିରେ ଥିବା ସେତୁରେ ତାରଜାଲି ଲଗାଯିବାକୁ ସମସ୍ତ ପୂର୍ବପ୍ରସ୍ତୁତି ହୋଇଥିଲା। ଏହା ଭିତରେ ୧ ବର୍ଷ ବିତିଯାଇଛି। ଚିହ୍ନଟ ସ୍ଥାନରେ ସିସି କ୍ୟାମେରା ଲଗାଯିବା ତ ଦୂରର କଥା ତାର ଜାଲି ଲଗାଯାଇ ପାରିନାହିଁ। ଏହା ଉପରେ ତୁରନ୍ତ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ଉଠିଛି।


**NOTICE**

By virtue of an affidavit sworn before the Notary Public, Cuttack, dated 28.10.2025, I, Chanda Murmu, aged about 33 years, W/o Bhuktu Marndi, resident of At-Nusadihi, Badada, PS-Rairangpur, Dist-Mayurbhanj, Odisha, Pin-757043, have changed my son's name from Piru Marandi to Piru Marndi. Henceforth, he shall be known as Piru Marndi for all purposes.
Chanda Murmu

**NOTICE**

By virtue of an affidavit sworn before the Notary Public, Sunabeda dated 27/10/2025 I, Sri Raghu Guntha, S/o-Chaitan Guntha, Vill.-Badaput, Po.- Semala, Ps.- Nandapur, District- Koraput, Odisha declare that, I have changed my son's name from **Parshu Guntha** to **Porsuram Guntha**. Henceforth, my son shall be known as **Porsuram Guntha** for all purposes.
Sd/- Raghu Guntha

**AFFIDAVIT**

By virtue of an affidavit sworn before the Executive Magistrate, Padampur, I, Yashraj Gupta, At-Padampur W.No.1, Po-Rajborasambar, Ps-Padampur, Dist-Bargarh, Odisha-768036 have changed my name from S. Rajkumar Gupta to Yashraj Gupta. Henceforth I shall be known as Yashraj Gupta for all purposes.
Sd/- Yashraj Gupta

**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

**AFFIDAVIT**

By virtue of an affidavit executed by Executive Magistrate . Athgarh on Dtd.27 . 10 .2025. I Govinda Sundi S/O Turi Sundi of Village..Orda .P/O.. Gobara P/S.. Gurudijhatia Dist. Cuttack declare that my actual name is Gobinda Sundi but in my Adharcard it was wrongly mentioned as bhuGobind Sundi instead of Gobinda Sundi. Henceforth I Shall be known as Gobinda Sundi in all purpose.
Sd/- Gobinda Sundi

**AFFIDAVIT**

By virtue of an affidavit sworn before the Executive Magistrate, Bhawanipatna, Kalahandi, I, Ashutosh Purohit, Village/Po-Kaudola, Ps- Ampani, Dist-Kalahandi, Odisha, Pin-766019, do hereby that my minor son's correct name is SRINIBAS PUROHIT, but in his Aadhaar wrongly mentioned as SRINIBASH PUROHIT. That both the names are same and one person.
Sd/- Ashutosh Purohit

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. SNTPBBS-122025-OFC

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳର ଝାରସୁଗୁଡ଼ା ରୋଡ଼(RD)-ସିଙ୍ଗାପୁର ରୋଡ଼(RD) ଜଂକ୍ସନ(Ex), ଲାଖୋଲି(Ex) - ଟିଟିଲାଗଡ଼ ଏବଂ ସମ୍ବଲପୁର ଜଂକ୍ସନ - କେରେଜଙ୍ଗା(Ex) ସେକ୍ସନରେ କବଚ ଏବଂ LTE ନିମନ୍ତେ ଯୋଗାଯୋଗ ବ୍ୟାକ୍‌ବୋନ୍ ଭାବେ ଅପ୍ଟିକାଲ ଫାଇବର କେବୁଲର ଯୋଗାଣ, ପରିବହନ, ଗର୍ତ୍ତ ଖନନ, ବିଛାଇବା, ସଂସ୍ଥାପନ, ପରୀକ୍ଷଣ ଏବଂ ପ୍ରଚଳନ ।

**ଆନୁମାନିକ ମୂଲ୍ୟ (₹) :** 33,90,01,238/-, EMD (₹) : 18,45,000/-, କାର୍ଯ୍ୟ ଶେଷ ହେବା ଅବଧି : 18 (ଅଠର) ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.23.12.2025 ରିଖ 1030 ଘଟିକା ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ଉପ ମୁଖ୍ୟ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ, (T&NW), ଭୁବନେଶ୍ୱର
PR-149/CI/25-26

**NOTICE**

By virtue of an affidavit sworn before the Notary Public, Cuttack, dated 27.10.2025, I, Anuradha Sahoo, W/o Gyanaranjan Acharya, D/o Harihar Sahoo, permanent resident of At/P.O. - Batira, Dist-Kendrapara, Odisha, Pin-754140 and presently residing at At-Nuabazar, P.O. – Paradeep, Dist-Jagatsinghpur, Odisha, Pin-754142, have changed my name and surname from Anuradha Acharya to Anuradha Sahoo. Henceforth, I shall be known as Anuradha Sahoo for all purposes.
Sd/- Anuradha Sahoo

**Notice**
**(Above 18 years of age)**

By virtue of an affidavit sworn before the Exctive Magistrate,(K) Udala, Mayurbhnaj, dated 13-10-2025 I, Uday Nath Hansdah, Address At/ Po- Gayalmara , Ps- Khunta, Dist- Mayurbhanj, Pin- 757104 declare that I have changed my name Udaya Hansadaha to Uday Nath Hansdah. Henceforth I shall be known as Uday Nath Hansdah for all purposes.
Uday Nath Hansdah

**AFFIDAVIT**

By virtue of an affidavit sworn before the Executive Magistrate, Sambalpur, I, Meenakshi Hota, W/o- Subodh Hota, D/o Sharad Kumar Panda, resident of New Telecom Colony, Modipada, Sambalpur, Odisha, do hereby declare that my name has been wrongly mentioned as Minakhi Hota in my Aadhaar Card No. 2449 6953 4547. My correct name is **Meenakshi Hota** and both names refer to the same person.

**AFFIDAVIT**

By virtue of an affidavit sworn before the Addl. Tahasildar-cum-Executive Magistrate, Boudh, I SUSHIL MEHER, age -27, S/o - Dwaru Meher, resident of Vill.: Jamatangi, Po-Manupali, Ps- Manamunda, Dist.: Boudh-762015 declare by this affidavit no 1495 dated 30/10/2025 my father shall be known as **DUARU MEHER** for all future purposes.

**AFFIDAVIT**

By virtue of an affidavit no-2807 sworn before the Executive Magistrate, Sukinda on dtd-29/10/2025, I **Bhanumati Mohanta,** W/o- Nilamber Mohanta resident of At- Sansailo Tata Colony, Po-Sansailo, Ps- Sukinda, Dist- Jajpur, Pin-755018, I have changed my name from **Bhanumani Mohanta** (old name) to **Bhanumati Mohanta** (new name). Henceforth both the name **Bhanumani Mohanta** and **Bhanumati Mohanta** is one & same person & I shall be known as **Bhanumati Mohanta** for all future purposes.
Bhanumati Mohanta

**AFFIDAVIT**

By virtue of an affidavit sworn before the Notary Public, Baripada, District- Mayurbhanj, dated- 30/10/2025, I **Prativa Manjari Dan,** aged 60yrs, W/o- Suresh Chandra Pradhan, resident of At/Po- Takatpur, Ps- Baripada, District- Mayurbhanj, Pin- 757003, Odisha declare that **Prativa Manjari Dan** & **Prativa Manjari Pradhan** is one and same person. The same is mentioned in my daughter's Certificates, daughter's name **Ipsita Pradhan,** and Henceforth shall be used for all purpose.

**AFFIDAVIT**

I Biplab Kumar Jena, age- 48 , of Resident-At/Po- Durpal,Ps-Kamarda,Dist-Balasore , Odisha, declared by affidavit before In The Court of Executive Magistrate , Remuna, No.1143, dtd-17/10/2025 that as per Aadhar my actual name is Biplab Kumar Jena ,wife's name is Madhusmita Dutta and my daughter's name is Akarsha Jena, which has wrongly mentioned in my daughter Birth certificate that Kumari Akarsha Jena , D/o- Biplab Kumar and Madhusmita Jena . Hence I Declared that Kumari Akarsha Jena & Akarsha Jena , Biplab Kumar & Biplab Kumar Jena, Madhusmita Jena & Madhusmita Dutta same and one person for all future purpose.

**AFFIDAVIT**

I, Susmita Behera, W/o- Manoj Kumar Behera, resident of Good Will Residency, Flat No. 201, Block-B, Jail Road, Jharpada, PO- Budheswari Colony, Bhubaneswar, Dist- Khurda, PIN- 751006, Odisha declare by this affidavit No. 289, dtd-30.10.2025 that now onwards I shall be known as **SASMITA BEHERA** for all future purposes.

OFFICE OF THE PRINCIPAL
**Kusum Devi Satsang Women's Degree College,**
**Darakhapatna, Cuttack - 753013**
Email: kdswomensdegreecollege@gmail.com

**WANTED**

As per letter of the Regional Director of Education vide no. 6961 Dt. 28.10.2025, some guest faculties in subjects like Odia, Political Science, Sanskrit are required for engagement. Retired faculties below the age of 69 years may apply through the HIMS Portal on or before 31.10.2025 (Friday).

**Sd/- Principal-cum-Secretary**
Kusum Devi Satsang Women's Degree College,
Darakhapatna, Cuttack - 753013

OFFICE OF THE PRINCIPAL
**PRIYADARSHINI INDIRA DEGREE COLLEGE**
**JUNAGARH, DIST: KALAHANDI**
E-mail: pidmahavidyalaya@gmail.com

**WANTED**

Engagement of Guest Faculty Lecturers in the subject of Odia and Education including 01 no. of Junior Clerk, 01 no. of Demonstrator in Geography are wanted on contractual and temporary basis. The retired faculties and Non-Teaching members below the age of 69 years may apply through HIMS portal on or before 31.10.2025 as per letter No. 57198 and No.-57203 dated 23.10.2025, the remuneration for the above positions shall be paid as per the approved norms.

**Sd/- Principal-cum-Secretary**
P.I. Degree College, Junagarh

OFFICE OF THE PRINCIPAL
**MANGALPUR WOMEN'S DEGREE COLLEGE**
**MANGALPUR, JAJPUR**

**WANTED**

As per the notification of DHE, Odisha vide letter no. 57198 and 57203, dtd. 23.10.2025, applications are invited from the eligible retired candidates for engagement of guest faculties in the subject of political science & non teaching posts of Asst. Librarian, Jr. Clerk on contractual basis. Vacancies of said posts are already uploaded in HIMS portal of the college interested candidates shall apply only through HIMS portal before 01.11.2025
NB: The eligibility, remuneration & tenure of contractual engagement shall be made as per Government notification.

**Sd/- Principal-cum-Secretary**
Mangalpur Womens degree college.

## କଳିଆପାଟ ବିଦ୍ୟାଳୟ ମଧ୍ୟାହ୍ନଭୋଜନରେ ହେରଫେର ଅଭିଯୋଗ

# ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀଙ୍କ ତଦନ୍ତ

**କୁଜଙ୍ଗ, ୩୦।୧୦(ସମିସ)**

କଳିଆପାଟ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନରେ ହେରଫେର ହେଉଥିବା ନେଇ ଅଭିଯୋଗ ହେବା ପରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ତଦନ୍ତ କରିଥିବା ଜଣାପଡ଼ିଛି। କଳିଆପାଟ ବିଦ୍ୟାଳୟରେ ୧ମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ୧୩୬ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଏଥିନିମନ୍ତେ ଦୁଇଜଣ ଶିକ୍ଷୟିତ୍ରୀ ନିୟୋଜିତ ଅଛନ୍ତି। ମଧ୍ୟାହ୍ନଭୋଜନ ସବୁ ଛାତ୍ରୀଛାତ୍ରଙ୍କୁ ମିଳୁ ନ ଥିବା ଅଭିଯୋଗ ହେଉଛି। ପ୍ରତିଦିନ ୩୦ରୁ ୪୦ ଜଣ ଛାତ୍ରୀଛାତ୍ରଙ୍କ ପାଇଁ ରୋଷେଇ ହେଉଥିବାବେଳେ ଉପସ୍ଥାନ ଖାତାରେ ଅଧିକ ଛାତ୍ରୀଛାତ୍ର ଉପସ୍ଥିତ ଥିବା ଦର୍ଶାଯାଉଛି। ଫଳରେ ବହୁତ ଛାତ୍ରୀଛାତ୍ର ମଧ୍ୟାହ୍ନଭୋଜନରୁ ବଞ୍ଚିତ ହେଉଛନ୍ତି। ଅଭିଯୋଗ ପାଇବା ପରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ମନୋରଞ୍ଜନ ମଙ୍ଗରାଜ ସୋମବାର ବିଦ୍ୟାଳୟରେ ତଦନ୍ତ ପାଇଁ ପହଞ୍ଚି ଦେଖିଲେ ଯେ ଉପସ୍ଥିତ ଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୨୩ ଜଣ ମଧ୍ୟାହ୍ନଭୋଜନ ନିଅଣ୍ଟ ଯୋଗୁଁ ଖାଇପାରି ନ ଥିଲେ। ସେମାନଙ୍କୁ ବାଧ୍ୟ ହୋଇ ନିକଟସ୍ଥ ଦୋକାନରୁ ବିସ୍କୁଟ ଆଣି ଖାଇବାକୁ ଦେଇଥିଲେ। ଏଭଳି ଘଟଣା ନିତିଦିନିଆ ହୋଇଥିବାବେଳେ ଅତିରିକ୍ତ ଶିକ୍ଷାଧିକାରୀ ପହଞ୍ଚିବାରୁ ବିସ୍କୁଟ ଦେଇଥିଲେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

କେବଳ ସେତିକି ନୁହେଁ ୯୬ ଜଣ ଛାତ୍ରୀଛାତ୍ରଙ୍କୁ ଅଣ୍ଡା ଦିଆଯାଇଥିବାବେଳେ ଉପସ୍ଥାନ ଖାତାରେ ୧୨୫ ଜଣ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ପଡ଼ିଛି। ଯାହାକି ଅଭିଯୋଗର ସତ୍ୟତାକୁ ପ୍ରମାଣ କରୁଛି। ୩ କ୍ୱିଣ୍ଟାଲ ଚାଉଳର ହିସାବ ନ ଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଅତିରିକ୍ତ ଶିକ୍ଷାଧିକାରୀ ଶ୍ରୀ ମଙ୍ଗରାଜଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସେ ଘଟଣାକୁ ସ୍ୱୀକାର କରିବା ସହ ବ୍ଲକ ଶିକ୍ଷାଧିକାରୀଙ୍କୁ ତଦନ୍ତ ରିପୋର୍ଟ ଦେବାପରେ ଯାହା ନିଷ୍ପତ୍ତି ନିଆଯିବ ବୋଲି କହିଛନ୍ତି। ଏ ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀ ଦାୟିତ୍ୱରେ ଥିବା ରାନୁବାଳା ବେହେରାଙ୍କୁ ପଚାରିବାରୁ ସେ କହିଥିଲେ, ସବୁଦିନେ ମଧ୍ୟାହ୍ନ ଭୋଜନ ଠିକ ଭାବେ ଚାଲୁଥିବାବେଳେ ଯେଉଁଦିନ ଅତିରିକ୍ତ ଶିକ୍ଷାଧିକାରୀ ତଦନ୍ତରେ ଆସିବେ, ସେହିଦିନ ନିଅଣ୍ଟ ହେବା ତାଙ୍କୁ ଆଶ୍ଚର୍ଯ୍ୟ କରିଛି। ଏହା ତାଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ର ବୋଲି କହିଥିଲେ।

## ୨ରେ ରାଜ୍ୟସ୍ତରୀୟ ହ୍ୟାଣ୍ଡବଲ ପ୍ରତିଯୋଗିତା ପାଇଁ ଖେଳାଳି ଚୟନ

**ଜଗତସିଂହପୁର, ୩୦।୧୦(ସମିସ):** ଆସନ୍ତା ମାସରେ ପୁରୀରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ହ୍ୟାଣ୍ଡବଲ୍ ପ୍ରତିଯୋଗିତାରେ ଜଗତସିଂହପୁର ଜିଲ୍ଲାର ଉଭୟ ପୁରୁଷ ଓ ମହିଳା ଦଳ ଭାଗ ନେବ। ଏଥିପାଇଁ ନଭେମ୍ବର ୨ ତାରିଖରେ ଖେଳାଳି ଚୟନ କରାଯିବ ବୋଲି ଜିଲ୍ଲା ହ୍ୟାଣ୍ଡବଲ ସଂଘ ସମ୍ପାଦକ ସାରଦା ପ୍ରସାଦ ଦାସ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି। ତେଣୁ ଜିଲ୍ଲାର ହ୍ୟାଣ୍ଡବଲ ଖେଳାଳି ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ମୁଦୁପୁର ପଞ୍ଚାୟତସ୍ଥ ଛେଳିଆଗଡ଼ ଖେଳ ପଡ଼ିଆରେ ୨ ତାରିଖରେ ସକାଳ ୧୦ଟା ସମୟରେ ପହଞ୍ଚି ଚୟନ ପ୍ରକ୍ରିୟାରେ ଭାଗ ନେଇପାରିବେ ବୋଲି ଶ୍ରୀ ଦାସ ସୂଚନା ଦେଇଛନ୍ତି। ଚୟନ ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ ଖେଳାଳି ଆଧାର କାର୍ଡ ଓ ୨ଟି ପାସପୋର୍ଟ ଫଟୋ ସାଥିରେ ଆଣିବାକୁ ଜିଲ୍ଲା ହ୍ୟାଣବଲ ସଂଘ ପକ୍ଷରୁ ପରାମର୍ଶ ଦିଆଯାଇଛି।

## ଖଇରଙ୍ଗ ପଞ୍ଚାୟତରେ ଦୁର୍ନୀତି ନିବାରଣ ସଚେତନତା

**ଜଗତସିଂହପୁର, ୩୦।୧୦(ସମିସ):** ଜଗତସିଂହପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଛି। ଏ ପରିପ୍ରେକ୍ଷୀରେ ଆଜି ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ଖଇରଙ୍ଗ ପଞ୍ଚାୟତରେ ଦୁର୍ନୀତି ନିବାରଣ ସତର୍କତା ସଭା ଅନୁଷ୍ଠିତ ହୋଇଛି। ସଦର ବ୍ଲକ ବିଡିଓ ଆଶୁତୋଷ ମିଶ୍ର ଅଧ୍ୟକ୍ଷତା କରି ଉପସ୍ଥିତ ସମସ୍ତ ସରକାରୀ ଅଧିକାରୀ, କର୍ମଚାରୀ ଓ ଲୋକ ପ୍ରତିନିଧିଙ୍କୁ ନିଜ କାର୍ଯ୍ୟରେ ସାଧୁତା ଆଣିବା ପାଇଁ ପରାମର୍ଶ ଦେଇଥିଲେ। ଜଗତସିଂହପୁର ଦୁର୍ନୀତି ନିବାରଣ ବିଭାଗ ଉପଆରକ୍ଷୀ ଅଧୀକ୍ଷକ ଅନୁପମା ସାହୁ ଯୋଗଦେଇ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟ ପ୍ରତି ନିଷ୍ଠାବାନ ହେବା ସହିତ ଆଚରଣରେ ସଚ୍ଚୋଟତା ଓ ସାଧୁତା ଅବଲମ୍ବନ କରିପାରିଲେ ପ୍ରଶାସନିକ ବ୍ୟବସ୍ଥାରେ ସ୍ୱଚ୍ଛତା ଆସିପାରିବ ବୋଲି




ମତବ୍ୟକ୍ତ କରିଥିଲେ। ଏହି ସଭାରେ ଖଇରଙ୍ଗ ସରପଞ୍ଚ ଲିପକ ସାହୁ, ଦୁର୍ନୀତି ନିବାରଣ ବିଭାଗ ନିରୀକ୍ଷକ ସିଦ୍ଧାର୍ଥ ରାଉତ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଶୁଭଶ୍ରୀ ରାଉତଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

## ୬୫ ଗ୍ରାମ୍ ବ୍ରାଉନସୁଗର ଜବତ, ଜଣେ ଗିରଫ

**ଜଗତସିଂହପୁର, ୩୦।୧୦(ସମିସ):** ଅବକାରୀ କମିଶନର ପି. ଅନ୍ୱେଷା ରେଡ୍ଡୀ ଓ ଜିଲ୍ଲାପାଳ ଜେ. ସୋନାଲଙ୍କ ନିର୍ଦ୍ଦେଶରେ ଜଗତସିଂହପୁର ଜିଲ୍ଲା ଅବକାରୀ ଅଧୀକ୍ଷିକା ଅନୀତା ପ୍ରଧାନଙ୍କ ତତ୍ତ୍ୱାବଧାନରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରହିଛି।



ଏହି କ୍ରମରେ କୁଜଙ୍ଗ କଲେଜ ପଛପଟ ରାସ୍ତାର ବଳରାମପୁର ଗ୍ରାମ ନିକଟରେ ଚଢ଼ଉ କରି ୬୫ ଗ୍ରାମ ବ୍ରାଉନସୁଗର ସହିତ ଗୋଟିଏ ମୋବାଇଲ ଜବତ କରିଛି ଅବକାରୀ ବିଭାଗ। ସରୋଜ ସିଂ ନାମକ ଜଣେ ନିଶା ବ୍ୟବସାୟୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

## ଗୋବିନ୍ଦ ନାୟକଙ୍କ ପରଲୋକ



**ରଘୁନାଥପୁର, ୩୦।୧୦(ସମିସ):** ତାରପୁର ପଞ୍ଚାୟତ ତାରପୁର ଗ୍ରାମର ଗୋବିନ୍ଦ ଚନ୍ଦ୍ର ନାୟକ ପରଲୋକ ହୋଇଯାଇଛି। ସେ ଜଣେ ଧର୍ମପ୍ରାଣ ବ୍ୟକ୍ତି ଥିଲେ। ସେ ପେଟରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଯାଇଥିଲା। ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ଗ୍ରାମ ଶ୍ମଶାନକୁ ନିଆଯାଇ ଶେଷକୃତ୍ୟ କରାଯାଇଥିଲା। ବଡ଼ପୁଅ ମାନସ ନାୟକ ମୁଖାଗ୍ନି ଦେଇଥିଲେ। ଶୋଭାଯାତ୍ରାରେ ପୂର୍ବତନ ସମିତିସଭ୍ୟ ଅନ୍ତର୍ଯ୍ୟାମୀ ରାଉତ, ସରୋଜ ଦାଶ, ବିଜୟ ଦାଶ, ଲକ୍ଷ୍ମଣ ଦାଶ, ପ୍ରଦୀପ ନାୟକ, ଟୁଲନ ନାୟକ, ବାଦଲ ଦାସ ଯୋଗ ଦେଇଥିଲେ।

## ଧର୍ମପ୍ରାଣ ମହିଳାଙ୍କ ପରଲୋକ

**ପାରାଦୀପ, ୩୦।୧୦(ସମିସ):** ପାରାଦୀପ ଉପକଣ୍ଠ କୁଜଙ୍ଗ ବ୍ଲକ ଗଣ୍ଡକିପୁର ପଞ୍ଚାୟତ



କୋଚିଲାବେଦି ଗ୍ରାମର କେଲୁଣି ସୂତାରଙ୍କ ୯୧ ବର୍ଷ ବୟସରେ ମଙ୍ଗଳବାର ଦିନ ପରଲୋକ ହୋଇଛି। ସେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ, କବି, ଲେଖିକା ଓ ସମାଜସେବିକା କଳ୍ପନା ସୂତାରଙ୍କ ମାଆ ଅଟନ୍ତି। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ଼ପୁଅ ଅଶୋକ ସୂତାର ମୁଖାଗ୍ନି ଦେଇଥିବାବେଳେ ଶିକ୍ଷାବିତ ମାୟାଧର ଦାସ, ବିଚିତ୍ରାନନ୍ଦ ସୂତାର, ପ୍ରଦୋଷ ସୂତାର, ମକର ସାହୁ, ବ୍ରଜକିଶୋର ଓଝା, ଡକ୍ଟର ନିରଞ୍ଜନ ମହାପାତ୍ର, କବି ଡା. ସୁରେଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ମନ୍ତ୍ରୀ ସମ୍ପଦ ସ୍ୱାଇଁ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ସୁଶ୍ରୀ ପ୍ରିୟଦର୍ଶିନୀ, ଯୁବ ସଂଗଠକ ତପନ ସାମନ୍ତରାୟ, ଡକ୍ଟର ଅରୁଣ ପାଣୀ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ତିର୍ତ୍ତୋଲ କଲେଜ ଅଧ୍ୟକ୍ଷ ନଳିନୀକାନ୍ତ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧନା

**ଜଗତସିଂହପୁର, ୩୦।୧୦(ସମିସ):** ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ତିର୍ତ୍ତୋଲସ୍ଥ ଆଦିକବି ସାରଳା ଦାସ ମହାବିଦ୍ୟାଳୟ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ନଳିନୀକାନ୍ତ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଶ୍ରୀ ପଟ୍ଟନାୟକ ପୂର୍ବରୁ ଏହି କଲେଜରେ ଦର୍ଶନ ବିଭାଗ ପ୍ରାଧ୍ୟାପକ ଭାବେ କାର୍ଯ୍ୟ କରିଆସୁଥିଲେ।



ସାରସ୍ୱତ ପରିଷଦ ସଭାପତି ଓ ଏହି କଲେଜରୁ ଅବସର ନେଇଥିବା ବରିଷ୍ଠ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ତାଙ୍କ କାର୍ଯ୍ୟାଳୟରେ ପହଞ୍ଚି ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିବା ସହ ତାଙ୍କ ସମୟରେ କଲେଜରେ ଶୈକ୍ଷିକ ଓ ପ୍ରଶାସନିକ ବ୍ୟବସ୍ଥାରେ ଅଗ୍ରଗତି ହାସଲ ହେବ ବୋଲି ଆଶା ପୋଷଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ କଲେଜ କର୍ମଚାରୀ ପରିଷଦ ସମ୍ପାଦକ ଅଧ୍ୟାପକ ଦୀପକ ସିଂହ, ଅଧ୍ୟାପକ କିଶୋର ନାୟକ, ଅଧ୍ୟାପିକା ସାଗରିକା ପୃଷ୍ଟି, ଅଧ୍ୟାପିକା ପ୍ରୀତିମୟୀ ନାୟକ ଓ ଅବସରପ୍ରାପ୍ତ କର୍ମଚାରୀ ଅଶୋକ ସାହୁ ପ୍ରମୁଖ ସାମିଲ ଥିଲେ।

## ସତ୍ୟସାଇ ଜାତୀୟ ଜ୍ୟୋତିକୁ ସ୍ୱାଗତ



**କୁଜଙ୍ଗ, ୩୦।୧୦(ସମିସ):** ପଙ୍କପାଳ ସତ୍ୟସାଇ ଜ୍ଞାନ ବିକାଶ ପକ୍ଷରୁ ସତ୍ୟସାଇ ବାବାଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ସମସ୍ତ ସତ୍ୟସାଇ ସ୍କୁଲକୁ ବାବାଙ୍କ ଜାତୀୟ ଜ୍ୟୋତି ଯାତ୍ରା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଯଦୁପୁର ସତ୍ୟସାଇ ବିଦ୍ୟାବିହାରଠାରୁ ଜ୍ଞାନ ବିକାଶ ବିଦ୍ୟାଳୟର ଗୁରୁଜୀ ଧନଞ୍ଜୟ ଜେନା, ବିଶ୍ୱଜିତ ସ୍ୱାଇଁ ଓ ବିଦ୍ୟାଳୟ ସଭାପତି ବାବାଜୀ ପୃଷ୍ଟି ସ୍ୱାଗତ କରି ଆଣିଥିଲେ। ଜ୍ୟୋତିକୁ ପିଲାଙ୍କ ଦ୍ୱାରା ବେଦ ମନ୍ତ୍ର, ହୁଳହୁଳି ନାଦ ମଧ୍ୟରେ ଭବ୍ୟ ସମ୍ବର୍ଦ୍ଧନା କରାଯାଇ ସଭାସ୍ଥଳକୁ ନିଆଯାଇଥିଲା। ସତ୍ୟସାଇ ସେବା ସଂଗଠନ ଟ୍ରଷ୍ଟି ଅନ୍ତର୍ଯ୍ୟାମୀ ପଟ୍ଟନାୟକ, ଜିଲ୍ଲା ସଭାପତି ଦାମୋଦର ସ୍ୱାଇଁ ରାଜ୍ୟ ଆଧ୍ୟାତ୍ମିକ ସଂଯୋଜିକ ଡ. ପୁଷ୍ପମିତ୍ରା ମହାନ୍ତି, ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟା ଶ୍ରୀମତୀ ସ୍ନେହମୟୀ ଆଚାର୍ଯ୍ୟ, କୁଜଙ୍ଗ ଥାନା ଅଧିକାରୀ ଅକ୍ଷୟ ଦାସ, ଶରତ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ରଶ୍ମିତା କବି, ବରିଷ୍ଠ ଶିକ୍ଷକ ପ୍ରବୋଧ ପରିଜା, କୃଷ୍ଣଚନ୍ଦ୍ର ଦାସ, ନିହାର ବିଶ୍ୱାଳ, ଆଲ୍ପନା ସାମଲ, ଧରିତ୍ରୀ ମହାପାତ୍ର, ରୀନା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ସମସ୍ତ ଗୁରୁଜୀ ଗୁରୁମା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବରିଷ୍ଠ ଗୁରୁମା ଲିଲିମା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ରାହାମାରେ ସାଇବର ସୁରକ୍ଷା ସଚେତନତା

**କୁଜଙ୍ଗ, ୩୦।୧୦(ସମିସ):** ରାହାମାଠାରେ ତିର୍ତ୍ତୋଲ ପୁଲିସ ପକ୍ଷରୁ ସାଇବର ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଆଇନଜୀବୀ ଡକ୍ଟର ସୁନାକର ବେହେରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ୟୁନିକ୍ ସାଇନ୍ସ ଏକାଡେମୀ ଓ ଆଇଟିସିଟି କୋଚିଂ ସେଣ୍ଟର ଛାତ୍ରଛାତ୍ରୀ, ରାହାମା ଅଞ୍ଚଳର



ଜନସାଧାରଣ, ବୁଦ୍ଧିଜୀବୀ, ବ୍ୟବସାୟୀ, ସାମ୍ବାଦିକ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଭାବେ ତିର୍ତ୍ତୋଲ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଚିନ୍ମୟ ରାଉତ ଯୋଗଦେଇ ସାଇବର ଠକେଇରୁ ନିଜକୁ ଓ ନିଜ ପରିବାରକୁ ରକ୍ଷା କରିପାରିବା ସେ ବିଷୟରେ ସଚେତନ କରାଇଥିଲେ। ତିର୍ତ୍ତୋଲ ଥାନା ଆରକ୍ଷୀ ନିରୀକ୍ଷକ ପ୍ରଦୀପ୍ତ ସେଠୀ, ସହନିରୀକ୍ଷକ ବିଭୂତି ଭୂଷଣ ବିଶ୍ୱାଳ ଓ ତିର୍ତ୍ତୋଲ ଥାନା ଅଧିକାରୀ ଯୋଗ ଦେଇତିଲେ। ଜିଲ୍ଲାରୁ ଆସିଥିବା କଳାକାର ପଥପ୍ରାନ୍ତ ନାଟକ ପ୍ରଦର୍ଶନ କରି ସଚେତନତ କରିଥିଲେ। ସାଇବର ଠକେଇ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଜନସାଧାରଣଙ୍କ ଅସାବଧାନତା ଯୋଗୁଁ ସାଇବର ଠକ ବ୍ୟାଙ୍କ ଜମାଖାତାରୁ ଟଙ୍କା ଲୁଟି ନେଉଛନ୍ତି। ସମସ୍ତେ ସଚେତନ ହେବା ସହ ଅନ୍ୟକୁ ସଚେତନ କରାଇପାରିଲେ ସାଇବର ଅପରାଧକୁ ରୋକିପାରିବ। ଠକାମିର ଶିକାର ହେଲେ ୧୯୩୦ ନମ୍ବରକୁ ଯୋଗାଯୋଗ କରି ସାଇବର ଠକଙ୍କୁ ଓଟିପି ନମ୍ବର ନ ଦେବା ଓ ଏପିକେ ଫାଇଲ ନ ଖୋଲିବାକୁ ଅଭିନୟ ଦ୍ୱାରା ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଜାର କମିଟି ସଭାପତି ଶିଶିର ଦାସ, ଅବସରପ୍ରାପ୍ତ ଶିକ୍ଷକ ଶରତ ସାହୁ, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ବିଶ୍ୱନାଥ ମହାନ୍ତି, ବଜାର କମିଟି କୋଷାଧ୍ୟକ୍ଷ ବଂଶୀଧର କୁଣ୍ଡୁ, ବରିଷ୍ଠ ନାଗରିକ ଭିକାରୀ ସେନାପତି, ଯୁବ ସଂଗଠକ ପ୍ରସନ୍ନ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ସମାଜସେବୀ ଡ. ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ।

## ବିଶ୍ୱ ମିତବ୍ୟୟିତା ଦିବସ ପାଳିତ

**ଜଗତସିଂହପୁର, ୩୦।୧୦(ସମିସ):** ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ବିଭାଗ ଆନୁକୂଲ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦଭାବନା ସଭାଗୃହରେ ବିଶ୍ୱ ମିତବ୍ୟୟିତା ଦିବସ ପାଳନ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ ଅଧ୍ୟକ୍ଷତା କରି ଭବିଷ୍ୟତ ପାଇଁ ସଞ୍ଚୟ କରିବାକୁ ପ୍ରୋତ୍ସାହନ ଦେଇଥିଲେ। ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରିଣୀ ମୌସୁମୀ ମଧୁସ୍ମିତା ଯୋଗଦେଇ ଦୈନନ୍ଦିନ ଜୀବନରେ ମିତବ୍ୟୟିତା ଓ ସଞ୍ଚୟର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଡାକ ଜୀବନ ବୀମା ଉନ୍ନୟନ ଅଧିକାରୀ ହୃଷିକେଶ ବେହେରା ଡାକଘରରେ ଉପଲବ୍ଧ ଜାତୀୟ ଯୋଜନା, ବୀମା ତଥା ସଞ୍ଚୟ ଯୋଜନା ଉପରେ ବିସ୍ତୃତ ଭାବେ ବୁଝାଇଥିଲେ। ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ ସିନିୟର୍ ମ୍ୟାନେଜର ରବି ରାଉତ ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କର ଘରକୁ ଘର ବୁଲି ସେବା ଯୋଗାଣ, ଜାତୀୟ ଯୋଜନା ଓ ବୀମା କ୍ଷେତ୍ର ବିଷୟରେ ସୂଚନା ଦେଇଥିଲେ। ଜଗତସିଂହପୁର ସଦର ଥାନା ସବ୍‌ଇନ୍ସପେକ୍ଟର ବିବେକ ସାହୁ ସାଇବର ଠକେଇ ଓ ଏହାଠାରୁ କିପରି ଭାବେ ଆମେ ସୁରକ୍ଷିତ ରହିବା, ତାହା ଉପରେ ଆଲୋଚନା କରିଥିଲେ। ଅଜଣା ନମ୍ବରରୁ କଲ୍ ଆସିଲେ ନ ଉଠାଇବା, ନିଜର ପାସ୍ ୱାର୍ଡ ଓ ଓଟିପି ଅଜଣା ବ୍ୟକ୍ତିଙ୍କୁ ନ ଦେବା ବିଷୟରେ ବିଶଦ ଆଲୋଚନା କରିଥିଲେ। ଏ ପରିପ୍ରେକ୍ଷୀରେ



ଅନୁଷ୍ଠିତ ବକ୍ତୃତା, ଚିତ୍ରାଙ୍କନ ଓ କୁଇଜ୍ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର, ପ୍ରମାଣପତ୍ର ସହ ମାଟି ଘଡି ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜଗତସିଂହପୁର ମୁଖ୍ୟ ପୋଷ୍ଟ ଅଫିସର ମିହିର ରାମ, ପୋଷ୍ଟାଲ ଏଜେଣ୍ଟ, ବିଭାଗୀୟ କର୍ମଚାରୀ ଓ ଗଣମାଧ୍ୟମ ପ୍ରତିନିଧି ଏଥିରେ ଯୋଗଦେଇ ମିତବ୍ୟୟିତା ଓ ସଞ୍ଚୟର ଗୁରୁତ୍ୱ ବିଷୟରେ ଆଲୋଚନା କରିଥିଲେ।

## ଏରସମା ବିଦ୍ୟାଳୟରେ ସାଇବର ସୁରକ୍ଷା ସଚେତନତା

**ଏରସମା, ୩୦।୧୦(ସମିସ):** ଏରସମା ସରକାରୀ ଉଚ୍ଚବିଦ୍ୟାଳୟରେ ରେଡିଓ ଆଉଟରିଚ ୯୦.୮ ଏଫଏମ ପକ୍ଷରୁ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରେଡିଓ ଆଉଟରିଚର ଷ୍ଟେସନ ଡାଇରେକ୍ଟର ତଥା ସାଇବର ଡିଫେଣ୍ଡର ସୁବ୍ରତ ପତି ଯୋଗଦେଇ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କୁ ସାଇବର ଅପରାଧ ରୋକିବାକୁ ବିଭିନ୍ନ ଉପାୟ ସମ୍ପର୍କରେ ସୂଚନା ଦେଇଥିଲେ। ସୁରକ୍ଷିତ ମୋବାଇଲ ବ୍ୟବହାର, ଅଜଣା ବ୍ୟକ୍ତିଙ୍କୁ ବ୍ୟକ୍ତିଗତ ତଥ୍ୟ ନ ଦେବା, ବ୍ୟାଙ୍କ ନାଁରେ ଆସୁଥିବା ଠକ କଲ ଫୋନ କଲ ପ୍ରତି ସତର୍କ ରହିବାକୁ ଶ୍ରୀ ପତି ପରାମର୍ଶ ଦେଇଥିଲେ। ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ଧୀରେନ୍ଦ୍ର ଚୌଧୁରୀ ଓ ସାମ୍ବାଦିକ ତୃପ୍ତିରଞ୍ଜନ ମହାନ୍ତି ଅତିଥି ଭାବେ ଯୋଗଦେଇ ସାଇବର ସୁରକ୍ଷା ସମ୍ପର୍କରେ



ଆଲୋଚନା କରିଥିଲେ। ପ୍ରଧାନଶିକ୍ଷକ ପ୍ରତାପ ଦାସ ରେଡିଓ ଆଉଟରିଚ ପକ୍ଷରୁ ସାଇବର ସଚେତନତା ପାଇଁ କରାଯାଇଥିବା ପ୍ରୟାସକୁ ପ୍ରଶଂସା କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଗାଁ ରାସ୍ତା ଜବରଦଖଲ

# ତହସିଲଦାରଙ୍କୁ ଗ୍ରାମବାସୀଙ୍କ ଫେରାଦ

**କୁଜଙ୍ଗ, ୩୦।୧୦(ସମିସ):** କୁଜଙ୍ଗ ଥାନା ଚଟୁଆ ପଞ୍ଚାୟତ ଅନ୍ତର୍ଗତ ମାଣପୁର (ପାରପରା) ଗାଁ ଦାଣ୍ଡକୁ ଗ୍ରାମର ଜଣେ ଲୋକ ଜବରଦଖଲ କରିଛନ୍ତି। ଫଳରେ ରାସ୍ତା ନିର୍ମାଣ ହୋଇପାରୁନାହିଁ। ରାସ୍ତା ନଥିବାରୁ ୮ଟି ପରିବାର ଦୀର୍ଘବର୍ଷ ଧରି ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇଆସୁଛନ୍ତି। ବର୍ତ୍ତମାନ ରାସ୍ତା ନିର୍ମାଣ ପାଇଁ ପଞ୍ଚାୟତ ପାଣ୍ଠିରୁ ୨ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲେ ମଧ୍ୟ ଜବରଦଖଲ ଯୋଗୁଁ ତାହା ହୋଇପାରୁନାହିଁ। ଜବରଦଖଲ ଉଚ୍ଛେଦ ପାଇଁ ଗ୍ରାମବାସୀ ଏରସମା ତହସିଲଦାରଙ୍କୁ ଫେରାଦ ହୋଇଛନ୍ତି।

ପାରପରା ଗ୍ରାମର ଗାଁ ଦାଣ୍ଡର କିଛି ଅଂଶ ଜଣେ ଲୋକ ଜବରଦଖଲ କରିରଖିଛନ୍ତି। ବିଗତ ଦିନରେ ଗ୍ରାମର ସୁଶୀଳ ଷଡ଼ଙ୍ଗୀଙ୍କ ଅଭିଯୋଗ କ୍ରମେ ଏରସମା ତହସିଲଦାରଙ୍କ ନିର୍ଦ୍ଦେଶରେ ରାସ୍ତା ମାପଚୁପ କରାଯାଇଥିଲା। ସମ୍ପୃକ୍ତ ଲୋକ ରାସ୍ତାର କିଛି ଅଂଶ ଜବରଦଖଲ କରିଥିବା ଜଣାପଡ଼ିଥିଲ ଓ ଚିହ୍ନଟ ମଧ୍ୟ କରାଯାଇଛି। ସ୍ଥାନୀୟ ସରପଞ୍ଚ ଏ ସମ୍ପର୍କରେ ବୁଝାସୁଝା କରି ରାସ୍ତା ନିର୍ମାଣ ପାଇଁ ପଞ୍ଚାୟତ ପାଣ୍ଠିରୁ ୨ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ଗତ ୨୨ ତାରିଖ ଦିନ ସମ୍ପୃକ୍ତ ଠିକାଦାର ରାସ୍ତା ନିର୍ମାଣ ପାଇଁ ମାପଚୁପ ଓ ରାସ୍ତା ସଫା କରୁଥିବାବେଳେ ୫ ଜଣ ଲୋକ ବିରୋଧ କରିବାରୁ ରାସ୍ତା ନିର୍ମାଣ ହୋଇପାରୁନାହିଁ। ଆଜି ଗ୍ରାମର ସୁବ୍ରତ ଷଡଙ୍ଗୀ, ସୁମନ୍ତ ଷଡ଼ଙ୍ଗୀ, କେଦାରନାଥ ପାଣି, ବିଦୁର ପାଣି ଓ ପ୍ରମୋଦ ପାଣିଙ୍କ ସମେତ ଗ୍ରାମବାସୀ ମାନେ ଏରସମା ତହସିଲଦାର ସ୍ନିଗ୍ଧା ଶ୍ରଦ୍ଧାଞ୍ଜଳି ବେହେରାଙ୍କୁ ଭେଟି ଜବରଦଖଲ ଉଚ୍ଛେଦ ପାଇଁ ଲିଖିତ ଭାବେ ଜଣାଇଛନ୍ତି।

## ବାଲିକୁଦା କଲେଜ ଅଧ୍ୟାପକ ନିଲମ୍ବିତ



**ବାଲିକୁଦା, ୩୦।୧୦(ସମିସ):** ଜାଲ୍ ସାର୍ଟିଫିକେଟ ଦେଇ ବାଲିକୁଦା କଲେଜରେ ଅଧ୍ୟାପକ ଚାକିରି କରିଥିବା ଜଣେ ଅଧ୍ୟାପକଙ୍କୁ ନିଲମ୍ବନ କରିଛନ୍ତି ପରିଚାଳନା କମିଟି ସଭାପତି ତଥା ଉପଜିଲ୍ଲାପାଳ ପ୍ରଶାନ୍ତ ତରାଇ। ୬ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ବାଲିକୁଦା କଲେଜ ବାଣିଜ୍ୟ ବିଭାଗରେ ଅଧ୍ୟାପକ ଭାବେ କାର୍ଯ୍ୟ କରୁଥିଲେ ବସନ୍ତ ମହାନ୍ତି। କଲେଜରେ ପଢ଼ାଇ ପାରୁ ନ ଥିବା ନେଇ ଛାତ୍ରଛାତ୍ରୀ ଅଧ୍ୟକ୍ଷ ଓ ଉପଜିଲ୍ଲାପାଳଙ୍କୁ ବାରମ୍ବାର ଅଭିଯୋଗ କରିଆସୁଥିଲେ। ଏହାର ତଦନ୍ତ ପାଇଁ ଏକ ଫ୍ୟାକ୍ଟ ଫାଇଣ୍ଡିଂ କମିଟି ତଦନ୍ତ କରିବା ପରେ ଜଣାପଡ଼ିଛି ଯେ ଶ୍ରୀ ମହାନ୍ତି ଅନର୍ସ ନ ଥାଇ ଥାର୍ଡ ଡିଭିଜନରେ ଗ୍ରାଜୁଏସନ ପାସ କରିଥିଲେ। ଏହାର ୨୧ ବର୍ଷ ପରେ ଏକ ସାର୍ଟିଫିକେଟ ଯୋଗାଡ଼ କରି ଚାକିରି ହାତେଇବାରେ ସଫଳ ହୋଇଥିଲେ। ଯାହା ସନ୍ଦେହ ପରିସରରେ ରହିଛି। ଏହି ବ୍ୟକ୍ତି ଜଣକ ମାଟ୍ରିକ, +୨ ଓ +୩ରେ କ୍ରମାଗତ ଭାବେ ଥାର୍ଡ଼ ଡିଭିଜନ ପାଇଥିବାବେଳେ ଯୋଗାଡ଼ କରିଥିବା ପିଜି ସାର୍ଟିଫିକେଟରେ ୭୦ ପ୍ରତିଶତରୁ ଅଧିକ ମାର୍କ ରଖିଥିବା ଦର୍ଶାଇଥିଲେ। ଯାହା ଫ୍ୟାକ୍ଟ ଫାଇଣ୍ଡିଂ ଟିମ ସହ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ଅଧିକାରୀଙ୍କୁ ମଧ୍ୟ ସନ୍ଦେହ ହୋଇଛି। ସେ ପରିଚାଳନା କମିଟି ଜରିଆରେ ସୁପାରିଶ କରି ୪୭ ବର୍ଷ ବୟସରେ ଏହି ଚାକିରି ପାଇଥିବା ତଦନ୍ତରୁ ଜଣାପଡ଼ିଛି। ଏହି ଚାକିରି ପାଇଁ ସରକାର ୪୨ ବର୍ଷ ବୟସ ସୀମା ଧାର୍ଯ୍ୟ କରିଥିବାବେଳେ ଶ୍ରୀ ମହାନ୍ତି କିଭଳି ଏହି ଚାକିରି ୪୭ ବର୍ଷ ବୟସରେ ପାଇଲେ, ତାହା ଆଶ୍ଚର୍ଯ୍ୟର ବିଷୟ ହୋଇଛି। ପୂର୍ବରୁ ମଧ୍ୟ ବାଣିଜ୍ୟ ବିଭାଗର ଅନ୍ୟଜଣେ ଅଧ୍ୟାପକଙ୍କୁ ନକଲି ପ୍ରମାଣପତ୍ର ଜରିଆରେ ନିଯୁକ୍ତି ପାଇଥିବା ଅଭିଯୋଗରେ ୨ ମାସ ପୂର୍ବେ ଉପଜିଲ୍ଲାପାଳ ବହିଷ୍କାର କରିବା ସହ ନେଇଥିବା ଅର୍ଥ ଫେରାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏ ନେଇ ସସ୍‌ପେଣ୍ଡ ହୋଇଥିବା ଅଧ୍ୟାପକ ବସନ୍ତ ମହାନ୍ତି କହିଛନ୍ତି, ସେ ସମସ୍ତ ପ୍ରମାଣପତ୍ର ପୈଠ କରିଛନ୍ତି। ତଦନ୍ତ ସଠିକ ଭାବେ ନ କରି ତାଙ୍କୁ ତରବରିଆ ଭାବେ ଚାପରେ ସାମୟିକ ସସ୍‌ପେଣ୍ଡ କରାଯାଇଛି। ସେ ଖୁବଶୀଘ୍ର ନ୍ୟାୟ ପାଇ ଚାକିରିରେ ଯୋଗଦେବେ ବୋଲି କହିଛନ୍ତି।

## ସ୍ୱତନ୍ତ୍ର ସାକ୍ଷରତା ଅଭିଯାନ କାର୍ଯ୍ୟକ୍ରମ

**କୁଜଙ୍ଗ, ୩୦।୧୦(ସମିସ):** କେନ୍ଦ୍ର ସରକାରଙ୍କ ସ୍ୱତନ୍ତ୍ର ସାକ୍ଷରତା ଅଭିଯାନ କାର୍ଯ୍ୟକ୍ରମ ଉଲ୍ଲାସ ସଫଳତାର ସହ କୁଜଙ୍ଗ ବ୍ଲକରେ ଅନୁଷ୍ଠିତ ହୋଇଯାଇଛି। ଏହି ଉଲ୍ଲାସ ଯୋଜନାରେ ନାମ ପଞ୍ଜୀକରଣ କରିଥିବା ୧୫ ବର୍ଷରୁ ଊର୍ଦ୍ଧ୍ୱ ୨୫୩୨ ଜଣ ବ୍ୟକ୍ତି ୮ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଇଥିଲେ। କୁଜଙ୍ଗ ବ୍ଲକ ଶିକ୍ଷାଧିକାରୀ ମନୋଜ ବେହେରାଙ୍କ ପୌରୋହିତ୍ୟରେ ବିଆରସିସି ମନୋରଞ୍ଜନ ମଙ୍ଗରାଜ, ଏବିଇଓ ପ୍ରତିମା ସୂତାରଙ୍କ ସହ ବ୍ଲକର ସମସ୍ତ ୧୭ ଜଣ ସିଆରସିସି ସହଯୋଗ କରିଥିଲେ। ଏଡିଇଓ ସୁଶାନ୍ତ ମହାନ୍ତି ଓ ଚନ୍ଦ୍ରକାନ୍ତ ପରିଜା ପରୀକ୍ଷା ଅନୁଧ୍ୟାନ କରିଥିଲେ।

# ବୃନ୍ଦାବନ ଚନ୍ଦ୍ର ବିଦ୍ୟାଳୟ ପଞ୍ଚସଖା ଶିକ୍ଷାସେତୁ ପୁନର୍ଗଠନରେ ଅନିୟମିତତା ଅଭିଯୋଗ


**ରଘୁନାଥପୁର, ୩୦।୧୦(ସମିସ)**

ରଘୁନାଥପୁର ବ୍ଲକ ଅନ୍ତର୍ଗତ ରେଢୁଆ ପଞ୍ଚାୟତର ବୃନ୍ଦାବନ ଚନ୍ଦ୍ର ସରକାରୀ ଉଚ୍ଚବିଦ୍ୟାଳୟ ପଞ୍ଚସଖା ଶିକ୍ଷାସେତୁର ପୁନର୍ଗଠନ କରାଯାଇଛି। ତେବେ ଏଥିରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି।

ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରୀତା ରାଉତ ଅଧ୍ୟକ୍ଷତା କରିଥିବାବେଳେ ରେଢୁଆ ପଞ୍ଚାୟତ ସରପଞ୍ଚ କିଶୋର ବେହେରା, ସମିତି ସଭ୍ୟ ବିଶ୍ୱଜିତ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ପଞ୍ଚସଖା ଶିକ୍ଷାସେତୁ ପୁନର୍ଗଠନ କମିଟି ସଭ୍ୟସଭ୍ୟାଙ୍କ ଦ୍ୱାରା ପଞ୍ଚସଖା ଶିକ୍ଷାସେତୁ କମିଟି ସଭାପତି, ସହସଭାପତି ଓ ଅନ୍ୟାନ୍ୟ ସଭ୍ୟସଭ୍ୟା ନିର୍ବାଚିତ ହୋଇଥିଲେ। ସଭାପତି ପଦ ପାଇଁ ଭୋଟ ଗ୍ରହଣ କରାଯାଇଥିଲା। ଏଥିରେ କିଶୋର ବେହେରା ସଂଖ୍ୟାଗରିଷ୍ଠତା ହାସଲ କରି ସଭାପତି ପଦ ଅଳଙ୍କୃତ କରିଥିଲେ। ପୂର୍ବତନ ସରପଞ୍ଚ ସୁନୀଲ ଜେନା ଉପସଭାପତି ନିର୍ବାଚିତ ହୋଇଥିଲେ। ମହିଳା ସଦସ୍ୟା ଭାବେ ପ୍ରଣିତା ଦେଇ ନିର୍ବାଚିତ ହୋଇଥିବାବେଳେ ସୁଦୟ ମହାପାତ୍ର ପଞ୍ଚସଖା ଶିକ୍ଷାସେତୁ ଆବାହକ ନିର୍ବାଚିତ ହୋଇଥିଲେ। ଏହି ନିର୍ବାଚନରେ ସରପଞ୍ଚ କିଶୋର ବେହେରା ନିଜ ସମର୍ଥିତଙ୍କୁ ଆଣି ଏହି କାର୍ଯ୍ୟକ୍ରମରେ ଭାଗ ନେବାକୁ ସୁଯୋଗ ଦେଇଥିଲେ। ବହୁ ସାଧାରଣ ବ୍ୟକ୍ତି ଓ ବୁଦ୍ଧିଜୀବୀ ଓ ପୂର୍ବତନ ଛାତ୍ରଛାତ୍ରୀ ଉପସ୍ଥିତ ନ ଥିବା ଦେଖିବାକୁ ମିଳିଥିଲା। ପୂର୍ବତନ ସଭାପତି ଉପସ୍ଥିତ ନ ରହି ହାଇକୋର୍ଟରୁ ଏହି କମିଟି ପାଇଁ ସ୍ଥିତିଆଦେଶ ଆଣିଥିଲେ। ଅର୍ଡର ନଂ ଡବ୍ଲ୍ୟୁପି (ସି) ନଂ ୨୫୦୪୮ ଅଫ୍ ୨୦୨୫ ଆଣ୍ଡ ଆଇ.ଏ. ନଂ ୧୮୬୭୩ ଅଫ୍ ୨୦୨୫ ଅନୁଯାୟୀ ନିର୍ବାଚନ ପ୍ରକ୍ରିୟାକୁ ମାନ୍ୟବର ଅଦାଲତ ସ୍ଥଗିତ ରଖିଛନ୍ତି। ସରପଞ୍ଚଙ୍କ ଏହି କାର୍ଯ୍ୟକଳାପକୁ ବ୍ରଜକିଶୋର ସ୍ୱାଇଁ, ବିଜନ ମହାପାତ୍ର, ରବୀନ୍ଦ୍ର ବେହେରା, ଆଶୁତୋଷ ସାହୁ, ସୌଭାଗ୍ୟ ସ୍ୱାଇଁ, ଦୀପ୍ତିରଞ୍ଜନ ନାୟକ, ସୋନାସ ନାୟକ, ବିଜୟାନନ୍ଦ ସ୍ୱାଇଁ, ତୁଷାର ପାତ୍ର, ରଢୁଆ ଅଞ୍ଚଳର ବହୁ ବୁଦ୍ଧିଜୀବୀ ନିନ୍ଦା କରିଛନ୍ତି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଯୋଗାଯୋଗ କରିବାରୁ ରୀତା ରାଉତ ଫୋନର ଉତ୍ତର ଦେଉନାହାନ୍ତି। ଏହି ସ୍କୁଲରେ ପ୍ରଧାନ ଶିକ୍ଷୟିତ୍ରୀ ପାଠପଢ଼ିବା ପରିବର୍ତ୍ତେ ପିଲାଙ୍କୁ ଚାଉଳ ବସ୍ତା ବୁହା କାର୍ଯ୍ୟରେ ଲଗାଉଛନ୍ତି। ଯଥାଶୀଘ୍ର ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିରୋଧରେ ଏହି କାର୍ଯ୍ୟ ପାଇଁ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାପାଇଁ ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଥିବାବେଳେ ରେଢୁଆ ପଞ୍ଚାୟତର ସମିତିସଭ୍ୟ ବିଶ୍ୱଜିତ ଦାଶ ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠକୁ ଅଭିଯୋଗ ପତ୍ର ପଠାଇଛନ୍ତି। ଏହାର ନକଲ ତିର୍ତ୍ତୋଲ ବିଧାୟକ, କମିସନର, ଜିଲ୍ଲାପାଳ, ଡିଇଓ, ବିଇଓକୁ ପଠାଇଥିବା ଜଣାପଡ଼ିଛି।

## ଛାତ୍ରଙ୍କ କୃତିତ୍ୱ

**ପାରାଦୀପ, ୩୦।୧୦ (ସମିସ):** ଆଇନଜୀବୀ ଦେବବ୍ରତ ସାହୁଙ୍କ ପୁତ୍ର ସୌମ୍ୟଦର୍ଶୀ ଶିବଦତ୍ତ ସାହୁ ନିଟ୍



ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଭବାନୀପାଟଣା ସହିଦ ରେଣ୍ଡୋ ମାଝୀ ସରକାରୀ ମେଡିକାଲ କଲେଜରେ ନାମ ଲେଖାଇଛନ୍ତି। ସେ ବେଥାନୀ କନଭେଟ ସ୍କୁଲରୁ ଶିକ୍ଷା ଶେଷ କରି ଭୁବନେଶ୍ୱରର ଏକ ବେସରକାରୀ ସ୍କୁଲରେ +୨ ବିଜ୍ଞାନରେ ଶିକ୍ଷା ସମାପନ କରିଛନ୍ତି। ସୌମ୍ୟଦର୍ଶୀଙ୍କ ଏହି ସଫଳତା ପାଇଁ ପାରାଦୀପ ବିଭିନ୍ନ ଶିକ୍ଷାନୁଷ୍ଠାନ ପକ୍ଷରୁ ଶୁଭେଚ୍ଛାର ସୁଅ ଛୁଟିଛି। ସେ ସଫଳତାର ଶ୍ରେୟ ପିତାମାତା, ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଦେଇଛନ୍ତି।

# ଗୁରୁଦେବଜୀ ଫାଉଣ୍ଡେସନ ପକ୍ଷରୁ ମୋ ଢେଙ୍କାନାଳ ମହୋତ୍ସବ



**ଢେଙ୍କାନାଳ, ୩୦।୧୦(ସମିସ):** ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୁରୁଦେବଜୀ ଫାଉଣ୍ଡେସନ ଏବଂ ମୋ ଢେଙ୍କାନାଳ ଚ୍ୟାନେଲ ପକ୍ଷରୁ ୭ମ ପ୍ରତିଷ୍ଠା ଦିବସ ଉପଲକ୍ଷେ ବ୍ଲକସ୍ତରୀୟ ମୋ ଢେଙ୍କାନାଳ ମହୋତ୍ସବ ମୋ ପ୍ରତିଭା ମୋ ପରିଚୟ ସାଂସ୍କୃତିକ ଓ ଶିକ୍ଷା ଭିତ୍ତିକ ପ୍ରତିଯୋଗିତା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଛି। ଗଁଦିଆ ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ହୋଇଥିଲା। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ, ପ୍ରବନ୍ଧ, ବକ୍ତୃତା, ସଙ୍ଗୀତ, ନୃତ୍ୟ ଓ ଅଭିନୟ ପ୍ରତିଯୋଗିତା କରାଯାଇଥିଲା। ଏଥିରେ ଗଁଦିଆ ବ୍ଲକର ବିଭିନ୍ନ ସ୍କୁଲର ୨୯୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବିଚାରକ ରୂପେ ବିଜୟ କୁମାର ମିଶ୍ର, ପ୍ରଜ୍ଞା ବଳ, ମମତା ମହନ୍ତ ଯୋଗଦେଇ ପ୍ରତିଭାର ମୂଲ୍ୟାଙ୍କନ କରିଥିଲେ। କୃତୀ ପ୍ରତିଯୋଗୀମାନେ ଆଗାମୀ ଦିନରେ ହେବାକୁ ଥିବା ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି।

ମୁଖ୍ୟଅତିଥି ତଥା ଉଦଘାଟକ ଭାବେ ବ୍ଲକ ଅଧ୍ୟକ୍ଷା ରୀନାରାଣୀ ଖଟୁଆ, ମୁଖ୍ୟବକ୍ତା ଭାବେ ବିଡିଓ ପବିତ୍ର କୁମାର ବେହେରା, ସମ୍ମାନିତ ଅତିଥି ଭାବେ ସମାଜସେବୀ ଅକ୍ଷୟ କୁମାର ମହାନ୍ତି, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ଦୀପ୍ତିମୟୀ ଲେଙ୍କା, ଗଁଦିଆ ପ୍ରେସକ୍ଲବ ଉପସଭାପତି ବାଦଲ କୁମାର ମହାନ୍ତି, ଗଁଦିଆ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅରୁଣ କୁମାର ଓଝା, ପୂର୍ବତନ ପ୍ରଧାନଶିକ୍ଷକ ମୁରଲୀଧର ସାହୁ ଏବଂ ପ୍ରତିଷ୍ଠାତା ମାଷ୍ଟର ଇଂ ସୌମ୍ୟବ୍ରତ ସାହୁ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଏବିଇଓ ସତେନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ ସିଆରସିସି ବିଦ୍ୟାଧର ପରିଡ଼ା, ସମାଜସେବୀ ଜିତେନ୍ଦ୍ର କୁମାର ରାଉତ, ମହୋତ୍ସବ କମିଟି ଉପଦେଷ୍ଟା ଶୁଭଦର୍ଶିନୀ ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। ଗୁରୁଦେବଜୀ ଫାଉଣ୍ଡେସନ ଅଧ୍ୟକ୍ଷ ତଥା ମୋ ଢେଙ୍କାନାଳର ପ୍ରତିଷ୍ଠାତା ମାଷ୍ଟର ଇଂ ସୌମ୍ୟବ୍ରତ ସାହୁ ଅନୁଷ୍ଠାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ବ୍ଲକ କମିଟିର ସମ୍ବିତ ସାମଲ, ଗୁରୁଦେବଜୀ ଫାଉଣ୍ଡେସନର ସନ୍ତୋଷ କୁମାର କର, ଲିଟୁ ଦେହୁରୀ, ନାରାୟଣ ନାୟକ ପ୍ରମୁଖ ସହଯୋଗ କରିଥିଲେ। ସାମ୍ବାଦିକ ସୌମ୍ୟରଞ୍ଜନ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅନୁଷ୍ଠାନର ସଦସ୍ୟ ସାମ୍ବାଦିକ ଅକ୍ଷୟ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ସଡ଼କ ସୁରକ୍ଷା କମିଟି ବୈଠକ

# ଏ ବର୍ଷ ୩୨୦ ଦୁର୍ଘଟଣାରେ ୧୪୦ ମୃତ

- ଗତ ୩ ବର୍ଷରେ ଦୁର୍ଘଟଣା ନେଲାଣି ୫୨୩ ମୁଣ୍ଡ
- କୋରିହାଁ ବାଇପାସ, ଭାପୁର ଛକ ବ୍ଲାକ ସ୍ପଟ ଚିହ୍ନଟ

**ଢେଙ୍କାନାଳ, ୩୦।୧୦(ସମିସ)**



ଢେଙ୍କାନାଳ ଜିଲ୍ଲା କାର୍ଯ୍ୟାଳୟ ସଦଭାବନା ସଭାଗୃହରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଛି। କଲେଜ ବାଇପାସଠାରୁ କୋରିଆଁ ବାଇପାସ ରାସ୍ତାର ଆଲୋକୀକରଣ କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ଜିଲ୍ଲାପାଳ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅଧିକ ଦୁର୍ଘଟଣା ଘଟୁଥିବା ସ୍ଥାନଗୁଡ଼ିକରେ ତୁରନ୍ତ ସାଇନେଜ ଲଗାଇବାକୁ ଗୁରୁତ୍ୱାରୋପ କରିଛନ୍ତି। ଚଳିତ ବର୍ଷ ଏଯାବତ ଜିଲ୍ଲାରେ ମୋଟ ୩୨୦ ଦୁର୍ଘଟଣା ଘଟି ୧୪୦ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨୫୦ ଜଣ ଆହତ ହୋଇଛନ୍ତି। ସେହିପରି ୨୦୨୪ରେ ୪୨୨ ଦୁର୍ଘଟଣାରେ ୧୯୮ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୩୪୧ ଜଣ ଆହତ ହୋଇଛନ୍ତି। ୨୦୨୩ରେ ୪୦୫ ଦୁର୍ଘଟଣା ଘଟି ୧୮୫ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୪୦୩ ଜଣ ଆହତ ହୋଇଛନ୍ତି। ସେହିପରି ୫୫ନଂ ଜାତୀୟ ରାଜପଥର କୋରିହାଁ ବାଇପାସ, ଭାପୁର ଛକ ଦୁର୍ଘଟଣାପ୍ରବଣ ସ୍ଥାନ ଭାବେ ଚିହ୍ନଟ କରାଯାଇଛି।

ସହରରେ ଥିବା ଛକଗୁଡ଼ିକରେ ଲାଗିଥିବା ଟ୍ରାଫିକ ଲାଇଟ ପୋଷ୍ଟଗୁଡ଼ିକ ପୁନଃ କାର୍ଯ୍ୟକ୍ଷମ କରାଯିବା ବ୍ୟବସ୍ଥା କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି। ଦିନରେ ଭାରୀଯାନ ଚଳାଚଳ କଟକଣା ସଠିକ ଭାବେ ଅନୁପାଳନ କରିବାକୁ କହିଥିଲେ। ରାସ୍ତାରୁ ସମସ୍ତ ଗୋରୁଙ୍କୁ ହଟାଇବା ବ୍ୟବସ୍ଥା କରିବା ସହିତ ଡିଭାଇଡରକୁ ବେଆଇନ ଭାବେ କଟିଂ କରିଥିବା ହୋଟେଲ, ପେଟ୍ରୋଲ ପମ୍ପ ଆଦି ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କହିଥିଲେ। ଜାତୀୟ ରାଜପଥରେ ଏନ୍‌ଏଚ୍‌ଏଆଇ ଦ୍ୱାରା ଆମ୍ବୁଲାନ୍ସ ଓ କ୍ରେନ୍ ମୁତୟନ ବ୍ୟବସ୍ଥା ନିଶ୍ଚିତ କରିବାକୁ କମିଟି ସଦସ୍ୟମାନେ ଦୃଷ୍ଟି ଆକର୍ଷଣ କରିଥିଲେ। ସହରରେ ଗାଡ଼ି ପାର୍କିଂକୁ ବ୍ୟବସ୍ଥିତ କରିବା ସହ ଦ୍ରୁତ ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ କମିଟି ସଦସ୍ୟ ଦାବି କରିଥିଲେ। କଲେଜ ବାଇପାସରେ ଡ୍ରେନେଜ ବ୍ୟବସ୍ଥା କରି ଜମୁଥିବା ପାଣି ନିଷ୍କାସନ ବ୍ୟବସ୍ଥା କରିବାକୁ କହିଥିଲେ। ସଡ଼କ ସୁରକ୍ଷା ସମ୍ପର୍କରେ କରାଯାଇଥିବା ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ସମ୍ବନ୍ଧରେ ଆଞ୍ଚଳିକ ପରିବହନ ଅଧିକାରୀ ସୂଚନା ଦେଇଥିଲେ। ବୈଠକରେ, ରାସ୍ତା ଓ ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଜୟନ୍ତ ପ୍ରସାଦ ନାୟକ, ଆଞ୍ଚଳିକ ପରିବହନ ଅଧିକାରୀ ଶିବାଶିଷ ସାହୁଙ୍କ ସମେତ କମିଟିର ସମସ୍ତ ସଦସ୍ୟ, ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଘର ଭାଙ୍ଗିଲା ହାତୀ

**ଗଁଦିଆ, ୩୦।୧୦(ସମିସ):** ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ସୋରିଶିଆପଦା ପଞ୍ଚାୟତ ବଣିଆ ଗ୍ରାମର ଲକ୍ଷ୍ମୀ ବାଳମୁଚ ବୁଧବାର ରାତିରେ ଘରେ ଶୋଇଥିବା



ବେଳେ ଏକ ଦନ୍ତାହାତୀ ତାଙ୍କ ଘର କାନ୍ଥ ଭାଙ୍ଗିବା ସହ ଘରେ ଥିବା ଚାଉଳ ବସ୍ତାକୁ ପାଖ ଜଙ୍ଗଲକୁ ବୋହି ନେଇଥିଲା। ଅନ୍ୟାନ୍ୟ ଆସବାବପତ୍ର ନଷ୍ଟ ମଧ୍ୟ କରିଛି। ହାତୀ ଘର ଭାଙ୍ଗୁଥିବା ବେଳେ ଲକ୍ଷ୍ମୀ ଜୀବନ ବିକଳରେ ପଦାକୁ ପଳାଇ ଆସିଥିଲେ। ମୂଲ ମଜୁରି କରି ଗୁଜୁରାଣ ମେଣ୍ଟାଉଥିବା ଲକ୍ଷ୍ମୀଙ୍କୁ ତୁରନ୍ତ ସରକାରୀ ସହାୟତା ପ୍ରଦାନ ନିମନ୍ତେ ଗ୍ରାମବାସୀ ଦାବି କରିଛନ୍ତି।

**● ନାବାଳିକା ଅପହରଣ ମାମଲା**

# ଦୋଷୀକୁ ୧ ବର୍ଷ କାରାଦଣ୍ଡ

**ଢେଙ୍କାନାଳ, ୩୦।୧୦(ସମିସ):** ସଦର ଥାନା ଭୂଇଁପୁର ଗ୍ରାମରେ ୨୦୨୨ରେ ନାବାଳିକା ଅପହରଣ ମାମଲାର ବିଚାର କରି ଢେଙ୍କାନାଳ ଆଡହକ ଏଡିଜେ କମ୍ ଫାଷ୍ଟଟ୍ରାକ କୋର୍ଟ ବିଚାରପତି ପ୍ରସନ୍ନ କୁମାର କର୍ଣ୍ଣ ଅଭିଯୁକ୍ତକୁ ଏକ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ଏକ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ଦୁଇମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଦଣ୍ଡିତ ବ୍ୟକ୍ତି ହେଲେ କୁନା ଓରଫ ନିର୍ମଳ ବେହେରା। ଭୂଇଁପୁର ଗ୍ରାମର ଜଣେ ନାବାଳିକା ୨୦୨୨ ଅକ୍ଟୋବର ୨୦ ସକାଳ ୫ଟାରେ କେଉଁଆଡ଼େ ନିଖୋଜ ହୋଇଯାଇଥିଲେ। ଏ ନେଇ ନାବାଳିକାଙ୍କ ବାପା ପରଦିନ ଥାନାରେ ଅଭିଯୋଗ କରିଥିଲେ। ପରେ ନାବାଳିକାଙ୍କୁ ମହାରାଷ୍ଟ୍ର ନଭି ମୁମ୍ବାଇରୁ ଉଦ୍ଧାର କରାଯିବା ସହ ଅଭିଯୁକ୍ତ କୁନାଙ୍କୁ ଗିରଫ କରାଯାଇଥିଲା। ଏହି ମାମଲାରେ ମୋଟ ୨୧ଜଣ ସାକ୍ଷୀଙ୍କ ବୟାନ ଓ ୧୭ଟି ଦସ୍ତାବିଜ ଓ ସମସ୍ତ ପ୍ରମାଣ ଆଧାରରେ କୋର୍ଟ କୁନାଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଦଣ୍ଡିତ କରିଛନ୍ତି। ଡେପୁଟି ଡାଇରେକ୍ଟର ଗଣେଶ କୁମାର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅତିରିକ୍ତ ପିପି ଜାହିର ମହମ୍ମଦ ଏହି ମାମଲା ପରିଚାଳନା କରୁଥିଲେ।

# ଆଦର୍ଶ ଶିକ୍ଷକଙ୍କ ପରଲୋକ

**ହିନ୍ଦୋଳ, ୩୦।୧୦(ସମିସ):** ହିନ୍ଦୋଳ ଉପଖଣ୍ଡ ଦଣ୍ଡିରୀ ପଞ୍ଚାୟତ କ୍ଷେତ୍ରପାଳ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ସନ୍ତୋଷ କୁମାର ଦେହୁରୀ (୫୬)ଙ୍କର ଗୁରୁବାର ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଛି। ଦୁଇମାସ ପୂର୍ବରୁ ସେ ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ହୋଇ କିଛିଦିନ ଚିକିତ୍ସା ପରେ ଘରକୁ ଫେରିଥିଲେ। ହଠାତ ବୁଧବାର ରାତିରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଭୁବନେଶ୍ୱର ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ସକାଳେ ତାଙ୍କ ବିୟୋଗ ଘଟିଛି। ଏହି ଖବର ପ୍ରଚାର ହେବା ପରେ ବହୁ ଶୁଭେଚ୍ଛୁ, ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ରାସୋଳସ୍ଥିତ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ସ୍ଥାନୀୟ ସରପଞ୍ଚ ଦିବାକର ନାଏକ, ହିନ୍ଦୋଳ ବ୍ଲକ ଉପାଧ୍ୟକ୍ଷ ବରୁଣ ସର, ଦଣ୍ଡିରି ସରପଞ୍ଚ, ଶିକ୍ଷକ ସଂଘ କର୍ମକର୍ତ୍ତା ପ୍ରମୁଖ ଶେଷଦର୍ଶନ କରିଥିଲେ। ସେ ଜଣେ ଆଦର୍ଶ ଶିକ୍ଷକ ଭାବେ ବେଶ୍ ପରିଚିତ ଥିଲେ। ଅଞ୍ଚଳର ୩ ହଜାରରୁ ଊର୍ଦ୍ଧ୍ୱ ଲୋକ ଓ ଛାତ୍ରଛାତ୍ରୀ ତାଙ୍କ ଅନ୍ତିମଯାତ୍ରାରେ ସାମିଲ ହୋଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ମର ଶରୀରକୁ ଜନ୍ମସ୍ଥାନ କାଠକୁମ୍ଭା ଗ୍ରାମକୁ ନିଆଯାଇଥିଲା। ସେଠାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଛି। ପୁଅ ଶାଶ୍ୱତ ଦେହୁରୀ ମୁଖାଗ୍ନି ଦେଇଥିଲେ।

# ପୁରୁଣା ଚିକିତ୍ସାଳୟ ପାଚେରି ଭଙ୍ଗା ଘଟଣାର ତଦନ୍ତ ଦାବି

**ଢେଙ୍କାନାଳ, ୩୦।୧୦(ସମିସ):** ଢେଙ୍କାନାଳ ପୁରୁଣା ମୁଖ୍ୟ ଚିକିତ୍ସାଳୟ ପାଚେରି ସହ ଏକ ଘରଭଙ୍ଗାକୁ ନେଇ ଆମ ଆଦମୀ ପାର୍ଟି ପକ୍ଷରୁ ଏହାର ତଦନ୍ତ ଦାବି କରାଯାଇଛି। ପାର୍ଟିର ନଗର ଶାଖା ସଭାପତି ଦେବାଶିଷ ନନ୍ଦଙ୍କ ନେତୃତ୍ୱରେ ପୁରୁଣା ହସ୍ପିଟାଲର



ସୁରକ୍ଷା ଓ ସହରବାସୀଙ୍କ ସ୍ୱାସ୍ଥ୍ୟସେବା ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ୪ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଏହାର ନକଲ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ପ୍ରେରଣ କରାଯାଇଛି।

୪ ଦିନ ତଳେ ପୁରୁଣା ହସ୍ପିଟାଲର ପାଚେରି ସହ ସେଠାରେ ଥିବା କିଛି ଘର ମଧ୍ୟ ଭଙ୍ଗାଯାଇଛି। ସେହି ଘରେ ଚିକିତ୍ସାଳୟର କିଛି ଯନ୍ତ୍ରପାତି ଥିବାବେଳେ କିଛି ଆସବାବପତ୍ର ମଧ୍ୟ ରହିଥିଲା। ଏହି ପାଚେରିକୁ କାହା ନିର୍ଦ୍ଦେଶରେ ଭଙ୍ଗାଗଲା ତାହାର ତଦନ୍ତ କରାଯାଇ ସତ୍ୟାସତ୍ୟ ଉନ୍ମୋଚନ କରିବାକୁ ଦାବି କରାଯାଇଛି। ସିଟି ହସ୍ପିଟାଲ କରିବା ପାଇଁ ପୂର୍ବରୁ ସ୍ଥାନୀୟ ବିଧାୟକ ତଥା ଯୋଗାଣ ମନ୍ତ୍ରୀ ସରକାରଙ୍କ ପକ୍ଷରୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏବେ ମାତ୍ର ଜଣେ ଡାକ୍ତର ଅଳ୍ପ ସମୟ ପାଇଁ ଯୋଗଦେଇ କାମ ଚଳାଉଛନ୍ତି। ଆଉ କେତେବେଳେ ଅବସରପ୍ରାପ୍ତ ଡାକ୍ତରଙ୍କୁ କାମ ତୁଲାଇବା ପାଇଁ ବସାଯାଉଛି। ସିକୁରିଟି ଗାର୍ଡ ରେଜିଷ୍ଟ୍ରେସନ କରୁଛନ୍ତି। ସିଟି ହସ୍ପିଟାଲରେ ଆବଶ୍ୟକ ମୁତାବକ ଡାକ୍ତର ଓ କର୍ମଚାରୀ ଯୋଗାଇ ଦେଇ ବିଧିବଦ୍ଧ ଭାବେ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ଦାବି କରାଯାଇଛି। ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରା ନ ଗଲେ ଆମ ଆଦମୀ ପାର୍ଟି ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଦାବିପତ୍ର ପ୍ରଦାନ ବେଳେ ନଗର ସମ୍ପାଦକ ଜିତେନ୍ଦ୍ରୀୟ ପଣ୍ଡା, ଉପସଭାପତି ବିଜୟ କୁମାର ଦାସ, ସଦସ୍ୟ ଚିତ୍ତରଞ୍ଜନ ପାଣି, ପୀତାମ୍ବର ସାମନ୍ତରାୟ ଓ ଜୟଦେବ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଦୁର୍ନୀତି ନିବାରଣ ସପ୍ତାହ ପାଳିତ

**ଖଜୁରିଆକଟା, ୩୦।୧୦(ସମିସ):** ହିନ୍ଦୋଳ ଉପଖଣ୍ଡ ଖଜୁରିଆକଟା ମହାବିଦ୍ୟାଳୟ ସଭାଗୃହରେ ଦୁର୍ନୀତି ନିବାରଣ ସପ୍ତାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ପ୍ରଦୀପ କୁମାର ଧଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଢେଙ୍କାନାଳ ଭିଜିଲାନ୍ସ ଡିଏସପି ଅନୁସୂୟା ସେନାପତି ମୁଖ୍ୟଅତିଥି ଭାବେ ଯୋଗଦେଇ ଦୁର୍ନୀତି ଦେଶ ପାଇଁ ଏକ ମହାମାରୀ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟର ଏନସିସି ଅଧିକାରୀ କ୍ୟାପଟେନ ଡ. କିଶୋର କୁମାର ପୃଷ୍ଟି ଯୋଗଦେଇ ଦୁର୍ନୀତି ଏକ ସାମାଜିକ ବ୍ୟାଧି ବୋଲି ମତବ୍ୟକ୍ତ କରିଥିଲେ। ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ଜୟନ୍ତ ନାରାୟଣ ପତି ଓ ଇଂରାଜୀ ବିଭାଗ ମୁଖ୍ୟ ଅକ୍ଷୟ କୁମାର ପାତ୍ର ଦୁର୍ନୀତି ବିରୋଧରେ ଗ୍ରହଣ କରାଯାଉଥିବା ପଦକ୍ଷେପ ଉପରେ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ଅନୁଷ୍ଠିତ



ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଜିଲ୍ଲା ଦୁର୍ନୀତି ନିବାରଣ କାର୍ଯ୍ୟାଳୟ ପକ୍ଷରୁ ପୁରସ୍କୃତ କରାଯାଇଥିଲା।

# ସାଇବର ସୁରକ୍ଷା ମାସ ପାଳନ ଉପଲକ୍ଷେ ବିତର୍କ ପ୍ରତିଯୋଗିତା

**ଢେଙ୍କାନାଳ, ୩୦।୧୦(ସମିସ):** ଢେଙ୍କାନାଳ ପୁଲିସ ପକ୍ଷରୁ ଭାରତୀୟ ଜନ ସଞ୍ଚାର ସଂସ୍ଥାନ (ଆଇଆଇଏମ୍‌ସି)ରେ ସାଇବର ସୁରକ୍ଷା ମାସ ପାଳନ ଉପଲକ୍ଷେ ବିତର୍କ ପ୍ରତିଯୋଗିତା ଆୟୋଜିତ ହୋଇଛି। ସାମାଜିକ ଗଣମାଧ୍ୟମର ଦାୟିତ୍ୱପୂର୍ଣ୍ଣ ବ୍ୟବହାର ଉପରେ ସଚେତନତା ସୃଷ୍ଟି ପାଇଁ 'ସାମାଜିକ ଗଣମାଧ୍ୟମ ଆଜିର ଯୁବପିଢ଼ି ପାଇଁ ବରଦାନ ନା ଅଭିଶାପ' ଶୀର୍ଷକ ପ୍ରତିଯୋଗିତା ହୋଇଥିଲା। ଏଥିରେ ସମସ୍ତ ପାଠ୍ୟକ୍ରମର ବିଦ୍ୟାର୍ଥୀ ଅଂଶଗ୍ରହଣ କରିଥିଲେ। ଆଇଆଇଏମସି ଢେଙ୍କାନାଳ ଏବଂ ଢେଙ୍କାନାଳ ପୁଲିସ ମଧ୍ୟରେ ସହଯୋଗକୁ ଯୁବପିଢ଼ିଙ୍କ ମଧ୍ୟରେ ଗଣମାଧ୍ୟମ ସାକ୍ଷରତା ଏବଂ ସାଇବର ସୁରକ୍ଷା ଚେତନା ବୃଦ୍ଧି କରିବା ଦିଗରେ ଏହି ପଦକ୍ଷେପକୁ ସାଧାରଣରେ ପ୍ରଶଂସା କରାଯାଇଥିଲା।

# ଶିବିରରେ ୫୮ ୟୁନିଟ ରକ୍ତ ସଂଗ୍ରହ



**ଢେଙ୍କାନାଳ, ୩୦।୧୦(ସମିସ):** ଆଦର୍ଶ ସେବା ସଂଗଠନ ପକ୍ଷରୁ ବଳଦିଆବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ମୋଟ ୫୮ ୟୁନିଟ ରକ୍ତ ସଂଗ୍ରହ ହୋଇଛି। ଏଥିରେ ଜିଲ୍ଲା ରକ୍ତଭଣ୍ଡାରର ଡା. ସ୍ୱରୂପ ରଞ୍ଜନ ସାହୁ, ନର୍ସିଂ ଅଫିସର ବିନୋଦିନୀ ଜାଗାନିଆ, ଟେକ୍ନିସିଆନ ପରମାନନ୍ଦ ପଣ୍ଡା ଓ ଅଭିମନ୍ୟୁ ସାହୁଙ୍କ ସମେତ ବଳଦିଆବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଡାକ୍ତର ସୁଶାନ୍ତ କୁମାର ପୃଷ୍ଟି ଓ ଫାର୍ମାସିଷ୍ଟ ରଶ୍ମିରଞ୍ଜନ ସେଠୀ ସହଯୋଗ କରିଥିଲେ।

# ମହିଳାମାନଙ୍କ ରାଇଦାମୋଦର ପୂଜା



**ଢେଙ୍କାନାଳ, ୩୦।୧୦(ସମିସ):** ସ୍ଥାନୀୟ କୁଞ୍ଜକାନ୍ତ ପୋଖରୀ ନିକଟରେ ଥିବା ବୃନ୍ଦାବତୀଙ୍କ ମୂଳରେ କାର୍ତ୍ତିକ ମାସରେ ମହିଳାମାନେ ରାଇଦାମୋଦର ପୂଜା କରିବା ସହ ଆକାଶ ଦୀପ ଉଠାଉଛନ୍ତି। ପ୍ରାୟ ୩୦ ମହିଳା ସବୁଦିନ ସକାଳୁ ଉଠି ଏହି ପୂଜା କରୁଛନ୍ତି। ସ୍ନିଗ୍ଧାରାଣୀ ନନ୍ଦ, ଜ୍ୟୋତିର୍ମୟୀ ପଣ୍ଡା, ଦମୟନ୍ତୀ ନାଥ, ସସ୍ମିତା ଦାଶ, ପ୍ରଣତି ପଟ୍ଟନାୟକ, ଜ୍ୟୋତିର୍ମୟୀ ତ୍ରିପାଠୀ, ମମତା ତ୍ରିପାଠୀ, ସୌଭାଗିନୀ ରାଉତ, ସସ୍ମିତା ପଟ୍ଟନାୟକ ଓ ସୁଲୋଚନା ନାଥ ପ୍ରମୁଖଙ୍କ ସମେତ ବହୁ ମହିଳା ଏଥିରେ ଯୋଗଦେଇ ପୂଜା କରୁଛନ୍ତି।

# ଶିକ୍ଷାବିତ ପ୍ରମୋଦିନୀ ମିଶ୍ରଙ୍କ ସ୍ମୃତିସଭା



**ଢେଙ୍କାନାଳ, ୩୦।୧୦(ସମିସ):** ସ୍ଥାନୀୟ ମା' କମଳା ମଣ୍ଡପ ସଭାଗୃହରେ ଶିକ୍ଷାବିତ ପ୍ରମୋଦିନୀ ମିଶ୍ରଙ୍କ ସ୍ମୃତିସଭା ଅନୁଷ୍ଠିତ ହୋଇଛି। ଆଇନଜୀବୀ ଗଣେଶ୍ୱର ରଥଙ୍କ ପରିବାର ଓ ଓଡ଼ିଶା ମାଧ୍ୟମିକ ଶିକ୍ଷକ ସଂଘ (ଓଷ୍ଟା) ର ଅବାହକତ୍ୱରେ ଜିଲ୍ଲା ଉପସଭାପତି ସୁରେଶ ଚନ୍ଦ୍ର ପରିଡ଼ାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ରାଜ୍ୟ ଉପସଭାପତି ପ୍ରମୋଦ କୁମାର ସ୍ୱାଇଁ ଯୋଗଦେଇ ସ୍ୱର୍ଗତ ମିଶ୍ର ଜଣେ ସଫଳ ଅଧ୍ୟାପିକା, ପ୍ରଧାନଶିକ୍ଷୟିତ୍ରୀ, ଧର୍ମପ୍ରାଣା, ପରୋପକାରୀ, ସୁଗୃହିଣୀ ଥିଲେ ବୋଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକ ଓ ସମ୍ମାନିତ ବକ୍ତା ଭାବେ ଶିକ୍ଷାବିତ ଡ. ଦେବୀପ୍ରସାଦ ମିଶ୍ର ଯୋଗଦେଇ ସ୍ୱର୍ଗତ ମିଶ୍ରଙ୍କ ସ୍ମୃତିଚାରଣ କରିଥିଲେ।

# ଶିକ୍ଷକ ନେତାଙ୍କ ସ୍ମୃତିଚାରଣ ସଭା

**ଢେଙ୍କାନାଳ, ୩୦।୧୦(ସମିସ):** ଶିକ୍ଷକ ନେତା ଜମ୍ବେଶ୍ୱର ପୃଷ୍ଟିଙ୍କ ଏକାଦଶାହରେ ସ୍ଥାନୀୟ ଶିକ୍ଷକ ଭବନରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଛି। ଓଷ୍ଟା ଜିଲ୍ଲା



ସଭାପତି ଶ୍ରୀରାମ ରାଉତ ସଭା ପରିଚାଳନା କରିଥିଲେ। ରାଜ୍ୟ ଓଷ୍ଟାର ପ୍ରାକ୍ତନ ଶିକ୍ଷକ ନେତା ବିବେକାନନ୍ଦ ଦାସ, ପ୍ରାକ୍ତନ ଶିକ୍ଷା ପ୍ରଦୀପ ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ, ଉପସଭାପତି ପ୍ରମୋଦ କୁମାର ସ୍ୱାଇଁ ସ୍ୱର୍ଗତଃ ପୃଷ୍ଟିଙ୍କ ନେତୃତ୍ୱର ସ୍ମୃତିଚାରଣ କରିଥିଲେ। ତାଙ୍କ ବାଲ୍ୟବନ୍ଧୁ ସଚ୍ଚିଦାନନ୍ଦ ମହାରଣା ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ବର୍ଷିଆନ ଶିକ୍ଷକ ନେତା ବିପ୍ରବର ସାହୁ, ପୂର୍ବତନ ଜିଲ୍ଲା ସମ୍ପାଦକ ଦୁର୍ଗାଚରଣ ମହାପାତ୍ର, ସରୋଜକାନ୍ତ ଦାସ, ପ୍ରମୋଦ କୁମାର ମିଶ୍ର, ଲୋକନାଥ ଷଡ଼ଙ୍ଗୀ, ପୂର୍ବତନ ଜିଲ୍ଲା ଓଷ୍ଟା ସଭାପତି ସନ୍ତୋଷ କୁମାର ପାଣିଗ୍ରାହୀ, ପ୍ରଶାନ୍ତ କୁମାର ଧଳ, ପୀତାମ୍ବର ଦାଶ, ଦେବୀପ୍ରସାଦ ମିଶ୍ର, ପୂର୍ବତନ ଜିଲ୍ଲା ଓଷ୍ଟା ସମ୍ପାଦକ ବିଭୂତି ସାମଲଙ୍କ ସମେତ ଜିଲ୍ଲା ସମ୍ପାଦକ ଶଶିକାନ୍ତ ଦାସ, ସଦର ବ୍ଲକ ସଭାପତି ସତ୍ୟବ୍ରତ ପାତ୍ର, କାମାକ୍ଷାନଗର ବ୍ଲକ ସମ୍ପାଦକ ଗଜେନ୍ଦ୍ର ନାୟକ, ହିନ୍ଦୋଳ ବ୍ଲକ ସମ୍ପାଦକ ପ୍ରଭାସ ଘଡ଼େଇ, ଅଶୋକ କୁମାର ଦାଶ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

**ଆଜି ତପୋବନ ମେଳା**

# ଅପରାହ୍ନ ସାଢ଼େ ୪ଟାରେ ଝାଡ଼ଦୀପ ପ୍ରଜ୍ୱଳନ



**ଗଁଦିଆ, ୩୦।୧୦(ସମିସ)**

ସଦର ବ୍ଲକ ନାଗିଆପଶି ପଞ୍ଚାୟତ କାଦୁଆ ତପୋବନ ପୀଠରେ ଶୁକ୍ରବାର ତପୋବନ ମେଳା ଅନୁଷ୍ଠିତ ହେବ। ପ୍ରାତଃ ବ୍ରାହ୍ମ ମୁହୂର୍ତ୍ତରେ ପୀଠରେ ଧୂନି ସ୍ଥାପନ କରାଯାଇ ମହିମା ସ୍ୱାମୀଙ୍କ ଆରଧନା କରାଯିବ। ଅପରାହ୍ନ ସାଢ଼େ ୪ଟାରେ ଧୂନି ମନ୍ଦିର ନିକଟରେ ଝାଡ଼ଦୀପ ପ୍ରଜ୍ୱଳନ କରାଯିବା କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ତପୋବନ ପୀଠ ଚଳଚଞ୍ଚଳ ହୋଇଉଠିଛି। ଜିଲ୍ଲା ପ୍ରଶାସନ, ପୁଲିସ ଓ ମହିମା ସନ୍ନ୍ୟାସୀଙ୍କ ପକ୍ଷରୁ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ମେଳା ପାଇଁ ଗୁରୁବାରଠାରୁ ମହିମା ସନ୍ନ୍ୟାସୀ ଓ ଭକ୍ତଙ୍କ ସମାଗମ ହେବାରେ ଲାଗିଛି।

ପ୍ରତିବର୍ଷ କାର୍ତ୍ତିକ ଶୁକ୍ଳ ଦଶମୀ ତିଥିରେ ତପୋବନ ପୀଠରେ ମେଳା ଅନୁଷ୍ଠିତ ହୋଇଆସୁଛି। ଏହିଦିନ ମହିମା ସ୍ୱାମୀ ତପସ୍ୟାରୁ ଉଠିବା ପରେ ପ୍ରଥମେ ଗୋବିନ୍ଦ ବାବାଙ୍କୁ ଶିଷ୍ୟତ୍ୱ ପ୍ରଦାନ କରିଥିଲେ ବୋଲି କୁହାଯାଏ। ଗୁରୁଶିଷ୍ୟ ପରମ୍ପରାକୁ ସ୍ମରଣ କରିବା ପାଇଁ ଏହି ଦିବସକୁ ପୀଠରେ ବର୍ଷିକ ମେଳା ଭାବେ ଆୟୋଜନ କରାଯାଉଛି। ପୀଠରେ ଥିବା ଧୂନିମନ୍ଦିର ନିକଟରେ ଅଖଣ୍ଡ ଧୂନି ସ୍ଥାପନ କରାଯିବା ସହ ଶ୍ରଦ୍ଧାଳୁମାନେ ଧୂନିରେ ଘିଅ ଏବଂ ନଡ଼ିଆ ଅର୍ଘ୍ୟ ଭାବେ ପ୍ରଦାନ କରନ୍ତି। ଦିନତମାମ ପୀଠରେ ଧର୍ମ ଆଲୋଚନା, ପତ୍ରିକା ଉନ୍ମୋଚନ, ନାମ ଭଜନ କାର୍ଯ୍ୟକ୍ରମ ରହିଛି। ରାତିରେ ଭୀମ ଭୋଇଙ୍କ ନାମ ଭାଜନ ପରିବେଷଣ କାର୍ଯ୍ୟକ୍ରମ ରହିଛି। ସକାଳେ ପିଲାଙ୍କୁ ବାଲଭୋଗ ଅର୍ପଣ କରାଯିବା ସହ ଅହୋନ୍ମଣିଆ ପ୍ରସାଦ ବିତରଣ କରାଯିବା କାର୍ଯ୍ୟକ୍ରମ ରହିଛି।

**ସରକାରୀ ବିହନ ନିମ୍ନମାନର**

# ତଦନ୍ତ ପାଇଁ ପହଞ୍ଚିଲେ ଅଧିକାରୀ

**କଙ୍କଡ଼ାହାଡ଼, ୩୦।୧୦(ସମିସ):** ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ କଙ୍କଡ଼ାହାଡ଼ ଗ୍ରାମର ଦେବବ୍ରତ ସାହୁ ମା' ଦୁର୍ଗା ସିଡ୍ସ ଆଣ୍ଡ ଫର୍ଟିଲାଇଜର ଦୋକାନରୁ କଳାଚମ୍ପା ଧାନ ବିହନ କିଣି ଚାଷ କରିଥିଲେ। ଏହି ବିହନ ରାଜ୍ୟ ସରକାରଙ୍କ ସ୍ୱୀକୃତିପ୍ରାପ୍ତ ହୋଇଥିବା ବେଳେ ଦେବବ୍ରତ ନିଜ ୬ ଏକର ଜମିରେ ଏହାକୁ ଚାଷ କରିଥିଲେ। କିନ୍ତୁ ତାଙ୍କ ବିଲରେ କଳାଚମ୍ପା ବଦଳରେ ବିଭିନ୍ନ ପ୍ରକାର ଧାନ ଧାନ ଫଳିଛି। ଏ ସମ୍ପର୍କରେ ଦେବବ୍ରତଙ୍କ ସାନଭାଇ ନଗେନ ସାହୁ କାମାକ୍ଷାନଗରରେ ଅନୁଷ୍ଠିତ ଜନଶୁଣାଣିରେ ଜିଲ୍ଲାପାଳଙ୍କୁ ଲିଖିତ



ଅଭିଯୋଗ କରିଥିଲେ। କ୍ଷତିପୂରଣ ପ୍ରଦାନ କରା ନ ଗଲେ ଆତ୍ମହତ୍ୟା କରିବେ ବୋଲି ଚେତାବନୀ ଦେଇଥିଲେ। ଗୁରୁବାର ଏକ ଟିମ୍ ଆସି ଦେବବ୍ରତଙ୍କ ଚାଷଜମିରେ ତଦନ୍ତ କରିଛନ୍ତି। ଏଏଓ ଶଶିତୋଷ ବେହେରା, ଏଓ ହିରଣ୍ୟମୟୀ ବେହେରା, ବିଏଓ ମଧୁସ୍ମିତା ଶତପଥୀ, ଏଓ ପ୍ରୀତମ ପୃଷ୍ଟିଙ୍କ ସହ ଅନ୍ୟ କର୍ମଚାରୀ ପହଞ୍ଚି ତଦନ୍ତ କରିଥିଲେ। ତଦନ୍ତ ବେଳେ ଅଭିଯୋଗରେ ସତ୍ୟତା ଥିବା ଜଣାପଡ଼ିଛି।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୮.୨୫ • ପାଉଣ୍ଡ ୧୧୭.୩୪
- ୟୁରୋ ୧୦୨.୭୯ • ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)


- ସୁନା: ୧,୧୧,୩୫୦ (ନୂଆଦିଲ୍ଲୀ)
- ରୁପା : ୧,୬୦,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)

- ସେନ୍ସେକ୍ସ ୮୪,୪୦୪.୦୦
- ନିଫ୍ଟି ୨୫,୮୭୭.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ଭାରତରେ ଅଧାରୁ ଅଧିକ ଲୋକ ଶୀଘ୍ର ଅବସର ନେବାକୁ ଆଗ୍ରହୀ

**ଇଣ୍ଡିଆ ରିଟାୟରମେଣ୍ଟ ଇଣ୍ଡେକ୍ସ ଷ୍ଟଡି ରିପୋର୍ଟ**

- ଅନ୍ୟ ଅଞ୍ଚଳ ତୁଳନାରେ ପୂର୍ବ ଭାରତର ଲୋକେ ଖୁବ୍ ଆଗରେ
- ଅବସର ପ୍ରସ୍ତୁତିରେ ପୁରୁଷଙ୍କୁ ଟପିଲେ ମହିଳା
- ସ୍ୱାସ୍ଥ୍ୟକୁ ନେଇ ଅଧିକ ସଚେତନ




**ନୂଆଦିଲ୍ଲୀ,୨୦।୧୦(ଏଜେନ୍ସି):** ସମ୍ପ୍ରତି ଭାରତରେ ଚାକିରିରୁ ଅବସର ଗ୍ରହଣ କ୍ଷେତ୍ରରେ ଲୋକଙ୍କ ମଧ୍ୟରେ ପ୍ରସ୍ତୁତି ନିରନ୍ତର ଭାବେ ବଢ଼ିବାରେ ଲାଗିଛି। ଏଥିରେ ଅଧାରୁ ଅଧିକ ଲୋକ ଜଲ୍ଦି ଅବସର ନେବାକୁ ଯୋଜନା କରୁଛନ୍ତି। ସହରାଞ୍ଚଳ ବାସିନ୍ଦାମାନେ ଅବସର ଯୋଜନା କ୍ଷେତ୍ରରେ ଗ୍ରାମାଞ୍ଚଳ ବାସିନ୍ଦାଙ୍କ ତୁଳନାରେ ଆଗରେ ରହିଛନ୍ତି। ଏହା ବ୍ୟତୀତ, ପୂର୍ବ ଭାରତର ଲୋକମାନେ ବର୍ତ୍ତମାନ ଅବସର ଯୋଜନା କ୍ଷେତ୍ରରେ ଦେଶର ଅନ୍ୟ ଅଞ୍ଚଳ ତୁଳନାରେ ଆଗରେ ରହିଛନ୍ତି। ଇଣ୍ଡିଆ ରିଟାୟାରମେଣ୍ଟ ଇଣ୍ଡେକ୍ସ ଷ୍ଟଡି (ଆଇଆର୍‌ଆଇଏସ୍) ଦ୍ୱାରା କରାଯାଇଥିବା ଏକ ଏହି ଅଧ୍ୟୟନରେ ଏହା କୁହାଯାଇଛି।

ଏହି ଅଧ୍ୟୟନ ଅନୁସାରେ, ଭାରତରେ ଅବସର ପ୍ରସ୍ତୁତି କ୍ରମଶଃ ବୃଦ୍ଧି ପାଉଛି। ଗତ ୪ ବର୍ଷ ମଧ୍ୟରେ ଆଇଆର୍‌ଆଇଏସ୍ ଇଣ୍ଡେକ୍ସ ସ୍କୋର ୪୪ ରୁ ୪୮କୁ ବୃଦ୍ଧି ପାଇଛି। ଏହା ଦର୍ଶାଉଛି ଯେ ଲୋକମାନେ ଏବେ ଆର୍ଥିକ, ସ୍ୱାସ୍ଥ୍ୟ ଏବଂ ଭାବପ୍ରବଣ ଭାବରେ ଅବସର ବିଷୟରେ ଅଧିକ ସଚେତନ ହେଉଛନ୍ତି। ତେବେ ରିପୋର୍ଟରେ ଲୋକଙ୍କ ଅବସର ଯୋଜନାର କିଛି ପ୍ରମୁଖ ଆହ୍ୱାନକୁ ଦର୍ଶାଯାଇଛି। ଯେପରିକି ଏଥିରେ ନିର୍ଭରଯୋଗ୍ୟ ପରାମର୍ଶର ଅଭାବ, ପରିବାର ଉପରେ ନିର୍ଭରଶୀଳତା ଏବଂ ଅନ୍ୟାନ୍ୟ ଜୀବନ ଆବଶ୍ୟକତାକୁ ପ୍ରାଥମିକତା ଦେବା ଭଳି ଦିଗଗୁଡ଼ିକ ଅନ୍ତର୍ଭୁକ୍ତ। ଅଧ୍ୟୟନରୁ ଏହା ମଧ୍ୟ ଜଣାପଡିଛି ଯେ ଅଧିକାଂଶ ଲୋକ ୩୫ ବର୍ଷ ବୟସ ପୂର୍ବରୁ ଅବସର ଯୋଜନାର ଗୁରୁତ୍ୱ ବିଷୟରେ ଭଲ ଭାବରେ ଅବଗତ।

ଏ ସମ୍ପର୍କରେ ଆକ୍ସିସ୍ ମ୍ୟାକ୍ସ ଲାଇଫ୍‌ର ଏମ୍‌ଡି ଏବଂ ସିଇଓ ସୁମିତ ମଦନ କହିଛନ୍ତି, ଆଜିର ଗ୍ରାହକମାନେ ଅଧିକ ସ୍ୱାସ୍ଥ୍ୟପ୍ରତି ସଚେତନ, ଉତ୍ପାଦ ବିଷୟରେ ଅଧିକ ଜ୍ଞାନୀ ଏବଂ ଆର୍ଥିକ ଆତ୍ମବିଶ୍ୱାସ ବୃଦ୍ଧି ପାଇଛି। ଅଧ୍ୟୟନରୁ ଏହା ମଧ୍ୟ ଜଣାପଡ଼ିଛି ଯେ ଜନସଂଖ୍ୟାର ଏକ ବଡ଼ ଅଂଶ ଯୋଜନା କିପରି ଆରମ୍ଭ କରିବେ ସେ ବିଷୟରେ ଅନିଶ୍ଚିତ, ଯାହା ନିର୍ଭରଯୋଗ୍ୟ ପରାମର୍ଶର ଆବଶ୍ୟକତାକୁ ଆହୁରି ବୃଦ୍ଧି କରୁଛି। ୨୦୨୨ ମସିହାରେ ସ୍ୱାସ୍ଥ୍ୟ ପ୍ରସ୍ତୁତି ୪୧ ରୁ ୪୬ କୁ ବୃଦ୍ଧି ପାଇଛି। ଏହା ବର୍ଦ୍ଧିତ ଶାରୀରିକ କାର୍ଯ୍ୟକଳାପ, ନିୟମିତ ସ୍ୱାସ୍ଥ୍ୟ ଯାଞ୍ଚ ଏବଂ ସ୍ୱାସ୍ଥ୍ୟ ବୀମାର ବୃଦ୍ଧି ଯୋଗୁଁ ହୋଇଛି, ଯାହା ବର୍ତ୍ତମାନ ୫୦ ପ୍ରତିଶତରେ ପହଞ୍ଚିଛି। ତଥାପି, ଭାବପ୍ରବଣତା ଜନିତ ସ୍ୱାସ୍ଥ୍ୟବସ୍ଥା ଏକ ଚିନ୍ତାର ବିଷୟ ହୋଇ ରହିଛି। ୭୧ ପ୍ରତିଶତ ଉତ୍ତରଦାତା କିଛି ଏକାକୀ ଅନୁଭବ କରୁଥିବା ରିପୋର୍ଟ କରିଥିବାବେଳେ ଏବଂ ୭୨ ପ୍ରତିଶତ ପରିବାର ଉପରେ ନିର୍ଭରଶୀଳ ହେବାକୁ ନେଇ ଚିନ୍ତିତ।

ଅପରପକ୍ଷେ ଅବସର ପ୍ରସ୍ତୁତି କ୍ଷେତ୍ରରେ ମହିଳାମାନେ ପୁରୁଷମାନଙ୍କ ତୁଳନାରେ ଟିକିଏ ଆଗରେ। ସେମାନଙ୍କର ସ୍କୋର ୪୯, ଯେତେବେଳେ ପୁରୁଷମାନଙ୍କର ସ୍କୋର ୪୮। ଅଧିକାଂଶ ମହିଳା (୮୨ ପ୍ରତିଶତ) ପୁରୁଷମାନଙ୍କ ତୁଳନାରେ ଅବସର ପରେ ମଧ୍ୟ ଶାରୀରିକ ଭାବରେ ସୁସ୍ଥ ରହିବା ନେଇ ଆଶାବାଦୀ, ଯାହା ପୁରୁଷଙ୍କ କ୍ଷେତ୍ରରେ ୭୮ ପ୍ରତିଶତ। ତଥାପି, ମହିଳାମାନେ ବିପଦପୂର୍ଣ୍ଣ ନିବେଶ (ଯେପରିକି ଷ୍ଟକ୍ ବଜାର) ରେ ଅର୍ଥ ବିନିଯୋଗ କରିବା ପାଇଁ ପୁରୁଷମାନଙ୍କ ତୁଳନାରେ ୮% କମ୍ ସମ୍ଭାବନା ରଖୁଛନ୍ତି। ଏହାବାଦ୍ ମେଟ୍ରୋ ସହରଗୁଡ଼ିକରେ ଷଳାମେକ ଅବସରକାଳୀନ ପ୍ରସ୍ତୁତିକୁ ନେଇ ବେଶ ଆଗରେ ଅଛନ୍ତି। ସେମାନଙ୍କ ସ୍କୋର ୫୦ ରହିଛି। ସହିତ। ଏହା ନିୟମିତ ଫିଟନେସ୍ ଅଭ୍ୟାସ ଏବଂ ସ୍ୱାସ୍ଥ୍ୟ ଯାଞ୍ଚ (୬୦%) ଯୋଗୁଁ ହୋଇଛି।

**୭୬ ରେଳ ଷ୍ଟେସନ୍‌ରେ ନିର୍ମାଣ ହେବ ଯାତ୍ରୀ ହୋଲ୍ଡିଂ ଏରିଆ**

# ତାଲିକାରେ ଭୁବନେଶ୍ୱର, ପୁରୀ ସାମିଲ



**ନୂଆଦିଲ୍ଲୀ,୩୦।୧୦(ଏଜେନ୍ସି):** ନୂଆଦିଲ୍ଲୀ ରେଳ ଷ୍ଟେସନରେ ଯାତ୍ରୀ ସଂରକ୍ଷଣ କ୍ଷେତ୍ରର ସଫଳତା ପରେ, ଭାରତୀୟ ରେଳବାଇ ଏବେ ୭୬ଟି ଷ୍ଟେସନରେ ଏପରି ସୁବିଧା ବିକଶିତ କରିବାକୁ ଯାଉଛି। କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ଯୋଜନାକୁ ଅନୁମୋଦନ ଦେଇଛନ୍ତି। ଏହି ସୁବିଧା ସହିତ, ଦୀପାବଳି, ଦଶହରା, ଏବଂ ଛଟ ଭଳି ପର୍ବପର୍ବାଣୀ ସମୟରେ ଷ୍ଟେସନ ସହଜରେ ପ୍ରବଳ ଭିଡ଼କୁ ନିୟନ୍ତ୍ରଣ କରିପାରିବ। ଦେଶର ୭୫ରୁ ଅଧିକ ଷ୍ଟେସନରେ ସ୍ଥାୟୀ ଯାତ୍ରୀ ସଂରକ୍ଷଣ କ୍ଷେତ୍ର ନିର୍ମାଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ତାଲିକାରେ ରାଜ୍ୟରୁ ଭୁବନେଶ୍ୱର ଏବଂ ପୁରୀ ଷ୍ଟେସନ୍ ସାମିଲ ଅଛି। ରେଳ ମନ୍ତ୍ରଣାଳୟ କହିଛି ଯେ ରେଳ ମନ୍ତ୍ରୀ ବିଭିନ୍ନ ରେଳ ଷ୍ଟେସନରେ ଯାତ୍ରୀ ସଂରକ୍ଷଣ କ୍ଷେତ୍ର ବିକଶିତ କରିବା ପାଇଁ ଏକ ଯୋଜନାକୁ ଅନୁମୋଦନ ମିଳିଛି। ମନ୍ତ୍ରଣାଳୟ ୨୦୨୬ ଉତ୍ସବ ଋତୁ ପୂର୍ବରୁ ଏହି ୭୫ଟି ଅଧିକ ଷ୍ଟେସନରେ ସ୍ଥାୟୀ ଯାତ୍ରୀ ସଂରକ୍ଷଣ କ୍ଷେତ୍ର ନିର୍ମାଣ ସମାପ୍ତ କରିବାକୁ ଲକ୍ଷ୍ୟ ରଖିଛି। ନୂଆଦିଲ୍ଲୀ ଷ୍ଟେସନରେ ଏହି ସୁବିଧା ନିର୍ମାଣ ମାତ୍ର ଚାରି ମାସ ମଧ୍ୟରେ ସମାପ୍ତ ହୋଇଥିଲା। ଯାତ୍ରୀ ସଂରକ୍ଷଣ କ୍ଷେତ୍ରର ଅର୍ଥ ହେଉଛି ଯାତ୍ରୀମାନଙ୍କ ପାଇଁ ସେମାନଙ୍କ ଟ୍ରେନ୍ ପାଇଁ ଅପେକ୍ଷା କରିବା ପାଇଁ ଏକ ଉତ୍ସର୍ଗୀକୃତ ସ୍ଥାନ। ଏହା ଷ୍ଟେସନରେ ଭିଡ଼ ହ୍ରାସ କରିବ ଏବଂ ଯାତ୍ରୀମାନଙ୍କୁ ଆରାମ ପ୍ରଦାନ କରିବ। ଦେଶର ମୋଟ ୧୬ଟି ରେଳ ଜୋନରେ ଯାତ୍ରୀ ସଂରକ୍ଷଣ କ୍ଷେତ୍ର ନିର୍ମାଣ କରାଯିବ। ଏଥିରୁ କେନ୍ଦ୍ରୀୟ ଜୋନାଲ ରେଳବାଇରେ ୬, ପୂର୍ବାଞ୍ଚଳରେ ୬, ପୂର୍ବ କେନ୍ଦ୍ରୀୟରେ ୬, ପୂର୍ବ ତଟରେ ୬, ଉତ୍ତରାଞ୍ଚଳରେ ୧୨, ଉତ୍ତର କେନ୍ଦ୍ରୀୟରେ ୪, ଉତ୍ତର ପୂର୍ବାଞ୍ଚଳରେ ୪, ଉତ୍ତର ପୂର୍ବ ସୀମାରେ ୨, ଉତ୍ତର ପଶ୍ଚିମରେ ୫, ଦକ୍ଷିଣରେ ୪, ଦକ୍ଷିଣ କେନ୍ଦ୍ରୀୟରେ ୬, ଦକ୍ଷିଣ ପୂର୍ବରେ ୩, ଦକ୍ଷିଣ ପୂର୍ବ କେନ୍ଦ୍ରୀୟରେ ୧, ଦକ୍ଷିଣ ପଶ୍ଚିମରେ ୪, ପଶ୍ଚିମରେ ୮ ଏବଂ ପଶ୍ଚିମ କେନ୍ଦ୍ରୀୟରେ ୩ ଯାତ୍ରୀ ସଂରକ୍ଷଣ କ୍ଷେତ୍ର ନିର୍ମାଣ ହେବ। ଏହି ହୋଲ୍ଡିଂ କ୍ଷେତ୍ରଗୁଡ଼ିକରେ ବସିବା ସ୍ଥାନ, ଟିକେଟ୍ କାଉଣ୍ଟର, ଶୌଚାଳୟ, ପଚରାଉଚରା, ଲଗେଜ ଯାଞ୍ଚ ଏବଂ ଖାଦ୍ୟ ଏବଂ ପାନୀୟ ସୁବିଧା ପ୍ରଦାନ କରାଯିବ।

## ବ୍ୟାଙ୍କ ଅଫ୍ ଇଣ୍ଡିଆର ବାଲୁଗାଁ ଶାଖା ଉଦ୍‌ଘାଟିତ

**ଭୁବନେଶ୍ୱର,୩୦।୧୦(ସମିସ):** ବ୍ୟାଙ୍କ ଅଫ୍ ଇଣ୍ଡିଆ(ବିଓଆଇ)ର ବାଲୁଗାଁ ଶାଖା ଉଦ୍‌ଘାଟିତ ହୋଇଯାଇଛି। ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ବିଜୟ କୁମାର ମଲ୍ଲିକ ଏହି ନୂତନ ଶାଖାର ଉଦ୍‌ଘାଟନ କରିଥିଲେ। ଏହି ଶାଖା ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ୮୬ତମ ଶାଖା। ଏହି ଅବସରରେ ଉପ-ଆଞ୍ଚଳିକ ପ୍ରବନ୍ଧକ ଶ୍ୟାମଳ କୁମାର ଦାସ, ବାଲୁଗାଁ ଶାଖାର ଶାଖା ପ୍ରବନ୍ଧକ କୈଳାଶ ଚନ୍ଦ୍ର ବେହେରା ଏବଂ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଗ୍ରାହକମାନଙ୍କୁ ଉତ୍କୃଷ୍ଟ ସେବା ଯୋଗାଇଦେବା ବ୍ୟାଙ୍କର ପ୍ରମୁଖ ଲକ୍ଷ୍ୟ ଏବଂ ଏହି ଶାଖା ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କୁ ଉନ୍ନତ ମାନର ବ୍ୟାଙ୍କିଙ୍ଗ୍ ସେବା ଯୋଗାଇବା ସହିତ ବ୍ୟାଙ୍କିଙ୍ଗ୍ ସୁବିଧା ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଇବାରେ ସହାୟକ ହେବ ବୋଲି ଆଞ୍ଚଳିକ ପ୍ରବନ୍ଧକ ମଲିକ ପ୍ରକାଶ କରିଥିଲେ।



## କଳାହାଣ୍ଡିରେ ବେଦାନ୍ତ ଆଲୁମିନିୟମର ଦକ୍ଷତା ପଦକ୍ଷେପ

**ଭୁବନେଶ୍ୱର, ୩୦।୧୦(ସମିସ):** ସମୃଦ୍ଧ ପରମ୍ପରା ଏବଂ ଅବ୍ୟବହୃତ ସମ୍ଭାବନାର ଭୂମି କଳାହାଣ୍ଡି ଏବେ ଏକ ଉଲ୍ଲେଖନୀୟ ପରିବର୍ତ୍ତନର ସାକ୍ଷୀ ହେଉଛି। ଏଠାରେ ମହତ୍ତ୍ୱାକାଂକ୍ଷା, ଆତ୍ମବିଶ୍ୱାସ ଏବଂ ଆତ୍ମନିର୍ଭରଶୀଳତାର ଏକ ନୂତନ କାହାଣୀ ରୂପ ନେଉଛି, ଯାହାର ନେତୃତ୍ୱ ନେଉଛି ବେଦାନ୍ତ ଆଲୁମିନିୟମର ଦକ୍ଷତା ବିକାଶ ପଦକ୍ଷେପ, ଯାହା ବର୍ତ୍ତମାନ ସୁଦ୍ଧା ଭବାନୀପାଟଣା ଏବଂ ଲାଞ୍ଜିଗଡ଼ର ୮୦୦ରୁ ଅଧିକ ଯୁବକଙ୍କୁ ତାଲିମ ଦେଇସାରିଛି। ୫୫% ମହିଳା ଅଂଶଗ୍ରହଣ ସହିତ, କଳାହାଣ୍ଡିରେ ଏହି କାର୍ଯ୍ୟକ୍ରମ ଏହାର ଲୋକଙ୍କ ପାଇଁ ସୁଯୋଗର ଏକ ଦ୍ୱାର ଖୋଲିବା ସହିତ ଲିଙ୍ଗ-ସାମଗ୍ରିକ ନିଯୁକ୍ତିକୁ ବୃଦ୍ଧି କରୁଛି ଏବଂ ଏହି ଅଞ୍ଚଳରେ ନୂତନ ଜୀବନ ଫୁଙ୍କୁଛି। କାହିଁ କେଉଁ ଦଶକ ଧରି କଳାହାଣ୍ଡି ଥିଲା ସୀମିତ ସୁଯୋଗ ଓ ଅପୂର୍ଣ୍ଣ ସ୍ୱପ୍ନର ଅଞ୍ଚଳ। କିନ୍ତୁ ଏବେ ଭାଗ୍ୟ ବଦଳିଛି। ବେଦାନ୍ତର ଭବାନୀପାଟଣା ଓ ଲାଞ୍ଜିଗଡ଼ ଦକ୍ଷତା ତାଲିମ କେନ୍ଦ୍ରଗୁଡ଼ିକରେ ଯୁବକ-ଯୁବତୀମାନେ ଆଚରଣିକ ଓ ନିଯୁକ୍ତି-ଯୋଗ୍ୟ କୌଶଳ ଶିଖୁଛନ୍ତି, ଯାହା ତାଙ୍କୁ ନୂତନ ଓ ଆଧୁନିକ ବୃତ୍ତିକ୍ଷେତ୍ରରେ ସୁଯୋଗ ଦେଉଛି। ଏହି କେନ୍ଦ୍ରଗୁଡ଼ିକ ଓଡ଼ିଶା କୌଶଳ ବିକାଶ କର୍ତ୍ତୃପକ୍ଷ ଓ ନାବାର୍ଡ ସହଯୋଗରେ ଚାଲୁଛି। ଏଠାରେ ଅତିଥି ସେବା, ବିକ୍ରୟ, ଖାଦ୍ୟ ଓ ପାନୀୟ ସେବା ଭଳି ବିଭିନ୍ନ ଶିଳ୍ପ-ସଂପର୍କିତ ପାଠପଢ଼ା ହେଉଛି। ଏ ପର୍ଯ୍ୟନ୍ତ ଯେଉଁ ୮୦୦ରୁ ଅଧିକ ଯୁବା ଶିକ୍ଷା ପାଇଛନ୍ତି।



## 'ବିଏସ୍‌ଏନ୍‌ଏଲ୍‌ର ରାଜସ୍ୱ ଅଭିବୃଦ୍ଧିରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ରାଜ୍ୟରେ ଓଡ଼ିଶା'



**ନୂଆଦିଲ୍ଲୀ,୩୦।୧୦:** ୨୦୨୪-୨୫ ଆର୍ଥିକବର୍ଷରେ ଲଗାତାର ଭାବେ ବିଏସଏନଏଲ୍‌ର ନେଟ୍ ତ୍ରୈମାସିକ ଲାଭ ପରେ କମ୍ପାନୀ ଲାଭଦାୟକତା ଗତିକୁ ବଜାୟ ରଖିବା ଏବଂ ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧ ପର୍ଯ୍ୟନ୍ତ ଦୃଢ଼ ପ୍ରଦର୍ଶନ ପଥ ବଜାୟ ରଖିଛି। ଏହି ସମୟରେ କମ୍ପାନୀପ୍ରାୟ ୫,୩୪୭ କୋଟି ଟଙ୍କା ଆୟ କରିଛି, ଯାହା ମୋଟ ୧୧,୧୩୪ କୋଟି ଟଙ୍କାର ପ୍ରଥମ ଅର୍ଦ୍ଧବାର୍ଷିକରେ ରାଜସ୍ୱ ପ୍ରଦାନ କରିଛି। ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବିଏସଏନଏଲ୍‌ର ବାର୍ଷିକ ରାଜସ୍ୱ ଲକ୍ଷ୍ୟ ୨୭,୫୦୦ କୋଟି ଟଙ୍କା ରହିଛି, ଯାହା ପୂର୍ବ ବର୍ଷରେ ୨୫,୦୦୦ କୋଟି ଟଙ୍କା ଥିବା କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ଏମ୍. ସିନ୍ଧିଆ କହିଛନ୍ତି। ବିଏସଏନଏଲ୍‌ର ଦ୍ୱିତୀୟ ରଣନୈତିକ ସମୀକ୍ଷା ଏବଂ ଯୋଜନା ବୈଠକ (୨୦୨୫-୨୬)ରେ ଅଧ୍ୟକ୍ଷତା କରି ସିନ୍ଧିଆ ଦେଶର ସମସ୍ତ ୨୮ ଟି ସର୍କଲର ମୁଖ୍ୟ ମହାପ୍ରବନ୍ଧକ (ସିଜିଏମ୍)ଙ୍କ ସହ ଆଲୋଚନା କରିଥିଲେ। ଚାରି ଘଣ୍ଟା ଧରି ଚାଲିଥିବା ଏହି ରଣନୈତିକ ସମୀକ୍ଷାରେ ପ୍ରତି କର୍ମଚାରୀଙ୍କ ପାଇଁ ହାରାହାରି ରାଜସ୍ୱ ୯ ଲକ୍ଷ ଟଙ୍କା ହୋଇଛି, ଯେଉଁଥିରେ ଓଡ଼ିଶା, ମହାରାଷ୍ଟ୍ର ଏବଂ ହରିୟାଣା ଉଲ୍ଲେଖନୀୟ ଭାବରେ ଭଲ ପ୍ରଦର୍ଶନ କରିଛନ୍ତି।

## ଜିଓ ବ୍ୟବହାରକାରୀଙ୍କୁ ୧୮ ମାସ ପାଇଁ ମାଗଣାରେ ମିଳିବ ଗୁଗୁଲ୍ ଏଆଇ ପ୍ରୋ

**ମୁମ୍ବଇ, ୩୦।୧୦:** ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ଼ ଏବଂ ଗୁଗୁଲ୍ ଆଜି ଏକ ପ୍ରମୁଖ ରଣନୈତିକ ସହଭାଗୀତା ଘୋଷଣା କରିଛନ୍ତି, ଯାହା ଅଧୀନରେ ଉଭୟ କମ୍ପାନୀ ଭାରତରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ବ୍ୟବହାରକୁ ଦ୍ରୁତ ଭାବରେ ବିସ୍ତାର କରିବା ପାଇଁ ଏକାଠି କାମ କରିବେ। ଏହି ସହଭାଗୀତାର ସ୍ୱତନ୍ତ୍ରତା ହେଉଛି ଜିଓ ବ୍ୟବହାରକାରୀମାନେ ୧୮ ମାସ ପାଇଁ ଗୁଗୁଲ ଏଆଇ ପ୍ରୋ ପ୍ଲାନ ର ମାଗଣା ପ୍ରବେଶ ବା ଆକ୍ସେସ ପାଇବେ। ଏହି ପ୍ଲାନର ମୂଲ୍ୟ ପ୍ରତି ଉପଯୋଗକର୍ତ୍ତାଙ୍କ ପାଇଁ ପ୍ରାୟ ୩୫,୧୦୦ ଟଙ୍କା ରହିଥିବା ବେଳେ, ଏହି ସହଭାଗିତା ଅଧୀନରେ ଏହା ମାଗଣାରେ ଉପଲବ୍ଧ ହେବ। ଗୁଗୁଲ୍ ଜେମିନି ୨.୫ ପ୍ରୋ, ନୂତନତମ ଭିଓ ୩.୧ ମଡେଲ୍ ସହିତ ଭିଡିଓ ତିଆରି କରିବା ପାଇଁ ନାନୋ ବନାନା, ଏବଂ ଚମତ୍କାର ଚିତ୍ର ଏବଂ ବିସ୍ତାରିତ ଲିମିଟ ଉପଭୋକ୍ତାମାନେ ପାଇବେ। ଅଧ୍ୟୟନ ଏବଂ ଗବେଷଣା ପାଇଁ ନୋଟବୁକ୍ ଏଲଏମର ବର୍ଦ୍ଧିତ ଆକ୍ସେସ ଏବଂ ୨ ଟିବି କ୍ଲାଉଡ୍ ଷ୍ଟୋରେଜ୍ ଭଳି ପ୍ରିମିୟମ୍ ସେବା ମଧ୍ୟ ଏହି ଅଫରରେ ଅନ୍ତର୍ଭୁକ୍ତ ରହିଛି। ପ୍ରାରମ୍ଭରେ, ଏହି ସୁବିଧା ୧୮ ରୁ ୨୫ ବର୍ଷ ବୟସର ଜିଓ ଉପଭୋକ୍ତାମାନଙ୍କ ପାଇଁ ଉପଲବ୍ଧ ହେବ, କିନ୍ତୁ ପରବର୍ତ୍ତୀ ସମୟରେ ସମସ୍ତ ଜିଓ ଉପଭୋକ୍ତାଙ୍କୁ ଏହାର ପ୍ରବେଶ ବା ଆକ୍ସେସ ମିଳିବ। ଏହି ଏଆଇ ସୁବିଧା କମ୍ପାନୀ କେବଳ ୫ଜି ଅନଲିମିଟେଡ଼ ପ୍ଲାନ ରହିଥିବା ଜିଓ ଗ୍ରାହକମାନଙ୍କୁ ପ୍ରଦାନ କରିବ। ଏହି ସହଭାଗୀତା ରିଲାଏନ୍ସର "ସମସ୍ତଙ୍କ ପାଇଁ ଏଆଇ" ଦୃଷ୍ଟିକୋଣ ଅନୁରୂପ ହୋଇଥିବା ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡର ଅଧ୍ୟକ୍ଷ ମୁକେଶ ଡି. ଅମ୍ବାନୀ କହିଛନ୍ତି।

Reliance Industries Limited

# ସଙ୍କଟରେ ଭାରତୀୟ ବିମାନ କମ୍ପାନୀ; କ୍ଷତି ୧୦,୫୦୦ କୋଟି ଛୁଇଁବ

- ଖୁବ୍ ଶୀଘ୍ର ମହଙ୍ଗା ହେବ ବିମାନ ଯାତ୍ରା
- ୧୭% ବିମାନ ଅଚଳ
- ପାଇଲଟ୍ ଅଭାବ, ବିମାନ ଲିଜ୍ ମୂଲ୍ୟ ବୃଦ୍ଧି କମ୍ପାନୀଙ୍କ ଉପରେ ଅତିରିକ୍ତ ଆର୍ଥିକ ଚାପ

**ଇକ୍ରା ରିପୋର୍ଟ**




**ନୂଆଦିଲ୍ଲୀ,୩୦।୧୦(ଏଜେନ୍ସି):** ଘୋର କ୍ଷତିରେ ଚାଲୁଛନ୍ତି ଭାରତୀୟ ବିମାନ କମ୍ପାନୀ। ପରିଚାଳନା ଖର୍ଚ୍ଚରେ ପ୍ରଚୁର ବୃଦ୍ଧି ସହ ମହଙ୍ଗା ବିମାନ ଇନ୍ଧନ, ମଜବୁତ ଡଲାର ଏବଂ ହ୍ରାସ ପାଉଥିବା ଘରୋଇ ଯାତ୍ରୀ ସଂଖ୍ୟା ଏହାର ମୁଖ୍ୟ କାରଣ ବୋଲି ବିବେଚନା କରାଯାଉଛି। ଯାହାଫଳରେ ଭାରତୀୟ ବିମାନ କମ୍ପାନୀଗୁଡ଼ିକର କ୍ଷତି ୨୦୨୬ ଆର୍ଥିକବର୍ଷରେ ରେକର୍ଡ ୧୦୫ ବିଲିୟନ ବା ୧୦,୫୦୦ କୋଟି ଟଙ୍କା ଛୁଇଁପାରେ। ଏହା ଗତ ବର୍ଷ ଆକଳନ କରାଯାଇଥିବା ୫୫ ବିଲିୟନ ତୁଳନାରେ ପ୍ରାୟ ଦୁଇଗୁଣ ଅଧିକ ବୋଲି କୁହାଯାଉଛି। ଏମିତିକି ଘରୋଇ କ୍ଷେତ୍ରରେ ଚାଲୁଥିବା ପ୍ରାୟ ୧୭% ବିମାନ ବର୍ତ୍ତମାନ ଉଡାଣ କରିବା ସ୍ଥିତିରେ ନାହିଁ। ସେଗୁଡିକ ଅଚଳ ହୋଇଯାଇଛି। ଏହାର ପରିଣାମ ସ୍ୱରୂପ ଦେଶରେ ଲୋକଙ୍କ ପାଇଁ ଖୁବ୍ ଶୀଘ୍ର ବିମାନ ଯାତ୍ରା ମହଙ୍ଗା ହେବାକୁ ଯାଉଛି। ରେଟିଂ ଏଜେନ୍ସି ଇକ୍ରା ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଏହା କୁହାଯାଇଛି।

ରିପୋର୍ଟ ଅନୁଯାୟୀ, ଦେଶର ବର୍ଦ୍ଧିତ ଅର୍ଥନୀତିର ଏକ ପ୍ରମୁଖ ସୂଚକ ଭାବରେ ବିବେଚିତ ଭାରତୀୟ ବିମାନ ଶିଳ୍ପ ବର୍ତ୍ତମାନ ଏକ ବଡ଼ ଆର୍ଥିକ ସଙ୍କଟ ଆଡକୁ ମୁହାଁଇଛି। ଏହା ବିମାନ ଯାତ୍ରୀଙ୍କ ପକେଟ ଉପରେ ଗଭୀର ପ୍ରଭାବ ପକାଇପାରେ। ରିପୋର୍ଟରେ ଚେତାବନୀ ଦିଆଯାଇଛି ଯେ ଭାରତୀୟ ବିମାନ କମ୍ପାନୀଗୁଡ଼ିକର ନିଟ୍ ଆର୍ଥିକ କ୍ଷତି ଆହୁରି ବୃଦ୍ଧି ପାଇପାରେ। ଏହାର ଅର୍ଥ ହେଉଛି କ୍ଷତି ମାତ୍ର ଗୋଟିଏ ବର୍ଷ ମଧ୍ୟରେ ପ୍ରାୟ ଦୁଇଗୁଣ ହେବ ବୋଲି ଆଶଙ୍କା କରାଯାଉଛି। ଏହି ବିଶାଳ ଆର୍ଥିକ ବୋଝର ସିଧାସଳଖ ଅର୍ଥ ହେଉଛି ଯେ ବିମାନ କମ୍ପାନୀଗୁଡ଼ିକ ନିଜର ପରିଚାଳନା ଖର୍ଚ୍ଚ ବଜାୟ ରଖିବା ପାଇଁ ବର୍ତ୍ତମାନ ବର୍ଦ୍ଧିତ ଚାପର ସମ୍ମୁଖୀନ ହେବେ, ଯାହା ଟିକଟ୍ ମୂଲ୍ୟ କିମ୍ବା ସୁବିଧା ହ୍ରାସ ମାଧ୍ୟମରେ ଯାତ୍ରୀମାନଙ୍କୁ ପ୍ରଭାବିତ କରିବ। ଏହି ଆର୍ଥିକ କ୍ଷତି ପଛର ବଡ଼ କାରଣ ହେଉଛି ଚଳିତମାସରେ ଏଟିଏଫ୍ ମୂଲ୍ୟରେ ୩.୩ ପ୍ରତିଶତ ବୃଦ୍ଧି ଘଟିବା। ଭାରତୀୟ ବିମାନ କମ୍ପାନୀଗୁଡ଼ିକ ପାଇଁ ଆଉ ଏକ ବଡ଼ ପ୍ରତିବନ୍ଧକ ହେଉଛି ଆମେରିକୀୟ ଡଲାରର ଶକ୍ତି। କମ୍ପାନୀଗୁଡିକର ବିମାନ ଲିଜ୍, ରକ୍ଷଣାବେକ୍ଷଣ ଏବଂ ସ୍ପେୟାର ପାର୍ଟସ୍ ଭଳି ଅଧିକାଂଶ ପ୍ରମୁଖ ଖର୍ଚ୍ଚ ଡଲାରରେ ପେମେଣ୍ଟ କରାଯାଏ। ଟଙ୍କା ଏବଂ ଡଲାର ମଧ୍ୟରେ ଅସ୍ଥିରତା ସିଧାସଳଖ ସେମାନଙ୍କ ଲାଭକୁ କମ୍ କରୁଛି। ଯଦିଓ ସେମାନେ ଭାରତୀୟ ଟଙ୍କାରେ ରୋଜଗାର କରନ୍ତି, କିନ୍ତୁ ସେମାନଙ୍କୁ ଡଲାରରେ ଖର୍ଚ୍ଚ କରିବାକୁ ପଡ଼େ, ଯାହା କ୍ଷତିର ଏକ ପ୍ରମୁଖ ଏବଂ ସ୍ଥାୟୀ କାରଣ।

ଅପରପକ୍ଷେ ଏହାର ଅନ୍ୟ ଏକ କାରଣ ହେଉଛି, ଘରୋଇ ବିମାନ ଯାତ୍ରୀ ସଂଖ୍ୟାରେ ହ୍ରାସ। ଆର୍ଥିକ ଚ୍ୟାଲେଞ୍ଜ ସହିତ ବିମାନ କମ୍ପାନୀଗୁଡ଼ିକ ମଧ୍ୟ ଅନେକ ଆଭ୍ୟନ୍ତରୀଣ ସମସ୍ୟା ସହିତ ସଂଘର୍ଷ କରୁଛନ୍ତି। ଏଥିରେ ସବୁଠାରୁ ବଡ଼ ସମସ୍ୟା ହେଉଛି ଇଞ୍ଜିନ ବିଫଳତା ଏବଂ ଯୋଗାଣ ଶୃଙ୍ଖଳ ସମସ୍ୟା। ବିଶେଷକରି ପ୍ରାଟ୍ ଏବଂ ହ୍ୱିଟନି ଇଞ୍ଜିନ ସହିତ ଜଡିତ ସମସ୍ୟା। ଏହା ଫଳରେ ଅନେକ ବିମାନ ଅଚଳ ହୋଇ ପଡିରହିଛି। ଚଳିତବର୍ଷ ମାର୍ଚ୍ଚ ସୁଦ୍ଧା ଦେଶରେ ୧୩୩ ବିମାନ ଅଚଳ ହୋଇ ପଡିରହିଛି, ଯାହା ଦେଶର ମୋଟ ବିମାନ ସଂଖ୍ୟାର ୧୫-୧୭ ପ୍ରତିଶତ।

**ଦୁଃଖ ଦେଇଗଲା ବାତ୍ୟା ମୋନ୍ଥା**

# ପାଣିରେ ଲୋଟୁଛି ଧାନ; ଦାନା ଚିନ୍ତାରେ ଚାଷୀ





**ପାରଳାଖେମୁଣ୍ଡି/ଧରାକୋଟ,୩୦।୧୦(ସମିସ):** ବାତ୍ୟା ଗଲାପରେ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ଯୋଗୁଁ ଧାନ ଓ ପନିପରିବା ଫସଲ ଉଜୁଡ଼ି ଯାଇଛି। କେଉଁଠି ପାଚିଲା ଧାନ ତ ଆଉ କେଉଁଠି ପୁଡ଼ା ଧରୁଥିବା ଧାନ ଏବେ ପାଣିରେ ଲୋଟିଛି। ଚଳିତବର୍ଷ ଭଲ ବର୍ଷା ଯୋଗୁଁ ଫସଲ ଭଲ ହୋଇଥିବାବେଳେ ଚାଷୀ ଦି ପଇସା ଭଲ ରୋଜଗାର କରିବ ବୋଲି ଆଶା କରିଥିଲା। ମାତ୍ର 'ମୋନ୍ଥା' ପ୍ରଭାବରେ ହୋଇଥିବା ବର୍ଷାରେ ଲୋଟିଥିବା ଧାନକୁ ଦେଖି ଏବେ ବର୍ଷସାରା ପରିବାର ପାଇଁ ଦାନା ଯୋଗାଡ଼ ହେବ କି ନାହିଁ ସେ ନେଇ ଚିନ୍ତାରେ।

ଗଜପତି ଜିଲ୍ଲାରେ ୧୦୯.୪୦ମିମି ବର୍ଷା ରେକର୍ଡ ହୋଇଥିବାବେଳେ ଗଞ୍ଜାମ ଜିଲ୍ଲାର ପାତ୍ରପୁର ବ୍ଲକରେ ସର୍ବାଧିକ ବର୍ଷା ରେକର୍ଡ ହୋଇଛି। ଗୁରୁବାର ବର୍ଷା କମିବା ପରେ ବିଭିନ୍ନ ସ୍ଥାନରେ ଚାଷୀ ଯାଇ ଉଜୁଡ଼ା ଜମିରେ ଧାନ ଗଛକୁ ଆଡ଼େଇ ଜଳ ନିଷ୍କାସନ ପାଇଁ ଉଦ୍ୟମ ଜାରି ରଖିଛନ୍ତି। କେତେକ ସ୍ଥାନରେ ଆଗ ଚାଷ ହୋଇଥିବା କ୍ଷେତରେ ଧାନ ପାଚିଯାଇଥିବାରୁ ଗଜା ହୋଇଯାଇଥିବା ଦେଖିବାକୁ ମିଳିଛି। ତୁରନ୍ତ ଜିଲ୍ଲା ପ୍ରଶାସନ କ୍ଷୟକ୍ଷତିର ଆକଳନ କରି କ୍ଷତିପୂରଣ ପ୍ରଦାନ ପାଇଁ ଚାଷୀ ଦାବି କରିଛନ୍ତି।

**ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲା**

# ଜେଲ୍‌ରେ ମଳୟଙ୍କୁ ଘରରନ୍ଧା ଖାଦ୍ୟ ଯୋଗାଇବାକୁ ଅନୁମତି!

**ଆଜି ପିଣ୍ଟୁ ଦାଶଙ୍କୁ ନିଆଯିବ ଫୁଲବାଣୀ ଜେଲ**

**ବ୍ରହ୍ମପୁର, ୩୦।୧୦ (ସମିସ):** ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗୁରୁବାର ଏସ୍‌ଡିଜେଏମଙ୍କ ଅଦାଲତରେ ପୁଣି ଏକ ପିଟିସନ ଦାଖଲ ହୋଇ ତାହାର ଶୁଣାଣି ହୋଇଛି। ଗିରଫ କର୍ପୋରେଟର୍ ମଳୟ ବିଶୋୟୀଙ୍କ ପକ୍ଷରୁ ତାଙ୍କ ଓକିଲ କୃଷ୍ଣପ୍ରସାଦ ପଟ୍ଟନାୟକ ଓ ସହଯୋଗୀ ଏହି ପିଟିସନ ଦାଖଲ କରିଥିଲେ। ପିଟିସନରେ, ମଳୟ ଜଣେ ରକ୍ତଶର୍କରା ଓ ଉଚ୍ଚ ରକ୍ତଚାପ ରୋଗୀ ହୋଇଥିବାରୁ ତାଙ୍କର ନିୟମିତ ଚିକିତ୍ସାର ଆବଶ୍ୟକତା ରହିଛି। ଏଣୁ ତାଙ୍କୁ ଜେଲ ମଧ୍ୟରେ ଥିବା ଡାକ୍ତରଖାନାକୁ ଯିବାକୁ ସୁଯୋଗ ଦିଆଯାଉ। ମଳୟ ଜଣେ ରୋଗୀ ହୋଇଥିବାରୁ ତାଙ୍କୁ ଜେଲ ପରିବର୍ତ୍ତେ ଘର ରନ୍ଧାଖାଦ୍ୟ ଯୋଗାଇବାକୁ ଅନୁମତି ଦେବାକୁ ନିବେଦନ କରାଯାଇଥିଲା। ସେହିଭଳି, ମଳୟଙ୍କ ଓକିଲଙ୍କୁ ମଧ୍ୟ ଜେଲରେ ନିଜ ମହକିଲଙ୍କୁ ସାକ୍ଷାତ ସୁଯୋଗ ଦିଆଯାଉନଥିବା ଦାଖଲ ପିଟିସନରେ ଅଭିଯୋଗ କରାଯାଇଥିବା ଜଣାପଡ଼ିଛି।

ପିଟିସନକୁ ନେଇ ଉଭୟ ସରକାରୀ ଓକିଲ ଓ ମଳୟଙ୍କ ଓକିଲଙ୍କ ଯୁକ୍ତିକୁ ଶୁଣିବା ପରେ ବ୍ରହ୍ମପୁର ଏସ୍‌ଡିଜେଏମ୍ କୁମାର ସ୍ୱନ୍ଦନ ଜେଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଓଡ଼ିଶା ଆଦର୍ଶ ଜେଲ୍ ମାନୁଆଲ ୨୦୨୦ ପ୍ରକାରେ ସମସ୍ତ ଓକିଲଙ୍କୁ ସେମାନଙ୍କ ମହକିଲଙ୍କ ସହ ଆଇନଗତ ପରାମର୍ଶ ଓ ଆଲୋଚନା ପାଇଁ ସୁଯୋଗ ଦେବାକୁ ନିର୍ଦ୍ଦେଶ ଦେବା ସହ ବିଚାରାଧୀନ କଏଦୀ ତଥା କର୍ପୋରେଟର ମଳୟ ବିଶୋୟୀଙ୍କୁ ଜେଲ ମଧ୍ୟରେ ଚିକିତ୍ସାଳୟକୁ ଯିବାକୁ ସୁଯୋଗ ଦେବା ସହ ଆବଶ୍ୟକସ୍ଥଳେ ତାଙ୍କୁ ତାଙ୍କର ଘରରନ୍ଧା ଯୋଗାଇଦେବାକୁ ଅନୁମତି ପ୍ରଦାନ କରିଥିବା ଜଣାପଡ଼ିଛି।

ସେପଟେ ୩୧ ତାରିଖରେ ବ୍ରହ୍ମପୁର ଜେଲ୍‌ରେ ପୂର୍ବତନ ମେୟର ଶିବଶଙ୍କର ଦାଶ ଓରଫ୍ ପିଣ୍ଟୁଙ୍କୁ କଡ଼ାସୁରକ୍ଷା ବଳୟ ମଧ୍ୟରେ ସୁରକ୍ଷିତ ଭାବେ ଫୁଲବାଣୀ ମଣ୍ଡଳ କାରାଗାରକୁ ସ୍ଥାନାନ୍ତର ନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଜେଲ କର୍ତ୍ତୃପକ୍ଷଙ୍କୁ ଏସ୍‌ଡିଜେଏମ୍ କୁମାର ସ୍ୱନ୍ଦନ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ବ୍ରହ୍ମପୁର ଜେଲରେ ପିଣ୍ଟୁଙ୍କ ଜୀବନ ପ୍ରତି ବିପଦ ଥିବାର ପୂର୍ବରୁ ଖୋଦ୍ ଜେଲ କର୍ତ୍ତୃପକ୍ଷ ଆଶଙ୍କା କରି କୋର୍ଟରେ ଲିଖିତ ଭାବେ ଜଣାଇଥିଲେ। ଫଳରେ ଆସନ୍ତା ୩୧ତାରିଖ ଶୁକ୍ରବାର ଦିନ ପୂର୍ବାହ୍ନରେ ପିଣ୍ଟୁଙ୍କୁ କଡ଼ା ସୁରକ୍ଷା ମଧ୍ୟରେ ବ୍ରହ୍ମପୁରରୁ ଫୁଲବାଣୀ ସ୍ଥାନାନ୍ତର କରାଯିବ ବୋଲି ସୂଚନା ମିଳିଛି।

## ଆଜିର ରାଶିଫଳ

**ମେଷ:** ଅଫିସ୍‌ରେ ସମସ୍ୟା ଦେଖା ଦେବ। ଗୁରୁଜନଙ୍କ ସହ ଉତ୍ତମ ବୁଝାମଣା ରହିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ। ରୋଜଗାର ବୃଦ୍ଧି ହେବ। ମନ ପ୍ରସନ୍ନ ରହିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। କୌଣସି କାର୍ଯ୍ୟ ବିଗିଡ଼ିଯାଇପାରେ। ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ। ଆଚରଣରେ ନିୟନ୍ତ୍ରଣ ରକ୍ଷା କରିବେ। ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବେ। ନିବେଶ ଲାଗି ଉପଯୁକ୍ତ ସମୟ।

**ମିଥୁନ:** ବିରୋଧୀଙ୍କ ସହ ମତାନ୍ତର ଦୂର ହେବ। ଆଇନ ସମ୍ବନ୍ଧୀୟ ମାମଲା ଆପଣଙ୍କ ସପକ୍ଷରେ ଯିବ। ଭୁଲ୍ କାମରୁ ଦୂରେଇ ରହିବେ। ପାରିବାରିକ ଜୀବନରେ ସୁଖଶାନ୍ତି ରହିବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**କର୍କଟ:** ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ। ଗରିବଙ୍କୁ ସାହାଯ୍ୟ କରିବେ। ମାନସିକ ଶାନ୍ତି ମିଳିବ। କାର୍ଯ୍ୟ କ୍ଷେତ୍ରରେ ବରିଷ୍ଠ ଅଧିକାରୀଙ୍କ ମାର୍ଗଦର୍ଶନରେ ପରିଚାଳିତ ହେବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**ସିଂହ:** ଆର୍ଥିକ ସମସ୍ୟା ସୃଷ୍ଟି ହେବ। ସେଲ୍ସ ମାର୍କେଟିଂ କ୍ଷେତ୍ରରେ ସଫଳତା ମିଳିବ। କାର୍ଯ୍ୟକ୍ଷେତ୍ରରେ ବିଶେଷ ଧ୍ୟାନ ଦେବେ। ଦୁର୍ଗା ଚାଳିଶା ପାଠ କରିବା ଭଲ। କାର୍ଯ୍ୟ ଧାରାରେ ପରିବର୍ତ୍ତନ ଆଣିବେ।

**କନ୍ୟା:** ସମାଜରେ ମାନ ସମ୍ମାନ ବୃଦ୍ଧି ପାଇବ। ବନ୍ଧୁଙ୍କ ସହାୟତାରେ କାମ ପୂରା କରିବେ। ଛାତ୍ରଛାତ୍ରୀ ପଢ଼ାକୁ ନେଇ ଚିନ୍ତାରେ ରହିବେ। ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ଦିନଟିରେ ସଫଳତା ମିଳିବ। ପୈତୃକ ବ୍ୟବସାୟରୁ ଲାଭବାନ ହେବେ। ସକାରାତ୍ମକ ଚିନ୍ତାଧାରାରେ ସମସ୍ତ କାର୍ଯ୍ୟ କରିବେ। ଆର୍ଥିକ ଲାଭ ମିଳିବ। ବଚନରେ ମଧୁରତା ରକ୍ଷା କରିବେ।

**ବିଛା:** ବାଦବିବାଦରୁ ଦୂରେଇ ରହିବେ। ତରବରିଆ ଭାବେ ନିଷ୍ପତ୍ତି ନେବେ ନାହିଁ। କାମରୁ ଲାଭ ଓ ସଫଳତା ମିଳିବ। ବ୍ୟବସାୟରେ ଦୂରସ୍ଥାନକୁ ଯାତ୍ରା କରିବେ। ପ୍ରେମ ସମ୍ପର୍କ ସୁଖମୟ ହେବ।

**ଧନୁ:** କାର୍ଯ୍ୟକ୍ଷେତ୍ରରେ ଆତ୍ମବିଶ୍ୱାସର ଅଭାବ ରହିବ। କୌଣସି ସମସ୍ୟାରେ ପଡ଼ିପାରନ୍ତି। ପରିଶ୍ରମ ଅନୁସାରେ ସଫଳତା ମିଳିବ। ମହାଦେବଙ୍କ ପୂଜାର୍ଚ୍ଚନାରେ ସମୟ ବିତିବ।

**ମକର:** ବିବାହ ପ୍ରସ୍ତାବ ଆସିବ। ଧନଲାଭ ଯୋଗ ଅଛି। କୌଣସି କଥାକୁ ନେଇ ଅଧିକ ଚିନ୍ତା କରିବେ ନାହିଁ। ଭାଇ,ଭଉଣୀଙ୍କ ସହ ହସ ଖୁସିରେ ଦିନ କାଟିବେ। ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁଯୋଗ ମିଳିବ।


**କୁମ୍ଭ:** ପରନିନ୍ଦାରୁ ଦୂରେଇ ରହିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତାନ୍ତର ଦେଖା ଦେବ। ରଣନୀତିରେ କାମ କରିବେ ଏବଂ ସଫଳତା ପ୍ରାପ୍ତି ହେବ। ସନ୍ତାନଙ୍କ କ୍ୟାରିୟରକୁ ନେଇ ଉପଯୁକ୍ତ ନିର୍ଣ୍ଣୟ ନେବେ।

**ମୀନ:** ଅଫିସ୍‌ରେ ପ୍ରତିଷ୍ଠା ବଢ଼ିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଶୁଭ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସମସ୍ତ କାମ ସହଜରେ ପୂରା କରିବେ। ବ୍ୟବସାୟୀ କୌଣସି ଶୁଭ ଖବର ପାଇବେ।

## ଆଜିର ଇତିହାସ

- ୧୭୫୯ - ଫିଲିପାଇନ୍ସରେ ଆସିଥିବା ଭୂମିକମ୍ପ ଯୋଗୁଁ ୧୦୦ ଲୋକଙ୍କ ପ୍ରାଣହାନି।
- ୧୯୨୦- 'ଅଲ୍ ଇଣ୍ଡିଆ ଟ୍ରେଡ୍ ୟୁନିଅନ୍ କଂଗ୍ରେସ'ର ଗଠନ।
- ୧୯୫୩- ବେଲଜିୟମ୍‌ରେ ଟେଲିଭିଜନ ପ୍ରସାରଣ ଆରମ୍ଭ ହେଲା।
- ୧୯୭୮ - ଇରାନ୍‌ରେ ତୈଳ କର୍ମଚାରୀଙ୍କ ଧର୍ମଘଟ।
- ୧୯୮୪- ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଦେହାନ୍ତ।
- ୨୦୧୫- ରୁଷିଆର ମେଟ୍ରୋଜେଟ୍ ଫ୍ଲାଇଟ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ସମସ୍ତ ୨୨୪ ଯାତ୍ରୀ ମୃତ।

# ଜାତୀୟ ଏକତା ଦିବସ



ଆଜି ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମ ଜୟନ୍ତୀ। ଆଜିର ଦିନକୁ ରାଷ୍ଟ୍ରୀୟ ଏକତା ଦିବସ ଭାବେ ପାଳନ କରାଯାଉଛି। ବିବିଧତା ମଧ୍ୟରେ ଏକତାର ଭାବନାକୁ ପ୍ରୋତ୍ସାହିତ କରିବା ଏବଂ ଜାତୀୟ ଅଖଣ୍ଡତାକୁ ବଜାୟ ରଖିବା ଆଜି ଏହି ଦିବସ ପାଳନର ମୂଳ ଲକ୍ଷ୍ୟ। ଏହାବାଦ୍ ଦେଶର ଆଭ୍ୟନ୍ତରୀଣ ନିରାପତ୍ତାକୁ ସୁନିଶ୍ଚିତ କରିବା ପାଇଁ ଏହି ଦିବସ ସଭିଙ୍କୁ ସଂକଳ୍ପବଦ୍ଧ କରିଥାଏ। ଭାରତ ପରି ବିବିଧତାପୂର୍ଣ୍ଣ ଦେଶରେ ଲୋକଙ୍କ ମଧ୍ୟରେ ଏକତାକୁ ସବୁଠୁ ଅଧିକ ଗୁରୁତ୍ୱ ଦିଆଯାଇଥାଏ। ଲୌହ ପୁରୁଷ ସର୍ଦ୍ଦାର ପଟେଲ ଭାରତ ଏକୀକରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ସେ ୩୧ ଅକ୍ଟୋବର, ୧୮୭୫ରେ ଗୁଜରାଟର ନଡ଼ିୟାଦରେ ଜନ୍ମଗ୍ରହଣ କରିଥିଲେ। ପେସାରେ ସେ ଜଣେ ଓକିଲ ଥିଲେ। ତେବେ ରାଷ୍ଟ୍ରବାଦୀ ଗୁଣ ହିଁ ତାଙ୍କୁ ସ୍ୱାଧୀନତା ସଂଗ୍ରାମୀର ପରିଚୟ ପ୍ରଦାନ କରିଛି। ସେ ଥିଲେ ସ୍ୱାଧୀନ ଭାରତର ପ୍ରଥମ ଉପ ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀ। ଯେଉଁ ସମୟରେ ଅନେକ ଦେଶୀୟ ରାଜ୍ୟ ବିଭାଜିତ ହୋଇଥିଲା, ସେହି ସମୟରେ ସ୍ୱର୍ଗତ ପଟେଲ ଅଖଣ୍ଡ ଭାରତର ପରିକଳ୍ପନା କରିଥିଲେ। ଇତିହାସରେ 'ଭାରତର ଏକତାକାରୀ' ଭାବେ ପରିଚିତ ସର୍ଦ୍ଦାର ପଟେଲ ଦେଶ ସ୍ୱାଧୀନ ହେବା ପରେ ୫୬୫ଟି ଦେଶୀୟ ରାଜ୍ୟକୁ ଏକତ୍ର କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଗୁଜରାଟର ଗୋଟିଏ ସାଧାରଣ ପରିବାରରୁ ଆସିଥିବା ସର୍ଦ୍ଦାର ପଟେଲ ସ୍ୱାଧୀନ ଭାରତର ଜଣେ ମହାନ ଜନନେତା ହୋଇପାରିଥିଲେ। ୧୫ ଡିସେମ୍ବର ୧୯୫୦ ମସିହାରେ ସେ ଇହଧାମ ତ୍ୟାଗ କରିଥିଲେ। ସେହିପରି ୨୦୧୮ ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସର୍ଦ୍ଦାର ପଟେଲଙ୍କ ସମ୍ମାନରେ ଗୁଜରାଟରେ ୧୮୨ ମିଟର ଉଚ୍ଚତାର 'ଷ୍ଟାଚ୍ୟୁ ଅଫ୍ ୟୁନିଟି' ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଥିଲେ। ଜାତୀୟ ଏକତା ଦିବସ ଅବସରରେ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ବିଚାରଧାରା ସଂପର୍କରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥାଏ। ସାରା ଦେଶରେ ଏହିଦିନ 'ଏକତା ଦୌଡ଼'ର ଆୟୋଜନ କରାଯାଏ। ଜାତୀୟ ଏକତା ଦିବସ ନାଗରିକମାନଙ୍କୁ ଏକଜୁଟ ହୋଇ ଦେଶର ପ୍ରଗତିରେ ସକ୍ରିୟ ଭୂମିକା ଗ୍ରହଣ କରିବାକୁ ପ୍ରେରଣା ଯୋଗାଇଥାଏ।

# ମଶାମୁକ୍ତ ଦେଶରେ ମଶା ଚିହ୍ନଟ



ବିଶ୍ୱର ମଶା ମୁକ୍ତ ଦେଶ କହିଲେ ଆଇସ୍‌ଲ୍ୟାଣ୍ଡକୁ ବୁଝାଏ। ଜଳବାୟୁ ପରିବର୍ତ୍ତନର ପ୍ରଭାବ ଏବେ ଆଇସ୍‌ଲ୍ୟାଣ୍ଡ ଉପରେ ପଡ଼ିଛି। ଏଠାରେ ଏକସଙ୍ଗେ ତିନୋଟି ମଶାକୁ ଠାବ କରାଯାଇଛି। ଅନେକ ଦିନରୁ ମଶାଶୂନ୍ୟ ଦେଶ ଭାବେ ମାନ୍ୟତା ଅର୍ଜନ କରିଥିବା ଆଇସ୍‌ଲ୍ୟାଣ୍ଡରେ ବିଶ୍ୱ ତାପମାତ୍ରା ବୃଦ୍ଧି ଯୋଗୁଁ ମଶା ଦେଖାଯାଇଛନ୍ତି। ଏଠାକାର ତାପମାତ୍ରା ଏବେ ମଶା ବଂଶ ବିସ୍ତାର ପାଇଁ ଅନୁକୂଳ ହୋଇଛି ବୋଲି ଏଥିରୁ ଏକପ୍ରକାର ସ୍ପଷ୍ଟ ହୋଇଛି। ଆଇସ୍‌ଲ୍ୟାଣ୍ଡର ପ୍ରାକୃତିକ ବିଜ୍ଞାନ ସଂସ୍ଥାନର କୀଟତତ୍ତ୍ୱ ବିଜ୍ଞାନୀ ମେଥିୟାସ ଆଲଫ୍ରେଡସନ୍ ଏସମ୍ପର୍କରେ ସୂଚନା ଦେଇଛନ୍ତି। କିଡାଫେଲ, କଜୋସରେ କ୍ୟୁଲିସେଟା ଏନୁଲେଟା ମଶାର ତିନିଟି ନମୁନା ମିଳିଛି। ତନ୍ମଧ୍ୟରୁ ଦୁଇଟି ମାଇ ଏବଂ ଗୋଟିଏ ଅଣ୍ଡିରା ମଶା। ଏଠାରୁ ମିଳିଥିବା ମଶାଗୁଡ଼ିକ ଥଣ୍ଡା ଜଳବାୟୁରେ ବଢ଼ିପାରନ୍ତି। ମୁଖ୍ୟତଃ ଏହି ମଶା ଶୀତଦିନେ ଭୂତଳ ଘର କିମ୍ବା ପ୍ରାଣୀଙ୍କ ପାଇଁ ରଖାଯାଉଥିବା ଫସଲ ଚାରା କୋଠରୀରେ ସୃଷ୍ଟି ହୋଇଥାନ୍ତି। ତେବେ ଏହି ପ୍ରଜାତିର ମଶା ୟୁରୋପରେ ଅଧିକ ଦେଖାଯାଉଥିବାରୁ ଜାହାଜ ଦ୍ୱାରା ଏମାନେ ଆଇସ୍‌ଲ୍ୟାଣ୍ଡରେ ପହଞ୍ଚି ଥାଇ ପାରନ୍ତି ବୋଲି ମଧ୍ୟ ଚର୍ଚ୍ଚା ହେଉଛି। ବ୍ୟୁଆର୍ଣ୍ଣ ହେଜାଲଟସନ୍ ନାମକ ବ୍ୟକ୍ତି ମଶାଙ୍କ ଫଟୋକୁ ଫେସବୁକ୍ ଗ୍ରୁପ୍‌ରେ 'ଇଫେକ୍ଟସ ଇନ୍ ଆଇସଲ୍ୟାଣ୍ଡ'ରେ ପୋଷ୍ଟ କରିଥିଲେ। ସେ ଏହି ପୋଷ୍ଟରେ ଉଲ୍ଲେଖ କରିଥିଲେ ଯେ, ୧୬ ଅକ୍ଟୋବର ସନ୍ଧ୍ୟାରେ ମଶାଙ୍କୁ ଆକର୍ଷିତ କରିବାକୁ ବ୍ୟବହୃତ ଜାଲ (ଲାଲ ୱାଇନ୍ ରିବନ) ଉପରେ ତାଙ୍କର ନଜର ପଡ଼ିଥିଲା। ଏଥିରେ ସେ ଏକ ଅଜବ କୀଟକୁ ଦେଖିଥିଲେ। ଏହାକୁ ନେଇ ମନରେ ସନ୍ଦେହ ହେବାରୁ ସେ ଏହାକୁ ବିଜ୍ଞାନ ପ୍ରତିଷ୍ଠାନକୁ ପଠାଇଥିଲେ। ଏହାବାଦ୍ ସେ ଅନ୍ୟ ଦୁଇଟି ମଶା ମଧ୍ୟ ଠାବ କରିଥିଲେ। କିଛି ଦିନ ପୂର୍ବରୁ ଏଠାରେ ମଶାବଂଶ ବିସ୍ତାର କରିବ ବୋଲି ବୈଜ୍ଞାନିକମାନେ ଭବିଷ୍ୟବାଣୀ କରିଥିଲେ। ଏବେ ଏକଥା ସତ ପ୍ରମାଣିତ ହୋଇଛି। ଗ୍ଲୋବାଲ ହିଟ୍ ହେଲ୍‌ଥ ଇନ୍‌ଫର୍ମେଶନ ନେଟୱର୍କ ୨୦୨୫, ଜୁନ୍‌ର ଏକ ରିପୋର୍ଟ ଅନୁସାରେ, 'ଉତ୍ତର ଗୋଲାର୍ଦ୍ଧର ଅବଶିଷ୍ଟ ଅଂଶ ତୁଳନାରେ ଆଇସଲ୍ୟାଣ୍ଡରେ ଚାରିଗୁଣ ଅଧିକ ଗରମ ହେଉଛି। ଗ୍ଲେସିୟର ତରଳିବାରୁ ଏଠାରେ ଏକ ବିଶେଷ ପ୍ରଜାତିର ମାଛ ଦେଖାଯାଇଛନ୍ତି, ଯାହାକି ଗରମ ଜଳବାୟୁରେ ଦେଖାଯାଏ।'


# ବିନା ବ୍ରେକ୍‌ରେ ସୁଟ୍ ହେଲା 'ଜଟାଧାରା'ର କ୍ଲାଇମାକ୍ସ



ସୁଧୀର ବାବୁ ଓ ସୋନାକ୍ଷୀ ସିହ୍ନାଙ୍କ ଅଭିନୀତ 'ଜଟାଧାରା' ଫିଲ୍ମ ନଭେମ୍ବର ୭ରେ ପରଦାକୁ ଆସିବ। ନିକଟରେ ଫିଲ୍ମର ପ୍ରଯୋଜକ ଶିବିନ ନାରଙ୍ଗ ଏହାର କ୍ଲାଇମାକ୍ସ ସିନ୍ ସମ୍ପର୍କରେ କହିଛନ୍ତି। ସେ କହିଛନ୍ତି, 'ଏହାର କ୍ଲାଇମାକ୍ସକୁ ଲଗାତାର ୨୪ ଘଣ୍ଟା ଧରି ସୁଟ୍ କରାଯାଇଛି। ଏହାର କ୍ଲାଇମାକ୍ସ ହିଁ ଫିଲ୍ମର ଆକର୍ଷଣ ସାଜିବ। ଏହି ସିନ୍ ପାଇଁ ସୋନାକ୍ଷୀ ଓ ସୁଧୀର ଶାରୀରିକ, ମାନସିକ ଓ ଭାବନାତ୍ମକ ଭାବେ ଯୋଡ଼ି ହୋଇ ରହିଥିଲେ। ପୂରା ଟିମ୍ କ୍ଲାଇମାକ୍ସ ପାଇଁ ଲଗାତାର ତିନି ଦିନ ଧରି ବିନା ବ୍ରେକ୍‌ରେ ସୁଟିଂ କରିଥିଲା। 'ଜଟାଧାରା'ର କ୍ଲାଇମାକ୍ସ ବଡ଼ ପରଦାରେ ଦେଖାଯାଉଥିବା ସବୁଠୁ ଉନ୍ନତମାନର କ୍ଲାଇମାକ୍ସ ହେବ।' ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଭେଙ୍କଟ କଲ୍ୟାଣ ଓ ଅଭିଷେକ ଜୟସୱାଲ ଅଛନ୍ତି। ଫିଲ୍ମରେ ପୌରାଣିକ କଥା ସହ କଳାଯାଦୁ, ଅଭିଶାପ ଓ ଏକ ରହସ୍ୟମୟ ଗୁପ୍ତଧନକୁ ଦେଖାଯାଇଛି। ଇତିମଧ୍ୟରେ ଫିଲ୍ମର ଟ୍ରେଲର୍ ସହ ଦୁଇଟି ଗୀତ ରିଲିଜ୍ ହୋଇଛି। ଯାହାକୁ ଦର୍ଶକେ ଖୁବ୍ ପସନ୍ଦ କରିଛନ୍ତି। ଦିବ୍ୟା ଖୋସଲା, ଶିଳ୍ପା ଶିରୋଦକର, ଇନ୍ଦିରା କ୍ରୀଷ୍ଣା, ରବି ପ୍ରକାଶ, ନବୀନ ନେନି ମଧ୍ୟ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ।




# ଷ୍ଟେମ୍ ସେଲ୍ ଥେରାପି



ଷ୍ଟେମ୍ ସେଲ୍ ଥେରାପି ଏକ ପ୍ରକାର ଅତ୍ୟାଧୁନିକ ଚିକିତ୍ସା। ଏହା ବ୍ୟୟ ବହୁଳ। ମନୁଷ୍ୟ ଶରୀରରେ କ୍ଷତିଗ୍ରସ୍ତ ତଥା ରୋଗାଗ୍ରସ୍ତ କୋଷର ପୁନଃକାର୍ଯ୍ୟକ୍ଷମ ପାଇଁ ଷ୍ଟେମ୍ କୋଷର ଉପଯୋଗ କରାଯାଇଥାଏ। ଏହା କ୍ଷତିଗ୍ରସ୍ତ କୋଷରେ ପରିବର୍ତ୍ତନ ଆଣି ଶରୀରକୁ ଆପେ ଠିକ୍ କରିଥାଏ। ଏଥିପାଇଁ ଶରୀରରୁ ବିଭିନ୍ନ ସ୍ଥାନରୁ ଷ୍ଟେମ୍ କୋଷ ବାହାର କରାଯାଇ ଏହାକୁ କ୍ଷତିଗ୍ରସ୍ତ କୋଷରେ ବ୍ୟବହାର କରାଯାଏ। ମୁଖ୍ୟତଃ ବିଭିନ୍ନ ରୋଗ ଯଥା- ରକ୍ତ କର୍କଟ, ଅଷ୍ଟିଓ ଆର୍ଥ୍ରାଇଟିସ୍, ହାଡ଼ ଭାଙ୍ଗିଯିବା ଆଦି କ୍ଷେତ୍ରରେ ଏହା ଉପଯୋଗ ହୋଇଥାଏ। ବର୍ତ୍ତମାନ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଅନ୍ୟାନ୍ୟ ରୋଗ ଯଥା, ହୃଦ୍‌ରୋଗ, ମସ୍ତିଷ୍କଜନିତ ରୋଗ, ମଧୁମେହ, ପାର୍କିନସନ୍ ଆଦି ରୋଗ ପାଇଁ ଏହାର ସାହାଯ୍ୟ ନେଉଛନ୍ତି। ଷ୍ଟେମ କୋଷଗୁଡ଼ିକୁ ଶରୀରର ଯେକୌଣସି କୋଷରେ ବିକଶିତ କରାଯାଇ ପ୍ରୟୋଗଶାଳାରେ ସ୍ୱତନ୍ତ୍ର ପ୍ରକାରେ ତଥା ଜେନେଟିକ୍ ଇଞ୍ଜିନିୟରିଂ ଦ୍ୱାରା ଉପଯୁକ୍ତ କେମିକାଲ ଦ୍ୱାରା ସାଧାରଣ ତନ୍ତୁକୋଷକୁ ପରିବର୍ତ୍ତନ କରାଯାଏ। ଏହି ନୂତନ କୋଷକୁ ରୋଗୀ ଶରୀରରେ ପୁନଃ ପ୍ରତିରୋପଣ କରାଯାଇଥାଏ। ଫଳରେ କ୍ଷତିଗ୍ରସ୍ତ କୋଷକୁ କାର୍ଯ୍ୟକ୍ଷମ କରିପାରେ। ଏହାଦ୍ୱାରା ଯନ୍ତ୍ରଣା ଲାଘବ ହୁଏ। ଆଣ୍ଠୁଗଣ୍ଠି ଆଘାତରେ ଷ୍ଟେମ୍ କୋଷ ଖଞ୍ଜା ଏବଂ ଅସ୍ଥି ଉପଚାରରେ ପ୍ରଭାବୀ। ଏହା ଦ୍ୱାରା ଆରାମ ମିଳିବା ସହିତ ଏହା ଗତିଶୀଳତା ବୃଦ୍ଧି କରେ। ବେଳେ ବେଳେ ଦାତାଙ୍କ କୋଷକୁ ଉପଯୋଗ କରାଗଲେ, ଏହା ବିଭିନ୍ନ ଜଟିଳ ରୋଗ ସୃଷ୍ଟି କରିପାରେ। ତେଣୁ ସେ କ୍ଷେତ୍ରରେ ଷ୍ଟେମ୍ ସେଲ୍ ଥେରାପି ଜୀବନରେ ଗୁଣବତ୍ତା ବୃଦ୍ଧି କରେ।

## ମହୌଷଧୀ ସର୍ପଗନ୍ଧା

ସର୍ପଗନ୍ଧା ସଞ୍ଜିବନୀ ସଦୃଶ। ସର୍ପଗନ୍ଧାକୁ ଓଡ଼ିଆରେ ପାତାଳ ଗରୁଡ କୁହାଯାଏ। ଏହି ଉଦ୍ଭିଦର ପଞ୍ଚାଙ୍ଗ ଯଥା- ଫୁଲ, ପତ୍ର, ମୂଳ, କାଣ୍ଡ, ଚେରରେ ଔଷଧୀୟ ଗୁଣ ରହିଛି। ଏହା ବିଭିନ୍ନ ରୋଗ ଦୂର କରିବାରେ ସାହାଯ୍ୟ କରେ।



ଉଚ୍ଚ ରକ୍ତଚାପ, ଚିନ୍ତା, ମାନସିକ ରୋଗ, ନିଦ୍ରାହୀନତା ଆଦି ରୋଗ ପାଇଁ ସର୍ପଗନ୍ଧା ଲାଭକରୀ। ଚିକିତ୍ସକଙ୍କ ପରାମର୍ଶ ନେଇ ସର୍ପଗନ୍ଧା ପଞ୍ଚାଙ୍ଗର ଯେକୌଣସି ଅଙ୍ଗକୁ ଅନୁମୋଦିତ ହାତରେ କ୍ୱାଥ କରି ସେବନ କରାଯାଏ। ଏହାଦ୍ୱାରା ଚକ୍ତଚାପ ନିୟନ୍ତ୍ରଣରେ ରହିଥାଏ। ହୃଦୟ ସୁସ୍ଥ ରୁହେ। ସେହିପରି ପୂରା ପଞ୍ଚାଙ୍ଗର ଚୂର୍ଣ୍ଣରୁ ବଟିକା ବା ଘନ ବଟିକା ଉପଲବ୍ଧ ରହିଛି। ଏହାକୁ ଚିକିତ୍ସକଙ୍କ ପରାମର୍ଶରେ ବ୍ୟବହାର କଲେ ରକ୍ତଚାପ ସନ୍ତୁଳିତ ହୁଏ। ଅପସ୍ମାର, ମସ୍ତିଷ୍କ ରୋଗ, କଲେରା ଆଦି ରୋଗରେ ସର୍ପଗନ୍ଧାକୁ ଏକ ଉପଯୋଗୀ ଔଷଧ ଭାବେ ବ୍ୟବହାର କରାଯାଏ।

- ବାତ, ଯନ୍ତ୍ରଣା, ଜ୍ୱର ଆଦି ଦୂର କରିବାର ମଧ୍ୟ ଏହାର ଶକ୍ତି ରହିଛି। କୋଷ୍ଠକାଠିନ୍ୟ, ପେଟ ଯନ୍ତ୍ରଣା ରୋଗରେ ଏହା ଉପକାରୀ ଔଷଧ ଭାବେ ବ୍ୟବହୃତ ହୁଏ।
- ବିନା ଚିକିତ୍ସକଙ୍କ ପରାମର୍ଶରେ ସର୍ପଗନ୍ଧା ସେବନ କଲେ ରକ୍ତଚାପ କମିଯିବା ସହିତ ମସ୍ତିଷ୍କରେ ରକ୍ତ ସଞ୍ଚାଳନ ହ୍ରାସ ପାଇବ। ଏଥିପ୍ରତି ଧ୍ୟାନ ଦେବା ଜରୁରି।

# ମୁଖଗହ୍ୱର ସ୍ୱଚ୍ଛତାରୁ କର୍କଟ ନିରୂପଣ

**ମୁଖ ଗହ୍ୱର ଶରୀରର ଦର୍ପଣ ସଦୃଶ। ଏହାର ସ୍ୱଚ୍ଛତା ଦାନ୍ତ ଏବଂ ମାଢ଼ିକୁ ସୁସ୍ଥ ରଖିବା ସହ ଶରୀରକୁ ସୁସ୍ଥ ରଖିବାରେ ସହାୟକ ହୁଏ। ହୃଦ୍‌ରୋଗ, ମଧୁମେହ, ବିଭିନ୍ନ କର୍କଟ ଭଳି ରୋଗ ଆଶଙ୍କାକୁ ଏହା ହ୍ରାସ କରେ। ତେଣୁ ଦିନକୁ ଦୁଇଥର ସଠିକ୍ ଢଙ୍ଗରେ ବ୍ରଶ୍ କରିବା ଓ ଆୟୁର୍ବେଦିକ ସମାଧାନ ଗ୍ରହଣ ଆଦିକୁ ଧ୍ୟାନ ଦେଲେ, କର୍କଟ ରୋଗର ପ୍ରାରମ୍ଭିକ ଚିହ୍ନଟ ଓ ଜଟିଳତା ହ୍ରାସ ପାଇପାରେ।**



ଡା. ସୋନିଆ ଦତ୍ତ

### ମୁଖ ଗହ୍ୱର ସ୍ୱାସ୍ଥ୍ୟ ସହିତ ଅନ୍ୟ ରୋଗର ସମ୍ପର୍କ

ରୋଗ ପ୍ରତିରୋଧକ ଶକ୍ତି କମ୍ ଥିବା ବ୍ୟକ୍ତିଙ୍କ ପାଇଁ ମୁଖଗହ୍ୱରର ସ୍ୱଚ୍ଛତା ବଜାୟ ରଖିବା ନିହାତି ଆବଶ୍ୟକ। ଏହା ସେମାନଙ୍କ ଜୀବନଶୈଳୀକୁ ସକାରାତ୍ମକ ଭାବେ ପ୍ରଭାବିତ କରେ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏମ୍ସ ଏବଂ ପ୍ରମୁଖ ସଂସ୍ଥାନର ଗବେଷଣାରୁ ସ୍ପଷ୍ଟ ହୋଇଛି ଯେ, ମୁଖ ଗହ୍ୱରର ସ୍ୱଚ୍ଛତାକୁ ଧ୍ୟାନ ନ ଦେଲେ କିଛି ଜୀବାଣୁ ଖାଦ୍ୟନଳୀ ଦେଇ ଶରୀର ଭିତରକୁ ଯାଇ ରୋଗ ସୃଷ୍ଟି କରିପାରନ୍ତି। ଦୀର୍ଘକାଳୀନ ମାଢ଼ିରୋଗ, ମାଢ଼ି ଫୁଲା, ମୁଖ ଗହ୍ୱର ଅପରିଷ୍କାର ସଂକ୍ରମଣର କାରଣ ସାଜି ମୁଖ ଗହ୍ୱର ଓ ଗଳା କର୍କଟ ସୃଷ୍ଟି କରେ। କେବଳ ସେତିକି ନୁହେଁ; ମସ୍ତିଷ୍କ, ପାକସ୍ଥଳି, ଫୁସ୍‌ଫୁସ୍, ପ୍ରୋଷ୍ଟେଟ୍ କର୍କଟ ଆଦି ହେବାର ଆଶଙ୍କା ଥାଏ। ତେଣୁ ଭଲ ଭାବେ ମୁଖ ପରିଷ୍କାର କରିବା, ବର୍ଷକୁ ଥରେ ଦାନ୍ତ ପରୀକ୍ଷା, ଦିନକୁ ଦୁଇଥର ଭଲ କରି ବ୍ରଶ୍ କରିବା ଦ୍ୱାରା ବିଶେଷ କରି ଗଳା ଏବଂ ମସ୍ତିଷ୍କ କର୍କଟର ବିପଦ ହ୍ରାସ ପାଇଥାଏ। ଦାନ୍ତ ପରୀକ୍ଷା ଦ୍ୱାରା ଏହା ମୁଖ ଗହ୍ୱର କର୍କଟର ପ୍ରାରମ୍ଭିକ ଅବସ୍ଥାକୁ ଚିହ୍ନଟ କରି ସତର୍କ କରାଏ। ଡାକ୍ତର ଦାନ୍ତଜନିତ ସମସ୍ୟା, ପାଟି ଘା' ଆଦିକୁ ଦେଖି ରୋଗ ବାରିଥାନ୍ତି। ଫଳରେ ମୁଖ ଗହ୍ୱରର ସଠିକ୍ ଦେଖାଶୁଣା କରିହୁଏ। ସାମୂହିକ ଭାବେ ଏଭଳି ଯତ୍ନ ନେଲେ ଦୀର୍ଘକାଳୀନ କର୍କଟ ଆଶଙ୍କା ମଧ୍ୟ ହ୍ରାସ ପାଇଥାଏ।

### ମୁଖ ଗହ୍ୱରର ଯତ୍ନ

ଦିନକୁ ଦୁଇଥର ଆୟୁର୍ବେଦିକ ଟୁଥ୍‌ପେଷ୍ଟ (ଡାବର ରେଡ୍) ରେ ବ୍ରଶ୍ କରିବା ଜରୁରି। ଜୀବାଣୁନାଶକ ମାଉଥୱାଶ୍ ବ୍ୟବହାର କରି ପାରିବେ। ନିଶା ଓ ଧୂମପାନଠାରୁ ଦୂରେଇ ରହିଲେ କର୍କଟ ଆଶଙ୍କା ହ୍ରାସ ପାଏ। ସେହିପରି ଅତ୍ୟଧିକ ଚିନିଯୁକ୍ତ ସ୍ନାକ୍ସ, ଅମ୍ଳଯୁକ୍ତ ଖାଦ୍ୟ, କ୍ୟାଣ୍ଡି, କାର୍ବୋନେଟେଡ୍ ପାନୀୟ ଯୋଗୁଁ ଦାନ୍ତ ପୋକ ଖାଇଥାଏ। ଏହା ବଦଳରେ ସନ୍ତୁଳିତ ଖାଦ୍ୟପେୟକୁ ଗୁରୁତ୍ୱ ଦିଅନ୍ତୁ। ଏହା ବ୍ୟତୀତ ଯଦି ମୁଖଗହ୍ୱରର କୌଣସି ସମସ୍ୟା ଦେଖାଦିଏ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଜରୁରି।

ଦନ୍ତ ବିଶେଷଜ୍ଞ


# ରୋଗୀଙ୍କୁ ସଚେତନ କରେ ଔଷଧ ଷ୍ଟ୍ରିପ୍‌ର ନାଲି ଗାର

ଚିକିତ୍ସା ପାଇଁ ଔଷଧ ଦୁଇଥର କିମ୍ବା ବାରମ୍ବାର ବ୍ୟବହାର କରାଯାଇଥାଏ। ତେବେ ଦୈନନ୍ଦିନ ବ୍ୟବହୃତ ଔଷଧ ଷ୍ଟ୍ରିପ୍‌ର ନାଲିଗାରକୁ ପ୍ରାୟ ଅଣଦେଖା କରନ୍ତି। ଏହି ଗାର ଡିଜାଇନ୍ ନୁହେଁ, ବରଂ ଏକ ଗୁରୁତ୍ୱପୂର୍ଣ୍ଣ ଚେତାବନୀ। ଡାକ୍ତରଙ୍କ ବିନା ପରାମର୍ଶରେ ଏହି ଔଷଧ ଖାଇବା ଅନୁଚିତ ବୋଲି ନାଲି ଗାର ଚେତାଇଥାଏ। ଏହି ଔଷଧକୁ 'ରେଡ ଲାଇନ୍ ମେଡିସିନ୍' ମଧ୍ୟ କୁହାଯାଏ। ମୁଖ୍ୟତଃ ଆଣ୍ଟିବାୟୋଟିକ୍, ଷ୍ଟ୍ରଙ୍ଗ ପେନ୍‌କିଲର କିମ୍ବା ହର୍ମୋନାଲ୍ ଔଷଧ ଆଦି ଷ୍ଟ୍ରିପ୍‌ରେ ନାଲି ଗାର ରହିଥାଏ। ତେଣୁ ଏହି ଔଷଧକୁ ଡାକ୍ତରଙ୍କ ବିନା ପରାମର୍ଶରେ ସେବନ କଲେ, ଏହା ପାର୍ଶ୍ୱପ୍ରତିକ୍ରିୟା ସୃଷ୍ଟି କରେ। ଉଦାହରଣ ସ୍ୱରୂପ, ଡାକ୍ତରଙ୍କ ବିନା ପରାମର୍ଶରେ ଆଣ୍ଟିବାୟୋଟିକ୍ ଅନୁମୋଦିତ ହାରରେ ଉପଯୋଗ ନ କଲେ ଶରୀରରେ କିଛି ଜୀବାଣୁ ଜୀବିତ ରୁହନ୍ତି। ଏହି ଜୀବିତ ଜୀବାଣୁ ପରବର୍ତ୍ତୀ ସମୟରେ ପ୍ରତିରୋଧୀ ବନି ପାରନ୍ତି। ଫଳରେ ଜଣେ ବ୍ୟକ୍ତିଙ୍କ ଶରୀରରେ ସେହି ଔଷଧ ବଦଳରେ ଅଧିକ ପାୱାରଯୁକ୍ତ ଔଷଧ ଆବଶ୍ୟକ ହୁଏ। ଏହି ପ୍ରତିରୋଧୀ 'ସୁପରବଗ୍ସ' ବନିପାରନ୍ତି। ବେଳେ ବେଳେ ସଂକ୍ରମଣ ବଢ଼ି ଯାଇପାରେ ନତୁବା ଶରୀରରେ ଅନ୍ୟ ଔଷଧ ସହିତ ପ୍ରତିକ୍ରିୟା ସୃଷ୍ଟି କରାଏ। ସେଥିପାଇଁ ନାଲି ଗାର ଡାକ୍ତରଙ୍କ ପରାମର୍ଶରେ ସେବନ କରିବାକୁ ସୂଚାଇ ଥାଏ। ତେଣୁ ଡାକ୍ତରଙ୍କ ପରାମର୍ଶ ତଥା ପ୍ରେସ୍କ୍ରିପସନ୍ ଅନୁସାରେ ଔଷଧର କୋର୍ସ ପୂରା କରିବା ଆବଶ୍ୟକ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଔଷଧ ଷ୍ଟ୍ରିପ୍‌ରେ ନାଲି ଗାର ଥିଲେ ନାମ, ମାତ୍ରା, ଅବଧିକୁ ଭଲ ଭାବେ ପଢ଼ି ନେବା ଆବଶ୍ୟକ।



# ବିଶ୍ୱ କ୍ରିକେଟକୁ ଭାରତ ନିୟନ୍ତ୍ରଣ କରୁଛି: ଗ୍ରେଗ୍ ଚାପେଲ

ନୂଆଦିଲ୍ଲୀ, ୩୦।୧୦(ଏଜେନ୍ସି): ଭାରତ ତାହାର ଆର୍ଥିକ କ୍ଷମତା ବ୍ୟବହାର କରି ବିଶ୍ୱ କ୍ରିକେଟକୁ ପ୍ରଭାବିତ କରୁଛି ବୋଲି ମ୍ୟାଚ୍ ରେଫରି ଇଂଲଣ୍ଡର କ୍ରିସ୍ ବ୍ରଡ୍‌ଙ୍କ ଅଭିଯୋଗକୁ ସମର୍ଥନ କରିଛନ୍ତି ଅଷ୍ଟ୍ରେଲିଆର କିମ୍ବଦନ୍ତି ଖେଳାଳି ତଥା



ଭାରତୀୟ କ୍ରିକେଟ ଦଳର ପୂର୍ବତନ କୋଚ୍ ଗ୍ରେଗ୍‌ଚାପେଲ। ଚାପେଲଙ୍କ କହିବାଅନୁଯାୟୀ ଅର୍ଥ ବଳରେ ଭାରତ ବିଶ୍ୱ କ୍ରିକେଟକୁ ନିୟନ୍ତ୍ରଣ କରୁଛି। ସେ ଯେତେବେଳେ ଭାରତୀୟ ଦଳର ହେଡ୍ କୋଚ୍ ଥିଲେ, ସେତେବେଳେ ସ୍ଲୋ ଓଭର ରେଟ୍ ଯୋଗୁଁ ଅଧିନାୟକ ସୌରଭ ଗାଙ୍ଗୁଲିଙ୍କୁ ସସ୍‌ପେଣ୍ଡ କରାଯାଇଥିଲା। ମ୍ୟାଚ୍ ରେଫରି ବ୍ରଡ୍‌ଙ୍କୁ ଟେଲିଫୋନ ଯୋଗେ ଦଣ୍ଡ କୋହଳ କରିବାକୁ ତତ୍କାଳୀନ ଆଇସିସି ମୁଖ୍ୟ ଜଗମୋହନ ଡାଲମିଆ କହିଥିଲେ। ବ୍ରଡ୍ ଏକଥା ଲଣ୍ଡନରୁ ପ୍ରକାଶିତ ଟେଲିଗ୍ରାଫ୍‌କୁ କହିଥିଲେ। ଏବେ ସିଡନୀ ହେରାଲ୍ଡରେ ବ୍ରଡ୍‌ଙ୍କୁ ସମର୍ଥନ କରିଛନ୍ତି ଚାପେଲ। ୨୦୦୫ରେ ଚାପେଲ ଭାରତର କୋଚ୍ ଦାୟିତ୍ୱରେ ଥିଲେ। ଗାଙ୍ଗୁଲିଙ୍କ ଦଣ୍ଡ କିପରି କୋହଳ ହେବ ସେଥିଲାଗି ଚେଷ୍ଟା କରିବାକୁ ଚାପେଲଙ୍କ ଉପରେ ଚାପ ପକାଇଥିଲେ ଡାଲମିଆ। ଉଭୟ ଗାଙ୍ଗୁଲି ଓ ଡାଲମିଆ ଗୋଟିଏ ରାଜ୍ୟର ହୋଇଥିବାରୁ ଏଭଳି କଥା ସୃଷ୍ଟି ହୋଇଥିଲାବୋଲି ଚାପେଲ କହିଛନ୍ତି। ଏଣୁ ଆର୍ଥିକ କ୍ଷମତା ବଳରେ ଭାରତ ବିଶ୍ୱ କ୍ରିକେଟରେ ପ୍ରଭାବ ବିସ୍ତାର କରୁଛି ବୋଲି ବ୍ରଡ୍‌ଙ୍କ ଅଭିଯୋଗକୁ ଚାପେଲ ସମର୍ଥନ କରିଛନ୍ତି।

# କେକେଆର୍‌ର ନୂଆ କୋଚ୍ ହେଲେ ନାୟାର

କୋଲକାତା, ୩୦।୧୦ (ଏଜେନ୍ସି): ତିନିଥରର ଚାମ୍ପିଅନ କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ଆଇପିଏଲ୍‌ର ଆଗାମୀ ସିଜନ ଲାଗି ଅଭିଷେକ ନାୟାରଙ୍କୁ ମୁଖ୍ୟ କୋଚ୍ ଭାବେ ନିଯୁକ୍ତ କରିଛି। ଚନ୍ଦ୍ରକାନ୍ତ ପଣ୍ଡିତଙ୍କ ସ୍ଥାନରେ ନାୟାର ଏହି ଗୁରୁଦାୟିତ୍ୱ ତୁଲାଇବେ। ପଣ୍ଡିତ ୨୦୨୩ରୁ ୨୦୨୫ ପର୍ଯ୍ୟନ୍ତ କେକେଆର୍ ଦଳର ମୁଖ୍ୟ କୋଚ୍ ରହିଥିଲେ।



ତାଙ୍କ ସମୟରେ କେକେଆର୍ ତୃତୀୟଥର ଲାଗି ୨୦୨୪ରେ ଚାମ୍ପିଅନ ହୋଇଥିଲା। କିନ୍ତୁ ଆଇପିଏଲ୍‌ର ଗତ ସଂସ୍କରଣରେ କୋଲକାତା ନୈରାଶ୍ୟଜନକ ପ୍ରଦର୍ଶନ କରି ପ୍ଲେ-ଅଫ୍‌କୁ ଯୋଗ୍ୟତା ଅର୍ଜନ କରିବାରେ ବିଫଳ ହୋଇଥିଲା। ଏହାପରେ ଫ୍ରାଞ୍ଚାଇଜ ଚଳିତ ବର୍ଷ ପ୍ରାରମ୍ଭରେ ପଣ୍ଡିତଙ୍କ ସହ ସମ୍ପର୍କ ତୁଟାଇଥିଲା। ୪୨ ବର୍ଷୀୟ ନାୟାର ଏଥିପୂର୍ବରୁ ୨୦୧୮ ରୁ ୨୦୨୪ ପର୍ଯ୍ୟନ୍ତ କୋଲକାତାର ପ୍ରଶିକ୍ଷକ ମଣ୍ଡଳୀରେ ବିଭିନ୍ନ ଭୂମିକାରେ ସଫଳତାରେ କାର୍ଯ୍ୟ ତୁଲାଇଥିଲେ। ଏହାପରେ ୨୦୨୪ରେ ତାଙ୍କୁ ଭାରତୀୟ ଦଳର ସହକାରୀ ପ୍ରଶିକ୍ଷକ ଭାବେ ନିଯୁକ୍ତ କରାଯାଇଥିଲା। କିନ୍ତୁ ଚଳିତ ବର୍ଷ ଏପ୍ରିଲରେ ତାଙ୍କ ଚୁକ୍ତିକୁ ବିସିସିଆଇ ଶେଷ କରିଦେଇଥିଲା।

# ନଭେମ୍ବର ୨୦ରେ ମନ୍ଧାନା-ପଲାଶ ବିବାହ!

ନୂଆଦିଲ୍ଲୀ, ୩୦।୧୦ (ଏଜେନ୍ସି): ଭାରତୀୟ ମହିଳା କ୍ରିକେଟ୍ ଦଳର ଉପ-ଅଧିନାୟିକା ସ୍ମୃତି ମନ୍ଧାନା ବିବାହ ବନ୍ଧନରେ ଆବଦ୍ଧ ହେବାକୁ ଯାଉଛନ୍ତି।



ପୁରୁଷ ବନ୍ଧୁ ତଥା ସଙ୍ଗୀତ ରଚୟିତା ଓ ନିର୍ଦ୍ଦେଶକ ପଲାଶ ମୁଚ୍ଛଲଙ୍କୁ ମନ୍ଧାନା ଆସନ୍ତା ନଭେମ୍ବର ୨୦ରେ ବିବାହ କରିବେ ବୋଲି ରିପୋର୍ଟ ପ୍ରକାଶ ପାଇଛି। ମନ୍ଧାନାଙ୍କ ଜନ୍ମସ୍ଥାନ ସାଙ୍ଗଲୀରେ ଏହି ଚର୍ଚ୍ଚିତ ବିବାହ ଉତ୍ସବ ଆରମ୍ଭ ହେବ। ତେବେ ଉଭୟ ମନ୍ଧାନା କିମ୍ବା ପଲାଶଙ୍କ ପରିବାର ପକ୍ଷରୁ ବିବାହ ନେଇ ଅଫିସିଆଲ୍ ଭାବେ କିଛି ଘୋଷଣା କରାଯାଇନାହିଁ। ମନ୍ଧାନା ବର୍ତ୍ତମାନ ବିଶ୍ୱକପ୍‌ରେ ବ୍ୟସ୍ତ ରହିଛନ୍ତି। ଏହି ମେଗା ଇଭେଣ୍ଟ ଶେଷ ହେବାପରେ ସେ ବ୍ରେକ୍ ନେଇ ଦ୍ୱିତୀୟ ଇନିଂସ ଆରମ୍ଭ କରିବେ ବୋଲି ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ ମନ୍ଧାନା ଓ ପଲାଶ ପରସ୍ପରକୁ ୨୦୧୯ରୁ ଡେଟିଂ କରି ଆସୁଛନ୍ତି। ଗତବର୍ଷ ଏକ ଇନଷ୍ଟାଗ୍ରାମ ଷ୍ଟୋରୀ ମାଧ୍ୟମରେ ମନ୍ଧାନା ଓ ପଲାଶ ସେମାନଙ୍କ ସମ୍ପର୍କକୁ ଆନୁଷ୍ଠାନିକ ଭାବେ ଘୋଷଣା କରିଥିଲେ। ୩୦ ବର୍ଷୀୟ ପଲାଶ ବଲିଉଡ୍‌ର ଜଣେ ଜଣାଶୁଣା ସଙ୍ଗୀତ ନିର୍ଦ୍ଦେଶକ। 'ଭୁତନାଥ ରିଟର୍ଣ୍ଣସ' ଭଳି ଫିଲ୍ମର ସେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ପଲାଶଙ୍କ ଭଉଣୀ ପଲକ୍ ମୁଚ୍ଛଲ ମଧ ଜଣେ ପ୍ରସିଦ୍ଧ କଣ୍ଠଶିଳ୍ପୀ।

## ଜେମିମାଙ୍କ ଦମ୍‌ଦାର ଶତକରେ ୭ ଥରର ଚାମ୍ପିଅନ ଅଷ୍ଟ୍ରେଲିଆ ବିଦା

# ଭାରତ-ଦକ୍ଷିଣ ଆଫ୍ରିକା ଫାଇନାଲ

ନଭି ମୁମ୍ବଇ,୩୦।୧୦(ଏଜେନ୍ସି):



ଜେମିମା ରୋଡ୍ରିଗ୍ରେଜ୍: ୧୨୭*

ଜେମିମା ରୋଡ୍ରିଗ୍ରେଜ୍‌ଙ୍କ ଧୈର୍ଯ୍ୟପୂର୍ଣ୍ଣ ଶତକ ଏବଂ ହରମନପ୍ରୀତ୍ କୌରଙ୍କ ସହ ଶତକୀୟ ଭାଗୀଦାରି ବଳରେ ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆକୁ ୫ ୱିକେଟରେ ହରାଇ ଭାରତ ମହିଳା ବିଶ୍ୱକପ୍ ଦିନିକିଆ କ୍ରିକେଟର ଫାଇନାଲରେ ପ୍ରବେଶ କରିଛି। ଆସନ୍ତା ରବିବାର ବା ନଭେମ୍ବର ୨ରେ ହେବାକୁ ଥିବା ଫାଇନାଲରେ ଭାରତ ସହ ଦକ୍ଷିଣ ଆଫ୍ରିକାର ମୁକାବିଲା ହେବ। ଗତକାଲି ଇଂଲଣ୍ଡକୁ ୧୨୫ ରନ୍‌ର ବୃହତ୍ ବ୍ୟବଧାନରେ ପରାସ୍ତ କରି ଦକ୍ଷିଣ ଆଫ୍ରିକା ପ୍ରଥମଥର ଫାଇନାଲରେ ପ୍ରବେଶ କରିଥିଲା। ଅନ୍ୟ ପକ୍ଷରେ ୨୦୦୫ ଓ ୨୦୧୭ ସଂସ୍କରଣ ପରେ ଭାରତ ତୃତୀୟଥର ଲାଗି ଫାଇନାଲରେ ପ୍ରବେଶ କରିଛି। ଏଥର ଦଳ ଘରୋଇ ମାଟିରେ ଟାଇଟଲ ମରୁଡି ଶେଷ କରିବ ବୋଲି ଆଶା ରଖିଛି। ଏହି ମ୍ୟାଚ୍‌ରେ ୧୩୪ ବଲ୍ ଖେଳି ୧୪ ଚୌକା ସହ ୧୨୭ ରନ୍‌ରେ ଅପରାଜିତ ରହିଥିବା ଜେମିମା ରୋଡ୍ରିଗ୍ରେଜ୍‌ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ଏହି ମ୍ୟାଚ୍‌ରେ ଲିଚ୍‌ଫିଲ୍ଡଙ୍କ ୧୧୯ ଓ ଏଲିସେ ପେରୀଙ୍କ ୭୭ ରନ୍ ଫଳରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ୩୩୮ ରନ୍‌ରେ ଅଲଆଉଟ ହୋଇଯାଇଛି। ଜବାବରେ ଭାରତ ୯ଟି ବଲ ଓ ୫ଟି ୱିକେଟ ବାକିଥାଇ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ଜେମିମାଙ୍କ ଅପରାଜିତ ୧୨୭ ରନ୍‌କୁ ବାଦ୍ ଦେଲେ ହରମନପ୍ରୀତ୍ କୌର ୮୮ ବଲ୍‌ରୁ ୧୦ ଚୌକା ଓ ୨ ଛକା ସହ ଦ୍ୱିତୀୟ ସର୍ବାଧିକ ୮୯ ରନ୍ କରିଥିଲେ। ୫୯ ରନ୍‌ରେ ଦ୍ୱିତୀୟ ୱିକେଟ ହରାଇବା ପରେ ନଂ-୩ ଜେମିମା ଓ ନଂ-୪ ହରମନପ୍ରୀତ୍ ତୃତୀୟ ୱିକେଟ ଯୋଡିରୁ ୧୫୬ ବଲ୍‌ରେ ୧୬୭ ରନ୍ ଉଠାଇ ଭାରତକୁ ବିଜୟ ଆଶା ଦେଇଥିଲେ। ଏହି ସମୟରେ ହରମନପ୍ରୀତ ଆଉଟ ହେବା ପରେ ଅଷ୍ଟ୍ରେଲିଆ ଖୁସିରେ ଝୁମିଥିଲା। କିନ୍ତୁ ୨ଟି ସହଜ ଜୀବନଦାନ ପାଇଥିବା ଜେମିମା ଚତୁର୍ଥ ୱିକେଟରେ ଦୀପ୍ତି ଶର୍ମା (୨୪)ଙ୍କ ସହ ୩୪ ବଲରୁ ୩୮, ପଞ୍ଚମ ୱିକେଟରେ ରିଚା ଘୋଷ (୨୬)ଙ୍କ ସହ ୩୧ ବଲରୁ ୪୬ ଏବଂ ଅବିଭକ୍ତ ୬ଷ୍ଠ ୱିକେଟ ଯୋଡିରୁ ଅମନଜୋତ କୌର(୧୫)ଙ୍କ ସହ ୧୫ ବଲରୁ ୩୧ ରନ୍ ଉଠାଇ ଭାରତକୁ ରେକର୍ଡ ବିଜୟ ପ୍ରଦାନ କରିଥିଲେ। ତାରକା ଖେଳାଳି ସ୍ମୃତି ମନ୍ଧାନା ୨୪ ରନ୍ କରିଥିଲେ। ବିଶ୍ୱକପ୍‌ରେ ୨୦୦ରୁ ଅଧିକ ରନ୍ ଚେଜ୍ କରି ନ ଥିବା ଭାରତ ଏଠାରେ ସର୍ବାଧିକ ୩୩୯ ରନ୍ ଚେଜ୍ କରି ରେକର୍ଡ ପ୍ରତିଷ୍ଠା କରିଥିଲେ। ୪୯ତମ ଓଭରରେ ସୋଫି ମୋଲିନେକ୍ସଙ୍କୁ ଚୌକା ମାରି ଅମନଜୋତ ବଲ୍‌କୁ ବାଉଣ୍ଡାରୀକୁ ପଠାଇବା ସହ ଭାରତ ଖେଳାଳି, ସମର୍ଥକ ଓ କର୍ମକର୍ତ୍ତା ଆନନ୍ଦରେ ବିଜୟ ଉତ୍ସବ ପାଳନ କରିଥିଲେ। ଲିଗ୍ ମ୍ୟାଚ୍‌ରେ ଭାରତ ସମସ୍ତ ଟପ୍ ଦେଶ ଅଷ୍ଟ୍ରେଲିଆ, ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକାଠାରୁ ପରାଜିତ ହୋଇଥିଲା। ଏବେ ୭ଥରର ଚାମ୍ପିଅନ ଅଷ୍ଟ୍ରେଲିଆକୁ ପ୍ରଥମ ଶିକାର କରିବା ପରେ ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ଟକ୍କର ଦେଇ ପ୍ରଥମ ଟ୍ରଫି ବିଜୟୀ ହେବାକୁ ସମସ୍ତ ପ୍ରକାର ଉଦ୍ୟମ କରିବ।

ପୂର୍ବରୁ ଅଷ୍ଟ୍ରେଲିଆ ଅଧିନାୟକ ଆଲିସା ହିଲୀ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେବା ପରେ ଫୋଏବି ଲିଚ୍‌ଫିଲ୍ଡଙ୍କ ୧୧୯, ଏଲିସେ ପେରୀଙ୍କ ୭୭ ଓ ଆନାବେଲ ସଦରଲାଣ୍ଡଙ୍କ ୬୩ ରନ୍ ସହାୟତାରେ ୪୯.୫ ଓଭରରେ ୩୩୮ ରନ୍ କରିଥିଲା। ଲିଚ୍‌ଫିଲ୍ଡ ଓ ପେରୀ ଦ୍ୱିତୀୟ ୱିକେଟରେ ୧୫୫ ରନ୍ କରିଥିଲେ। ଅଷ୍ଟ୍ରେଲିଆ ମଧ ଗୋଟିଏ ବିଶ୍ୱକପ୍‌ରେ ସର୍ବାଧିକ ୬ଟି ଶତକ ଓ ସର୍ବାଧିକ ୧୧୯ଟି ଛକା ମାରି ରେକର୍ଡ କରିଛି। ଭାରତ ପକ୍ଷରୁ ମିଡଲ ଓଭରରେ କିଛି ଭଲ ବୋଲିଂକୁ ଛାଡ଼ିଦେଲେ ଅନ୍ୟ ସବୁବେଳେ ଚାପରେ ରହିଥିଲେ। ମିସ୍ ଫିଲ୍ଡିଂ ଓ କ୍ୟାଚ୍ ହାତଛଡ଼ା କରିବା ଦଳ ଲାଗି ମହଙ୍ଗା ସାବ୍ୟସ୍ତ ହୋଇଥିଲା। ଦଳର ଦୁଇ ସ୍ପିନର ଯୁବ ଖେଳାଳି ଶ୍ରୀ ଚରଣି ଓ ଦୀପ୍ତି ଶର୍ମା ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ।

**ମହିଳା ବିଶ୍ୱକପ୍ କ୍ରିକେଟ ଫାଇନାଲ**

- ପ୍ରତିଦ୍ୱନ୍ଦ୍ୱୀ: ଭାରତ-ଦ.ଆଫ୍ରିକା
- ତାରିଖ : ନଭେମ୍ବର ୨, ରବିବାର
- ଭେନ୍ୟୁ : ନଭି ମୁମ୍ବଇ, ମୁମ୍ବଇ
- ଖେଳ ଆରମ୍ଭ : ଅପରାହ୍ନ ୩ଟା
- ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ
- ଲାଇଭ୍ ଷ୍ଟ୍ରିମିଂ : ଜିଓହଟ୍‌ଷ୍ଟାର

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ: ୩୩୮/୧୦, ୪୯.୫ ଓଭର (ଫୋଏବି ଲିଚଫିଲ୍ଡ- ୧୧୯, ଏଲିସେ ପେରୀ- ୭୭, ଆଶଲେ ଗାର୍ଡନର- ୬୩, ଶ୍ରୀ ଚରଣି- ୨/୪୯, ଦୀପ୍ତି ଶର୍ମା- ୨/୭୩)।

ଭାରତ : ୩୪୧/୫, ୪୮.୩ ଓଭର (ଜେମିମା ରୋଡ୍ରିଗ୍ରେଜ୍- ଅପରାଜିତ ୧୨୭, ହରମନପ୍ରୀତ୍ କୌର- ୮୯, ରିଚା ଘୋଷ- ୨୬, କିମ୍ ଗାର୍ଥ-୨/୪୬, ଆନାବେଲ ସଦରଲାଣ୍ଡ- ୨/୬୯)।

# ଯାଜପୁର ଟାଉନ୍‌ରେ ଅସ୍ମିତା ରଗ୍‌ବୀ ଲିଗ୍

ଯାଜପୁର, ୩୦।୧୦(ସମିସ): ଓଡ଼ିଶା ରଗ୍‌ବୀ ଫୁଟବଲ ସଂଘ ଏବଂ ଯାଜପୁର ରଗ୍‌ବୀ ଆସୋସିଏସନର ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଅସ୍ମିତା ରଗ୍‌ବୀ ଲିଗ୍ ଆୟୋଜିତ ହେବ। ଭାରତ ସରକାରଙ୍କ କ୍ରୀଡ଼ା ବିଭାଗ ଓ ରଗ୍‌ବୀ ଇଣ୍ଡିଆ ସହଯୋଗରେ ଏହି ଦିନିକିଆ ଲିଗ୍ ନଭେମ୍ବର ୧ରେ ଯାଜପୁର ଟାଉନସ୍ଥିତ କୁସୁମା ନିକଟବର୍ତ୍ତୀ ଯାଜପୁର ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପରିସରରେ ଏହା ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି। ସମଗ୍ର ରାଜ୍ୟରୁ ୨୦ଟି ଦଳ ଏଥିରେ ଭାଗ ନେଉଛନ୍ତି। ଏହା ସକାଳ ୮ଟାରୁ ଆରମ୍ଭ ହୋଇ ସନ୍ଧ୍ୟାରେ ଉଦ୍‌ଯାପିତ ହେବ ବୋଲି ଯାଜପୁର ରଗ୍‌ବୀ ସଂଘ ସମ୍ପାଦକ ଭରତ ସାହୁ ଜଣାଇଛନ୍ତି। ଏଥିରେ ରାଜ୍ୟ ସଂଘ ସମ୍ପାଦକ ସୁଶାନ୍ତ ସାହୁ, ଉପସଭାପତି ଉପେନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ରହିବେ।

# ବଲ୍ ବାଜି ଅଷ୍ଟ୍ରେଲୀୟ ଯୁବ ଖେଳାଳିଙ୍କ ବିୟୋଗ

ମେଲବୋର୍ଣ୍ଣ, ୩୦।୧୦(ଏଜେନ୍ସି): କ୍ରିକେଟ ଖେଳରେ ଏକ ଦୁଃଖଦ ଖବର ମିଳିଛି। ଏଠାରେ ଅଭ୍ୟାସ କରୁଥିବାବେଳେ ବଲ ବାଜି ୧୭ ବର୍ଷୀୟ ବେନ୍ ଅଷ୍ଟିନ ନାମକ ଜଣେ ଯୁବ ଖେଳାଳିଙ୍କୁ ମୃତ୍ୟୁ ଘଟିଛି। ଏହା ଫଳରେ ନଭି ମୁମ୍ବାଇରେ ଆଜି ଖେଳାଯାଇଥିବା ଭାରତ-ଅଷ୍ଟ୍ରେଲିଆ ସେମିଫାଇନାଲ ମ୍ୟାଚ୍‌ରେ ଖେଳାଳିମାନେ କଳା ବ୍ୟାଜ୍ ପିନ୍ଧି ଖେଳିଥିଲେ। ଘଟଣାରୁ ଜଣାଯାଇଛି, ଏଠାରେ ଅନ୍ୟ ଖେଳାଳିଙ୍କ ସହ ଆଜି ବୋଲିଂ ମେସିନରେ ଅଭ୍ୟାସ କରୁଥିଲେ ବେନ୍। ମେସିନରୁ ଏକ ସ୍ପିଡ୍ ବଲ ତାଙ୍କ ମୁଣ୍ଡ ଓ ବେକ ମଧ୍ୟରେ ବାଜିଥିଲା। ଯାହା ଫଳରେ ସେ ପଡ଼ିଆରେ ଟଳି ପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ପରେ କ୍ରିକେଟ ଜଗତ ବା ବିଶେଷ କରି ଅଷ୍ଟ୍ରେଲିଆରେ ଶୋକର ଛାୟା ଖେଳିଯାଇଛି। ସେ ଫର୍ଣ୍ଣଟ୍ରି ଗଲି କ୍ରିକେଟ କ୍ଲବ୍‌ର ଜଣେ ଷ୍ଟାର ଖେଳାଳି ଥିଲେ ବୋଲି କ୍ଲବ୍ ପକ୍ଷରୁ କୁହାଯାଇଛି।

## ରାଜ୍ୟ ଭାରୋତ୍ତୋଳନ ଚାମ୍ପିଅନ୍‌ସିପ୍ ଉଦ୍‌ଯାପିତ

# ଗଞ୍ଜାମ ଜିଲ୍ଲା ଦଳଗତ ଚାମ୍ପିଅନ

ଭୁବନେଶ୍ୱର, ୩୦।୧୦ (ସମିସ): କଳିଙ୍ଗ ଷ୍ଟାଡିୟମ୍ ବିଜୁପଟ୍ଟନାୟକ ଭାରୋତ୍ତୋଳନ ହଲ୍‌ରେ ଚାଲିଥିବା



ରାଜ୍ୟ ଭାରୋତ୍ତୋଳନ ଚାମ୍ପିଅନସିପ୍ ଆଜି ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସିନିଅର, ଜୁନିଅର ଓ ୟୁଥ୍ ବିଭାଗରେ ପ୍ରତିଦ୍ୱନ୍ଦ୍ୱିତା ଆୟୋଜିତ ହୋଇଥିଲା। ସମସ୍ତ ବିଭାଗରେ ଗଞ୍ଜାମ ଜିଲ୍ଲା ଦଳଗତ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲା। ସିନିଅର ବିଭାଗରେ ଖୋର୍ଦ୍ଧା, ୟୁଥ୍ ଓ ଜୁନିଅର ବିଭାଗରେ ଢେଙ୍କାନାଳ ଜିଲ୍ଲା ରନର୍ସ ଅପ୍ ହୋଇଛି। ସିନିଅର ପୁରୁଷ ବିଭାଗରେ ଗଞ୍ଜାମର ମୁନା ନାଏକ, ୟୁଥ୍ ଓ ଜୁନିଅର ବାଳକରେ ଢେଙ୍କାନାଳର ସୁବ୍ରତ ନାଏକ ବେଷ୍ଟ ଲିଫ୍ଟର ହୋଇଛନ୍ତି। ମହିଳା ବିଭାଗରେ ମୟୂରଭଞ୍ଜର ସ୍ନେହା ସୋରେନ୍, ୟୁଥ୍ ଓ ଜୁନିଅର ବାଳିକା ବିଭାଗରେ ନବରଙ୍ଗପୁରର ମିନା ସାନ୍ତା ବେଷ୍ଟ ଲିଫ୍ଟର ଭାବେ ବିବେଚିତ ହୋଇଛନ୍ତି। ପ୍ରତିଯୋଗିତା ଶେଷରେ ଓଡ଼ିଶା ଅଲିମ୍ପିକ୍ ସଂଘ ସଭାପତି ସମୀର ମହାନ୍ତି ମୁଖ୍ୟ ଅତିଥି, ଭାରତୀୟ ଭାରୋତ୍ତୋଳନ ମହାସଂଘ କୋଷାଧ୍ୟକ୍ଷ ପ୍ରଦୀପ ଶର୍ମା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅଳ୍ପଦିନ ମଧ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ଏହି ପ୍ରତିଯୋଗିତାଟି ସଫଳ ହୋଇଥିବାରୁ ରାଜ୍ୟ ଭାରୋତ୍ତୋଳନ ସଂଘ ସଭାପତି ଇଂ ଚିତ୍ତରଞ୍ଜନ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

**ଆଜି ଦ୍ୱିତୀୟ ଟି-୨୦**

# ଦମ୍ ଦେଖାଇବାକୁ ଭାରତ-ଅଷ୍ଟ୍ରେଲିଆ ପ୍ରସ୍ତୁତ

ମେଲବୋର୍ଣ୍ଣ, ୩୦।୧୦(ଏଜେନ୍ସି):






ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ୫ ମ୍ୟାଚ୍ ବିଶିଷ୍ଟ ପ୍ରଥମ ଟି-୨୦ ମୁକାବିଲା ବର୍ଷା ଯୋଗୁଁ ବାତିଲ ହୋଇଥିଲା। ଏହା ପରେ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ମେଲବୋର୍ଣ୍ଣ କ୍ରିକେଟ ଗ୍ରାଉଣ୍ଡରେ ଶୁକ୍ରବାର ଖେଳାଯିବ। ବିଶ୍ୱର ଦୁଇ ଶ୍ରେଷ୍ଠ ଦଳ ନଂ-୧ ଭାରତ ଓ ନଂ-୨ ଅଷ୍ଟ୍ରେଲିଆ ଏହି ମ୍ୟାଚ୍‌ରେ ନିଜର ଦମ୍ ଦେଖାଇବାକୁ ପ୍ରସ୍ତୁତ ହୋଇଛନ୍ତି। କାନବେରାରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ଖେଳ ସମ୍ଭବ ହୋଇଥିବା ୯.୪ ଓଭର ଭାରତ ସପକ୍ଷରେ ଯାଇଥିଲା। ବ୍ୟାଟିଂ କରିବାକୁ ଆସିଥିବା ଦଳର ପ୍ରଥମ ୩ଜଣ ବ୍ୟାଟର ଅଭିଷେକ ଶର୍ମା, ଶୁବମନ ଗିଲ୍ ଓ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଭଲ ଫର୍ମରେ ଥିବା ଦର୍ଶାଇଥିଲେ। ଏମାନଙ୍କ ବିସ୍ଫୋରକ ବ୍ୟାଟିଂ ଯୋଗୁଁ ଅଷ୍ଟ୍ରେଲିଆ ରକ୍ଷଣାତ୍ମକ ଖେଳିବାକୁ ବାଧ ହୋଇଥିଲା। ବର୍ଷା ଯୋଗୁଁ ଅଷ୍ଟ୍ରେଲିଆ ଏକ ନିରାଶାଜନକ ସ୍ଥିତିରୁ ରକ୍ଷା ପାଇଥିଲା। ଏବେ ଆଉ ଏକ ମୁକାବିଲା ଲାଗି ମିଚେଲ ମାର୍ଶଙ୍କ ଟିମ୍ ପ୍ରସ୍ତୁତ ହେଉଛି। ସୂର୍ଯ୍ୟକୁମାର ଯାଦବଙ୍କ ଟିମ୍ ଇଣ୍ଡିଆର ଆତ୍ମବିଶ୍ୱାସ ବଢ଼ିଥିଲାବେଳେ ୨୦୦୮ରୁ ଏଯାଏ ଦଳ ସପକ୍ଷରେ ସମସ୍ତ ସିରିଜ୍ ଯାଇଛି। ଏଣୁ ବାକିଥିବା ୪ଟି ମ୍ୟାଚ୍‌ରୁ ଯେଉଁ ଦଳ ୩ଟିରେ ବିଜୟୀ ହେବ ସେହି ଦଳ ସିରିଜ୍ କବ୍‌ଜା କରିବ।

ବିଶ୍ୱର ଦ୍ୱିତୀୟ ବୃହତ୍ତମ ଷ୍ଟାଡିୟମ୍ ମେଲବୋର୍ଣ୍ଣ କ୍ରିକେଟ ଗ୍ରାଉଣ୍ଡରେ ଭାରତ ୬ଟି ମ୍ୟାଚ୍ ଖେଳି ୪ଟିରେ ବିଜୟୀ ହୋଇଛି। ଏଠାରେ ଉଭୟ ପକ୍ଷର ଅଧାଡଜନେ ଖେଳାଳି ଏଠାରେ ପ୍ରଥମଥର ଖେଳିବାକୁ ଯାଉଛନ୍ତି। ବିଶେଷ କରି ବିଶ୍ୱର ନଂ-୧ ଟି-୨୦ ସ୍ପିନର ବରୁଣ ଚକ୍ରବର୍ତ୍ତୀଙ୍କ ସହ ଏଯାଏ ଅଷ୍ଟ୍ରେଲିଆର ମୁକାବିଲା ହୋଇନାହିଁ। ଏଠାରେ ମଧ କିଛି ବର୍ଷ ହେବ ଅନ୍ତର୍ଜାତୀୟ କ୍ରିକେଟ ଖେଳାଯାଇନାହିଁ। ବିଗ୍ ବାଶ୍ ଲିଗ୍ ମ୍ୟାଚ୍‌ରେ ଏଠାରେ ହାରାହାରି ଇନିଂସ ପ୍ରତି ୧୮୦ କିମ୍ବା ତା'ଠାରୁ ଅଧିକ ସ୍କୋର ହୋଇଥିଲା। ଆସନ୍ତାକାଲି ମ୍ୟାଚ୍‌ରେ ଏହି ଧାରା ବଜାୟ ରହିବ ବୋଲି ଆଶା କରାଯାଉଛି। ପ୍ରଥମ ମ୍ୟାଚ୍ ଲାଗି ମନୋନୀତ ହୋଇଥିବା ଖେଳାଳିମାନେ ଖେଳିବା ସୁଯୋଗ ପାଇ ନ ଥିଲେ। ଏଣୁ ଦ୍ୱିତୀୟ ମ୍ୟାଚ୍‌ରେ ଉଭୟ ଦଳ ଖେଳାଳି ପରିବର୍ତ୍ତନ କରିବେ ନାହିଁ ବୋଲି ଆଶା କରାଯାଉଛି। ଭାରତୀୟ ଦଳର ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀ ଆହତ ହୋଇ ଅତିକମ୍‌ରେ ପ୍ରଥମ ୩ଟି ମ୍ୟାଚ୍ ଖେଳିବେ ନାହିଁ। ଆବଶ୍ୟକ ହେଲେ ଫାଷ୍ଟ ବୋଲର ଅର୍ଶଦୀପ ସିଂହଙ୍କୁ ଦଳରେ ସାମିଲ କରାଯିବାର ସମ୍ଭାବନାକୁ ଏଡାଇ ଦେଇହେବ ନାହିଁ।

**ଆଜିର ମ୍ୟାଚ୍**

ଭାରତ - ଅଷ୍ଟ୍ରେଲିଆ

ଖେଳ ଆରମ୍ଭ : ଅପରାହ୍ନ ୧ଟା ୪୫

ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓ ହଟଷ୍ଟାର

## ଗୁଆହାଟୀରେ ନୂଆ ପରମ୍ପରା

# ଆଗ ଟି', ପରେ ଲଞ୍ଚ୍

ଗୁଆହାଟୀ, ୩୦।୧୦(ଏଜେନ୍ସି): ଟେଷ୍ଟ କ୍ରିକେଟ ଇତିହାସରେ ଏକ ନୂଆ ପରମ୍ପରା ସୃଷ୍ଟି ହେବାକୁ ଯାଉଛି। ଏହା ହେଉଛି ଟେଷ୍ଟ ମ୍ୟାଚ୍‌ରେ ପ୍ରଥମେ ଟି' ବା ଚା' ପାନ ବିରତି ହେବ ଓ ପରେ ଲଞ୍ଚ୍ ବା ମଧ୍ୟାହ୍ନ ଭୋଜନ ହେବ। ଆସାମର ଗୁଆହାଟୀରେ ନଭେମ୍ବର ୨୨ରୁ ୨୬ ଯାଏ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯିବାକୁ ଥିବା ଦ୍ୱିତୀୟ ମ୍ୟାଚ୍ ଏଠାରେ ହେବ ପ୍ରଥମ ଟେଷ୍ଟ ମ୍ୟାଚ୍। ଏଠାରେ ସୂର୍ଯ୍ୟୋଦୟ ଆଗୁଆ ହୁଏ ଓ ସୂର୍ଯ୍ୟାସ୍ତ ମଧ ପଛରେ ହୁଏ। ଏଣୁ ଖେଳ ମଧ ଆଗୁଆ ଆରମ୍ଭ ହେବ। ଏଠାରେ ସକାଳ ୯ଟାରୁ ଖେଳ ଆରମ୍ଭ ହେବ। ପ୍ରଥମ ସେସନ ପୂର୍ବାହ୍ନ ୧୧ଟାରେ ଶେଷ ହେବ। ୧୧ଟାରୁ ୧୧ଟା ୨୦ ଯାଏ ଚା'ପାନ ବିରତି ହେବ। ଏହା ପରେ ଦ୍ୱିତୀୟ ସେସନ ୧୧ଟା ୨୦ରୁ ଅପରାହ୍ନ ୧ଟା ୨୦ ଯାଏ ଖେଳାଯିବ। ୧ଟା ୨୦ରୁ ୨ଟା ଯାଏ ଲଞ୍ଚ୍ ବା ମଧ୍ୟାହ୍ନ ଭୋଜନ ବିରତି ହେବ। ଦିନର ତୃତୀୟ ବା ଶେଷ ସେସନ ଅପରାହ୍ନ ୨ଟାରୁ ୪ଟା ଯାଏ ଖେଳାଯିବ। ଆସାମ ରାଜ୍ୟ ଭାରତର ପୂର୍ବ ଭାଗରେ ଅବସ୍ଥିତ। ଏଠାରେ ଆଗୁଆ ସୂର୍ଯ୍ୟୋଦୟ ହେଉଥିବାରୁ କାର୍ଯ୍ୟକ୍ରମରେ ପରିବର୍ତ୍ତନ କରାଯାଇଛି। ଭାରତରେ ସାଧାରଣତଃ ସକାଳ ୯ଟା ୩୦ରୁ ଖେଳ ଆରମ୍ଭ ହୋଇ ୧୧ଟା ୩୦ରେ ଲଞ୍ଚ୍ ହୋଇଥାଏ। ୧୧ଟା ୩୦ରୁ ୧୨ଟା ୧୦ ଯାଏ ଲଞ୍ଚ୍, ୧୨ଟା ୧୦ରୁ ୨ଟା ୧୦ ଯାଏ ଦ୍ୱିତୀୟ ସେସନ, ୨ଟା ୧୦ରୁ ୨ଟା ୩୦ ଟି' ଏବଂ ୨ଟା ୩୦ରୁ ୪ଟା ୩୦ କିମ୍ବା ଆଲୋକ ଥିଲେ ୯୦ ଓଭର ଖେଳ ପୂରଣ କରିବାକୁ ଆଉ ଅଧଘଣ୍ଟା ଅଧିକ ଖେଳ ଆୟୋଜନ କରାଯାଇଥାଏ। ଦକ୍ଷିଣ ଆଫ୍ରିକା ବିପକ୍ଷ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ପ୍ରଥମ ମ୍ୟାଚ୍ କୋଲକାତାର ଇଡେନ ଗାର୍ଡେନ୍ସରେ ଖେଳାଯିବ। ଏଠାରେ ନିର୍ଦ୍ଧାରିତ ସମୟ ସକାଳ ୯ଟା ୩୦ରୁ ଖେଳ ଆରମ୍ଭ ହେବ।

**ଭାରତ-ଦ. ଆଫ୍ରିକା ଟେଷ୍ଟ ସିରିଜ୍**

## ପ୍ରଥମ ଅନ୍‌ଅଫିସିଆଲ୍ ଟେଷ୍ଟ

# କୋଟିଆନଙ୍କୁ ୪ ୱିକେଟ୍; ଦ.ଆଫ୍ରିକା-ଏ' ୨୯୯/୯

ବେଙ୍ଗାଲୁରୁ, ୩୦।୧୦ (ଏଜେନ୍ସି): ଘରୋଇ ଭାରତ-ଏ ଓ ଦକ୍ଷିଣ ଆଫ୍ରିକା-ଏ ଦଳ ମଧ୍ୟରେ ଗୁରୁବାରଠାରୁ ଏଠାରେ ପ୍ରଥମ ଅନ୍‌ଅଫିସିଆଲ୍ ଚାରିଦିବସୀୟ ଟେଷ୍ଟ ଆରମ୍ଭ ହୋଇଛି। ଏହି ମ୍ୟାଚରେ ଟସ୍ ଜିତି ଭାରତ-ଏ ଅଧିନାୟକ ଋଷଭ ପନ୍ତ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଦକ୍ଷିଣ ଆଫ୍ରିକା-ଏ ପ୍ରଥମ ଇନିଂସରେ ୩ଟି ଅର୍ଦ୍ଧଶତକ ବଳରେ ୯ ୱିକେଟ ହରାଇ ୨୯୯ ରନର ସମ୍ମାନଜନକ ସ୍କୋର କରିଛି। ଓପନର୍ ଜୋର୍ଡାନ ହରମାନ୍ସ ସର୍ବାଧିକ ୭୧, ଜୁବେର ହମାଜ ୬୬ ଓ



ରୁବିନ ହରମାନ୍ସ ୫୪ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ନିମ୍ନଭାଗରେ ତିଆନ ଭାନ ଭୁରେନ ୪୬ ରନର ଉପଯୋଗୀ ପାଳି ଖେଳିବା ଫଳରେ ଦଳ ୩୦୦ ରନ ନିକଟତର ହୋଇପାରିଥିଲା। ଘରୋଇ ଭାରତ-ଏ ପକ୍ଷରୁ ଅଫ୍-ସ୍ପିନର ତନୁଷ କୋଟିଆନ ସର୍ବାଧିକ ୪ଟି, ମାନବ ସୁତାର ୨ଟି ଏବଂ ଖଲିଲ ଅହମ୍ମଦ, ଅଂଶୁଳ କାମ୍ବୋଜ ଓ ଗୁରନୁର୍ ବ୍ରାର୍ ଗୋଟିଏ ଲେଖାଏ ୱିକେଟ୍ ସଫଳତା ପାଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS